# ଧରିତ୍ରୀ DHARITRI

ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୯/ ୨୦୨୦ (୧୬+୪ ପୃଷ୍ଠା) Rayagada, Thursday, March 19/ 2020 ★

୧୦ମ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






To know more, visit www.tatatiago.com | For Test Drive at your doorstep, SMS 'TIAGO' to 5616161 or call 1800 209 7979 (Toll Free) | /tiagofromtatamotors @tiagotatamotors

Authorised Tata Motors Dealers:

**BERHAMPUR - Dion Automotives: 9319452597**



DSPL-317

Health & Family Welfare Department
Govt. Of Odisha

## ସାମାଜିକ ଦୂରତା ବଜାୟ ରଖିବା
## କରୋନା ଭୂତାଣୁଠାରୁ ଦୂରେଇ ରହିବା



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ) କାର୍ଯ୍ୟକ୍ରମ ଠାରୁ ଦୂରେଇ ରୁହନ୍ତୁ



ଜ୍ୱର, କାଶ, ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରୁହନ୍ତୁ



୧୪ଦିନ ମଧ୍ୟରେ ବିଦେଶରୁ ଫେରିଥିବା ଯାତ୍ରୀମାନେ **104** ରେ କଲ୍ କରି କିମ୍ବା https://covid19.odisha.gov.in ରେ ପଞ୍ଜୀକରଣ କରନ୍ତୁ



ହାତ ନମିଳାଇ ନମସ୍କାର କରନ୍ତୁ

ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ **104** ରେ ଯୋଗାଯୋଗ କରନ୍ତୁ

facebook.com/HFWOdisha @HFWOdisha www.health.odisha.gov.in

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0118/1920

ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୯, ୨୦୨୦



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି ସୁରେଶ ପ୍ରଭୁ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ମାର୍ଚ୍ଚ ୧୦ରେ ସେ ସୌଦି ଆରବରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଫେରିଥିଲେ। ଫେରିବା ପରେ ସେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ନିଜ ଘରେ କ୍ୱାରାଣ୍ଟାଇନରେ ଅଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଭି. ମୁରଲାଧରନ୍ କରୋନା ସଂକ୍ରମିତ ଥିବା ଏକ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ଗସ୍ତକରି ଫେରିବା ପରେ ଦିଲ୍ଲୀସ୍ଥିତ ବାସଭବନରେ କ୍ୱାରାଣ୍ଟାଇନରେ ଅଛନ୍ତି। ପରୀକ୍ଷାରେ ତାଙ୍କର ନେଗେଟିଭ୍ ବାହାରିଛି।



# କ୍ଷମତା ପାଇଁ ରିସର୍ଟ ରାଜନୀତି

ରାଜ୍ୟଗୁଡ଼ିକରେ ଖଣ୍ଡିତ ଜନାଦେଶ ଯୋଗୁ ସୃଷ୍ଟି ହେଉଥିବା ଝୁଲା ବିଧାନସଭାର ପରବର୍ତ୍ତୀ ସ୍ଥିତି ହେଉଛି ଯୋଗାଡ଼ିଆ ସରକାର, ଯାହାକୁ କ୍ଷମତା ରାଜନୀତିରେ ମେଣ୍ଟ ବା ମହାମେଣ୍ଟ ସରକାର ବୋଲି କୁହାଯାଉଛି। ପରସ୍ପର ବିରୋଧାଭାସୀ ବିଚାରଧାରାର ଦଳଗୁଡ଼ିକକୁ ନେଇ ଗଠନ ହେଉଥିବା ଏପରି ସରକାର ପୂରା ୫ ବର୍ଷ ତିଷ୍ଠି ପାରୁନାହିଁ। ସରକାର ଗଠନର କିଛି ମାସ ପରେ ଦେଖାଦେଉଛି ଅଚଳାବସ୍ଥା। ଅନେକ ସମୟରେ କ୍ଷମତା ପାଇଁ ବ୍ୟଗ୍ର ବିରୋଧୀ ଆପଣାଉଛନ୍ତି ଅସାଧୁ ଉପାୟ। ସଂଖ୍ୟାଗରିଷ୍ଠତା ନ ପାଇ କ୍ଷମତା ଦଖଲ କରିଥିବା ବଡ଼ ଦଳ ଓ ବିରୋଧୀ ଦଳ ମଧ୍ୟରେ ଦେଖିବାକୁ ମିଳୁଛି ଛକାପଞ୍ଝା। ବିଧାୟକମାନେ ବସ୍ ଓ ଚାର୍ଟାର୍ଡ ପ୍ଲେନ୍‌ରେ ବୁହାହୋଇ ଅନ୍ୟ ରାଜ୍ୟର ରିସର୍ଟଗୁଡ଼ିକୁ ଯିବାର ଲଜ୍ଜାକର ଦୃଶ୍ୟ ବିଭିନ୍ନ ସମୟରେ ଟିଭି ପରଦାରେ ଦେଖିବାକୁ ମିଳିଥାଏ। କ୍ଷମତା ହାତେଇବା ପାଇଁ ଏହା ଏବେ ପାଲଟିଛି ଘୋଡ଼ାବେପାର ବା ବିଧାୟକ ଶିକାରର ଏକ ନୂଆ ଟ୍ରେଣ୍ଡ।




ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକମାନେ ଥିବା ବେଙ୍ଗାଲୁରୁସ୍ଥିତ ରାମାଦା ହୋଟେଲ।

## ବସ୍‌ରେ ବୁହାହୋଇ ହୋଟେଲକୁ ଯାଆନ୍ତି ବିଧାୟକ

### ହରିୟାଣା

୧୯୮୨ରେ ହରିୟାଣାରେ କଂଗ୍ରେସକୁ ଚ୍ୟାଲେଞ୍ଜ ଦେଇ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ଉପରକୁ ଉଠିଥିଲା। ନିର୍ବାଚନ ପରେ କଂଗ୍ରେସ ନିକଟରେ ପର୍ଯ୍ୟାପ୍ତ ଆସନ ନ ଥିବା ସତ୍ତ୍ୱେ ତତ୍କାଳୀନ ରାଜ୍ୟପାଳ ଜି.ଡି. ତାପସେ ଆଇଏନ୍‌ଏଲ୍‌ଡି-ଭାଜପା ମେଣ୍ଟକୁ ଅଣଦେଖା କରି ସରକାର ଗଠନ ପାଇଁ ନିମନ୍ତ୍ରଣ କରିଥିଲେ। ଆଇଏନ୍‌ଏଲ୍‌ଡି ମୁଖ୍ୟ ଦେବୀଲାଲ ନିଜ ୪୮ ବିଧାୟକଙ୍କୁ ନେଇ ନୂଆଦିଲ୍ଲୀସ୍ଥିତ ଏକ ହୋଟେଲରେ ରଖିଥିଲେ। ଏହାସତ୍ତ୍ୱେ ଅସନ୍ତୁଷ୍ଟ ବିଧାୟକମାନେ ତାଙ୍କ ନିକଟରୁ ଖସିଯାଇଥିଲେ। ଶେଷରେ କୌଣସି ପ୍ରକାରେ ସରକାର ଗଠନରେ ସଫଳ ହୋଇଥିଲା କଂଗ୍ରେସ।

### ଗୁଜରାଟ

୧୯୯୫ରେ ଶଙ୍କରସିଂ ବାଘେଲା ଭାଜପା ନେତୃତ୍ୱ ବିରୋଧରେ ବିଦ୍ରୋହ କରିଥିଲେ। ସେ ନିଜ ସପକ୍ଷରେ ଥିବା ୪୭ ବିଧାୟକଙ୍କୁ ମଧ୍ୟପ୍ରଦେଶର ଏକ ହୋଟେଲକୁ ନେଇ ୭ ଦିନ ରଖିଥିଲେ। ଶେଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲ ଓ ବାଘେଲାଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। କେଶୁଭାଇଙ୍କୁ ହଟାଯାଇ ବାଘେଲାଙ୍କ ସମର୍ଥକ ସୁରେଶ ମେହେଟ୍ଟାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା।

### ଉତ୍ତରପ୍ରଦେଶ



୧୯୯୮ ଲୋକ ସଭା ନିର୍ବାଚନ ବେଳେ ୟୁପି ରାଜ୍ୟପାଳ ରମେଶ ଭଣ୍ଡାରୀ ସେତେବେଳର କଲ୍ୟାଣ ସିଂ ସରକାରକୁ ବରଖାସ୍ତ କରି କଂଗ୍ରେସର ଜଗଦମ୍ବିକା ପାଲଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଜଗଦମ୍ବିକା ୪୮ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ତିଷ୍ଠି ପାରିଥିଲେ। ଫ୍ଲୋର ଟେଷ୍ଟ ହେବାକୁ ଥିବାବେଳେ ଭାଜପା ନିଜ ବିଧାୟକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା। ଆସ୍ଥାଭୋଟରେ କଲ୍ୟାଣ ସିଂ ଜିତିବା ପରେ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ।

### ବିହାର

୨୦୦୦ରେ ବିହାରରେ ନୀତୀଶ କୁମାରଙ୍କ ଭୟରେ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନିଜ ବିଧାୟକମାନଙ୍କୁ ପାଟନାର ଏକ ହୋଟେଲରେ ରଖିଥିଲେ। ନୀତୀଶ ମାତ୍ର ୭ ଦିନ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହି ଆସ୍ଥାଭୋଟରେ ହାରିଯାଇଥିଲେ। ୨୦୦୫ରେ ଲୋକ ଜନଶକ୍ତି ପାର୍ଟି ନୀତୀଶଙ୍କୁ ଭାଜପା ସହ ମିଶି ସମର୍ଥନ ଦେବା ପାଇଁ ବିଧାୟକମାନଙ୍କୁ ଜାମସେଦପୁରର ଏକ ହୋଟେଲରେ ରଖିଥିଲା।

### ଉତ୍ତରାଖଣ୍ଡ

୨୦୧୬ରେ ଉତ୍ତରାଖଣ୍ଡର କଂଗ୍ରେସ ବିଧାୟକମାନେ ମୁଖ୍ୟମନ୍ତ୍ରୀ ହରିଶ ରାୱତଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଆସ୍ଥାଭୋଟ ପୂର୍ବରୁ ଭାଜପା ନିଜ ବିଧାୟକମାନଙ୍କୁ ଜୟପୁର ନେଇଯାଇଥିଲା। ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣିଥିଲେ। ରାଷ୍ଟ୍ରପତି ଶାସନ ଜାରି ହୋଇଥିବାବେଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟ ପଲଟାଇଦେଇଥିଲେ।

### ତାମିଲନାଡୁ

୨୦୧୭ରେ ଓ. ପନ୍ନିରସେଲ୍‌ଭମ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଆଇଏଡିଏମ୍‌କେ ନେତା ଭି.କେ. ଶଶିକଳା ଇସ୍ତଫା ପାଇଁ ତାଙ୍କୁ ବାଧ୍ୟ କରିଥିବା ସେ ଅଭିଯୋଗ ଆଣିଥିଲେ। ଶଶିକଳା ନିଜ ଅନୁଗତମାନଙ୍କୁ ଚେନ୍ନାଇ ନିକଟସ୍ଥ ଏକ ହୋଟେଲକୁ ନେଇଯାଇଥିଲେ। ଶଶିକଳା ଆୟ ବହିର୍ଭୂତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯିବା ପରେ ପନ୍ନିରସେଲଭମ୍‌ଙ୍କ ନେତୃତ୍ୱରେ ବିଦ୍ରୋହୀ ବିଧାୟକମାନେ ଓ ଶଶିକଳାଙ୍କ ନେତୃତ୍ୱାଧୀନ ଇ.କେ. ପାଲାନିସ୍ୱାମୀଙ୍କ ଗୋଷ୍ଠୀ ଶେଷରେ ହାତ ମିଳାଇ ସରକାର ଗଠନ କରିଥିଲେ।




## କର୍ଣ୍ଣାଟକ ପାଲଟିଛି ରାଜନୈତିକ ପର୍ଯ୍ୟଟନସ୍ଥଳୀ

ବେଙ୍ଗାଲୁରୁ,୧୮।୩


ମଧ୍ୟପ୍ରଦେଶ କଂଗ୍ରେସର ବିଦ୍ରୋହୀ ବିଧାୟକମାନଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ରିସର୍ଟରେ ରଖାଯାଇଛି। ବିଧାୟକମାନଙ୍କୁ ବିଭିନ୍ନ ରାଜ୍ୟର ରିସର୍ଟଗୁଡ଼ିକରେ ମେଳିକରି ରଖିବା କିଛି ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳିଥିଲେ ହେଁ କର୍ଣ୍ଣାଟକ ରାଜନୈତିକ ପର୍ଯ୍ୟଟନର ଏପିସେଣ୍ଟର ବା କେନ୍ଦ୍ରସ୍ଥଳ ପାଲଟିଛି। ୧୯୮୩ରେ ରାମକୃଷ୍ଣ ହେଗ୍‌ଡେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି ଧାରା ଆରମ୍ଭ ହୋଇଥିଲା। ତତ୍କାଳୀନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିଧାୟକମାନଙ୍କୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ସେ ଦାବି କରିଥିଲେ। ୧୯୮୪ରେ ହେଗ୍‌ଡେଙ୍କ ଘନିଷ୍ଠ ବନ୍ଧୁ ରାମାରାଓ ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ନିଜ ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ନେଇଥିଲେ। ସେମାନଙ୍କୁ ନନ୍ଦୀ ହିଲ୍ସ ରିସର୍ଟରେ ପ୍ରାୟ ମାସେ ଧରି ରଖାଯାଇଥିଲା। ଏହା ପରେ ୨୦୦୨ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖ ଶକ୍ତିପରୀକ୍ଷାରେ ପାସ୍ କରିବା ଲାଗି ତାଙ୍କ ବିଧାୟକମାନଙ୍କୁ ବେଙ୍ଗାଲୁରୁର ଏକ ହୋଟେଲରେ ରଖିଥିଲେ। ୨୦୦୬ରୁ ୨୦୧୩ ମଧ୍ୟରେ ବି.ଏସ୍. ୟେଦୁରପ୍ପା ଏବଂ ଏଚ୍. ଡି. କୁମାରସ୍ୱାମୀଙ୍କ ସମୟରେ ରିସର୍ଟ ପଲିଟିକ୍ସ ଜୋର୍ ଧରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ କର୍ଣ୍ଣାଟକରେ ଭାଜପା ପ୍ରଥମଥର ପାଇଁ କ୍ଷମତାସୀନ ହୋଇଥିବାବେଳେ ସର୍ବାଧିକ ରିସର୍ଟ ରାଜନୀତି ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ୨୦୦୮ରେ ଭାଜପା ନିକଟରେ ସଂଖ୍ୟାଗରିଷ୍ଠତା ପାଇଁ ସଂଖ୍ୟାବଳ ନ ଥିବାରୁ ସ୍ୱାଧୀନ ବିଧାୟକଙ୍କ ସମେତ କଂଗ୍ରେସ ଏବଂ ଜେଡିଏସ୍ ସଦସ୍ୟମାନଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷକୁ ଆଣିଥିଲା। ମାଇନିଂ ବାରୋନ୍ ଜି. ଜନାର୍ଦ୍ଦନ ରେଡ୍ଡୀ ଓ ଅରବିନ୍ଦ ଲିମ୍ବାଭଲିଙ୍କ ସହଯୋଗରେ ୟେଦୁରପ୍ପା ବିଦ୍ରୋହୀ ଓ ନିଜ ବିଧାୟକମାନଙ୍କୁ ରିସର୍ଟକୁ ନେଇଥିଲେ। ଏହାର ୨ ବର୍ଷ ପରେ ବଲ୍ଲାରି ରେଡ୍ଡୀ ବ୍ରଦର୍ସ ୟେଦୁରପ୍ପାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ୧୮ ଭାଜପା ବିଧାୟକଙ୍କୁ ଏକ ହୋଟେଲକୁ ନେଇଯାଇଥିଲେ। ଏହା ୟେଦୁରପ୍ପା ସରକାରଙ୍କୁ ପତନର ଦ୍ୱାରଦେଶରେ ପହଞ୍ଚାଇଥିଲା। କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟ ଘୋଡ଼ାବେପାର ଭୟରେ ନିଜ ବିଧାୟକମାନଙ୍କୁ ଅନ୍ୟ ଏକ ରିସର୍ଟରେ ରଖିଥିଲେ। ୟେଦୁରପ୍ପାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ କ୍ଷମତାଚ୍ୟୁତ ହୋଇଥିଲେ। ତେବେ ସେ ନିଜ ଅନୁଗତ ବିଧାୟକମାନଙ୍କୁ ଏକ ରିସର୍ଟରେ ରଖି ଜଗଦୀଶ ଶେଟ୍ଟାରଙ୍କ ପରିବର୍ତ୍ତେ ସଦାନନ୍ଦ ଗୌଡ଼ାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦାବି କରିଥିଲେ। ୨୦୧୨ରେ ଏହି ସ୍ଥିତି ବଦଳିଯାଇଥିଲା, ଯେତେବେଳେ ୟେଦୁରପ୍ପା ପୁଣିଥରେ ନିଜ ଅନୁଗତଙ୍କୁ ରିସର୍ଟରେ ରଖି ସଦାନନ୍ଦ ଗୌଡ଼ାଙ୍କୁ ହଟାଇ ଶେଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଏହି ପଦକ୍ଷେପଗୁଡ଼ିକ କର୍ଣ୍ଣାଟକକୁ ଘୋଡ଼ାବେପାର ଓ ନିର୍ବାଚିତ ସରକାରକୁ ହଟାଇବା ଲାଗି ପ୍ରମୁଖ କେନ୍ଦ୍ରରେ ପରିଣତ କରିଥିଲା। ଏପରି ଭାବେ କ୍ଷମତା ରାଜନୀତିରେ କର୍ଣ୍ଣାଟକ ଅଦ୍ୟାବଧି ସବୁଠୁ ବଡ଼ ଟୁରିଜମ୍ ଡେଷ୍ଟିନେଶନ ବା ପର୍ଯ୍ୟଟନସ୍ଥଳୀ ପାଲଟିଛି। ୧୯୮୮ରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଆର୍. ବୋମାଇ ତାଙ୍କ ସରକାରକୁ ବରଖାସ୍ତ କରିବା ନେଇ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୧୯୯୪ରେ ଏହି ଐତିହାସିକ ମାମଲାର ରାୟ ଆସିଥିଲା। ଆଧୁନିକ ସମୟର ରିସର୍ଟ ରାଜନୀତି ପାଇଁ ଏହା ଥିଲା ଏକ ନିର୍ଣ୍ଣାୟକ ମାମଲା। ସେତେବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ, ମନ୍ତ୍ରୀ ପରିଷଦ ଗୃହର ଆସ୍ଥା ହରାଇଛନ୍ତି କି ନାହିଁ ତାହା ରାଜ୍ୟପାଳ ସ୍ଥିର କରିପାରିବେ ନାହିଁ। ଅର୍ଥାତ୍ ଏକ ରାଜ୍ୟର ନିର୍ବାଚିତ ସରକାରଙ୍କୁ ବରଖାସ୍ତ କରିବା ପାଇଁ ରାଜ୍ୟପାଳଙ୍କ ଅଫିସକୁ କେନ୍ଦ୍ର ବ୍ୟବହାର କରିପାରିବ ନାହିଁ। ଇତିମଧ୍ୟରେ ଭାଜପା ଅନୁରୂପ ଭାବେ ହୋଟେଲ ରାଜନୀତିର ଆଶ୍ରୟ ନେଇ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟାଇବାରେ ସକ୍ଷମ ହୋଇଥିଲା। ସେଠାରେ ଏବେ ୟେଦୁରପ୍ପାଙ୍କ ସରକାର ଚାଲିଥିବାବେଳେ ଏସ୍.ଆର୍. ବୋମାଇଙ୍କ ପୁଅ ବାସବରାଜ ବୋମାଇ ଗୃହମନ୍ତ୍ରୀ ଅଛନ୍ତି। ଗତ ୧୯ ତାରିଖରେ ମଧ୍ୟପ୍ରଦେଶର ୧୯ ବିଦ୍ରୋହୀ ବିଧାୟକଙ୍କୁ ବେଙ୍ଗାଲୁରୁ ନିଆଯାଇଥିବାବେଳେ ବାସବରାଜ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବା ଏକ ବିଡ଼ମ୍ବନା ବୋଲି କୁହାଯାଉଛି।



୨୦୧୯ରେ ଜେଡିଏସ୍ ବିଧାୟକମାନଙ୍କୁ ବସ୍‌ରେ ନିଆଯାଇଥିଲା।

## ବିଦ୍ରୋହୀ ସାଜିଥିଲେ ଚନ୍ଦ୍ରାବାବୁ

୧୯୮୪ରେ ଓପନ ହାର୍ଟ ସର୍ଜରି ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓ ଆମେରିକା ଗସ୍ତ କରିଥିଲେ। ତାଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ଠାକୁର ରାମଲାଲ ଏନ୍. ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କରାଇଥିଲେ। ଅଭିନେତାରୁ ରାଜନେତା ସାଜିଥିବା ରାମାରାଓ ଟିଡିପି ବିଧାୟକମାନଙ୍କୁ ପ୍ରଥମେ ବେଙ୍ଗାଲୁରୁ ଓ ପରେ ଦିଲ୍ଲୀ ନେଇଯାଇଥିଲେ। ସରକାର ଭାଙ୍ଗିଯିବାର ୨ ମାସ ମଧ୍ୟରେ ଏନ୍‌ଟିଆର୍ ରଥଯାତ୍ରା କରି ପୁଣି କ୍ଷମତାକୁ ଫେରିଥିଲେ। ତାଙ୍କ ଜ୍ୱାଇଁ ଏନ୍. ଚନ୍ଦ୍ରାବାବୁ ନାଇଡୁ ୧୯୯୫ରେ ବିଦ୍ରୋହ କରି ଟିଡିପି ବିଧାୟକମାନଙ୍କୁ ହାଇଦ୍ରାବାଦର ଭାଇସ୍‌ରୟ ହୋଟେଲରେ ରଖିଥିଲେ। ପରେ ସେ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ହୋଇଥିଲେ।




## ମହାରାଷ୍ଟ୍ର ପାୱାର ଗେମ୍

୨୦୧୯ ନଭେମ୍ବରରେ ମହାରାଷ୍ଟ୍ରରେ ଜୋର୍ ଧରିଥିଲା ରିସର୍ଟ ପଲିଟିକ୍ସ। ଶାସକ ଭାଜପା-ଶିବସେନା ମେଣ୍ଟକୁ ପୁଣିଥରେ ସରକାର ଗଠନ ପାଇଁ ସ୍ପଷ୍ଟ ଜନାଦେଶ ମିଳିଥିଲା। ହେଲେ ପୂର୍ବ ରାଜିନାମା ଅନୁସାରେ ୫୦-୫୦ ସୂତ୍ରରେ ସରକାର ଗଠନ କରାଯିବ ବୋଲି ଶିବସେନା ଅଡ଼ିବସିଥିଲା। ସେତେବେଳେ କଂଗ୍ରେସ ବିଧାୟକମାନେ ଜୟପୁର ଚାଲିଯାଇଥିବାବେଳେ ଶିବସେନା-ଏନ୍‌ସିପି ନିଜ ନିଜ ବିଧାୟକମାନଙ୍କୁ ଘୋଡ଼ାବେପାରରୁ ବଞ୍ଚାଇବା ପାଇଁ ମୁମ୍ବାଇର ଏକ ହୋଟେଲରେ ରଖିଥିଲେ। ଶେଷରେ ଏନ୍‌ସିପିର ୫୪ ଓ କଂଗ୍ରେସର ୪୪ ବିଧାୟକଙ୍କ ସମର୍ଥନରେ ମହା ବିକାଶ ଅଘାଡ଼ି ମେଣ୍ଟ ଗଠନ କରାଯାଇଥିଲା। ଏହି ରାଜନୈତିକ ଘଟଣାକ୍ରମର ସୂତ୍ରଧର ଥିଲେ ଏନ୍‌ସିପି ମୁଖ୍ୟ ଶରଦ ପାୱାର।




## ୮୦୦୦ ଟପିଲା କରୋନା ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ/ପ୍ୟାରିସ,୧୮।୩

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବୁଧବାର ୮୦୦୦ ଅତିକ୍ରମ କରିଛି। ୱାର୍ଲ୍ଡୋମିଟର୍ସ ଡଟ୍ ଇନ୍‌ଫୋ ଅନୁଯାୟୀ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୪ ହଜାର ୬୬୯ ହୋଇଥିବାବେଳେ ଏହି ରୋଗରେ ୮,୨୭୦ ଜଣ ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ମଧ୍ୟରୁ ୮୨,୮୭୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଲେଣି। କରୋନା ଜନିତ ମୃତ୍ୟୁରେ

### ଏସିଆଠାରୁ ୟୁରୋପରେ ଅଧିକ

ଏସିଆକୁ ଟପିଲାଣି ୟୁରୋପ। ଏସିଆରେ ମୃତ୍ୟୁସଂଖ୍ୟା ବୁଧବାର ସୁଦ୍ଧା ୩୩୮୪ ହୋଇଥିବାବେଳେ ୟୁରୋପରେ ୩୪୨୧ରେ ପହଞ୍ଚିଛି। ୟୁରୋପ ମହାଦେଶରେ ଇଟାଲୀ ସର୍ବାଧିକ ସଂକ୍ରମିତ ହୋଇଛି, ଯେଉଁଠି ମୃତ୍ୟୁସଂଖ୍ୟା ୨୫୦୩ରେ ପହଞ୍ଚିଥିବା ଜଣାପଡିଛି।

## ଇତିହାସର ଆଇନାରେ | ମାର୍ଚ୍ଚ ୧୯ର ପ୍ରମୁଖ ଘଟଣା

୧୯୯୮ ମାର୍ଚ୍ଚ ୧୯ରେ ଆଫଗାନିସ୍ତାନର କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏକ ବିମାନ ପାହାଡ଼ରେ ଧକ୍କା ଖାଇ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ଥିବା ସମସ୍ତ ୪୫ ଯାତ୍ରୀ ପ୍ରାଣ ହରାଇଥିଲେ। ବିସ୍ଫୋରଣ ପଛରେ ଅଲ୍ କାଏଦା କିମ୍ବା ତାଲିବାନ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଇଥିଲା।

୨୦୧୩ ମାର୍ଚ୍ଚ ୧୯ରେ ଇରାକର ରାଜଧାନୀ ବାଗ୍‌ଦାଦ ସମେତ ବିଭିନ୍ନ ପ୍ରାନ୍ତରେ ସିରିଜ ବୋମା ବିସ୍ଫୋରଣ ସହ ଗୁଳିମାଡ଼ କରାଯିବାରୁ ପ୍ରାୟ ୧୦୦ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆକ୍ରମଣରେ ଇରାକୀ ସେନା ଓ ସିଆ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଇଥିଲା।

## 'ବିଦ୍ରୋହୀ ବିଧାୟକଙ୍କୁ ଅଟକ ରଖାଯାଇପାରିବନି'

ନୂଆଦିଲ୍ଲୀ,୧୮।୩(ପି.ଟି.)

- ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା
- ଉପନିର୍ବାଚନ ଯାଏ ଆସ୍ଥାଭୋଟ ଘୁଞ୍ଚାଇବାକୁ କଂଗ୍ରେସର ଦାବି
- ସୁପ୍ରିମକୋର୍ଟରେ ଶୁଣାଣି ଆଜି

ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା ଲାଗି ରହିଥିବାବେଳେ ବିଦ୍ରୋହୀ ୧୬ ବିଧାୟକଙ୍କୁ ଚାମ୍ବରରେ ହାଜର ପାଇ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଇସ୍ତଫା ଦେଇଥିବା ବିଧାୟକମାନେ ବିଧାନସଭାରେ ଯୋଗ ଦିଅନ୍ତୁ କି ନ ଦିଅନ୍ତୁ, ସେମାନଙ୍କୁ ଆବଦ୍ଧ କରି ରଖାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ବିଦ୍ରୋହୀ ବିଧାୟକମାନେ ବିଚାରପତିଙ୍କ ଚାମ୍ବରରେ ହାଜର ହୋଇ ମତ ରଖିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଅଗ୍ରାହ୍ୟ କରି ଖଣ୍ଡପୀଠ କହିଥିଲେ, ଏହା ଠିକ୍ ନୁହେଁ। ଏପରିକି ବିଧାୟକମାନଙ୍କ ପାଖକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ ପଠାଇବାକୁ ମଧ୍ୟ ଖଣ୍ଡପୀଠ ମନା କରିଦେଇଥିଲେ। ଆସ୍ଥାଭୋଟ କାହା ସପକ୍ଷରେ ଯାଉଛି, ବିଧାନସଭା ତାହା ନିର୍ଣ୍ଣୟ କରିବାରେ ଅଦାଲତ ପ୍ରତିବନ୍ଧକ ହେଉନାହାନ୍ତି। ବିଧାୟକମାନଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାରକୁ ସୁନିଶ୍ଚିତ କରିବା ଅଦାଲତଙ୍କ କାମ ବୋଲି ବିଚାରପତି କହିଥିଲେ।

ରାଜ୍ୟପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟପ୍ରଦେଶ ବିଧାନସଭାରେ ଆସ୍ଥାଭୋଟ ନ କରାଇ ବାଚସ୍ପତି କରୋନା ଭୂତାଣୁ ସଂକ୍ରମଣ ଆଳରେ ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶିବରାଜଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଉପସ୍ଥିତ ରହି ୧୬ ବିଧାୟକଙ୍କୁ ବିଚାରପତିଙ୍କ ଚାମ୍ବରରେ ହାଜର କରାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ବିକଳ୍ପ ଭାବରେ କର୍ଣ୍ଣାଟକ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ସମ୍ପୃକ୍ତ ବିଧାୟକମାନଙ୍କ ପାଖକୁ ପଠାଇ ଭିଡିଓ ରେକର୍ଡିଂ କରାଇବାକୁ ମଧ୍ୟ ରୋହତଗୀ ଅନୁରୋଧ କରିଥିଲେ। ବାଚସ୍ପତି ସେମାନଙ୍କ ଇସ୍ତଫାକୁ ଅଟକାଇପାରିବେ ନାହିଁ ବୋଲି ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ କୁହାଯାଇଥିଲା।

ଅନ୍ୟପକ୍ଷରେ ୨୨ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟରେ ରାଜନୈତିକ ସଙ୍କଟକୁ ନେଇ କଂଗ୍ରେସ ପକ୍ଷରୁ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର ହୋଇଥିଲା। ଆସ୍ଥାଭୋଟକୁ ଉପନିର୍ବାଚନ ପର୍ଯ୍ୟନ୍ତ ଘୁଞ୍ଚାଇଦେବାକୁ ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ଦଳ (ଏମ୍‌ପିସିଏଲ୍‌ପି) ପକ୍ଷରୁ ଏଥିରେ ଆବେଦନ କରାଯାଇଥିଲା। କମଲନାଥଙ୍କ ନେତୃତ୍ୱାଧୀନ ସରକାର ସେପର୍ଯ୍ୟନ୍ତ କ୍ଷମତାରେ ରହିଲେ ଆକାଶ ଖସିପଡ଼ିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଭାଜପା ଏବଂ କଂଗ୍ରେସର ପିଟିଶନର ଶୁଣାଣିକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ କରିବା ପାଇଁ ଧାର୍ଯ୍ୟ କରିଛନ୍ତି।

## ଦିଗ୍‌ବିଜୟଙ୍କ ପିଟିଶନ ଖାରଜ

### ଅଟକ ରଖିଲା କର୍ଣ୍ଣାଟକ ପୋଲିସ

**ବେଙ୍ଗାଲୁରୁ,୧୮।୩:** ବେଙ୍ଗାଲୁରୁରେ ଥିବା ମଧ୍ୟପ୍ରଦେଶର ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ ଭେଟିବା ଲାଗି ଅନୁମତି ଦେବାକୁ ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଇସ୍ତଫା ଦେଇଥିବା ୨୨ ବିଧାୟକ ବେଙ୍ଗାଲୁରୁର ଏକ ରିସର୍ଟରେ ରହିଥିବାବେଳେ ସେମାନଙ୍କୁ ଭେଟିବା ଲାଗି ବୁଧବାର ଦିଗ୍‌ବିଜୟ ସେଠାକୁ ଯାଇଥିଲେ। ଉକ୍ତ ବିଧାୟକମାନଙ୍କ ଅନୁରୋଧ କ୍ରମେ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେଉଥିବାରୁ ଦିଗ୍‌ବିଜୟଙ୍କୁ ଅଟକ ରଖିଥିଲା। ସେ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବାରୁ ଭୋଟ ପାଇଁ ବିଧାୟକମାନଙ୍କୁ ଭେଟିବା ଅଧିକାର ତାଙ୍କର ରହିଛି ବୋଲି ଦିଗ୍‌ବିଜୟ କହିଥିଲେ। ତେବେ ପୋଲିସ ଓ କର୍ଣ୍ଣାଟକ ଭାଜପା ତାଙ୍କୁ ଭେଟିବାକୁ ଦେଇ ନ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପୂର୍ବରୁ ସେ କର୍ଣ୍ଣାଟକ ପୋଲିସ ଡିଜି ପ୍ରବୀଣ ସୁଦ୍ ଏବଂ କଂଗ୍ରେସ ରାଜ୍ୟ ସଭାପତି ଡି.କେ. ଶିବକୁମାରଙ୍କୁ ଭେଟିଥିଲେ।



ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୯/ ୨୦୨୦ | Rayagada, Thursday, March 19/ 2020 | ପୃଷ୍ଠା-୧



**କୋଚ୍ ପଦ ଛାଡ଼ିଲେ ଗମ୍ବାଉ**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସିର କୋଚ୍ ପଦ ଛାଡ଼ିଲେ ସ୍ପେନର ଜୋସେପ ଗମ୍ବାଉ ।

୧୨

୧୦

**କରୀନାଙ୍କୁ କରୋନା ଭୟ**

କରୋନା ଭୟରେ କରୀନା କପୁର ଆଉ ବାହାରକୁ ନ ବାହାରି ଘରେ ରହି ଗାଜର ହାଲୱା ଖାଉଥିବାର ଏକ ଫଟୋ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।



# ‘ହାଡ଼ଫୁଟି ଭଳି ୧୪ ଦିନ ଅଲଗା ରୁହନ୍ତୁ’



ବୁଧବାର ରାତି ୭ଟା ୪୫ରେ ପୁରୀ ଶ୍ରୀମନ୍ଦିର ପହୁଡ଼ ପଡ଼ିଯାଇଛି। (ରିପୋର୍ଟ: ପୃଷ୍ଠା-୯)

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ମହାମାରୀ କରୋନା(କୋଭିଡ-୧୯) ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ ହାଡ଼ଫୁଟି ପରି ଭୟାନକ ରୋଗ ହେଉଥିଲା। ସେତେବେଳେ ସବୁ ଘରେ ଊଣା ଅଧିକେ ସମସ୍ତେ ଏହି ରୋଗରେ ପୀଡିତ ହେଉଥିଲେ। ହାଡ଼ଫୁଟି ଭଳି ଆଜି କରୋନା ରୋଗ ଆସିଛି। ହାଡ଼ଫୁଟି ଭଳି କରୋନା ପାଇଁ କୌଣସି ଔଷଧ ନାହିଁ। ଏହି ରୋଗ ଅତ୍ୟନ୍ତ ମାରାତ୍ମକ। ସଂକ୍ରମଣଠାରୁ ନିଜକୁ ଦୂରେଇ ରଖିବା ହେଉଛି ସବୁଠାରୁ ବଡ଼ ସୁରକ୍ଷା। ମା'ମାନେ ଯେପରି ହାଡ଼ଫୁଟି ପାଇଁ ଆମ ସମସ୍ତଙ୍କୁ ୧୪ ଦିନ ☞ପୃଷ୍ଠା-୨

**କରୋନା ସଚେତନତା: ମୁଖ୍ୟମନ୍ତ୍ରୀଙ୍କ ନିବେଦନ**

- ବିଦେଶାଗତଙ୍କୁ ନିଜ ଘରେ ରହିବାକୁ ସଚେତନ କରିବେ ପଞ୍ଚାୟତ ପ୍ରତିନିଧି
- ପ୍ରତ୍ୟେକ ଗ୍ରାମରେ ଭତ୍ତା ଦିଆଯିବ
- ଘରେ ମିଳିବ ଅଙ୍ଗନୱାଡ଼ି ଖାଦ୍ୟ

## ଧର୍ମାନୁଷ୍ଠାନ ପାଇଁ ଆଡ୍‌ଭାଇଜରି

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମସ୍ତ ଧର୍ମାନୁଷ୍ଠାନ ପାଇଁ ବୁଧବାର ଉପଦେଶନାମା ବା ଆଡ୍‌ଭାଇଜରି ଜାରି କରିଛନ୍ତି। ମନ୍ଦିର, ମସ୍‌ଜିଦ ଓ ଗିର୍ଜାର ସେବାୟତ, କର୍ମଚାରୀ ଏହି ଆଡଭାଇଜାରିକୁ ମାନି ଚଳିବେ। ଏଠାରେ ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବେ। ତୀର୍ଥ ଯାତ୍ରୀ, ପୂଜକ, ସେବାୟତ ଏବଂ ଅନ୍ୟାନ୍ୟ ସ୍ଥାନ ଯେଉଁଠାରେ ନିରାପତ୍ତା ରକ୍ଷୀମାନେ ସମ୍ପୃକ୍ତ ରହୁଛନ୍ତି, ସେମାନଙ୍କୁ ସୁରକ୍ଷା ଦିଆଯିବ। ଏଜେନ୍ସି ବୋର୍ଡ ଟ୍ରଷ୍ଟ ଓ ସରକାରୀ ପରିଚାଳନାଧୀନ ସଂସ୍ଥା ଯେଉଁଠାରେ ସେମାନେ କାର୍ଯ୍ୟ କରୁଛନ୍ତି, ସେମାନେ ଏଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବେ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ ଏହା କହିଛନ୍ତି।

ଅନ୍ୟପକ୍ଷରେ ବିଦେଶ ଫେରନ୍ତାଙ୍କ ପାଇଁ ଜାରି ହୋଇଥିବା ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲରେ ପ୍ରତି ଘଣ୍ଟାରେ ପ୍ରାୟ ୮୦ଜଣ ପଞ୍ଜୀକରଣ କରୁଛନ୍ତି। ଏପର୍ଯ୍ୟନ୍ତ ୨,୧୩୧ ଜଣ ନାମ ପଞ୍ଜୀକୃତ କରିସାରିଲେଣି। ଏଥିମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍‌ସ(ୟୁଏଇ)ରୁ ସର୍ବାଧିକ ୨୦% ଆସିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ରୁ ୯%, ସାଉଦି ଆରବରୁ ୫%, ବ୍ରିଟେନ୍(ୟୁକେ)ରୁ ୪%, ମାଲେସିଆରୁ ☞ପୃଷ୍ଠା-୨

- ବିଦେଶ ଫେରନ୍ତା ୨୧୩୧ କଲେଣି ପଞ୍ଜୀକୃତ
- ୟୁଏଇରୁ ଆସିଛନ୍ତି ସର୍ବାଧିକ ୨୦%
- ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୭% ପଞ୍ଜୀକୃତ

## ଜେଲ୍ ଫେରନ୍ତାଙ୍କୁ ଗୁଳିକରି ହତ୍ୟା

**ଆମ୍ବାଦୋଳା,୧୮।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ କାଞ୍ଚନଭଙ୍ଗା ଗ୍ରାମରେ ଜଣେ ଜେଲ ଫେରନ୍ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ସେ ହେଲେ ଉକ୍ତ ଗ୍ରାମର ସୁନ୍ଦରପଲ୍ ଗୌଡ଼ (୪୬) । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

୨ ବର୍ଷ ତଳେ ସୁନ୍ଦରପଲ ତାଙ୍କର ଦାଦା ପୁଅଙ୍କୁ ହତ୍ୟା କରି ରେଳ ଲାଇନ କଡ଼ରେ ଫିଙ୍ଗି ଦେଇଥିଲେ । ପରେ ଆମ୍ବାଦୋଳା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ବର୍ଷେ ହେବ ଜେଲରୁ ଫେରିଥିଲେ। ପ୍ରତ୍ୟେକ ଦିନ ସୁନ୍ଦରପଲ ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଥିଲେ । ଏମିତି କି ହତ୍ୟା କରିବାକୁ ଧମକ ମଧ୍ୟ ଦେଉଥିଲେ । ଏଥିରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡ଼ିଥିଲେ । ବିଭିନ୍ନ ସମୟରେ ଗ୍ରାମରେ ବୈଠକ ବସି ସୁନ୍ଦରପଲଙ୍କୁ ଡ଼ାକି ବୁଝାଶୁଝା କରାଯାଉଥିଲା । ହେଲେ ସେ କାହାରି କଥା ଶୁଣୁ ନ ଥିଲେ । ମଙ୍ଗଳବାର ରାତି ସାଢେ ୯ଟାରେ କେହି ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ । ଖବରପାଇ ବୁଧବାର ସକାଳେ ଏଏସ୍‌ଆଇ ବ୍ରଜ ସୁନ୍ଦର ସାହୁ, ଆଇଆଇସି ବନ୍ଦନା ନାୟକ, ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରଛନ୍ତି। ଗ୍ରାମର ଦୁର୍ବାସା ଗୌଡ଼ ନାମକ ବ୍ୟକ୍ତିଙ୍କୁ ସନ୍ଦେହ କରି ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।




## ସିବିଏସ୍‌ଇ ବୋର୍ଡ ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୧୮।୩: କରୋନା ସଂକ୍ରମଣ ରୋକିବା ଦିଗରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଭାରତ ସରକାରଙ୍କ ଉଚ୍ଚଶିକ୍ଷା/ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ସନ୍ଧ୍ୟାରେ ଏନେଇ ଘୋଷଣା କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧୯ରୁ ୩୧ ପର୍ଯ୍ୟନ୍ତ ସାରା ଦେଶ ତଥା ଦେଶ ବାହାରେ ହେବାକୁ ଥିବା ସିବିଏସ୍‌ଇ ବୋର୍ଡ ପରୀକ୍ଷା ବନ୍ଦ ରହିବ। ୩୧ ତାରିଖ ପରେ ନୂଆ ପରୀକ୍ଷା କାର୍ଯ୍ୟସୂଚୀ ସ୍ଥିର ହେବ । ଏହି ସମୟ ମଧ୍ୟରେ ଉତ୍ତରପୂର୍ବ ଦିଲ୍ଲୀରେ ପୁନର୍ବାର ହେବାକୁ ଥିବା ପରୀକ୍ଷାକୁ ମଧ ବନ୍ଦ ରଖାଯାଇଛି। ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ସମ୍ପର୍କରେ ୩୧ ତାରିଖ ସୁଦ୍ଧା ଜଣାଇ ଦିଆଯିବ। ସେହିପରି ବିଭିନ୍ନ ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା କାର୍ଯ୍ୟକୁ ମଧ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

## ପରୀକ୍ଷା ସ୍ଥଗିତ ରଖିଲା ଓପିଏସ୍‌ସି

କଟକ ଅଫିସ,୧୮।୩: ସମ୍ଭାବ୍ୟ କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିର ରଖି ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଓପିଏସ୍‌ସି ଆନୁକୂଲ୍ୟରେ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଓପିଏସ୍‌ସି କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଏକ ନୋଟିସ ନଂ. ୧୯୯୪/୧୮।୩।୨୦୨୦ ଜାରି ହୋଇଛି। କରୋନା ଭାଇରସ ସଂକ୍ରମଣକୁ ସରକାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି । ତେଣୁ ରାଜ୍ୟ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଓପିଏସ୍‌ସି ପକ୍ଷରୁ କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା ହେବ ନାହିଁ ବୋଲି କୁହାଯାଇଛି।

**ଆଜିର ସମ୍ପାଦକୀୟ**

ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା

Vencobb FRESH CHICKEN

18.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers

## ଆଜି ଫେରିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ,୧୮।୩**

ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଜମା ରଖାଯିବାକୁ ନେଇ ଗତ କିଛିଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଗୁରୁବାର ଏହି ଟଙ୍କା ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ଜମା ରଖାଯିବ। ଇ-ଟ୍ରାନ୍ସଫର ମାଧ୍ୟମରେ ଏହି ଟଙ୍କା ଉଠାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।



- ଇ-ଟ୍ରାନ୍ସଫର ମାଧ୍ୟମରେ ଉଠାଯିବ ୫୪୫ କୋଟି ଟଙ୍କା
- ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ରଖାଯିବ

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ଗତବର୍ଷ ମାର୍ଚ୍ଚ ୧୯ ଏବଂ ଏହାପରେ ପର୍ଯ୍ୟାୟକ୍ରମେ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରାଯାଇଥିଲା। ସେଥିମଧ୍ୟରୁ ଗୁରୁବାର ୩୮୯ କୋଟି ଏବଂ ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କା ମାଚ୍ୟୁରିଟି ହେଉଛି। କିନ୍ତୁ ଗୁରୁବାର ସମସ୍ତ ୫୪୫ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରାଇ ଅଣାଯିବ। ବର୍ତ୍ତମାନ ଶ୍ରୀମନ୍ଦିରର ଆକାଉଣ୍ଟ ଥିବା ଏସ୍‌ବିଆଇ କିମ୍ବା ୟୁକୋ ବ୍ୟାଙ୍କକୁ ଏହି ଟଙ୍କା ଟ୍ରାନ୍ସଫର ହେବ। ପରବର୍ତ୍ତୀ ସମୟରେ କେଉଁ ବ୍ୟାଙ୍କରେ ଏହା ଜମା ରଖାଯିବ ତାହା ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ, କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ କେଉଁଠି କିପରି ରହିବ ସେ ନେଇ ପରିଚାଳନା କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ସରକାରଙ୍କ ପାଖକୁ ଚିଠି କରାଯାଇଛି। ଅନୁମତି ମିଳିବା ପରେ ଏହି ଟଙ୍କା କେଉଁଠି ଜମା ରଖାଯିବ ତାହା ସ୍ପଷ୍ଟ ହେବ ବୋଲି ଉନ୍ନୟନ ପ୍ରଶାସକ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କା କେଉଁ ସବୁ ବ୍ୟାଙ୍କରେ ସୁରକ୍ଷିତ ଭାବେ ରଖାଯାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ଗତ ୫ ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଥିଲା। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଥିବାରୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଥିଲା। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଜଣାପଡ଼ିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କାକୁ ନେଇ ଆଶଙ୍କା ଉପୁଜିଥିଲା। ଏହି ଘରୋଇ ବ୍ୟାଙ୍କରୁ ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ରହିଥିଲେ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ। ଯେଉଁମାନେ ଚଞ୍ଚକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ। ଏନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଧାନସଭାରେ ମଧ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ।

## ବିଜେଡିର ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ରାଜ୍ୟ ସଭା ନିର୍ବାଚନ**



ସୁବାସ ଚନ୍ଦ୍ର ସିଂ | ମୁଜିବୁଲ୍ଲା ଖାଁ | ସୁଜିତ କୁମାର | ମମତା ମହାନ୍ତ

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ୪ ଜଣ ପ୍ରାର୍ଥୀ ବୁଧବାର ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ସୁବାସ ଚନ୍ଦ୍ର ସିଂ, ମୁଜିବୁଲ୍ଲା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ। ବିଧାନସଭା ସଚିବ ତଥା ରାଜ୍ୟ ସଭା ନିର୍ବାଚନ ରିଟର୍ଣ୍ଣିଂ ଅଫିସର ଦାଶରଥି ଶତପଥୀ ଏହି ପ୍ରାର୍ଥୀମାନଙ୍କୁ ନିର୍ବାଚିତ ଘୋଷଣା କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୮ ଅପରାହ୍ଣ ୩ଟା ଯାଏ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ କୌଣସି ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇ ନ ଥିଲା। ଭାଜପା କିମ୍ବା କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀ ଦିଆଯାଇ ନ ଥିବାରୁ ବିଜେଡି ସଦସ୍ୟମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ଆସନ୍ତା ଏପ୍ରିଲ ୨ରେ ବିଜେଡି ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ବିଜେଡି ଏମ୍‌ପି ଅନୁଭବ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇ ନ ଥିଲେ ମଧ୍ୟ ସେ ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ଇସ୍ତଫା ଦେଇଥିଲେ। ଏହି ୪ଟି ଆସନରେ ଉପରୋକ୍ତ ୪ ଜଣ ନିର୍ବାଚିତ ହୋଇଛନ୍ତି।



**ଆଜିର ମନ୍ତବ୍ୟ**

ପାକିସ୍ତାନ ସପକ୍ଷରେ ସବୁବେଳେ ଛିଡ଼ାହୋଇ ରହିବ ଚାଇନା।
–ଜି ଜିନ୍‌ପିଙ୍ଗ, ଚାଇନା ରାଷ୍ଟ୍ରପତି

**କିଛି ତଥ୍ୟ**

ଗତ ୫ ମାସ ମଧ୍ୟରେ ସବ୍‌ସିଡି ଯୁକ୍ତ ଏଲ୍‌ପିଜି ଦର ସିଲିଣ୍ଡର ପିଛା ୩୫.୫୫ ଟଙ୍କା ବୃଦ୍ଧି ଘଟିଛି।
– ପେଟ୍ରୋଲିୟମ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୁର୍‌ଦୀପ୍
ପରିବାରବର୍ଗ


ଡୁଗୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨.୮ କୋଟିର ବ୍ରାଉନ୍‌ସୁଗାର ଜବତ, ୨ଗିରଫ

**ସଜନାଗଡ଼/ଜଳେଶ୍ୱର,୧୮।୩ (ଡି.ଏନ.ଏ./ସ୍ୱ.ପ୍ର.)**

ବାରମ୍ବାର ଧରପଗଡ ସତ୍ତ୍ୱେ ବାଲେଶ୍ୱର ଜିଲାରେ ବ୍ରାଉନ ସୁଗାର ଚୋରା କାରବାର ଥମିବାର ନାଁ ଧରୁନାହିଁ । ଭୁବନେଶ୍ୱରରୁ ଆସିଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ବୁଧବାର ପ୍ରତ୍ୟୁଷରେ ନୀଳଗିରି ଥାନା ମିତ୍ରପୁର ଅଞ୍ଚଳରେ ଚଢାଉ କରି ଅଢେଇ କେଜିରୁ ଉର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ଅଢେଇ କୋଟି ଟଙ୍କା ହେବ। ଏହି ଘଟଣାରେ ମିତ୍ରପୁର ଅଞ୍ଚଳର ପ୍ରଦୀପ ଦାସ ଏବଂ କଲ୍ୟାଣୀ ଗ୍ରାମର ଲକି ବେହେରାଙ୍କୁ ଗିରଫ କରାଯାଇଛି। ମୁଖ୍ୟ ବେପାରୀ ଖସି ଯାଇଥିବା ଜଣାପଡିଛି। ସେହିପରି ସନ୍ଧ୍ୟାରେ ଏସ୍‌ଟିଏଫ୍ ଓ ଜଳେଶ୍ୱର ପୋଲିସ୍ ମିଳିତ ଭାବେ ଚଢ଼ାଉ କରି ଥାନା ଅଧୀନ ଝାଡ଼େଶ୍ୱରପୁର (ରାଜପୁର) ବସ୍ତିରୁ ୩୦ ଲକ୍ଷ ଟଙ୍କା ମୂଲ୍ୟର ୩୦୦ ଗ୍ରାମ ବ୍ରାଉନ୍ ସୁଗାର ସହିତ ଏକ ନମ୍ବର ବିହୀନ ବୁଲେଟ ଜବତ କରିଛନ୍ତି। ଅଭିଯୁକ୍ତ ବେପାରୀ ଚମ୍ପଟ ମାରିଛନ୍ତି। ଏହି ଦୁଇ ସ୍ଥାନରୁ ପ୍ରାୟ ୨ କୋଟି ୮୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଧରାପଡିଛି। ପୂର୍ବରୁ ଏ ଅଞ୍ଚଳରୁ ଏତେ ପରିମାଣର ବ୍ରାଉନ ସୁଗାର କେବେ ଧରାପଡି ନ ଥିଲା। ନୀଳଗିରି ଏସ୍‌ଡ଼ିପିଓ ଅମୂଲ୍ୟ କୁମାର ଧର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବ୍ରାଉନସୁଗାର କାରବାର ମିତ୍ରପୁର ଅଞ୍ଚଳରେ ବୃଦ୍ଧି ପାଉଥିବା ସୂଚନା ପାଇ ବେପାରୀଙ୍କୁ ଧରିବା ଲାଗି ଜାଲ ବିଛାଯାଇଥିଲା। ମଙ୍ଗଳବାର ରାତିରେ କେତେକ ବ୍ରାଉନ୍‌ସୁଗାର ବେପାରୀ କୌଣସି ଏକ ସ୍ଥାନରେ ଭୋଜି କରି ଫେରୁଥିବା ବେଳେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେମାନେ ଛତ୍ରଭଙ୍ଗ ଦେବା ବେଳେ ୨ ଜଣ ଧରାପଡ଼ିଥିଲେ। ସେମାନଙ୍କଠାରୁ ଅଢ଼େଇ କେଜି ବ୍ରାଉନ୍‌ସୁଗାର ମିଳିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ନିଆଯାଇ ଏସ୍‌ଟିଏଫ୍ ପଚରାଉଚୁରା କରୁଥିବା ଜଣାପଡିଛି। ଜଳେଶ୍ୱରର ଆମ ସ୍ୱତନ୍ତ୍ର ପ୍ରତିନିଧି ଜଣାଇଛନ୍ତି ଯେ, ଝାଡ଼େଶ୍ୱରପୁର (ରାଜପୁର) ଗାଁର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ରାଉନ୍‌ସୁଗର ରଖାଯାଇଥିବା ଖବର ପାଇ ଏସ୍‌ଟିଏଫ୍‌ର ଡିଏସ୍‌ପି ମନୋଜ କୁମାର ରାଉତ ସଦଳବଳ ଆସି ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁଙ୍କ ସହ ପୋଲିସ୍ ଫୋର୍ସ ନେଇ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ କେହି ଧରାପଡି ନ ଥିଲେ ମଧ୍ୟ ୩୦୦ ଗ୍ରାମ ବ୍ରାଉନ୍ ସୁଗାର ଓ ଏକ ନମ୍ବର ବିହୀନ ବୁଲେଟ ଜବତ କରାଯାଇଛି।

# ଡିଜିପି ଅଭୟଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର,୧୭।୩ (ବ୍ୟୁରୋ):**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଶ୍ରୀ ଅଭୟଙ୍କ କାର୍ଯ୍ୟକାଳକୁ ସରକାର ବୃଦ୍ଧି କରିଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ନଂ.୧୩୨୨୯ ପ୍ରକାଶ ପାଇଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟ ୨୦୧୯ ଡିସେମ୍ବର ୯ରେ ଓଡ଼ିଶାର ନୂଆ ଡିଜିପି ଭାବେ ନିଯୁକ୍ତ ହୋଇଥିଲେ। ୨୦୨୧ ଜୁନ୍ ୩୦ରେ ତାଙ୍କର ଚାକିରି କାର୍ଯ୍ୟକାଳ ଶେଷ ହେବାର ଥିଲା। ତେବେ ପୋଲିସ ମହାନିର୍ଦ୍ଦେଶ ଭାବେ ତାଙ୍କ କାର୍ଯ୍ୟକାଳକୁ ୨ବର୍ଷ କରିବାକୁ ଗୃହ ବିଭାଗ ପକ୍ଷରୁ ଗତ ନଭେମ୍ବର ୨୦ତାରିଖରେ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିଲା। ଏହାକୁ ବିଚାର କରି ସରକାର ଅଭୟଙ୍କ ଅବସର ସମୟକୁ ୨୦୨୧ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## 'ହାଡ଼ଫୁଟି ଭଳି ୧୪ ଦିନ ...

ପର୍ଯ୍ୟନ୍ତ ଅଲଗା ଘରେ ରଖି ଯତ୍ନ ନେଉଥିଲେ, କରୋନା ପାଇଁ ଆମକୁ ସେଭଳି ବ୍ୟବସ୍ଥା କରିବାକୁ ପଡ଼ିବ। ଘରେ ଅଲଗା ରହିବା ହିଁ ସବୁଠାରୁ ଉପଯୁକ୍ତ ଉପଚାର। ଏହାକୁ ଭୟ କରନ୍ତୁ ନାହିଁ। ନିଜେ ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ଆଗୁଆ ପଦକ୍ଷେପ ନେଇଛନ୍ତି। ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ଦିଆଯାଉଥିବା ମାସିକ ଭତ୍ତା ଆସନ୍ତା ୪ ମାସ ପାଇଁ ପ୍ରଦାନ କରାଯିବ। ଜନସମାବେଶକୁ ସୀମିତ ରଖିବା ପାଇଁ ହିତାଧିକାରୀଙ୍କୁ ଏହି ଭତ୍ତା ନିଜ ଗ୍ରାମରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସ ୧୯ ତାରିଖରେ ହେବାକୁ ଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସଭାରେ ଗ୍ରାମଓ୍ୱାରି ଭତ୍ତା ବଣ୍ଟନ ତାରିଖ ଓ କାର୍ଯ୍ୟକ୍ରମ ସ୍ଥିର କରାଯିବ।

ସେହିପରି ଆସନ୍ତା ଏପ୍ରିଲ ପହିଲାରୁ ମେ ୧୫ ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ୩ ମାସ ପାଇଁ ଚାଉଳ, ଗହମ ଓ କିରୋସିନ ଯୋଗାଇ ଦିଆଯିବ। ସରକାରୀ ଖୁଚୁରା ଦୋକାନରେ ଗହଳି କମାଇବାକୁ ଏଭଳି ପଦକ୍ଷେପ ନିଆଯାଇଛି। କୋଭିଡ–୧୯ ଏକ ସଂକ୍ରାମକ ରୋଗ ହୋଇଥିବାରୁ ପିଓଏସ୍, ବାୟୋମେଟ୍ରିକ ଏବଂ ଆଇରିସ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି।

ବିଦେଶରୁ ଓଡ଼ିଶାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ରେଜିଷ୍ଟ୍ରେଶନ ରେଗୁଲେଶନ ଅନୁଯାୟୀ ନିଜକୁ ପଞ୍ଜୀକୃତ କରାଇବା ସହିତ ନିଜକୁ ନିଜ ଘରେ ୧୪ ଦିନ ଅଲଗା ରହିବାକୁ ଚେଷ୍ଟା କରିବେ। ଯେଉଁ ବ୍ୟକ୍ତିମାନେ ଏହି ସମୟକୁ ସଫଳତାର ସହ ଶେଷ କରିଥିବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ସ୍ୱରୂପ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଗ୍ରାମ ପଞ୍ଚାୟତର ସଭ୍ୟମାନେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେଶ ବାହାରୁ ଆସିଥିବା ବ୍ୟକ୍ତିଙ୍କର ନାମ ପଞ୍ଜୀକରଣ କରିବା ପାଇଁ ସୂଚନା ଦେବେ। ଓଡ଼ିଶା ବାହାରୁ ଆସୁଥିବା ଲୋକମାନେ ଯେପରି ସ୍ୱଇଚ୍ଛାରେ ୧୪ ଦିନ ପର୍ଯ୍ୟନ୍ତ ନିଜ ଘରେ ଅଲଗା ରହିବେ, ସେଥିପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବ୍ୟକ୍ତିମାନେ ଯଥାସମ୍ଭବ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଙ୍ଗନଓ୍ୱାଡି

## ପ୍ରଥମ ପୃଷ୍ଠାରୁ...

କେନ୍ଦ୍ର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନଓ୍ୱାଡି କେନ୍ଦ୍ରର କର୍ମୀ ଓ ସହାୟିକାମାନେ ସକାଳ ଜଳଖିଆ, ଗରମ ରନ୍ଧାଖାଦ୍ୟ ଓ ଶୁଖିଲା ରାଶନ ହିତାଧିକାରୀଙ୍କ ଘରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତ୍ୟେକ ଏଏନଏମ୍ ଏବଂ ଆଶାକର୍ମୀଙ୍କ ପାଖରେ ଔଷଧ ଏବଂ ଓଆରଏସ୍ ପାଉଡର ଉପଲବ୍ଧ କରାଯିବ। ଏହାଛଡ଼ା ଅତ୍ୟାବଶ୍ୟକ ଏବଂ ଜୀବନ ରକ୍ଷାକାରୀ ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିରାମୟ କାଉଣ୍ଟରରେ ଉପଲବ୍ଧ କରାଯିବାର ବ୍ୟବସ୍ଥା ହୋଇଛି।

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିଜୁଳି, ପାଣି , ଶୌଚାଳୟ ଏବଂ ପାଓ୍ୱାର ବ୍ୟାକ୍‌ଅପ ସୁବିଧା ଥିବା ଏକ ନିର୍ଦ୍ଦିଷ୍ଟ ଘରକୁ ପ୍ରସ୍ତୁତ ରଖାଯିବ। ଆବଶ୍ୟକ ପଡ଼ିଲେ ଏହାକୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହାର କରାଯିବ। ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି।

## ଧର୍ମାନୁଷ୍ଠାନ ପାଇଁ ...

୪%, ଦକ୍ଷିଣ କୋରିଆ, ଇଟାଲୀ, ଫ୍ରାନ୍ସରୁ ୧% ଲେଖାଏ ଆସିଛନ୍ତି। ବାକି ୫୫% ଅନ୍ୟ ଦେଶରୁ ଆସିଛନ୍ତି। ପଞ୍ଜୀକରଣ କରିଥିବା ବ୍ୟକ୍ତିମାନେ ମୋଟ ୮୦ଟି ଦେଶରୁ ଆସିଛନ୍ତି। ଓଡ଼ିଶାର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୭% ପଞ୍ଜୀକରଣ କରିଛନ୍ତି। କଟକରୁ ୧୧%, ଗଞ୍ଜାମ ୯%, କେନ୍ଦ୍ରାପଡ଼ା ୬%, ବାଲେଶ୍ୱର ୫% ଏବଂ ବାକି ସବୁ ଅନ୍ୟ ଜିଲାର ଅଟନ୍ତି। ତେବେ ଓଡ଼ିଶାର ମାଲାକାନଗିରିକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରୁ ବିଦେଶ ଫେରନ୍ତାମାନେ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବାଧିକ ୨୦ରୁ ୪୦ ବୟସ୍କ ରହିଛନ୍ତି। ଏମାନଙ୍କ ସଂଖ୍ୟା ୧୨୫୯ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍ପଲାଇନ୍‌କୁ ୧୩,୬୨୭ କଲ୍ ଆସିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏଟିଏମ୍ କାଉଣ୍ଟରଗୁଡ଼ିକରେ ସ୍ୱଚ୍ଛତା ରକ୍ଷା ପାଇଁ ବ୍ୟାଙ୍କ ଦ୍ୱାରା ନିୟୋଜିତ ସାନିଟାରି ଅପରେଟରମାନଙ୍କ କାର୍ଯ୍ୟ ଯାଞ୍ଚ କରିବା ପାଇଁ ଓସ୍‌ଡମା ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ୍ କଲେଜ ହସ୍ପିଟାଲ୍‌ଗୁଡ଼ିକରେ ଆଇସୋଲେଶନ୍ ସୁବିଧା ଉପଲବ୍ଧ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୫୪୦ଟି ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ଅଛି। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଦ୍ୟାବଧି ୬୩୨୩ଟି କୋଠାଗୃହକୁ ସାମୟିକ ଚିକିତ୍ସା ଶିବିର ପାଇଁ ଚିହ୍ନଟ କରାଯାଇଛି। ସେହିପରି ସହରାଞ୍ଚଳରେ ୨୬୧ଟି କୋଠାଘରକୁ ମଧ୍ୟ ଏହି ଉଦ୍ଦେଶ୍ୟରେ ଚିହ୍ନଟ କରାଯାଇଛି। ମାସ୍କ ବ୍ୟବହାର ଉପରେ ମଧ୍ୟ ବାଗ୍‌ଚୀ ଗୁରୁତ୍ୱ ଦେଇଛନ୍ତି। ଯାହାର ସଂକ୍ରମଣର ସନ୍ଦେହ ରହିଛି ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ମାସ୍କ ବ୍ୟବହାର କରିବେ। ଅନ୍ୟମାନେ ମାସ୍କ ବ୍ୟବହାର କରିବାର ଆବଶ୍ୟକତା ନାହିଁ ବୋଲି ବାଗ୍‌ଚୀ କହିଛନ୍ତି। ସେପଟେ ଭୁବନେଶ୍ୱରରେ ବିଭିନ୍ନ ହାଟକୁ ସ୍ୱଳ୍ପ ସମୟ ପାଇଁ ବନ୍ଦ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହାଟ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ବୁଧବାର ପଠାଯାଇଛି ୬ ନମୁନା

ଅଦ୍ୟାବଧି ଓଡ଼ିଶାରେ କୋଭିଡ୍–୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୧୮ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲେଶନ୍‌ରେ ରଖାଯାଇଛି। ମଙ୍ଗଳବାର ୧୨ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ସେସବୁ ନେଗେଟିଭ୍ ଆସିଛି। ବୁଧବାର ଆଉ ୬ଜଣଙ୍କ ନମୁନା ପଠାଯାଇଛି। ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସୁ ବୋଲି ବାଗ୍‌ଚୀ ଆଶାବ୍ୟକ୍ତ କରିଛନ୍ତି। ତେବେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୪୭ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ୪୬ଜଣଙ୍କର ନେଗେଟିଭ୍ ଆସିଥିବା ବେଳେ ଜଣଙ୍କର ପଜିଟିଭ୍ ଆସିଛି।

### ସୁସ୍ଥ ହେଉଛନ୍ତି କରୋନା ଆକ୍ରାନ୍ତ

ଇଟାଲୀରୁ ଫେରିଥିବା ଭୁବନେଶ୍ୱରର ୩୩ବର୍ଷୀୟ ଯୁବକ କରୋନା ଭୂତାଣୁରେ ଆକ୍ରାନ୍ତ ହେବା ପରେ ସବୁଠି ଏବେ ତାଙ୍କ ଉପରେ ନଜର ରହୁଛି। ବର୍ତ୍ତମାନ କିନ୍ତୁ ତାଙ୍କୁ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ବୁଧବାର ସକାଳେ ସେ ଉପମା, ବିସ୍କୁଟ୍, ଆଳୁ ମଟର ତରକାରି ଖାଇଥିଲେ। ସେହିପରି ଅପରାହ୍ନରେ ତାଙ୍କୁ ଭାତ, ଡାଲମା, ମିକ୍ସ ଭେଜ୍ ଓ ଦୁଇଟି ରୁଟି ଖାଇବାକୁ ଦିଆଯାଇଥିଲା। ଏ ସବୁକୁ ସେ ଖାଇଛନ୍ତି ଓ ଧୀରେ ଧୀରେ ଭଲ ହେଉଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରରେ ଶନି ସହ ଚନ୍ଦ୍ର ଯୋଗ ଆପଣଙ୍କୁ କର୍ମଦକ୍ଷତା, ଉଚ୍ଚ ସମ୍ମାନ, ବନ୍ଧୁଗହଣରେ ପ୍ରଶଂସିତ କରାଇବ। ପାରିବାରିକ ଶାନ୍ତି, ସାମାଜିକ ସମ୍ମାନ, ଯାନବାହନ ଲାଭ ସହ ଆଇନ ଅଦାଲତରେ ବିଜୟୀ ହେବେ। ଶିଳ୍ପ, ପରିବହନ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ଶନି କ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ଆତ୍ମୀୟସ୍ୱଜନ ଓ ହିତାକାଂକ୍ଷୀଙ୍କ ଆଦର, ଗୌରବରୁ ଆତ୍ମତୃପ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଆକସ୍ମିକ ସୁଯୋଗ ଆପଣା ଛାଏଁ ଆସିବ, ଅବଶ୍ୟ ତାହାର ସଦୁପଯୋଗ କରି ପାରିଲେ ଉପକୃତ ହେବେ। କିନ୍ତୁ ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ମିଥୁନ** ରବି ଓ ବୁଧ ନିଜ ନିଜ ଭାବରୁ ଦୁଃସ୍ଥାନସ୍ଥ ଯୋଗୁ ପାରିବାରିକ ସମସ୍ୟା ଓ ଅର୍ଥର ବୋଝ ମନକୁ ବିଚଳିତ କରିପାରେ। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଏହାସାଙ୍ଗକୁ ଆଇନ, ଅଦାଲତ, ଇଲେକ୍ଟ୍ରୋନିକ୍ସ, ମେଡିକାଲ୍ ସାଇନ୍ସ, ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବନାହିଁ।

**କର୍କଟ** ଶୁକ୍ରଙ୍କ ଶୁଭଦୃଷ୍ଟିରେ ସାମାଜିକ ସମ୍ମାନ, ପାରିବାରିକ ଶାନ୍ତି, ବିଳାସବ୍ୟସନ, ଯାନବାହନାଦି ପ୍ରାପ୍ତି ହୋଇପାରେ। ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଆନୁଷ୍ଠାନିକ କାମ ତଥା ସଭା ସମିତିରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ଆଜି ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥାଭାବ ପାରିବାରିକ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଅହେତୁକ ଭୟ ଓ ଆଶଙ୍କାଜନିତ କୌଣସି କାର୍ଯ୍ୟ କରିବାରେ ଦ୍ୱନ୍ଦ୍ୱଯୁକ୍ତ ହେବେ। ନିଜ ଲୋକମାନଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡ଼ିବ।

**କନ୍ୟା** ବନ୍ଧୁ ଓ ସମ୍ପର୍କୀୟଙ୍କ ବେଖାତିର ମନୋଭାବ ଏବଂ ଅପପ୍ରଚାର ମାନସିକ ସ୍ଥିତିକୁ ଅସ୍ଥିର କରିପାରେ। ଶୁକ୍ର ପ୍ରଭାବରୁ ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ସ୍ଥଗିତ କାର୍ଯ୍ୟ ଓ ମାନସିକ ସ୍ଥିତିରେ ଆଶାର ଝଲକ ପରିଲକ୍ଷିତ ହେବ। ପରିସ୍ଥିତି ଯାହାହେଉନା କାହିଁକି, ଆପଣ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା** ସ୍ୱାସ୍ଥ୍ୟ ଭଲ ରହିବା ସହ ଖୁସୀ ମନରେ କାମ କରିବାରେ ଆଜି କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, କଚେରି ମାମଲା ତଥା ସାମାଜିକସ୍ତରରେ ସମ୍ମାନ ଲାଭର ଯୋଗ ରହିଛି। ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି।

**ବିଛା** ଭାଗ୍ୟସ୍ଥାନକୁ ଭାଗ୍ୟାଧିପତିଙ୍କ ସହ ଶନିଙ୍କ ଦୃଷ୍ଟି ଯୋଗୁ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ବ୍ୟତିକ୍ରମ ଭିତରେ ସଫଳ ହେବ। ବନ୍ଧୁମାନଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** ଆର୍ଥିକ ଅଭିବୃଦ୍ଧି ସହ ଆପଣଙ୍କ ସୁନ୍ଦର ବିଚାରଧାରା ବନ୍ଧୁଗହଣରେ ପ୍ରଶଂସିତ ହେବା ସହ ଜନାଦୃତ ହେବ। କୋଣଭାବସ୍ଥ ଶୁକ୍ର ଯୋଗୁ ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତି, ବିବାଦୀୟ କ୍ଷେତ୍ର ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ବ୍ୟବସାୟରେ ଭଲ କାରବାର ହେବ।

**ମକର** ଶ୍ରବଣା ନକ୍ଷତ୍ର ସକାଶେ ଚନ୍ଦ୍ର ଓ ଶନିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ଥଣ୍ଡା ରୋଗରେ ପୀଡ଼ିତ କରାଇପାରେ। ବିଭିନ୍ନ ବିଷୟ ଚିନ୍ତାକରି ମାନସିକ ସ୍ଥିତି ସନ୍ତୁଳିତ ମଧ୍ୟ ରହିବ ନାହିଁ। ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହେବା ଅସମ୍ଭବ ହୋଇପଡିବ। ଧନିଷ୍ଠା ବନ୍ଧୁମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ** ରବି ଧନସ୍ଥାନସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ ସମସ୍ୟା ସମାଧାନ ହୋଇଯିବ। ରାଜନୈତିକ ସ୍ଥିତିରେ ଉନ୍ନତ ଫଳ ପାଇବେ। ସ୍ୱଗୃହାଭିମୁଖୀ ଶୁକ୍ର ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। କିନ୍ତୁ ଈର୍ଷାପରାୟଣ କିମ୍ବା ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ** ଆଜି ଉଚ୍ଚ ଆଶା ସଫଳ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତା ପାଇବେ ଏବଂ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା ଆପଣଙ୍କ ପାଇଁ ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ ଓ ସଭାସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଏବଂ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

ଆଜି ଚୈତ୍ର କୃଷ୍ଣପକ୍ଷ ଏକାଦଶୀ, ଗୁରୁବାର, ମାର୍ଚ୍ଚ ୧୯ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, ଦିବା ଘ୨।୪୯ମି. ଗତେ ଶ୍ରବଣା, ତୁଳା ଓ କୁମ୍ଭ ରାଶିର ଘାତବାର, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାତ୍ର ଘ୨।୪୨ମି. ଗତେ ଘ୩।୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ଗତେ ଘ୭।୩୦ମି. ମଧ୍ୟେ, ଦିବା ଘ୧୦।୪୨ମି. ଗତେ ଘ୧୦।୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୪ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
**SALE**

Tata ACE mega 2016 model in excellent condition. 9439778849. D-17153

Tata Indigo ECS private reg. personal use, Maruti Wagnor in excellent condition. 9439778849. D-17154

real estate
**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/outrightରେ) ମିଳୁଅଛି। 9937025614, 7008390130.** D-68480

**2BHK ready to move flat sale at Patrapada Market, Bhubaneswar. 6370292040.** D-69109

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

Demarcated plots under CMC, 800 mtr from NH Balikuda- 8658182243. D-68076

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

New Bhubaneswar Railway Station ପାଖରେ Dhawa ମୌଜାରେ ଘରବାରି ପ୍ଲଟ୍ ମିଳୁଛି। 9583430150. D-69305

**ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି। 8327785834, 9658122456.** D-69114

healthcare

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Monalisa massage: All types body massage with hiprofile smart lady air condition rooms available. 9708545108. D-17180

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

business

A reputed running Hospital in heart of the city in Bhubaneswar with all ammenities. Finance facility also available. 9439778849. D-17152

**AFFIDAVIT**

By virtue of an affidavit I Laxmi Prasad Nayak father of Ajad Nayak declare that in my son's real name is Ajad Nayak as per Aadhaar Card & other documents. But in my son's Passport No. M7799420 (Issued in Gujrat) it's mentioned as Ajad Laxmiprasad Nayak. Hence I declare that Ajad Nayak & Ajad Laxmiprasad Nayak is one and same person. D-17185

By virtue of an affidavit I Sanghamitra Nayak declare that my real name is Sanghamitra Nayak as per my Aadhaar Card. But in my Passport No. H9456723 (Issued in Gujrat) it's mentioned as Sanghamitra Laxmiprasad Nayak. Hence I declare that Sanghamitra Nayak & Sanghamitra Laxmiprasad Nayak is one and same person. D-17186

By virtue of an affidavit I Manoj Kumar Nahak declare that my real name is Manoj Kumar Nahak as per my all documents. But in my Passport No. H9454185 (Issued in Gujrat) it's mentioned as Manojkumar Bijayakumar Nahak. Hence I declare that Manoj Kumar Nahak & Manojkumar Bijayakumar Nahak is one and same person. D-17187

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

By virtue of an affidavit I Laxmi Prasad Nayak father of Mohan Nayak declare that in my son's real name is Mohan Nayak as per Aadhaar Card & other documents. But in my son's Passport No. M7799419 (Issued in Gujrat) it's mentioned as Mohan Laxmiprasad Nayak. Hence I declare that Mohan Nayak & Mohan Laxmiprasad Nayak is one and same person. D-17188

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଆଖି ବୁଜିଲା କଲରାପତରିଆ ବାଘ ସୂରଜ

**ବାରଙ୍ଗ,୧୮।୩(ଡି.ଏନ.ଏ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତ କିଛିଦିନ ହେବ ବନ୍ୟପ୍ରାଣୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଇତି ମଧ୍ୟରେ ନନ୍ଦନକାନନରେ ଅନ୍ୟତମ ଆକର୍ଷଣ ସାଜିଥିବା ୧୬ବର୍ଷିୟା କଲରାପତାରିଆ ବାଘ ସୂରଜ ମଙ୍ଗଳବାର ରାତିରେ ଆଖି ବୁଜିଛି। ଗତ ଦେଢ଼ ମାସହେବ ସେ ଅସୁସ୍ଥ ରହି ନନ୍ଦନକାନନର ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା। ସ୍ୱାସ୍ଥ୍ୟରେ ତା'ର ଉନ୍ନତି ନ ହେବାରୁ ଓୟୁଏଟିରୁ ଡାକ୍ତରମାନେ ଆସି ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରି ଏଠାକାର ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମଙ୍ଗଳବାର ଅପରାହ୍ନରେ ହଠାତ୍ ସୂରଜର ଅସୁସ୍ଥତା ପରିମାଣ ବଢ଼ିଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରାଯାଇଥିଲେ ମଧ୍ୟ ରାତି ୧୧ଟାରେ ମୃତ୍ୟୁ ଘଟିଥିଲା। ସାଧାରଣତଃ କଲରାପତାରିଆ ବାଘମାନେ ୧୨ରୁ ୧୭ବର୍ଷ ବଞ୍ଚୁଥିବାବେଳେ ନନ୍ଦନକାନନରେ ସୂରଜ ୧୬ବର୍ଷ ବଞ୍ଚିପାରିଥିଲା। ରକ୍ତ ସଂକ୍ରାମଣ



ରୋଗରେ ପୀଡ଼ିତ ହେବା ସହ ତା'ର ଯକୃତ ନଷ୍ଟ ହୋଇଯାଇଥିଲା। ଅଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାର ମୃତ୍ୟୁ ଘଟିଲା ବୋଲି ପ୍ରାଥମିକ ପର୍ଯ୍ୟାୟରେ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୂରଜର ମୃତ୍ୟୁ ପରେ କଲରାପତାରିଆ ବାଘସଂଖ୍ୟା ହ୍ରାସପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୩ ଅଣ୍ଡିରା, ୨ ମାଈଥିବାର ଜଣାପଡିଛି। ସୂଚନାଯୋଗ୍ୟ, ସୂରଜ ୩/୪ମାସର ହୋଇଥିବାବେଳେ ଭଞ୍ଜନଗରରୁ ଜୁଲାଇ ୨୦୦୪ରେ ନନ୍ଦନକାନନକୁ ଆସିଥିଲା।




# କୋଷ୍ଟଗାର୍ଡରେ ସାମିଲ ହେଲା 'ଭରଦ୍'

**ପାରାଦୀପ, ୧୮।୩ (ସ୍ୱ.ପ୍ର.)**

ଉତ୍ତର-ପୂର୍ବ ଉପକୂଳ ସମୁଦ୍ର ସୀମାରେ ପାଟ୍ରୋଲିଂ ପାଇଁ ବୁଧବାର ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ' ସାମିଲ ହୋଇଛି। ବୁଧବାରଠାରୁ ଏହା ପାରାଦୀପସ୍ଥିତ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ରୁ ପାଟ୍ରୋଲିଂ ଆରମ୍ଭ କରିଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଜାହାଜରେ ୩୦ ଏମ୍.ଏମ୍. ଗନ୍, ୧୨.୭ ଏମ୍.ଏମ୍. ଗନ୍ ସହ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ରହିଛି। ୯୮ମିଟର ଲମ୍ବ ଓ ୨୧୦୦ ଟନ୍ ବିଶିଷ୍ଟ ଓଜନର ଏହି ଜାହାଜରେ କେତେକ ସ୍ୱୟଂ ସୁବିଧା ରହିଛି। ବର୍ଥରେ ଲାଗିବା ବେଳେ ଏହା ପୋଲ ଭଳି ସ୍ୱୟଂ ଶିଡ଼ି କରିବ ଏବଂ ଏଥିରେ ପ୍ଲାଟଫର୍ମର ସୁବିଧା ମଧ୍ୟ ରହିଛି। ସ୍ୱୟଂ ବିଦ୍ୟୁତ୍ ପ୍ରକ୍ରିୟାକରଣ ବ୍ୟବସ୍ଥା ସହ ଉନ୍ନତମାନର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଦୁଇଟି ହେଲିକପ୍ଟର ଉଡ଼ାଣ ଭରିବା ଭଳି ବ୍ୟବସ୍ଥା, ୪ ହାଇସ୍ପିଡ ବୋଟ୍, ଦୁଇଟି ଅଗ୍ନି ନିର୍ବାପକ ଫାଇବର ବୋଟ୍,



ପାରାଦୀପ ତଟରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ'।

'ଲ' ଇନ୍‌ଫୋର୍ସମେଣ୍ଟ, ମେରିଟାଇମ୍ ପାଟ୍ରୋଲିଂ ଅପରେଶନ କାମ ଆଦି କାମ କରିବାର କ୍ଷମତା 'ଭରଦ' ପାଖରେ ରହିଛି। ଏହା ଘଣ୍ଟା ପ୍ରତି ୪୬.୮ କିମି ବା ୨୬ ନଟିକାଲ ମାଇଲ ବେଗରେ ଗତି କରିପାରିବ। ଏହାର ୨ଟି ଡିଜେଲ ଇଞ୍ଜିନ୍ ରହିଛି। ଏକାଥରେ ୫ହଜାର ନଟିକାଲ ମାଇଲ (୯ହଜାର) କିମି ଯାଇପାରିବ। ଏଥିରେ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ପିଣ୍ଟୁ ବାଗ୍‌ଙ୍କ ସମେତ ୧୧ ଅଫିସର ଓ ୯୧ ଜଣ ଜବାନ ଅଛନ୍ତି। ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ନିର୍ମିତ ଏହି ଜାହାଜ ଉତ୍ତର-ପୂର୍ବ ମୁଖ୍ୟାଳୟ କଲିକତାଠାରେ ଗତ ଫେବୃୟାରୀ ୨୮ରେ (କମିଶନିଂ) କୋଷ୍ଟଗାର୍ଡରେ ସାମିଲ ହୋଇଥିଲା। ବୁଧବାରଠାରୁ ଏହା ପାରାଦୀପରେ ସେବା ଆରମ୍ଭ କରିଛି। ଏହାକୁ ମିଶାଇ ପୂର୍ବ ଉପକୂଳରେ କୋଷ୍ଟଗାର୍ଡର ୭ଟି ଜାହାଜ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛି। ଉପକୂଳ ସୁରକ୍ଷା, ଶତ୍ରୁପକ୍ଷ ମୁକାବିଲା, ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ, ସାମୁଦ୍ରିକ ପ୍ରଦୂଷଣ ରୋକିବା, ପାଣିରେ ତେଲ ଆସ୍ତରଣକୁ ନଷ୍ଟ କରିବା, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ବିପଦ ବେଳେ ରକ୍ଷା କରିବା, ଜଳଯାନରେ ଅଗ୍ନିକାଣ୍ଡ ବେଳେ ଉଦ୍ଧାର କାମ କରିବା ପାଇଁ ପାଟ୍ରୋଲିଂ ଜାହାଜ କାର୍ଯ୍ୟ କରୁଛି।

# ହାର୍ଡକୋର ମାଓବାଦୀ ଶାମ୍ବାଙ୍କ ସହ ୮ ମିଲିସିଆ ଆତ୍ମସମର୍ପଣ

**ମାଲକାନଗିରି,୧୮।୩(ଡି.ଏନ.ଏ.)**

ମାଲକାନଗିରି ଏସପିଙ୍କ ନିକଟରେ ବୁଧବାର ଜଣେ ହାର୍ଡକୋର ମାଓବାଦୀଙ୍କ ସମେତ ୮ଜଣ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଶାମ୍ବା ଖରା। ଘର ସ୍ୱାଭିମାନ ଅଞ୍ଚଳର ପାପରମେଟଲା ଥାନା ଅନ୍ତର୍ଗତ ଲୁଛାପାଣି ଗ୍ରାମରେ। ଶାମ୍ବାଙ୍କ ସହ ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନେ ମିଲିସିଆ ବୋଲି ଜଣାପଡିଛି। ଶାମ୍ବା କୋରାପୁଟ ଜିଲା ପଟାଙ୍ଗିଠାରେ ପୋଲିସ ସହ ହୋଇଥିବା ଗୁଳି ବିନିମୟ, ମାଲକାନଗିରି ଜିଲାର ପାପରମେଟଲା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମ ନିକଟରେ ପୋଲିସ ସହ ଗୁଳି ବିନିମୟ, ଆନ୍ଧ୍ର ପ୍ରଦେଶର ନାନାବାରୀ ଗ୍ରାମ ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ, କୋରାପୁଟର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ରାମଗିରି ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ, ମାଥିଲି ଥାନା ଡକ୍ରିଯୋଡ଼ି ନିକଟରେ ହୋଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ, ମୁଦୁଲିପଡ଼ା ଥାନା ଡାବୁଗୁଡ଼ା ନିକଟରେ ପୋଲିସ ସହ ଗୁଳି ବିନିମୟ, ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲା ଡୁମ୍ବ୍ରିଗୁଡ଼ା ନିକଟରେ ବିଧାୟକ କେଏସ ରାଓ ଓ ପୂର୍ବତନ ବିଧାୟକ ସିଭେରି ସୋମା ହତ୍ୟା, ଚିତ୍ରକୋଣ୍ଡା ଥାନା ଅରଲିଙ୍ଗପଡ଼ା



ହାର୍ଡକୋର ମାଓବାଦୀ ଶାମ୍ବାଙ୍କ ସହ ଅନ୍ୟମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଉଛି ।

ଗ୍ରାମର ସାଧୁ ପାଙ୍ଗି ଓ ତାବେର ଗ୍ରାମର ଲାଛା ମୁଦୁଲିଙ୍କୁ ହତ୍ୟା, ପାପରମେଟଲା ଥାନା ବିଡାରପାକନା ଗ୍ରାମ ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସେ ଗତ ୨୦୧୭ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଆତ୍ମ ସମର୍ପଣ ବେଳକୁ ଶାମ୍ବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସ୍ୱତନ୍ତ୍ର ଜୋନାଲ କମିଟି ମିଲିଟାରୀ ପ୍ଲାଟୁନ ନଂ.-୧ରେ ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ତାଙ୍କ ସହ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସ୍ୱାଭିମାନ ଅଞ୍ଚଳ ସିମିଳିପଦର ଗ୍ରାମର। ସେମାନେ ହେଲେ ଭାସ୍କର ଖିଲ, ଜୋଗି ଖରା, ତ୍ରିନାଥ ଖିଲ, ରାଧାବା ଖିଲ, ଖତ୍ରୁ ହନ୍ତାଳ, ତାରାବେଡ଼ା ଗ୍ରାମର ରଘୁରାମ ହନ୍ତାଳ ଓ ଗୌଡ଼ପୁଟ ଗ୍ରାମର ନିନ୍ଦି ପାଙ୍ଗି ବୋଲି ଜଣାପଡିଛି। ଗୁରୁପ୍ରିୟା ସେତୁ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉଛି। ଏହାକୁ ମାଓବାଦୀମାନେ ବିରୋଧ କରି ଆସୁଛନ୍ତି। ତେବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମ ସମର୍ପଣ କରିଛନ୍ତି ବୋଲି ମାଲକାନଗିରି ଏସପି ରିଷିକେଶ ଡି. ଖିଲାରି କହିଛନ୍ତି। ସେମାନଙ୍କୁ ସରକାରଙ୍କ ଆତ୍ମ ସମର୍ପଣ ଲାଗି ରହିଥିବା ଥଇଥାନ ନୀତି ଅନୁଯାୟୀ ସମସ୍ତ ସହାୟତା ମିଳିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି କହିଛନ୍ତି। ଏହି ସମ୍ମିଳନୀରେ ବିଏସଏଫର କମାଣ୍ଡାଣ୍ଟ ଏକେ ଆର୍ଯ୍ୟ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ବର୍ଥ ନିର୍ମାଣ କରିବ ପାରାଦୀପ ବନ୍ଦର

■ **ଖର୍ଚ୍ଚ ହେବ ୩ ହଜାର କୋଟି**

**ପାରାଦୀପ, ୧୮।୩ (ସ୍ୱ.ପ୍ର.):**

ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ପରିଚୟ ପାଇଥିବା ପାରାଦୀପରେ କ୍ୟାପ୍‌ସାଇଜ୍ ଜାହାଜ ଲାଗିବା ଭଳି ଏକ ସ୍ୱତନ୍ତ୍ର ବର୍ଥ ନିର୍ମାଣ କରାଯିବ। ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ଏହି ୱେଷ୍ଟର୍ନ ବର୍ଥ ନିର୍ମାଣ ହେବ ବୋଲି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ବୁଧବାର ସୂଚନା ଦେଇଛନ୍ତି। ଏ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ସରକାରୀ କ୍ଲିୟରାନ୍ସ ମିଳିଲେ ବର୍ଥ ନିର୍ମାଣ କାମ ଆରମ୍ଭ ହେବ। ଆବଶ୍ୟକ ପାଣ୍ଠି ୩ ହଜାର କୋଟି ମଧ୍ୟରୁ ୮ରୁ ୯ଶହ କୋଟି ଟଙ୍କା ପାରାଦୀପ ବନ୍ଦର ଖର୍ଚ୍ଚ କରିବ। ଅବଶିଷ୍ଟ ଅର୍ଥ ଘରୋଇ କମ୍ପାନୀ ଖର୍ଚ୍ଚ କରିବ ବୋଲି ଜଣାପଡ଼ିଛି। ପିପିପି ମୋଡ୍‌ରେ ଏହା କରାଯାଇ ବନ୍ଦରର କଳେବର ବୃଦ୍ଧି କରାଯିବ।


Job Opportunity
For Well Reputed South based spices company deals in wide range of Spices, Dhoop Agarbatti (Sambrani), Pickles, Pasta, Soyabari
Capable & Experienced M/F for the post of ASM, SO & SR.
Business Opportunity
Interested & Genuine Parties may contact for SS & Distributors.
Sales Office
Mama Pure Spices
MAMAH AGRO INDUSTRIES PVT. LTD.
C 13/18, Anand Cinema Build., Teliabagh, Varanasi-221002 UP
Mob. : 7311187295, 7510099112 | Web. : www.masalabymama.com
email : marketing.masalabymama@gmail.com | masalabymama@gmail.com
Madurai Office : Narayanapuram, Madurai, Tamil Nadu





ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
–ଶ୍ରୀମା



# ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ବହୁ ବର୍ଷ ଧରି ଆମେ କେତେକ ଜିନିଷକୁ ପସନ୍ଦ କରିବା ଓ ଅନ୍ୟଗୁଡ଼ିକୁ ନାପସନ୍ଦ କରିବାରେ ଅଭ୍ୟସ୍ତ ହୋଇଆସିଛୁ। ବେଳେବେଳେ ଏହି ପସନ୍ଦ ବା ନାପସନ୍ଦ କଥାଟା ଆଧୁନିକତା ଓ ଫ୍ୟାଶନ ନାମରେ ତରଙ୍ଗ ଭଳି ମାଡିଆସେ ଏବଂ କିଛିଦିନ ପରେ ସେଥିରେ ଭଟ୍ଟା ପଡ଼ିଯାଏ। କିନ୍ତୁ ଅନ୍ୟଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ସ୍ଥାୟୀଭାବେ ଆମ ଭିତରେ ବସାବାନ୍ଧି ରହିଯାଏ। କଳାଠାରୁ ଗୋରା ରଙ୍ଗ ଭଲ ବୋଲି ରହିଥିବା ଆମର ବିଶ୍ୱାସ ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ବଦଳିନାହିଁ। ଏମିତି ବିଶ୍ୱାସ ଅଣ୍ଡା ସହିତ ବି ଯୋଡ଼ି ହୋଇରହିଛି। ଅଣ୍ଡା ଖାଉଥିବା ଅଧିକାଂଶ ବ୍ୟକ୍ତି ବିଶ୍ୱାସ କରିନ୍ତି ଯେ, ଅଣ୍ଡାଟି ଯେତେ ହଳଦିଆ ହେବ ସେତେ ଭଲ। କିନ୍ତୁ ବାସ୍ତବରେ ଯଦି କେଶରର ରଙ୍ଗ ରକ୍ତାଭ ନାରଙ୍ଗୀ ହୋଇଥାଏ, ତେବେ ଏଥିରେ ବେଶି ଭିଟାମିନ୍ ଓ ଓମେଗା–୩ ଏବଂ ସବୁଠୁ କମ୍ କୋଲେଷ୍ଟରଲ ଥାଏ। ଖୋଲା ଜାଗାରେ, ଖରାରେ ବୁଲି କୀଟନାଶକମୁକ୍ତ ଘାସରେ ଥିବା ପୋକଜୋକ ଖାଉଥିବା କୁକୁଡ଼ାର ଅଣ୍ଡା ଯଦି ଆମେ ଖାଉଥାନ୍ତେ ତେବେ ଏହା ସତ ହୋଇଥାନ୍ତା। କିନ୍ତୁ ବହୁ ଦିନରୁ ସେ ସମୟ ଚାଲିଗଲାଣି। ଏବେ ଆପଣ ଯେଉଁ ଅଣ୍ଡା ଖାଉଛନ୍ତି ତାହା କୁକୁଡ଼ା ଫାର୍ମରୁ ଏବଂ କେବେ ବି ସବୁଜ କ୍ଷେତ ଦେଖି ନ ଥିବା କୁକୁଡ଼ାଙ୍କଠାରୁ ଆସୁଛି। ଏକ 'ଫ୍ରି ରେଞ୍ଜ' ଅଣ୍ଡା ବା ଦେଶୀ ଅଣ୍ଡା କହିଲେ ଫାର୍ମର ତାରଜାଲି ମଧ୍ୟରେ ବନ୍ଦୀ କିମ୍ବା ସିମେଣ୍ଟ ଚଟାଣ ଉପରେ ବହୁଳ ସଂଖ୍ୟାରେ ବଢୁଥିବା କୁକୁଡ଼ାଙ୍କ ଅଣ୍ଡାକୁ ବୁଝାଏ ନାହିଁ। କେବଳ ସୂର୍ଯ୍ୟାଲୋକରେ ବୁଲି ପ୍ରାକୃତିକ ଖାଦ୍ୟ ଖାଉଥିବା କୁକୁଡ଼ା ଅଣ୍ଡାର କେଶର ହଳଦିଆ ହୋଇପାରେ। ଶାଗ ତଥା ପଶୁମାନେ ଖାଉଥିବା ଘାସ ଭଳି ଉଚ୍ଚ କାରୋଟିନଏଡ୍‌ଯୁକ୍ତ ଖାଦ୍ୟ କେଶରକୁ ଗାଢ଼ ନାରଙ୍ଗୀ କରେ। ନଚେତ୍ କେଶର ଫିକା ହଳଦିଆ ହୋଇଥାଏ ଏବଂ ଖାଉଟି ବିଶ୍ୱାସ କରେ ଯେ, ସେ ଗୋଟିଏ ଖରାପ ଅଣ୍ଡା ଖାଉଛି। ଏଣୁ ବିଶ୍ୱ ସାରା କୁକୁଡ଼ା ଫାର୍ମଗୁଡ଼ିକ କେଶରର ରଙ୍ଗ ବଢ଼ାଇବା ଲାଗି ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଚାହୁଁଥିବା ହଳଦିଆ ବା ଗାଢ଼ ନାରଙ୍ଗୀ ରଙ୍ଗ ପାଇବା ପାଇଁ ଏହି କସ୍‌ମେଟିକ ଖାଦ୍ୟ ରଙ୍ଗଗୁଡ଼ିକୁ କୁକୁଡ଼ା ଖାଦ୍ୟରେ ଠିକ୍ ପରିମାଣରେ ମିଶାଇ କୁକୁଡ଼ାଙ୍କୁ ଦିଆଯାଏ।

'ଫ୍ରି ରେଞ୍ଜ' ଏବଂ 'ଅର୍ଗାନିକ' କୁକୁଡ଼ା ରଙ୍ଗଗୁଡ଼ିକ ତୁମ ମନରେ ବିଶ୍ୱାସ ଜନ୍ମାଇବ ଯେ, ଏହା କ୍ୟାପ୍ସିକମ୍, ଗେଣ୍ଡୁଫୁଲ କିମ୍ବା ନାଲି ଶିମ୍‌ଲା ଲଙ୍କାରୁ ପ୍ରସ୍ତୁତ କରାଯାଇଛି। ଟଟକା ମକା ଓ ହଳଦୀ କେଶରକୁ ଅଧିକ ହଳଦିଆ କରିପାରେ। ଗୋଲମରିଚ ଏହାକୁ ବେଶି ଲାଲ୍ କରେ। ସ୍ୱାସ୍ଥ୍ୟ ସମ୍ପର୍କରେ ତଥା କୁକୁଡ଼ା କେଉଁ ପରିସ୍ଥିତିରେ ରହୁଛି ସେ ସମ୍ବନ୍ଧରେ କେଶରର ରଙ୍ଗ ଆମକୁ ସୂଚନା ଦେଇପାରିବ ବୋଲି ଆମେ ବିଶ୍ୱାସ କରୁ। ଗାଢ଼ କମଳା ରଙ୍ଗର କେଶର ଆମକୁ ଜଣାଇଦିଏ ଯେ, କୁକୁଡ଼ା ଖୋଲା ଜାଗାରେ ବୁଲି କାରୋଟିନଏଡ୍‌ରେ ଭରପୂର ଘାସ, ପୋକଜୋକ, ମଞ୍ଜି, ପରିବା ଏବଂ ଫୁଲ ଖାଉଛି ଏବଂ ଏଥିପାଇଁ ଗଛର ପ୍ରାକୃତିକ ଉପାଦାନରୁ ଅଧିକ ଭିଟାମିନ ଓ କାରୋଟିନଏଡ୍ ପାଇପାରୁଛି। କିନ୍ତୁ ଏହା ସତ ନୁହେଁ। ପ୍ରାକୃତିକ ରଙ୍ଗ ବଦଳରେ ସେମାନଙ୍କୁ କେମିକାଲ୍ ଖାଇବାକୁ ଦିଆଯାଉଛି। କେଶରର ରଙ୍ଗ ସହ ଅଣ୍ଡାର ଗୁଣବତ୍ତା ଓ ପୌଷ୍ଟିକ ମାନର କୌଣସି ସମ୍ପର୍କ ନାହିଁ। କୁକୁଡ଼ା ଫାର୍ମଗୁଡ଼ିକରେ ସମସ୍ତ କୁକୁଡ଼ାଙ୍କୁ ମୁଖ୍ୟତଃ ଶସ୍ତା , ପୁଷ୍ଟିହୀନ ଶସ୍ୟ ଖାଇବାକୁ ଦିଆଯାଏ ଏବଂ ଏହା କେଶରର ରଙ୍ଗକୁ ଫିକା ହଳଦିଆ କିମ୍ବା ଧଳା ରଙ୍ଗ କରିଦିଏ।

୬୦ ବର୍ଷ ତଳୁ କୁକୁଡ଼ା ଫାର୍ମ ମାଲିକମାନେ ଅଣ୍ଡା କେଶରର ରଙ୍ଗକୁ ନିୟନ୍ତ୍ରଣ କରିବାର ପଦ୍ଧତି ଆବିଷ୍କାର କରିଥିଲେ। ଖାଦ୍ୟରେ ଗାଜର ଏବଂ ସ୍କ୍ୱାସ୍ ଭଳି ହଳଦିଆ ପରିବା ଦେଇ କାରୋଟିନଏଡ ଏବଂ ଜାନ୍ଥୋଫିଲ୍ସ ବୃଦ୍ଧି କରି କେଶରର ରଙ୍ଗ ଗାଢ଼ ଓ ଅଧିକ ପୌଷ୍ଟିକ କରୁଥିଲେ। ଏହାଦ୍ୱାରା ଉଭୟ କୁକୁଡ଼ା ଓ ଅଣ୍ଡାକୁ ଲାଭ ହୋଇଥାଏ। କିନ୍ତୁ କୁକୁଡ଼ା ଫାର୍ମ ଶସ୍ତାରେ ଅଣ୍ଡା ବିକ୍ରି କରିବା ପାଇଁ ଚାହୁଁଥିବାବେଳେ ପ୍ରାକୃତିକ ଖାଦ୍ୟର ଦାମ୍ ଅଧିକ ହୋଇଯାଏ। ଏଣୁ ସେମାନେ ରାସାୟନିକ ରଙ୍ଗ ବ୍ୟବହାର କରନ୍ତି। ଏହାର ଦୁଇଟି କାରଣ ରହିଛି। ସେମାନେ ରୁଗ୍‌ଣ, ପୁଷ୍ଟିହୀନ କୁକୁଡ଼ାକୁ ଶୀଘ୍ର ମୋଟା ବା ଓଜନିଆ କରିବାକୁ ଅନୁପଯୁକ୍ତ ଶସ୍ୟ ଏବଂ ଅଣ୍ଡାର କେଶରକୁ ଅଧିକ ହଳଦିଆ କରିବାକୁ ରାସାୟନିକ ପଦାର୍ଥ ଖାଦ୍ୟ ଭାବେ ଦେଇଥାନ୍ତି। କାରଣ ଲୋକମାନେ ବେଳେବେଳେ ଫିକା ହଳଦିଆ ରଙ୍ଗବିଶିଷ୍ଟ କୁକୁଡ଼ା ଅଣ୍ଡା କିଣିବାକୁ ମନା କରିଦିଅନ୍ତି।

ନେଟ୍‌ରେ ଏବେ ନକଲି ଖାଦ୍ୟରଙ୍ଗର ହଜାର ହଜାର ବିକ୍ରେତା ଅଛନ୍ତି। କେତେକ ଗେଣ୍ଡୁଫୁଲ ନିର୍ଯ୍ୟାସ ତରଳ ଓ ଗୁଣ୍ଡ ଆକାରରେ ବିକ୍ରି କରିଥାନ୍ତି। ଏଭଳି ବିକ୍ରେତାଙ୍କ ତାଲିକାରେ ଭାରତ ସବୁଠୁ ଆଗରେ। ଅଧିକାଂଶ ଶସ୍ତା ଓ ସିନ୍ଥେଟିକ କାର୍ଟୋନଏଡ୍ ଡାଇ ଚାଇନାରେ ତିଆରି କରାଯାଇଥାଏ। ବୈଜ୍ଞାନିକମାନେ ୧୬ଟି ରଙ୍ଗକୁ ସୁରକ୍ଷିତ ବୋଲି କହିଛନ୍ତି, ଯେଉଁଥିରେ ରହିଛି ଫିକା ହଳଦିଆଠାରୁ ଆରମ୍ଭ କରି ଗାଢ କମଳା ରଙ୍ଗ ପର୍ଯ୍ୟନ୍ତ। ଖାଉଟିଙ୍କ ଚାହିଦାକୁ ଲକ୍ଷ୍ୟ କରି ସେମାନେ ବିଭିନ୍ନ ଦେଶରେ ଏଗୁଡ଼ିକୁ ବିକ୍ରି କରୁଛନ୍ତି।

ବଜାରରେ ଶହ ଶହ ରାସାୟନିକ ରଙ୍ଗ ମିଳୁଛି। ଏହାର ସବୁଠୁ ବଡ ବିକ୍ରେତା ହେଉଛି ବିଏଏସ୍‌ଏଫ୍। କୁକୁଡ଼ା ନିଜେ କାରୋଟିନଏଡ୍ ସୃଷ୍ଟି କରିପାରୁ ନ ଥିବାରୁ ଏହା ସେମାନଙ୍କୁ ଖାଇବାକୁ ଦିଆଯାଉଛି ବୋଲି କୁହାଯାଉଛି। କେମିକାଲଗୁଡ଼ିକୁ ଉପଯୋଗ କରିବା ଖରାପ, କିନ୍ତୁ ନିଷିଦ୍ଧ କେମିକାଲ ବ୍ୟବହାର କରିବା ସବୁଠୁ ବିପଜ୍ଜନକ। ଆଜୋ ଡାଇ ଶ୍ରେଣୀର ଅରେଞ୍ଜ–୨ କିମ୍ବା ଏସିଡ୍ ଅରେଞ୍ଜ–୭ ଡାଇ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏହି ଆଜୋ ଡାଇ କ୍ୟାନ୍‌ସରର କାରଣ ପାଲଟେ। ଖାଦ୍ୟରେ ଆଜୋ ଡାଇର ଉପଯୋଗ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲେ ବି ଏବେ ଅନେକ ଦେଶ ଖାଦ୍ୟ ଉତ୍ପାଦରେ ଏହାକୁ ବ୍ୟବହାର କରୁଛନ୍ତି। ଭାରତରେ ଖୋଲାଖୋଲି ଭାବେ ଏହା ବ୍ୟବହାର କରାଯାଉଛି। ଅରେଞ୍ଜ–୨ କାଳି, ପେପର୍, ପେଣ୍ଟ୍ କୋଟିଂ ଏବଂ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଏ। ଏହି କେମିକାଲ ଶସ୍ତା ଓ ସୁବିଧାରେ ମିଳୁଥିବାରୁ ଏବଂ ଅଣ୍ଡା ଓ କୁକୁଡାର ରଙ୍ଗ ଗାଢ ହଳଦିଆ କିମ୍ବା କମଳା କରୁଥିବା ଯୋଗୁ ଏହାକୁ ଚାଇନା ସମେତ ପୂରା ଉପମହାଦେଶରେ କୁକୁଡ଼ା ଫାର୍ମ ମାଲିକମାନେ ଦାୟିତ୍ୱହୀନ ଭାବେ ବ୍ୟବହାର କରୁଛନ୍ତି। ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ଲୁଟିନ ରଙ୍ଗର ସବୁଠୁ ଭଲ ପ୍ରଭାବ ରହିଛି। କିନ୍ତୁ ଏହାର ଦାମ୍ ଅଧିକ। ଲ୍ୟୁଟିନର କୁକୁଡା ଉପରେ କୌଣସି ନକାରାତ୍ମକ ପ୍ରଭାବ ନ ଥିବାବେଳେ ଅରେଞ୍ଜ–୨ କୁକୁଡ଼ାଙ୍କଠାରେ ବ୍ରେଷ୍ଟ ମସ୍‌ଲ ଫାଇବ୍ରୋସିସ୍ ସୃଷ୍ଟି କରେ। ଏହି ରୋଗ ପକ୍ଷୀମାନଙ୍କ ପାଇଁ କେବଳ ଯନ୍ତ୍ରଣାଦାୟକ ନୁହେଁ ବରଂ ମାଂସକୁ କତାଳିଆ କରିଦିଏ। କାନ୍ଥାକ୍ସାନ୍ଥିନ ହେଉଛି ଦ୍ୱିତୀୟ ବିକଳ୍ପ। ତାହା ମଧ୍ୟ କୁକୁଡାଠାରେ ଫାଇବ୍ରୋସିସ୍‌ର କାରଣ ହୋଇଥାଏ, କିନ୍ତୁ ଏହାର ପ୍ରକୋପ କମ୍ ରହେ। ତେବେ ଅନୁମୋଦିତ ରଙ୍ଗଗୁଡ଼ିକର ପ୍ରଭାବ ସମ୍ବନ୍ଧରେ ଜାଣିବା ଲାଗି ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି ଏକ ଅନୁଧ୍ୟାନ ପରେ ସୁପାରିସ କରାଯାଇଛି।

ଏହି ରଙ୍ଗକାରକ ପଦାର୍ଥଗୁଡ଼ିକ ପ୍ରକୃତରେ କ'ଣ କରେ ? ଏହା କୁକୁଡା ଫାର୍ମ ମାଲିକମାନଙ୍କୁ କୁକୁଡାଙ୍କୁ ଖରାପ ଖାଦ୍ୟ ଖାଇବାକୁ ଦେବା ଲାଗି ସୁଯୋଗ ଦିଏ। ଏହା ପୁଷ୍ଟିହୀନ କୁକୁଡ଼ାଙ୍କୁ କୃତ୍ରିମ ଉପାୟରେ ମୋଟା କରିବା ଏବଂ ସେମାନଙ୍କ ଚମଡା ଓ ଅଣ୍ଡାକୁ ରଙ୍ଗିନ କରି ସ୍ୱାସ୍ଥ୍ୟକର ବୋଲି ପ୍ରଦର୍ଶିତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଯଦି କୁକୁଡାଗୁଡିକ ଖୋଲା ଜାଗାରେ ବିଚରଣ କରି ଖାଦ୍ୟ ସଂଗ୍ରହ କରନ୍ତେ ତେବେ ଅଧିକ ପୁଷ୍ଟିକର ଖାଦ୍ୟ ପାଇପାରନ୍ତେ। କିନ୍ତୁ ଆପଣ ଯେତେବେଳେ ତଥାକଥିତ ଗାଢ ହଳଦିଆ କେଶର ଯୁକ୍ତ ଅଣ୍ଡା ଖାଉଛନ୍ତି ସେତେବେଳେ ନିଶ୍ଚୟ ଜାଣିବେ ଯେ ଆପଣ ହୁଏତ କ୍ୟାନ୍‌ସର ଆଡ଼କୁ ଗତି କରୁଛନ୍ତି।

Email: gandhim@nic.in

# ପରୀକ୍ଷାକବଳିତ ଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଖ୍ୟାତ ଦିବଂଗତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ 'ଶଁବାଲୁଆ'ରେ ଜଣେ ସ୍କୁଲ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିବା ଛୁଟି ଦରଖାସ୍ତରେ ଛୁଟିର କାରଣ ସ୍ୱରୂପ ଲେଖିଥିଲେ– ମୋ ସ୍ତ୍ରୀକୁ ଅପହରଣ କରାଯାଇଛି। ଦରଖାସ୍ତର ସ୍ୱରରେ ସ୍ୱର ମିଳାଇ ପ୍ରଧାନ ଶିକ୍ଷକ ପଚାରିଥିଲେ ତୁମ ସ୍ତ୍ରୀ କ'ଣ ଉଡ଼ାଜାହାଜ କି ତାଙ୍କୁ ହାଇଜାକ୍ କରାଯାଇଛି ?

ବର୍ତ୍ତମାନ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ପରୀକ୍ଷା ହାଇଜାକ୍ କରିନେଇଛି। ଅର୍ଥାତ୍ ପରୀକ୍ଷା କବଳରେ 'ଶିକ୍ଷା ବ୍ୟବସ୍ଥା'। ରାତିଦିନ ସେହି ଗୋଟିଏ କଥା। ଠିକ୍ ସମୟରେ କିପରି ପରୀକ୍ଷା ହେବ, ଫଳ ବାହାରିବ। ନିକଟରେ କୁଳପତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମଧ୍ୟ ସେ କଥା ପୁନରାବୃତ୍ତି କରି ପାଦେ ଆଗେଇ କହିଲେ, ଆଗାମୀ ବର୍ଷ ପରୀକ୍ଷା କରିବା ଓ ଫଳ ବାହାରିବାକୁ ନେଇ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ।

କୌଣସି ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ହେଉଛି ଶେଷ ପାହାଚ। ପ୍ରଥମେ ଶିକ୍ଷାନୀତି, ତା'ପରେ ସିଲାବସ, ତହିଁ ସନ୍ନିବେଶିତ ପାଠ୍ୟକ୍ରମକୁ ରୂପାୟିତ କରିବା ପାଇଁ ପାଠ୍ୟପୁସ୍ତକ, ତାକୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପଢ଼ାଇବା ପାଇଁ ଶିକ୍ଷକ ନିଯୋଜନ, ପାଠ କେମିତି ପଢ଼ାହେଲା, ଛାତ୍ରୀଛାତ୍ରମାନେ ତାକୁ କେତେ ଆତ୍ମସ୍ଥ କରି ଶ୍ରେଣୀଭିତ୍ତିକ ଦକ୍ଷତା ହାସଲ କଲେ ତାକୁ ଜାଣିବା ପାଇଁ ପରୀକ୍ଷା ଏବଂ ସର୍ବସାଧାରଣଙ୍କୁ ଏ ସବୁର ସଫଳତା ଜଣାଇବା ପାଇଁ ପରୀକ୍ଷା ଫଳ ପ୍ରକାଶନ। ଦୁଃଖର କଥା ଓଡ଼ିଶାରେ ସବାଶେଷ ପାହାଚକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଅର୍ଥାତ୍ ଘୋଡ଼ା ଆଗରେ ଘୋଡ଼ାଗାଡ଼ି ଥୋଇବା ଭଳି କାମ।

ଶିକ୍ଷା ବ୍ୟବସ୍ଥା ଯେତେବେଳେ ପରୀକ୍ଷାସର୍ବସ୍ୱ ହୋଇଯାଏ ସେତେବେଳେ ଶିକ୍ଷାଦାନ, ଶିକ୍ଷାଗ୍ରହଣ, ଛାତ୍ରୀଛାତ୍ରଙ୍କ ଶ୍ରେଣୀଭିତ୍ତିକ ଦକ୍ଷତା ମାପ, ପାଠ୍ୟପୁସ୍ତକର ଗୁଣବତ୍ତା, ଶିକ୍ଷାଦାନ ପ୍ରଣାଳୀ– ଏ ସବୁ ବିଚାର ଗୌଣ ହୋଇପଡ଼େ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସବୁ ସ୍ତରରେ ଛାତ୍ରୀଛାତ୍ରଙ୍କର ପ୍ରତ୍ୟାଶିତ ଦକ୍ଷତା ଓ ପ୍ରକୃତ ଦକ୍ଷତା ମଧ୍ୟରେ ଆକାଶ ପାତାଳ ଫରକ। ଅଷ୍ଟମ ଶ୍ରେଣୀ ପିଲାଙ୍କର ପଞ୍ଚମ ଶ୍ରେଣୀର ଦକ୍ଷତା ନ ଥିଲା ବେଳେ କଲେଜରେ ପଢୁଥିବା ଅନେକ ପିଲାଙ୍କର ନବମ ବା ଦଶମ ଶ୍ରେଣୀର ଦକ୍ଷତା ନାହିଁ।

ତେବେ ସରକାର କ'ଣ ଏ କଥା ଜାଣନ୍ତି ନାହିଁ? ବରଂ ସରକାର ଏ କଥା ଭଲକରି ଜାଣି ସର୍ବସାଧାରଣଙ୍କ ଧ୍ୟାନବିଚ୍ୟୁତ କରିବାକୁ ଆପାତ ଦୃଷ୍ଟିରୁ ଗମ୍ଭୀର ଲାଗୁଥିବା ଏକ ପ୍ରସଙ୍ଗ ନେଇ କେତେ ଚିନ୍ତାମଗ୍ନ ତାହା ପ୍ରକାଶ କରିବାକୁ ଚେଷ୍ଟା କରନ୍ତି। ଆଗରୁ ପରୀକ୍ଷା ଏକ ଋତୁକାଳୀନ ବିଷୟ ଥିଲା। ଅର୍ଥାତ୍ ମାର୍ଚ୍ଚ/ଏପ୍ରିଲ ଆସିଲେ ପରୀକ୍ଷା ଆସିଲା ବୋଲି ଜଣାପଡ଼େ ଏବଂ ତାହା ମୂଳତଃ ଏକ ଶୈକ୍ଷିକ ବିଷୟ ଥିଲା। ଶିକ୍ଷାନୁଷ୍ଠାନ, ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର, ଅଭିଭାବକମାନଙ୍କର ଏଥିରେ ସମ୍ପୃକ୍ତି ଥିଲା। ସରକାର ଏଥିପାଇଁ ବ୍ୟସ୍ତ ନ ଥିଲେ। ବିଶେଷତଃ ବିଶ୍ୱବିଦ୍ୟାଳୟସ୍ତରୀୟ ପରୀକ୍ଷା କେବେ ହେଉଥିଲା ସେ ଖବର ସରକାରଙ୍କ ପାଖରେ ନଥାଏ। ଏବେ ପରୀକ୍ଷା ଏକ 'ମହାଜାଗତିକ ଘଟଣା', ଯାହାର କିଛି ଋତୁ ନାହିଁ। ଆଡମିଶନ ସରୁ ନ ସରୁଣୁ ଆରମ୍ଭ ହୋଇଯାଏ ଚର୍ଚ୍ଚା। ପରୀକ୍ଷା କେନ୍ଦ୍ର କେଉଁଠି ହେବ, ସେଠି ସିସିଟିଭି ଲାଗିଛି କି ନାହିଁ ତା'ର ତଦାରଖ, ପ୍ରଶ୍ନପତ୍ର କେଉଁ ପ୍ରକାରେ ପ୍ରେରଣ କରାଯିବ, ଜିଲା ପ୍ରଶାସନ କେଉଁ କେଉଁ ସ୍ତରରେ ନିୟୋଜିତ ହେବେ ଏବଂ ଶେଷରେ ବିଭାଗୀୟ ସଚିବ ନୁହେଁ ସ୍ୱୟଂ ମୁଖ୍ୟ ସଚିବ ରାଜଧାନୀରେ ବୈଠକ କରି ଯୁଦ୍ଧ ମୁକାବିଲା କଲାଭଳି ତାଙ୍କର ସମସ୍ତ ସୈନ୍ୟବାହିନୀକୁ ମୁତୟନ କରିବାକୁ ସିଦ୍ଧାନ୍ତ ନିଅନ୍ତି। ଯେଉଁ ପ୍ରକାର ତତ୍ପରତା ପ୍ରକାଶ କରାଯାଏ ସେଥିରୁ ପ୍ରତୀୟମାନ ହୁଏ, ପାଠପଢ଼ା ନୁହେଁ ପରୀକ୍ଷା ସୁପରିଚାଳନା ଉପରେ ଏ ପ୍ରଦେଶର ଭାଗ୍ୟ ନିର୍ଭର କରେ। ଏହି ତଥାକଥିତ 'ସୁପରିଚାଳନା'ର ନିର୍ଯ୍ୟାସ କ'ଣ ? କିଛି ସକାରାତ୍ମକ, ଗଠନମୂଳକ କାମ କରିବା ନୁହେଁ ବରଂ କିଛି ଅନୈତିକ କାର୍ଯ୍ୟ ଯଥା ପ୍ରଶ୍ନପତ୍ର ଭାଇରାଲ ଓ କପି ରୋକିବା। ଅର୍ଥାତ୍ ଏବେ ଶିକ୍ଷା କହିଲେ ପାଠପଢ଼ା ନୁହେଁ, ପ୍ରଶ୍ନପତ୍ର ଭାଇରାଲ ହେବା ବା କପିକୁ ରୋକିବା।


କପିକରିବାର ପ୍ରବଣତା ଏବଂ ତାକୁ ରୋକିବାର ତତ୍ପରତା ପରୋକ୍ଷରେ ସୂଚାଏ ଶିକ୍ଷାଦାନ ଠିକ୍ ଚାଲୁନାହିଁ। ଭିତରେ କିଛି ନାହିଁ ବୋଲି ବାହାରେ କୋଳାହଳ। ଏହାହିଁ ଶିକ୍ଷାର ବାହ୍ୟକରଣ। ଅର୍ଥାତ୍ ଶ୍ରେଣୀ ବାହାରେ ବା ସ୍କୁଲ ବାହାରେ କ'ଣ ଘଟୁଛି ସେଥିକି ସମସ୍ତଙ୍କ ନଜର। କିନ୍ତୁ ଶ୍ରେଣୀକକ୍ଷର ଚାରିକାନ୍ଥ ଭିତରେ ପିଲାଏ କ'ଣ ପଢୁଛନ୍ତି, ଶିକ୍ଷକ କ'ଣ ପଢ଼ାଉଛନ୍ତି, ପିଲାମାନଙ୍କର ଆନୁଷ୍ଠାନିକ ଶ୍ରେଣୀଭିତ୍ତିକ ଦକ୍ଷତା ଅଛି କି ନାହିଁ, ପାଠ୍ୟପୁସ୍ତକଗୁଡ଼ିକ ଶ୍ରେଣୀ ଉପଯୋଗୀ କି ନୁହେଁ, ଶିକ୍ଷାଦାନ ପ୍ରଣାଳୀ ଓ ପାଠ୍ୟପୁସ୍ତକ ପିଲାମାନଙ୍କୁ ସ୍ୱାଧୀନ ଓ ସୃଜନଶୀଳ କରୁଛି ନା ଟ୍ୟୁଶନ–ନିର୍ଭରଶୀଳ କରୁଛି ତା'ର ଅନୁଶୀଳନ କରିବାକୁ କେହି ନାହାନ୍ତି। ଯେତିକି ମାନବସମ୍ବଳ, ଶକ୍ତି, ଅର୍ଥ, ଧ୍ୟାନ ପରୀକ୍ଷାରେ ଘଟୁଥିବା ଅନୈତିକ କାର୍ଯ୍ୟକୁ ବନ୍ଦକରିବା ପାଇଁ ନିୟୋଜିତ ହୁଏ ତାହା ଯଦି ଆରମ୍ଭରୁ ସକାରାତ୍ମକ ଭାବରେ ଶିକ୍ଷାର ବିଭିନ୍ନ ଦିଗକୁ ଏକାଡେମିକ ଅଡିଟ୍ ମାଧ୍ୟମରେ ଉପଯୋଗ କରାଯାନ୍ତା, ହୁଏ ତ ତାହା ଶିକ୍ଷାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରନ୍ତା।


ଜେଲରୋଡ଼, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

ବିନା ମାଟିରେ ଚାଷ ହେବା କଥା ଶୁଣିଛନ୍ତି କି? ଯଦି ନା, ତେବେ ଦିଲ୍ଲୀର ଯଶ୍ ବ୍ୟାସଙ୍କଠାରୁ ଶିଖନ୍ତୁ। ରାସାୟନିକ ସାର ତଥା କୀଟନାଶକ ବ୍ୟବହାର ନ କରି କେବଳ ପାଣିରେ ସ୍ମାର୍ଟ ବଗିଚାରେ ସେ ଚାଷ ଆରମ୍ଭ କରିଛନ୍ତି। ବ୍ୟସ୍ତଜୀବନରେ କମ୍ ସମୟ ଓ କମ୍ ଜାଗାରେ ବିନା ମାଟିରେ କିପରି ଘରେ ଚାଷ କରାଯାଇପାରିବ ସେଥିଲାଗି ପ୍ରୟାସ ଜାରି ରଖିଛନ୍ତି ଯଶ୍। ଏବେ ଦିଲ୍ଲୀରେ ଲୋକମାନେ ଏହାକୁ ଆପଣାଇବାରେ ଲାଗିଛନ୍ତି। ଏହି ଉପାୟରେ ଘରେ ଶାଗ ଓ ପରିବା ଚାଷ କରାଯାଉଛି। କେତେକ ଔଷଧୀୟ ତଥା ଅର୍ଥକରୀ ଗଛ ବି ଲଗାଯାଇପାରୁଛି ଏହି ପ୍ରଣାଳୀରେ। ପାରମ୍ପରିକ ଉପାୟରେ ଚାଷକରିବା ଲାଗି ଯେତିକି ପାଣି ଲାଗେ ତାହା ଅପେକ୍ଷା ଏଥିରେ ୯୦ ପ୍ରତିଶତ କମ୍ ପାଣି ଲାଗୁଛି। ୨୦୧୮ରେ 'ଆର୍ଗୋ–୨୦' ନାମକ ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହି ଚାଷକୁ ଲୋକାଭିମୁଖୀ କରିବାରେ ଲାଗିଛନ୍ତି। ଏଭଳି ଚାଷ ଲାଗି ସେ ଲୋକମାନଙ୍କୁ ଅକ୍ଟ୍ୟୁଏଟର, ମାଇକ୍ରୋ କଣ୍ଟ୍ରୋଲର ଏବଂ ସେନ୍‌ସର ଆଦି ଉପକରଣ ଯୋଗାଇ ଦେଉଛନ୍ତି। କେମିତି ଚାଷ କରାଯିବ, କେତେ ପାଣି ଓ ଆଲୋକ ଆବଶ୍ୟକ ତଥା କି ପ୍ରକାର ପୋଷକତତ୍ତ୍ୱ ଦରକାର ସେ ସମ୍ପର୍କରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସବୁ ଆବଶ୍ୟକତା ସମ୍ପର୍କରେ ମୋବାଇଲ ଆପ୍ ମାଧ୍ୟମରେ ବି ଜାଣିପାରୁଛନ୍ତି ଗୃହକର୍ତ୍ତା। ଘର ବାହାରେ ଥିଲେ ବି ଚାଷ ସମ୍ପର୍କରେ ଜାଣିବାକୁ କୌଣସି ସମସ୍ୟା ରହୁନାହିଁ ବୋଲି କହିଛନ୍ତି ଆର୍ଗୋ–୨୦ର କାର୍ଯ୍ୟନିର୍ବାହୀ ବ୍ୟାସ। ଏହି ପଦ୍ଧତିରେ ଦୁଇ ପ୍ରକାର ସ୍ମାର୍ଟ ବଗିଚା କରାଯାଉଛି। ଗୋଟିଏ ପ୍ରକାର ଛୋଟ ବଗିଚାରେ ଏକାଥରକେ ୪ଟି ଓ ଆଉ ଗୋଟିକରେ ଏକାଥରକେ ୧୨ଟି ଗଛ ଲଗାଯାଇ ପାରୁଛି। ସେ ଦୁବାଇରେ ଚାକିରି ସମୟରେ ସେଠାରେ ରହୁଥିବା ଘରେ ପ୍ରଥମେ ଏହି ଚାଷ ଆରମ୍ଭ କରିବା ପରେ ସଫଳତା ପାଇଥିଲେ। ପରେ ସେ ଭାରତ ଫେରି ଆର୍ଗୋ–୨୦ ମାଧ୍ୟମରେ ଲୋକମାନଙ୍କୁ ସାମିଲ କରିବାରେ ଲାଗିଛନ୍ତି। ବର୍ତ୍ତମାନ ଅନ୍ୟ ସହରର ଲୋକମାନେ ତାଙ୍କଠାରୁ ଏହି ଚାଷ ସମ୍ପର୍କିତ ଜ୍ଞାନକୌଶଳ ଓ ଉପକରଣ ନେବା ଲାଗି ଅର୍ଡର କରୁଛନ୍ତି।

# କରୋନା ସଂକ୍ରମଣ ଓ ସହରାଞ୍ଚଳ ପରିଚାଳନା


ଅମିତାଭ କାନ୍ତ


ରିଚା ରଶ୍ମି

ନୋଭେଲ କରୋନା ଭାଇରସ୍ (କୋଭିଡ–୧୯) ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ଏହା ବିଶ୍ୱର ୧୦୦ରୁ ଅଧିକ ରାଷ୍ଟ୍ରକୁ ପ୍ରଭାବିତ କରିସାରିଲାଣି। ଏହି ମହାମାରୀର ମୂଳୋତ୍ପାଟନ ନିମନ୍ତେ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନେ ସଚେତନ ହେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାର ପ୍ରତିଷେଧକ ଏବଂ ଉପଯୁକ୍ତ ଚିକିତ୍ସା ଉପାୟ ସୁନିଶ୍ଚିତ କରାଯିବା ଜରୁରୀ। ସୁଦୃଢ଼ ସହର ପରିଚାଳନା ଦ୍ୱାରା ଭାରତ ଏହି ରୋଗ ବିରୋଧରେ ଲଢ଼ିବା ଲାଗି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ।

ସହରୀ ଯୋଜନା ଏବଂ ମହାମାରୀ ମଧ୍ୟରେ ଥିବା ସମ୍ପର୍କର ପ୍ରମାଣ ଇତିହାସରୁ ମିଳିଥାଏ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱର କେତେକ ଆଧୁନିକ ନଗର ବ୍ୟବସ୍ଥାରେ ଜଳଯୋଗାଣ ଓ ସ୍ୱଚ୍ଛତା ଉପରେ ଆଧାରିତ ସମ୍ବଳ ବିକଶିତ କରାଯାଇଥିଲା, ଯଦ୍ୱାରା ମ୍ୟାଲେରିଆ ଓ ହଇଜା ଭଳି ମହାମାରୀର ସଫଳ ମୁକାବିଲା କରାଯାଇପାରିଥିଲା। ସେହିପରି ବିଂଶ ଶତାବ୍ଦୀରେ ସ୍ୱାଇନ ଫ୍ଲୁ'ର ମୁକାବିଲା ନିମନ୍ତେ ସହରାଞ୍ଚଳ ଆଧାରିତ ପ୍ରଶାସନିକ ଭିତ୍ତିଭୂମି ଓ ସଂସ୍ଥାଗତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସ୍ୱାଇନ ଫ୍ଲୁ ମହାମାରୀରେ ସମଗ୍ର ବିଶ୍ୱରେ ପ୍ରାୟ ୫ କୋଟି ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ।

ବର୍ତ୍ତମାନର ଦୁନିଆ ପୂର୍ବାପେକ୍ଷା ଭିନ୍ନ। ଏବେ ଆଧୁନିକ ଚିକିତ୍ସା ବିଜ୍ଞାନର ଢେର ପ୍ରଗତି ଘଟିଛି। ତେଣୁ କୋଭିଡ–୧୯ ମହାମାରୀର ସାମ୍ନା କରିବା ଲାଗି ଡିଜିଟାଲ ସମ୍ବଳର ଉପଯୋଗ କରାଯାଇପାରିବ। ବିଶ୍ୱ ଜନସଂଖ୍ୟାରେ ଇତିମଧ୍ୟରେ ପ୍ରାୟ ୪ଗୁଣ ବୃଦ୍ଧି ଘଟିଛି। ସେଥିମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଲୋକ ସହରାଞ୍ଚଳରେ ବାସ କରୁଛନ୍ତି। ଜଗତୀକରଣ କାରଣରୁ ବିଭିନ୍ନ ରାଷ୍ଟ୍ରର ଅର୍ଥବ୍ୟବସ୍ଥା ପରସ୍ପର ସହ ଜଡ଼ିତ। ଦିନକୁ ଦିନ ଦେଖାଯାଉଥିବା ନୂଆ ନୂଆ ସଂକ୍ରାମକ ରୋଗ ସହ ଲଢ଼ିବାର କୌଶଳ ଏବଂ ନୂଆ ପଦ୍ଧତିର ବିକାଶ ଦିଗରେ ସହରାଞ୍ଚଳ ପ୍ରଶାସନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଜଳଯୋଗାଣ ଓ ସ୍ୱଚ୍ଛତା କର୍ତ୍ତୃପକ୍ଷ ସହରାଞ୍ଚଳରେ ସ୍ୱଚ୍ଛତା ରକ୍ଷାକୁ ସୁନିଶ୍ଚିତ କରିବା ବାଞ୍ଛନୀୟ। ରୋଗବାହୀ ଭୂତାଣୁ ସଂକ୍ରମଣର ନିରାକରଣ ଲାଗି ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ରକ୍ଷା ଏକାନ୍ତ ଜରୁରୀ। ସମସ୍ତ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟଗୁଡ଼ିକୁ ନିୟମିତ ଭାବେ ସଫାସୁତୁରା କରାଯିବା ଦରକାର। ଏହିସବୁ ଶୌଚାଳୟରେ ହ୍ୟାଣ୍ଡୱାଶ୍ ଏବଂ ହ୍ୟାଣ୍ଡ ଟିସ୍ୟୁପେପର ଉପଲବ୍ଧ କରାଯିବା ଆବଶ୍ୟକ। ପାର୍କ, ବଜାର ଏବଂ ବିଭିନ୍ନ ଅନୁଷ୍ଠାନ ଭଳି ସାର୍ବଜନୀନ ସ୍ଥାନରେ କୌଣସି ପ୍ରକାର ଆବର୍ଜନା ନ ପକାଇବା ଏବଂ ସେସବୁର ସଫେଇ ବ୍ୟବସ୍ଥାରେ ସୁଧାର ଆଣିବା ଦରକାର। ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଅମୃତ ଭଳି ଯୋଜନାରେ ନିଆଯାଇଥିବା ପଦକ୍ଷେପ ଯୋଗୁ ଅନେକ ଭାରତୀୟ ସହର ଏଭଳି ସ୍ଥିତିର ସଫଳତାପୂର୍ବକ ମୁକାବିଲା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି।

କେରଳ କରୋନା ଭୂତାଣୁ ମାମଲାକୁ ସଫଳତାପୂର୍ବକ ଚିହ୍ନଟ କରିବା ସହ ଏହାର ମୁକାବିଲା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଚିହ୍ନଟ ରୋଗୀଙ୍କ ସଫଳ ଉପଚାର ନିମନ୍ତେ ନିଜର ଡିଜିଟାଲ ସ୍ୱାସ୍ଥ୍ୟ ସୁବିଧାର ସୁବିନିଯୋଗ କରିଚାଲିଛି। ବ୍ୟାପକ ଅଭିଯାନର ଏକ ଅଂଶ ସ୍ୱରୂପ ପାଥନମଥିଟ୍ଟା ଜିଲା ପ୍ରଶାସନ ପକ୍ଷରୁ ପୃଥକ୍ ହୋଇ ରହିଥିବା ସନ୍ଦିଗ୍ଧ ରୋଗୀଙ୍କ ମୁକ୍ତ ଗତିବିଧିକୁ ନିୟନ୍ତ୍ରଣ କରିବା ଲାଗି ଜିପିଏସ୍ ସିଷ୍ଟମ୍‌ର ଉପଯୋଗ କରୁଛି। ନୀତି ଆୟୋଗର ରିପୋର୍ଟ 'ହେଲ୍‌ଥ ସିଷ୍ଟମ୍ ଫର ଏ ନ୍ୟୁ ଇଣ୍ଡିଆ–୨୦୧୦' ଏହି ବ୍ୟବସ୍ଥାକୁ ସମର୍ଥନ କରୁଛି ଯେ ନୈଦାନିକ, ପ୍ରଶାସନିକ ଏବଂ ବିତ୍ତୀୟ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ରୂପାୟନ କରିବା ଲାଗି ଡିଜିଟାଲ ବ୍ୟବସ୍ଥାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅଣଫାର୍ମାସ୍ୟୁଟିକାଲ ହସ୍ତକ୍ଷେପ (ଏନ୍‌ପିଆଇ) ଦ୍ୱାରା ସଂକ୍ରାମକ ରୋଗକୁ ରୋକିବା ଦିଗରେ ସହାୟତା ମିଳିପାରୁଛି। ୧୯୧୮ ମସିହାରେ ସ୍ୱାଇନ୍ ଫ୍ଲୁ ମହାମାରୀ ଘଟଣାରେ ଆମେରିକାର ସେହିସବୁ ସହରରେ କମ୍ ସଂଖ୍ୟକ ଲୋକଙ୍କ ପ୍ରାଣହାନି ଘଟିଥିଲା, ଯେଉଁଠାରେ ଲୋକଙ୍କ ମଧ୍ୟରେ ସଂକ୍ରାମକ ସଂସ୍ପର୍ଶକୁ ହ୍ରାସ କରିବା ଲାଗି ପ୍ରୟାସ କରାଯାଇଥିଲା। ଅନ୍ୟପଟେ ରୋଗପ୍ରତିରୋଧକ ନୀତିନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ବିଳମ୍ବ ହୋଇଥିବା ଅନ୍ୟସବୁ ନଗରରେ ଯଥେଷ୍ଟ ଲୋକ ମୃତ୍ୟୁବରଣ କରିଥିଲେ।

ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସୂଚନା ପ୍ରସାରଣ କରାଯିବା ସେମାନଙ୍କ ଜୀବନରକ୍ଷା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ଶିଶୁମାନଙ୍କ ମଧ୍ୟରେ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ଜାଗ୍ରତ କରାଯିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା 'କିଡ୍‌ସ, ବାୟୁ ଏବଂ କରୋନା: ଏ ଲଢ଼େଇରେ ଜିତୁଛି କିଏ ?' ନାମକ ଏକ କମିକ୍ ପୁସ୍ତିକାର ଉନ୍ମୋଚନ କରାଯାଇଛି। ଏହିଭଳି କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଇ ଶିଶୁମାନଙ୍କ ମଧ୍ୟରେ ସଚେତନତା ଏବଂ ସତର୍କତା ମଧ୍ୟ ଉଦ୍ରେକ କରାଯାଇପାରିବ। ସାଧାରଣ ଜନତା ମଧ୍ୟ ସଚେତନ ହୋଇ ଏଭଳି ସଂକ୍ରାମକ ରୋଗରୁ ଦୂରେଇ ରହିବା ଲାଗି ଜାଗ୍ରତ ହୋଇପାରିବେ।

ଗୁରୁତର ଅସୁସ୍ଥଙ୍କ ଚିକିତ୍ସାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ଏବଂ ସେହିସବୁ ସୁବିଧାର ଅସ୍ଥାୟୀ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି। କୋଭିଡ–୧୯ ଭଳି ଶ୍ୱାସକ୍ରିୟା ସମ୍ବନ୍ଧିତ ସଂକ୍ରମଣ ସ୍ଥିତିରେ ଏଭଳି ଲୋକଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଧରଣର ଚିକିତ୍ସା ଉପଚାରର ଆବଶ୍ୟକତା ରହିଛି। ସେଥିରେ ବାୟୁ ସଞ୍ଚାର ରୂପରେ ଏହାର ଲକ୍ଷଣ ମିଳିଥାଏ ଏବଂ ଏହାପରେ ଅତିରିକ୍ତ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଆଣ୍ଟିବାୟୋଟିକ ଭଳି ଔଷଧର ଆବଶ୍ୟକତା ପଡ଼ିଥାଏ। କୋଭିଡ–୧୯ ସଂକ୍ରମଣ ମାମଲା ଯେଉଁଠାରେ ପ୍ରମାଣିତ ହୋଇଛି, ସେହିସବୁ ରୋଗୀଙ୍କ ଚିକିତ୍ସା ସକାଶେ କ୍ୱାରାଣ୍ଟାଇନ (ପୃଥକୀକରଣ) କେନ୍ଦ୍ର ଏବଂ ଆଇସୋଲେଶନ (ଅଲଗା ରଖି ଚିକିତ୍ସା) ସୁବିଧା ସୁଯୋଗ ଥିବା ଅସ୍ଥାୟୀ ହସ୍ପିଟାଲର ଆବଶ୍ୟକତା ରହିଛି। ଏଥିପାଇଁ ବ୍ୟବହାର କରାଯାଉଥିବା କୋଠାଘର ଏବଂ ଭବନଗୁଡ଼ିକୁ ପୂର୍ବରୁ ଚିହ୍ନଟ କରାଯିବା ଉଚିତ। ସେହିସବୁ ସ୍ଥାନଗୁଡ଼ିକର ଉପଯୁକ୍ତ କୀଟାଣୁଶୋଧନ କାର୍ଯ୍ୟ ପୂର୍ବରୁ ହିଁ ସମ୍ପାଦନ କରାଯିବା ଦରକାର।

ଆବଶ୍ୟକ ଔଷଧ ଓ ମାସ୍କ, ମେଡ଼ିକାଲ ପୋଷାକ, ହ୍ୟାଣ୍ଡୱାଶ ଏବଂ ଆଲକହଲ ଯୁକ୍ତ କୀଟାଣୁ ଶୋଧକ (ସାନିଟାଇଜର) ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନି ଓ ସଂରକ୍ଷଣ ନିୟମିତ ଭାବେ କରାଯିବା ଆବଶ୍ୟକ। ସରକାର ମାର୍ଚ୍ଚ ୧୩ ତାରିଖରେ ଆବଶ୍ୟକ ବସ୍ତୁ ଅଧିନିୟମ ଅଧୀନରେ ହ୍ୟାଣ୍ଡ ସାନିଟାଇଜର ଏବଂ ମାସ୍କକୁ ଜୁନ୍ ୩୦, ୨୦୨୦ ପର୍ଯ୍ୟନ୍ତ 'ଅତ୍ୟାବଶ୍ୟକ ସାମଗ୍ରୀ' ଭାବେ ଘୋଷଣା କରିଛନ୍ତି। ପ୍ରତ୍ୟେକ ଜିଲାରେ ସେହିସବୁ ସାମଗ୍ରୀ ଗଚ୍ଛିତ ରଖାଯିବା ଆବଶ୍ୟକ ଏବଂ ଏ କଥା ସୁନିଶ୍ଚିତ କରାଯିବା ଦରକାର ଯେ ଔଷଧାଳୟଗୁଡ଼ିକ ଯେପରି ପୂର୍ବବର୍ଣ୍ଣିତ ଅସାଧୁ ପନ୍ଥା ଅବଲମ୍ବନ ନ କରନ୍ତି। ସର୍ବସାଧାରଣ ପରିବହନ ସଂସ୍ଥାଗୁଡ଼ିକର ନିୟମିତ ଭାବେ ସଫାସୁତୁରା କରାଯିବା କାର୍ଯ୍ୟରେ କ୍ଷିପ୍ରତା ଅଣାଯିବା ଆବଶ୍ୟକ ଏବଂ ଏହିଭଳି ସଫେଇ ଅଣମୋଟରଚାଳିତ ବାହନ, ବସ୍, ରେଲୱେ, ଜାହାଜ ଭଳି ଅନ୍ୟ ସେବାରେ ମଧ୍ୟ କରାଯିବା ଆବଶ୍ୟକ। ଉତ୍ତମ ଭାବେ ପ୍ରଣୀତ ଏବଂ ପ୍ରବର୍ତ୍ତିତ ସହରାଞ୍ଚଳ ବ୍ୟବସ୍ଥା କୋଭିଡ–୧୯ ଭଳି ମହାମାରୀର ମୂଳୋତ୍ପାଟନ କରିପାରିବ।

(ଅମିତାଭ କାନ୍ତ ସମ୍ପ୍ରତି ନୀତି ଆୟୋଗର ସିଇଓ ଭାବେ କାର୍ଯ୍ୟରତ ଏବଂ ରିଚା ରଶ୍ମି ନୀତି ଆୟୋଗର ଜଣେ ଯୁବ ଅଧିକାରୀ। ଏହି ନିବନ୍ଧରେ ବ୍ୟକ୍ତ ମତାମତ ଲେଖକଙ୍କର ନିଜସ୍ୱ)

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ–ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି। (ମଧୁ–ବିବାହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | | | | | 6 | | A | | | | 5 | 1 | 9 |
| B | 4 | | 5 | | | | | | 6 | | | | | |
| | | | 3 | | | 4 | | | | | | | | E |
| | C | | 8 | | | | | | 5 | 7 | | | | |
| | | 9 | | | D | | | B | | 3 | | 0 | C | |
| | | | | | | | | | | | 5 | 7 | | 1 |
| 6 | | E | | 9 | | C | 4 | | | B | | | | |
| | | 1 | | 2 | A | 3 | | | | 0 | E | C | 4 | 6 |
| | | | | 0 | | A | 5 | | 8 | | 3 | | | |
| | D | | 4 | | 5 | E | | | | C | | 2 | | |
| | | | 9 | | | | 8 | 1 | 7 | | | | | |
| | | | | 8 | | 0 | 7 | | | | | E | 3 | D |
| | 6 | | 2 | | 7 | | E | 5 | | | 1 | 8 | 0 | |
| | | | | | | 2 | | | 0 | 4 | | | | |
| 2 | | | 1 | A | | | | | B | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | E | 7 | 4 | 8 | 9 | 5 | 3 | 6 | A | 1 | C | B | D |
| A | 6 | 5 | B | 0 | 2 | D | 8 | C | 7 | 3 | 4 | 1 | E | 9 |
| 9 | 7 | 8 | 1 | D | C | 6 | 0 | 4 | B | 5 | E | 2 | 3 | A |
| B | 4 | C | 5 | 3 | A | 2 | E | 1 | D | 8 | 9 | 7 | 6 | 0 |
| D | 1 | 3 | E | 9 | 6 | A | 7 | B | 2 | C | 0 | 8 | 4 | 5 |
| E | 0 | 7 | 2 | 8 | 1 | B | 9 | 5 | 3 | 4 | D | A | C | 6 |
| 6 | 9 | D | 4 | 5 | E | 8 | C | A | 0 | 2 | B | 3 | 7 | 1 |
| 3 | A | 1 | 0 | 6 | B | 7 | D | 2 | E | 9 | C | 5 | 8 | 4 |
| 8 | C | B | 9 | 7 | 3 | E | 4 | 6 | A | 1 | 5 | 0 | D | 2 |
| 4 | 5 | 2 | C | A | D | 1 | 3 | 0 | 8 | 6 | 7 | B | 9 | E |
| 2 | D | A | 8 | B | 5 | 0 | 6 | 7 | 9 | E | 3 | 4 | 1 | C |
| C | B | 0 | D | 2 | 4 | 3 | 1 | E | 5 | 7 | 6 | 9 | A | 8 |
| 5 | 3 | 9 | 6 | 1 | 0 | 4 | B | 8 | C | D | A | E | 2 | 7 |
| 7 | 8 | 4 | 3 | E | 9 | C | A | D | 1 | 0 | 2 | 6 | 5 | B |
| 1 | E | 6 | A | C | 7 | 5 | 2 | 9 | 4 | B | 8 | D | 0 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଜବ ଶୁଣନ୍ତୁ ନାହିଁ

ମହାଶୟ,

ଦିନକୁ ଦିନ ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହାର ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ କୌଣସି ଉପଯୁକ୍ତ ଔଷଧ ବାହାରି ନ ଥିବାବେଳେ କରୋନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଗୁଜବ ସୃଷ୍ଟି କରାଯାଉଛି। କରୋନା ଭାଇରସ ଆକ୍ରମଣ ନ କରିବା ପାଇଁ ଲୋକମାନେ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ଓ ପ୍ରଚାରିତ ହେଉଥିବା ଗୁଜବକୁ କାନ ନ ଦିଅନ୍ତୁ। କେବଳ ସରକାରୀ ସଚେତନତା ବିଜ୍ଞାପନକୁ ବିଶ୍ୱାସ କରନ୍ତୁ।

ଡଲଫିନ ପ୍ରଧାନ, ସାମ୍ବାଦିକତା ଗଣମାଧ୍ୟମ ଛାତ୍ରୀ,
ଅମିତ କଲେଜ, ଭୁବନେଶ୍ୱର

### ଓବିସିଙ୍କୁ ନେଇ ରାଜନୀତି ନ ହେଉ

ଓଡ଼ିଶାରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଏବେ ବିରୋଧୀ ଦଳ ତରଫରୁ ଦାବି ଜୋର୍ ଧରିଛି। ବର୍ତ୍ତମାନ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସେମାନଙ୍କ ସଂଖ୍ୟା ଆଧାରରେ ୩୮.୭୫% ସଂରକ୍ଷଣ ସୁବିଧା ମିଳୁଥିବା ବେଳେ ଓବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ମିଳୁଛି। ଅବଶ୍ୟ ପୂର୍ବରୁ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ସୁବିଧା ମିଳୁଥିଲା। ମାତ୍ର ଓଡ଼ିଶା ହାଇକୋର୍ଟଙ୍କ ରାୟ ଆଧାରରେ ଏହାକୁ ୧୧.୨୫%କୁ ହ୍ରାସ କରାଯାଇଛି। ଏହାଛଡ଼ା ସମସ୍ତ ପ୍ରକାର ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ ପୂର୍ବରୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଣୁ ଓଡ଼ିଶା ସରକାର ଓବିସିଙ୍କ ପାଇଁ ଦେଉଥିବା ୧୧.୨୫% ସଂରକ୍ଷଣ ସୁବିଧା ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଯଥାର୍ଥ ଓ ବୈଧ। ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଯେଉଁ ଦାବି ହେଉଛି ତାହା ବିଚାରଯୋଗ୍ୟ ହୋଇପାରିବ କେବଳ ଏହା ସପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ସବୁଜ ସଙ୍କେତ ମିଳିଲେ। ଏଣୁ ଓଡ଼ିଶା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବି ଅନ୍ତତଃ ବର୍ତ୍ତମାନ ପାଇଁ ଯଥାର୍ଥ ନୁହେଁ। ଓବିସିଙ୍କୁ ନେଇ ରାଜନୀତି ନ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିର୍ଜୀବ ନନ୍ଦନକାନନ

(ଉପେନ୍ଦ୍ର ରାଉତ)
ବଅଁରପାଳ,୧୮।୩

- ଲୋକଙ୍କ ମନରେ ସୃଷ୍ଟି କରୁଛି ଜୀବେ ଦୟା ଭାବ
- କୁକୁଡ଼ାଙ୍ଗ ଗ୍ରାମବାସୀଙ୍କ ଅଭିନବ ପ୍ରଚେଷ୍ଟା
- ରହିଛି ଶତାଧିକ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି

ହ୍ରାସ ପାଉଛି ଜଙ୍ଗଲ। ଲୋପ ପାଉଛନ୍ତି ବିଭିନ୍ନ ଜୀବଜନ୍ତୁ, ସରୀସୃପ। ତେଣୁ ଜୀବ ପ୍ରତି ଦୟାଭାବ ଓ ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁକୁଡାଙ୍ଗ ଗ୍ରାମରେ ରହିଛି ନିର୍ଜୀବ ନନ୍ଦନକାନନ। ଦୀର୍ଘ ୩୬ ବର୍ଷ ତଳେ ଗ୍ରାମବାସୀ ନେଇଥିବା ଏହି ଅଭିନବ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

୧୯୮୪ ମସିହାରେ ବଅଁରପାଳ ବ୍ଲକ କୁକୁଡାଙ୍ଗ ଗ୍ରାମର ଯେଉଁଠାରେ ଏହି ନିର୍ଜୀବ ନନ୍ଦନକାନନ ନିର୍ମାଣ କରାଯାଇଥିଲା ପୂର୍ବରୁ ତାହା ଏକ ପରିତ୍ୟକ୍ତ ପାହାଡ଼ ଥିଲା। ବଡ଼ ବଡ଼ ପଥର ସହ ଲଟାବୁଦାରେ ପରିପୂର୍ଣ୍ଣ ଯୋଗୁ ଦିନରେ ବି ଉକ୍ତ ସ୍ଥାନ ଲୋକଙ୍କ ପାଇଁ ଅଗମ୍ୟ ଥିଲା। ତେବେ ନିକଟରେ ମା' ମଙ୍ଗଳାଙ୍କ ପୀଠସ୍ଥଳୀ ଥିବାରୁ ଉକ୍ତ ପାହାଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଦିଷ୍ଟ ଯୋଜନା କରିବା ପରେ ଉକ୍ତ ପାହାଡ଼ରେ ତେନ୍ତୁଳି, କରଞ୍ଜ ଓ ଆଙ୍କୁଲା ଆଦି ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ପରେ ଧୀରେ ଧୀରେ ଲୋପ ପାଇଯାଉଥିବା ବନ୍ୟଜନ୍ତୁଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ସେଠାରେ ଏକ ନିର୍ଜୀବ ନନ୍ଦନକାନନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତାରେ ଶିଳ୍ପୀ ରାମଚନ୍ଦ୍ର ସାହୁ (୪୨) ବିନା ପାରିଶ୍ରମିକରେ ଉକ୍ତ ପାହାଡ଼ର ବଡ଼ ବଡ଼ ପଥର ଉପରେ ଡାଇନୋସର, ଜିରାଫ୍, ବଣମଣିଷ, ବାଘ, ହାତୀ, ଘୋଡ଼ା, ଭାଲୁ, ଗୟଳ, ଓଟ,ସିଂହ, ମାଙ୍କଡ଼, ସରୀସୃପ ଓ ବିଭିନ୍ନ ଜାତିର ପକ୍ଷୀଙ୍କ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରିଥିଲେ। ଅଧିକ ପ୍ରଚାର ପ୍ରସାର ହୋଇପାରି ନ ଥିଲେ ମଧ୍ୟ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଜିଲା ଓ ଜିଲା ବାହାରୁ ଅନେକ ଲୋକ ଉକ୍ତ ନିର୍ଜୀବ ନନ୍ଦନକାନନ ଦେଖିବାକୁ ଆସୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଅର୍ଥ ଅଭାବରୁ ଉକ୍ତ ସ୍ଥାନର ଉନ୍ନତୀକରଣ ହୋଇପାରୁ ନାହିଁ। ବିଶେଷକରି ଆଗନ୍ତୁକଙ୍କ ପାଇଁ ପାନୀୟ ଜଳ, ରାତିରେ ଆଲୋକ ବ୍ୟବସ୍ଥା ଓ ଗମନାଗମନର ଭଲ ସୁବିଧା ନାହିଁ। କୁକୁଡ଼ାଙ୍ଗ ଗ୍ରାମବାସୀ ବିନୋଦ ଶତପଥୀ କହିଛନ୍ତି ଯେ, ନିର୍ଜୀବ ନନ୍ଦନକାନନ ଗ୍ରାମବାସୀଙ୍କ ସଚେତନତାର ପରିଚୟ ଦେଉଛି। ଏଥିପ୍ରତି ଜିଲା ପ୍ରଶାସନ, ନାଲ୍‌କୋ, ଏମ୍‌ସିଏଲ୍ ଓ ଏଫ୍‌ସିଆଇ କର୍ତ୍ତୃପକ୍ଷ ଯଦି ସାହାଯ୍ୟ ଓ ସହଯୋଗର ହାତ ବଢ଼ାନ୍ତେ ତା'ହେଲେ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ ହୋଇପାରନ୍ତା।


ପଥରରେ ନିର୍ମିତ ବଣମଣିଷ, ଡାଇନୋସର।


ବିଭିନ୍ନ ସରୀସୃପ, ପକ୍ଷୀ।

### ଉନ୍ନତୀକରଣ ଆବଶ୍ୟକ



"ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। କିନ୍ତୁ ଏଠାରେ ବିଦ୍ୟୁତ୍, ପାନୀୟଜଳ ସହ ଭଲ ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହାର ଉନ୍ନତୀକରଣ ସହ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଦରକାର। ପ୍ରଶାସନ ନିକଟରେ ଏଥିପାଇଁ ଖୁବ୍‌ଶୀଘ୍ର ଦାବି କରାଯିବ।

-ପ୍ରତାପ ସେନାପତି, ସରପଞ୍ଚ, କୁକୁଡ଼ାଙ୍ଗ

## ପିଲାଙ୍କୁ କେମିତି ଯୋଗାଉଛ ମଧ୍ୟାହ୍ନଭୋଜନ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ

**କରୋନା ପାଇଁ ସ୍କୁଲ ବନ୍ଦ**

ଭୁବନେଶ୍ୱର,୧୮।୩(ବ୍ୟୁରୋ): କରୋନା(କୋଭିଡ-୧୯) ଭୂତାଣୁ ଯେପରି ସଂକ୍ରମଣ ନ ହେବ ପ୍ରତିକାର ସ୍ୱରୂପ ରାଜ୍ୟ ସରକାର ରାଜ୍ୟର ସମସ୍ତ ସ୍କୁଲଗୁଡିକୁ ବନ୍ଦ ଘୋଷଣା କରିଛନ୍ତି। ତେବେ ଏହି ସମୟରେ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ମିଳୁ ନାହିଁ। ବନ୍ଦ ହୋଇଥିବା ସ୍କୁଲଗୁଡିକର ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦେବାକୁ ରାଜ୍ୟ ସରକାର କି ବ୍ୟବସ୍ଥା କରିଛନ୍ତି, ସେ ନେଇ ଆସନ୍ତା ସପ୍ତାହକ ମଧ୍ୟରେ ଜଣାଇବାକୁ ସୁପ୍ରିମକୋର୍ଟ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜଆଡୁ ପିଲାମାନଙ୍କ ମଧ୍ୟାହ୍ନଭୋଜନ ମାମଲା ଉପରେ ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ମାମଲା ଲଢୁଥିବା ଆଇନଜୀବୀ ଶିବଶଙ୍କର ମିଶ୍ର ସୁପ୍ରିମକୋର୍ଟଙ୍କ ନୋଟିସ ଗ୍ରହଣ କରିବା ସହ ଆସନ୍ତା ସପ୍ତାହରେ ଏ ନେଇ ଜବାବ ଦାଖଲ କରିବେ ବୋଲି ଜଣାପଡିଛି। ଏହି ରୋଗ ଯେପରି ନ ବ୍ୟାପିବ ସେ ନେଇ ରାଜ୍ୟ ସରକାର ସମସ୍ତ ସ୍କୁଲକୁ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ଘୋଷଣା କରିଛନ୍ତି। କେରଳ ସରକାର ମଧ୍ୟାହ୍ନଭୋଜନ ପିଲାମାନଙ୍କ ଘରେ ଦେବାର ବ୍ୟବସ୍ଥା କରିଛନ୍ତି। ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଜରିଆରେ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ସ୍କୁଲ ବନ୍ଦ ସତ୍ତ୍ୱେ ମଧ୍ୟାହ୍ନ ଭୋଜନ ଘରେ ଯୋଗାଇ ଦିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଘୋଷଣା କରିଛନ୍ତି।

## ଦୁଇଦିନରେ ଅଣ୍ଡା ଦେଲେ ୧୧୦ ଅଲିଭ୍‌ରିଡ୍‌ଲେ

ଗଞ୍ଜାମ,୧୮।୩(ଡି.ଏନ.ଏ.)

ପୁରୁଣାବନ୍ଧ ନିକଟସ୍ଥ ଋଷିକୁଲ୍ୟା ମୁହାଣରେ ଗତ ଫେବୃୟାରୀ ପ୍ରଥମ ସପ୍ତାହରୁ ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୫ କଇଁଛ ଅଣ୍ଡାଦାନ କରିଥିଲେ। ଗଣ ଅଣ୍ଡାଦାନ ଆରମ୍ଭ ହୋଇ ନ ଥିବାରୁ ପ୍ରୟାଗୀସ୍ଥିତ ହାଚେରୀରେ ଅଣ୍ଡାଗୁଡିକ ସଂଗ୍ରହ କରି ରଖାଯାଇଛି। ସେବେଠାରୁ ପ୍ରତିଦିନ କାଁ ଭାଁ ୩ କିମ୍ବା ୪ କଇଁଛ ଅଣ୍ଡାଦାନ କରୁଥିଲେ। ମଙ୍ଗଳବାର ୫୪ ଓ ବୁଧବାର ୫୬ କଇଁଛ ଅଣ୍ଡାଦାନ କରିଥିବା ରମ୍ଭା ବନଖଣ୍ଡ ଅଧିକାରୀ ସୋମନାଥ ମଲିକ କହିଛନ୍ତି। ଦୁଇଦିନରେ ମୋଟ ୧୧୦ କଇଁଛ ଅଣ୍ଡାଦାନ କରିଛନ୍ତି। ବୁଧବାର କଇଁଛଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ଜିଲା ବନଖଣ୍ଡ ଅଧିକାରୀ, ରମ୍ଭା ବନାଞ୍ଚଳ ଅଧିକାରୀ ମଲିକ ଓ ଅନ୍ୟାନ୍ୟ କର୍ମଚାରୀ ସମୁଦ୍ର ମଧ୍ୟକୁ ସ୍ପିଡ ବୋଟରେ ଯାଇ ଅନୁଧ୍ୟାନ କରିଛନ୍ତି। ଏଥିପାଇଁ ଋଷିକୁଲ୍ୟା ମୁହାଣରେ କଡ଼ା ସୁରକ୍ଷା ବ୍ୟବସ୍ଥା ଜାରି କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅଣ୍ଡାଦାନ ସମୟରେ ସମ୍ପୃକ୍ତ ଅଞ୍ଚଳରେ ମାଛଧରା ବାରଣ କରାଯାଇଛି। ପାଗ ଅନୁକୂଳ ନଥିବା ଏବଂ ବେଳାଭୂମି ଅବକ୍ଷୟ ଯୋଗୁ ଗଣ ଅଣ୍ଡାଦାନ ହେଉ ନ ଥିବା ପରିବେଶବିତ୍‌ମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଅମ୍ଲାନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଗଣ ଅଣ୍ଡାଦାନ ପ୍ରକ୍ରିୟା ଆଶା ଦୃଢୀଭୂତ ହୋଇଛି। ଗୋଟିଏ କଇଁଛ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଣ୍ଡା ଦେଉଛନ୍ତି। ଦକ୍ଷିଣା ପବନ ବହିବା ଧୀରେଧୀରେ ଆରମ୍ଭ ହେଲାଣି।

## ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

ତାଳଚେର,୧୮।୩(ନି.ପ୍ର.)

ଏକ ବଳାତ୍କାର ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମଙ୍ଗଳବାର ଖମାର ଉପଖଣ୍ଡ ବଡ଼ଗୁଣ୍ଡୁ ଗ୍ରାମର ସାଲୁକା ବାଇପେଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟେ ସ୍ଥଳେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ବିବରଣୀରୁ ପ୍ରକାଶ, ୧୬।୩।୨୦୧୬ରେ ସାଲୁକାଙ୍କ ନାମରେ ଏକ ବଳାତ୍କାର ଅଭିଯୋଗ ହୋଇଥିଲା। ଏ ନେଇ ଖମାର ଥାନାରେ ନଂ. ୨୦/୧୬ରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ନିର୍ମଳ କୁମାର ତ୍ରିପାଠୀ ଓ ନରେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ।

# ଧରାପଡ଼ିଲେ ୬ ସହରୀ, ଭୂତ ବିସ୍ଥାପିତ

ବଲାଙ୍ଗୀର ଅଫିସ, ୧୮।୩

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- କ୍ୟାମ୍ପ କୋର୍ଟରେ ଚିହ୍ନଟ କଲେ ପୁନର୍ବାସ ଓ ଥଇଥାନ ଅଧିକାରୀ
- ମିଳିବ ନାହିଁ ପ୍ରକଳ୍ପ କ୍ଷତିପୂରଣ, ଥଇଥାନ ସହାୟତା
- ପ୍ରଶାସନ ପକ୍ଷରୁ ଆରମ୍ଭ ହେଲା ମିଶନ୍ କ୍ଲିନ୍ ଅଭିଯାନ

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଇତିହାସରେ ପ୍ରଥମ ଘଟଣା ଭାବେ ପ୍ରକଳ୍ପ ପ୍ରଭାବିତ ବିଜାପାଟି ଗାଁରେ ୬ଜଣ ସହରୀ ଓ ଭୂତ ବିସ୍ଥାପିତ ଧରାପଡିଛନ୍ତି। ୨୦୧୩ ଭୂମି ଅଧିଗ୍ରହଣ ଆଇନ ୧୧(୧)ର ଧାରା ସମ୍ପତ୍ତି ସର୍ଭେ ବେଳେ ଏହି ବିସ୍ଥାପିତମାନେ ଧରାପଡିଛନ୍ତି। ସେମାନେ ହେଲେ ରାଜ୍ୟ ବାହାରର ଟି. ଭେଙ୍କଟେଶ୍ୱରାଲୁ, ବଲାଙ୍ଗୀରର ନୀଳାଦ୍ରି ବିହାରୀ ଯୋଶୀ, ବାହାର ଜିଲାର ରାମଅବତାର ପ୍ରସାଦ ଗୁପ୍ତା, ସୁଶାନ୍ତ ମାଝି, ଯଦୁ ଧରୁଆ ଓ ପାଟଣାଗଡ଼ ଅଞ୍ଚଳର ଜଗଦୀଶ ସା। ବିସ୍ଥାପିତମାନେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ବଣ୍ଟନ କରାଯିବାକୁ ଥିବା ଲକ୍ଷାଧିକ ଟଙ୍କାର ଥଇଥାନ ଓ କ୍ଷତିପୂରଣ ହାତେଇବା ଉଦ୍ଦେଶ୍ୟରେ ବିଜାପାଟି ଗାଁରେ ଅଳ୍ପ ପରିମାଣର ଜମି କିଣି ନାମକୁ ମାତ୍ର ଘର କରିଥିବା ସର୍ଭେ ବେଳେ ଜଣାପଡିଥିଲା। ଫଳରେ ବିଜାପାଟି ଗାଁରେ କ୍ୟାମ୍ପ କୋର୍ଟ କରି ପୁନର୍ବାସ ଓ ଥଇଥାନ ଅଧିକାରୀ ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଏହି ସମସ୍ତ ୬ ସହରୀ ଓ ଭୂତ ବିସ୍ଥାପିତଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏମାନେ ଆଗକୁ ପ୍ରକଳ୍ପରୁ କୌଣସି ପ୍ରକାର କ୍ଷତିପୂରଣ ଓ ଥଇଥାନ ରାଶି ପାଇବେ ନାହିଁ ବୋଲି କୁହାଯାଇଛି। ପ୍ରକଳ୍ପ ପ୍ରଭାବିତ ଅନ୍ୟ ଗାଁରେ ମଧ୍ୟ ଏହି ଅଭିଯାନକୁ ତ୍ୱରାନ୍ୱିତ କରି ଏଭଳି ସହରୀ ଓ ଭୂତ ବିସ୍ଥାପିତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସମସ୍ତ ମସୁଧା ପଣ୍ଡ କରାଯିବ ବୋଲି ଉପଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସରକାରଙ୍କ ରାଜକୋଷକୁ ଲୁଟିବାକୁ ଚାହୁଁଥିବା ଓ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ବିବାଦୀୟ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଏଭଳି କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ପରେ ପ୍ରକଳ୍ପର ଅସଲି ବିସ୍ଥାପିତମାନେ ପ୍ରକୃତ ନ୍ୟାୟ ପାଇବେ ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ବାଟ ଫିଟିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରାୟ ୨୦ ବର୍ଷ ପରେ ସୁକତେଲ ପ୍ରକଳ୍ପ ଇତିହାସରେ ଏଭଳି ସହରୀ ଓ ଭୂତ ବିସ୍ଥାପିତ ଚିହ୍ନଟ ହେବା ପ୍ରଥମ ଘଟଣା ହୋଇଥିବାରୁ ଏହା ରାଜ୍ୟର ଅନ୍ୟ ପ୍ରକଳ୍ପଗୁଡିକ ପାଇଁ ମଧ୍ୟ ଉଦାହରଣ ହେବ ବୋଲି କୁହାଯାଉଛି।

ଦୀର୍ଘ ବର୍ଷ ପରେ ବିଜାପାଟି ଗାଁରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍‌ର ୧୧ (୧) ଧାରାରେ ସମ୍ପତ୍ତି ସର୍ଭେ ଆରମ୍ଭ କରାଯାଇଛି। ଏହି ସର୍ଭେ ବେଳେ ସର୍ଭେ ଟିମ୍ ବିଜାପାଟି ଭଳି ୧ ୱାର୍ଡ ବିଶିଷ୍ଟ ଛୋଟ ଗାଁରେ ବହୁ ସଂଖ୍ୟକ ଜମି କିଣାବିକା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସର୍ଭେ ବେଳେ ଗ୍ରାମବାସୀ ସହରୀ ବିସ୍ଥାପିତଙ୍କ ଭୂତ ଘରଗୁଡିକୁ ଚିହ୍ନଟ କରିଥିଲେ। ଏନେଇ ସର୍ଭେ ଟିମ୍ ପୁନର୍ବାସ ଓ ଥଇଥାନ୍ ଅଧିକାରୀ ମିଶ୍ରଙ୍କୁ ସୂଚନା ଦେଇଥିଲେ। ପରେ ଗାଁରେ କ୍ୟାମ୍ପ କୋର୍ଟ କରାଯାଇ ପୁନର୍ବାସ ଅଧିକାରୀ ମିଶ୍ର ତଦନ୍ତ କରିଥିଲେ। ତଦନ୍ତ ବେଳେ ଉପରୋକ୍ତ ୬ ଜଣଙ୍କ ନାମକୁ ମାତ୍ର ଘର ରହିଥିଲ। ସେଠାରେ କାହାରି ଚୁଲି ଜଳୁ ନ ଥିଲା। ଉକ୍ତ ଘର ସବୁ ବ୍ୟବହାର କରାଯାଉ ନ ଥିବା ଜଣାପଡିଥିଲା। ଗାଁ ଲୋକଙ୍କ ଉପସ୍ଥିତି ଓ ବୟାନ ରେକର୍ଡ କରାଯାଇ ସେମାନଙ୍କ ସମସ୍ତ ତଥ୍ୟ ସଂଗ୍ରହ ପରେ ସେମାନଙ୍କୁ ବିଜାପାଟି ଗାଁର ମୂଳ ବିସ୍ଥାପିତଙ୍କ ଥଇଥାନ୍ ଓ କ୍ଷତିପୂରଣ ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଉପରୋକ୍ତ ୬ ଜଣ ଆଉ ପ୍ରକଳ୍ପ ବିସ୍ଥାପନ ସମ୍ବନ୍ଧୀୟ କୌଣସି କ୍ଷତିପୂରଣ ଓ ଥଇଥାନ ପ୍ୟାକେଜ ପାଇବେ ନାହିଁ। ସେମାନେ କେବଳ କିଣିଥିବା ଜମିର ମୂଲ୍ୟ ପାଇବେ ବୋଲି ସୂଚନା ଦିଆଯାଇଛି। ଏହି ଘଟଣା ପ୍ରକଳ୍ପ ପ୍ରଭାବିତ ଅନ୍ୟ ଗାଁର ଶତାଧିକ ସହରୀ ଓ ଭୂତ ବିସ୍ଥାପିତଙ୍କ ପାଇଁ ଚଡକ ସଦୃଶ ହୋଇଥିବା ଚର୍ଚ୍ଚାର ବିଷୟ ହେଉଛି।

**OFFICE OF THE DISTRICT MAGISTRATE AND COLLECTOR, SAMBALPUR**

No.2680 /Estt. Dt.17.03.2020

**ADVERTISEMENT FOR RE-ENGAGEMENT OF THE RETIRED REVENUE INSPECTOR/AMIN**

Applications in prescribed form are invited from eligible retired Revenue Inspector/ Amins for contractual re-engagement for filling up of the vacant Revenue Inspector/Amin in Minor Mineral Enforcement Cells in Sambalpur District. The detailed information regarding the recruitment process are available in the Sambalpur District Official Website www.sambalpur.nic.in vide Advertisement No.2669 /Estt. Dated 17.03.2020

By order of the Collector

**ପୂର୍ବ ତଟ ରେଳପଥ**

**କୋରାପୁଟ ରେଲୱେ କଲୋନୀର ସ୍ୱଚ୍ଛତା ଏବଂ ସଫେଇ**

ଟେଣ୍ଡର ସଂ.eT-CMSWAT-KRPU-01-2020

କାର୍ଯ୍ୟର ନାମ: ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 02 ବର୍ଷ (730 ଦିନ) ସମୟାବଧି ନିମନ୍ତେ HI/ କୋରାପୁଟ ପରିସୀମା ଅଧୀନସ୍ଥ ସଡ଼କ, ପ୍ରବେଶ ପଥ ଏବଂ ଖୋଲା ଏରିଆର ସଫେଇ ଏବଂ ଡ୍ରାଇ ସୁଇପିଙ୍ଗ୍ (Dry Sweeping), ଡ୍ରେନ୍‌ଗୁଡ଼ିକରୁ ପଙ୍କ ଉଠାଳିବା (De-silting), ଅବରୋଧ ନର୍ଦ୍ଦମା ପାଣି ଲାଇନ୍ (Sewer line Chokings)ର ସଫେଇ, ପଶୁ ଶବ (Animal Carcass)ଗୁଡ଼ିକର ଅପସାରଣ ଏବଂ ଆବର୍ଜନା ସଂଗ୍ରହ ତଥା ତାହାକୁ ଡଷ୍ଟବିନ୍‌ରେ ପକାଇବା ଏବଂ କୋରାପୁଟ କଲୋନୀର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକର ପରିବେଶ ତଥା ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ନିମନ୍ତେ ଯାନ୍ତ୍ରିକ, ଇନ୍ଧନ, ଉପକରଣ ଏବଂ ସାମଗ୍ରୀଗୁଡ଼ିକ ଇତ୍ୟାଦି ସହିତ ଶ୍ରମିକ, ଟ୍ରକ୍ ବ୍ୟବହାର ଦ୍ୱାରା ପୁନର୍ବାର ସେଗୁଡ଼ିକୁ ଦୈନିକ ଭିତ୍ତିରେ କୋରାପୁଟ ନଗରପାଳିକାର ମନୋନୀତ ଅଳିଆ ଖାତରେ(Dumping Ground) ଅପସାରଣ କରିବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 49,46,090.88, EMD (ଟଙ୍କାରେ): 98,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି:730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ: ତା.20.03.2020ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.04.2020ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ(H&FW)/ ୱାଲ୍ଟିୟର

PR-796/K/19-20

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ भारतीय स्टेट बैंक State Bank of India

ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ନକଟିଗୁଡ଼ା, ଭବାନୀପାଟଣା, କଳାହାଣ୍ଡି–୭୬୬୦୦୧
क्षेत्रीय व्यवसाय कार्यालय, नकटिगुडा, भवानीपाटना, कलाहाण्डि-७६६००१
REGIONAL BUSINESS OFFICE, NAKTIGUDA, BHAWANIPATNA, KALAHANDI-766001

| ଫୋନ୍ ଫାକ୍ସ/दूरभाष फेक्स/Tel Fax | କୋଡ୍ ନଂ./कोड नं/Code No. | ଇ–ମେଲ/ई.मेल/E-mail |
|---|---|---|
| 06670-232992, 231975 | 9528 | agmr4.zober@sbi.co.in |

ପ୍ରାପ୍ତେଷୁ,

ଶ୍ରୀ ରତ୍ନାକର ପ୍ରଧାନ, PF ID-6847811
ପିତା– ବୀର ପ୍ରଧାନ
ଗ୍ରାମ– ବୋଡ଼ିମୁଣ୍ଡି, ଭାୟା– ଟିକାବାଲି, ଜିଲ୍ଲା– କନ୍ଧମାଳ–୭୬୨୦୧୦

ମହାଶୟ,

ଆପଣ ତା୦୪।୦୭।୨୦୧୮ରିଖଠାରୁ ଅଦ୍ୟାବଧି (୯୦ ଦିନରୁ ଅଧିକ ସମୟ) ନିଜ ଦାୟିତ୍ୱରେ ଛୁଟି ଅନୁମୋଦନ ବିନା ଅନୁପସ୍ଥିତ ଥିବା ଆମ କ୍ଷେତ୍ରୀୟ କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଅଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ଏ ବିଷୟରେ Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଚିଠି ସଂଖ୍ୟା– ୨୧୮ ଦିନାଙ୍କ ୨୫।୧୧।୨୦୧୯ ଓ ଚିଠି ସଂଖ୍ୟା–୨୩୫ ଦିନାଙ୍କ ୨୮।୦୧।୨୦୨୦ରେ ଆପଣଙ୍କୁ ପତ୍ର ବିନିମୟରେ ଉକ୍ତ ବିଷୟରେ ଅବଗତ କରିଛନ୍ତି। ଏହା ସତ୍ତ୍ୱେ ଆପଣ ଚିଠି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିନାହାନ୍ତି।

Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଆପଣ ଉକ୍ତ ପତ୍ରର ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣ ଦିନାଙ୍କ ୨୧।୦୨।୨୦୨୦ରୁ ସ୍ୱେଚ୍ଛାକୃତ ଭାବେ ନିଜ ପଦ ଛାଡ଼ିଥିବା ବୋଲି ବିଚାର କରାଯିବା ସହ ବ୍ୟାଙ୍କ ପଞ୍ଜିକାରୁ ଆପଣଙ୍କ ନାମକୁ ହଟାଇ ଦିଆଯାଇଅଛି।

ଏହି ପତ୍ର ପ୍ରାପ୍ତିର ୧୫ ଦିନ ମଧ୍ୟରେ ଆପଣ ନିଜର ୩୦ ଦିନର ଦରମା ତଥା ଭତ୍ତା (allowance) ବ୍ୟାଙ୍କରେ ଜମା କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଏଥିରୁ ବିଚ୍ୟୁତ ହେଲେ ବ୍ୟାଙ୍କ ଆପଣଙ୍କ ବିରୁଦ୍ଧରେ କେସ୍ ଫାଇଲ୍ କରିବା ସହ ରାଇଟ୍ ଟୁ ସେଟ୍ ଅଫ୍ (right to set off) ଆଇନ୍ ଅଧୀନରେ ଆପଣଙ୍କ ବକେୟା ପାଉଣାରୁ ଏହି ରାଶି ସିଧାସଳଖ କାଟିବା ପାଇଁ ବାଧ୍ୟ ହେବ।

ସ୍ୱା./– (Appointing Authority), ଭବଦୀୟ, କ୍ଷେତ୍ରୀୟ ପ୍ରବନ୍ଧକ

## ଜିଲା ଚିଠି
### ସମ୍ବଲପୁର



### ହକି ଟର୍ଫ

ରାଜ୍ୟ ସରକାର ହକି ଖେଳାଳିମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରେ ମିନି ଷ୍ଟାଡିୟମ ଓ ଖେଳ ପଡିଆ ଉନ୍ନତୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯାଇ ସେଠାରେ ହକି ଟର୍ଫ ପକାଇବାକୁ ସ୍ଥିର କରାଯାଇଥିଲା। ଯାହା ଜିଲାରେ ହକି ଖେଳାଳିଙ୍କ ପାଇଁ ଖୁସିର ଖବର ଥିଲା। ଜିଲାର ଅଧିକାଂଶ ହକି ଖେଳାଳି ଯୁଯୁମୁରା ବ୍ଲକରୁ ଆସିଛନ୍ତି। ସେଠାରେ ପଡିଆ ଓ ଗମନାଗମନ ସୁବିଧା ରହିଛି। ଆବଶ୍ୟକ ପଡିଲେ ଆଗାମୀ ଦିନରେ ସେଠାରେ ଟୁର୍ନାମେଣ୍ଟର ଆୟୋଜନ କରିହେବ। ସେଥିପାଇଁ ଯୁଯୁମୁରା ହାଇସ୍କୁଲ ପଡିଆରେ ଏକ ମିନିଷ୍ଟାଡିୟମ ନିର୍ମାଣ କରି ଟର୍ଫ ପକାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲାପାଳ ସମର୍ଥ ବର୍ମା ଓ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ଏଥିପାଇଁ ଉଦ୍ୟମ କରିଥିଲେ। ୨୦୧୮ରେ ହକି ବିଶ୍ୱ କପ୍ ରାଜ୍ୟରେ ଆୟୋଜନ କରାଯାଇଥିଲା। ସେତେବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଗୋଟିଏ ହକି ଟର୍ଫ ସମ୍ବଲପୁର ଜିଲାକୁ ଅଣାଯାଇଥିଲା। ହେଲେ ପ୍ରାୟ ୧ ବର୍ଷ ହେଲା ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ତାହା ପଡିରହିଛି। ଖରା,ବର୍ଷାରେ ଏହି ଟର୍ଫ ନଷ୍ଟ ହେବାକୁ ବସିଲାଣି। ଏଣେ ସ୍କୁଲ ପଡ଼ିଆରେ ମିନି ଷ୍ଟାଡିୟମ କାମ ଧୀମେଇ ଚାଲିଛି। ସରକାରଙ୍କ ପକ୍ଷରୁ ଏହି ଷ୍ଟାଡିୟମ ପାଇଁ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ସେହି ଟଙ୍କାରେ ସ୍କୁଲ ପଡିଆରେ ମାଟି ପକାଯାଇ ସମତୁଲ କରାଯିବା ସହ ଚାରିପାଖରେ ପ୍ରାଚୀର ନିର୍ମାଣ ହେବ। ଗ୍ୟାଲେରି ନିର୍ମାଣ ସହିତ ଲାଇଟ ବ୍ୟବସ୍ଥା କରାଯିବା ପରେ ହକି ଟର୍ଫ ପକାଯିବ। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ କ୍ରୀଡାପ୍ରେମୀମାନେ ଦାବି କରିଛନ୍ତି। ସମ୍ବଲପୁର ଜିଲାରୁ ଅନେକ ହକି ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି। ନୂଆ ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଏଠାରେ ମଧ୍ୟ ଏକ ଉନ୍ନତ ହକି ଷ୍ଟାଡିୟମ ନିର୍ମାଣ ଉପରେ ସମସ୍ତ ଗୁରୁତ୍ୱାରୋପ କରିଛନ୍ତି।

– ଶୁଭାଶିଷ ପାଢ଼ୀ

## ମାସେ ପର୍ଯ୍ୟନ୍ତ ଜନ ଆନ୍ଦୋଳନ ବନ୍ଦ କଲା ଭାଜପା

ଭୁବନେଶ୍ୱର,୧୮।୩(ବ୍ୟୁରୋ):

କରୋନା ଲାଗି ବିଧାନସଭା ବନ୍ଦକୁ ବିରୋଧ କରୁଥିବା ଭାଜପା ଏବେ ଏହି ମହାମାରୀ ରୋଗକୁ ଦୃଷ୍ଟିରେ ରଖି ଦଳର ସବୁ କାର୍ଯ୍ୟକ୍ରମ ଆସନ୍ତା ଏକ ମାସ ପର୍ଯ୍ୟନ୍ତ ବନ୍ଦ କରିବାକୁ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦୀୟ ଦଳ ବୈଠକରେ କରୋନା ଯୋଗୁ ସମସ୍ତ ଏମ୍‌ପିମାନଙ୍କୁ ନିଜ ନିଜ କ୍ଷେତ୍ରରେ ଜନ ଆନ୍ଦୋଳନ ନ କରିବା ପାଇଁ କହିବାସହ ସଚେତନତା କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହାସହ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶରେ ଦଳ ପକ୍ଷରୁ କୌଣସି ପ୍ରକାରର ଜନଆନ୍ଦୋଳନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବ ନାହିଁ । ସେହିପରି ଓଡ଼ିଶାରେ ସାମୂହିକ ଭାବେ ଭାଜପା ପକ୍ଷରୁ କୌଣସି ପ୍ରକାରର ଜନ ଆନ୍ଦୋଳନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ ଆଦି କରାଯିବ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ଏକ ଭିଡିଓ ଜରିଆରେ ସମୀର କହିଛନ୍ତି ଯେ, ଏହି ନିଷ୍ପତ୍ତିକୁ ସମସ୍ତ ଜିଲା, ବ୍ଲକ ଏବଂ ମଣ୍ଡଳସ୍ତରରେ ଲାଗୁ କରାଯିବ । ଦଳର ସବୁ କାର୍ଯ୍ୟକର୍ତ୍ତା ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିବା ସହ କରୋନା ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ କରିବେ । ଆମେ ସମସ୍ତେ ସର୍ତକ ରହି ସ୍ୱଚ୍ଛତାକୁ ଅବଲମ୍ବନ କରି କରୋନାକୁ ଦୂର କରିବାର ସଂକଳ୍ପ ନେବା ବୋଲି ସେ କହିଛନ୍ତି । ଏହି ଭୂତାଣୁର ସଂକ୍ରମଣ ରୋକିବାକୁ ସବୁ କାର୍ଯ୍ୟକର୍ତ୍ତାମାନେ ବୁଥସ୍ତର ପର୍ଯ୍ୟନ୍ତ ଜନଜାଗରଣ ଅଭିଯାନ କରିବେ। ଲିଫ୍‌ଲେଟ୍ ଏବଂ ବ୍ୟାନର ମାଧ୍ୟମରେ କରୋନା ସମ୍ପର୍କରେ ଅବଗତ କରାଇବେ। ପ୍ରଦେଶ, ଜିଲା ଏବଂ ମଣ୍ଡଳସ୍ତର ପର୍ଯ୍ୟନ୍ତ ପଦାଧିକାରୀମାନେ, ଟିମ୍ ଗଢି କାର୍ଯ୍ୟ–ଯୋଜନା ପ୍ରସ୍ତୁତ କରିବେ ଓ ଜନଜାଗରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଚେଷ୍ଟା କରିବେ। ସେହିପରି ଭୟାବହ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କଂଗ୍ରେସ ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବାତିଲ୍ କରିଛି। ସମସ୍ତ କଂଗ୍ରେସ କର୍ମୀ ସଠିକ ସଚେତନତା ଜନମାନସରେ ପ୍ରଚାର କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପରାମର୍ଶ ଦେଇଛି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-29-19

କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,49,86,794.46, EMD (ଟଙ୍କାରେ): 2,74,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-30-19

କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,86,65,027.52, EMD (ଟଙ୍କାରେ): 2,43,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.03.04.2020 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ଼

PR-795/K/19-20

**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

Application for the post of Assistant Managers Grade-II, Banking Assistants Grade-II & System Managers in District Central Cooperative Banks (DCCBs) functioning in the State of Odisha is hereby invited online through the link available in the website https://ibpsonline.ibps.in/rscosocjan20 from the resident of the State of Odisha and the applicant intends to apply should indicate the names of the DCCBs in order of preference (Minimum one & Maximum three). Examination for each post shall be held separately through online test.

**Tentative Schedule of Events:**

| Sl. No. | Events | Tentative Dates |
|---|---|---|
| 1. | Online Registration | 20.03.2020 to 15.04.2020 |
| 2. | Payment of Application Fees | 20.03.2020 to 15.04.2020 |
| 3. | Download of call letters for examination | Will be intimated later |
| 4. | Online Examination | Preliminary examination during May 2020 & Main examination during May 2020 & June 2020. |

**Examination Fees/Intimation Charges :**

| Sl. No. | Category of candidates | Fees |
|---|---|---|
| 1. | Each category of post for UR & SEBC candidates | Rs.1000/- |
| 2. | Each category of post for SC/ST candidates | Rs.600/- |

The eligibility criteria for the posts for Assistant Manager Grade-II, Banking Assistant Grade-II & System Manager and all other details are available in the above website. The candidates may download the details, carefully go through the same and apply for the posts on the basis of their eligibility within the dates specified for online registration alongwith online payment of application fees shown in the portal. The links for the purpose will be available on the specified dates.

Sd./- Registrar
Cooperative Societies, Odisha

## ସଂକ୍ଷେପରେ

### ୯ କେରଳ ଫେରନ୍ତା ଯୁବକ ଲଜ୍‌ରୁ ଠାବ

ରାୟଗଡା ଅଫିସ, ୧୮।୩-ରାୟଗଡ଼ା ଜିଲା କାଶୀପୁର ବ୍ଲକର ୯ ଜଣ କେରଳ ଫେରନ୍ତା ଯୁବକଙ୍କୁ ରାୟଗଡାର ଏକ ଲଜ୍‌ରୁ ଠାବ କରାଯାଇଛି । କରୋନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗଠିତ ହୋଇଥିବା ଏକ ସ୍କ୍ୱାର୍ଡ଼ ଟିମ ସମ୍ପୃକ୍ତ ଲଜ୍ ଉପରେ ଚଢ଼ାଉ କରି ସେମାନଙ୍କୁ ଅଣାଯାଇ ସ୍କ୍ରିନିଂ କରାଯାଉଛି । ସେମାନଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କରୋନା ୱାର୍ଡରେ ରଖିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି । ସମସ୍ତେ କେରଳରେ ବିଭିନ୍ନ ହୋଟେଲରେ କାମ କରୁଥିଲେ । ଏହି ସ୍କ୍ୱାର୍ଡ଼ ବୁଧବାର ସହରରେ ଥିବା ବିଭିନ୍ନ ହୋଟେଲ ଓ ଲଜ୍‌ରେ ଚଢ଼ାଉ କରିଛନ୍ତି ।

### କରୋନା ପାଇଁ ସଚେତନ କରୁଛନ୍ତି ଡାକ୍ତରୀ ଟିମ୍

ମାଥିଲି/ଗୋବିନ୍ଦପାଲି, ୧୮।୩ (ଡି.ଏନ.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ଅଞ୍ଚଳର ବିଭିନ୍ନ ଆଦିବାସୀପଡ଼ା ଗ୍ରାମରେ ବୁଧବାର ଡାକ୍ତରୀଦଳ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ଆଦିବାସୀ ଗ୍ରାମଗୁଡ଼ିକରେ ଘରକୁ ଘର ବୁଲି କରୋନାକୁ ଭୟ ନ କରି ସଚେତନ ଓ ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି। ମାଥିଲି ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମୀୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଏପରି ସଚେତନ କରୁଛନ୍ତି। ସରପଞ୍ଚ ଗୌରୀ ବଟେ ମଧ ଡାକ୍ତରୀ ଦଳଙ୍କ ସହ ଉପରସାହି, ଦେଉଳସାହି, ପୋଷ୍ଟଅଫିସ ସାହି, ହାଟପଦାସାହି ବୁଲି ଲୋକଙ୍କୁ ବୁଝାଉଥିବା ଦେଖିବାକୁ ମିଳୁଛି। ହାତ ସାବୁନରେ ଧୋଇବା, କୌଣସି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି।

### ୩ ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡଲାଇନ

କାଲିମେଲା,୧୮।୩(ଡି.ଏନ.ଏ.): ଗୋଟିଏ ଦିନରେ ୩ଟି ବାଲ୍ୟବିବାହକୁ ବନ୍ଦ କରିଛି ଚାଇଲ୍ଡ ଲାଇନ। ମାଲକାନଗିରି ଜିଲା କାଲିମେଲା ବ୍ଲକରେ ଏପରି ଘଟଣା ଦେଖିବାକୁ ମିଳିଛି । ଖବରରୁ ଜଣାପଡିଛି କୋଇମେଟଲା ପଞ୍ଚାୟତର ଏମଭି-୬୭ ଗ୍ରାମର ସଞ୍ଜୟ ବାରିକଙ୍କ ପୁଅ ସୁରଜ ବାରିକ ଗୁମୁକା ପଞ୍ଚାୟତର ଏମପିଭି-୧୪ ଗ୍ରାମର ଜଣେ ୧୪ ବର୍ଷର ନାବାଳିକାଙ୍କୁ ବିବାହ କରିବା ଲାଗି ଘରୁ ଲୁଚି ପଳାଇଥିଲେ। ଚାଇଲ୍ଡ ଲାଇନ ଟିମ ଏହି ଖବର ପାଇ ସେମାନଙ୍କୁ ଠାବ କରି ଏହି ବିବାହକୁ ବନ୍ଦ କରିଛନ୍ତି। ମାନ୍ଦାପାଲି ପଞ୍ଚାୟତ ପୁଲିମେଟଲା ଗ୍ରାମର ଭୀମା କବାସୀଙ୍କ ପୁଅ ସନ୍ତୋଷ କବାସୀଙ୍କ ସହ ମାଲକାନଗିରି ଥାନା ଅନ୍ତର୍ଗତ ମାରିୱାଡା ଗ୍ରାମର ଜଣେ ୧୬ ବର୍ଷର ନାବାଳିକାଙ୍କ ସହିତ ବୁଧବାର ପୋଟେରୁସ୍ଥିତ ନରନାରାୟଣ ଆଶ୍ରମରେ ବିବାହ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ଏନେଇ ସମସ୍ତ ପ୍ରସ୍ତୁତି ସରିଥିଲା। ଆଦିବାସୀ ରୀତିନୀତି ଅନୁଯାୟୀ ଝିଅ ପୁଅ ଘରକୁ ଆସିଥିଲା । ତେବେ ଝିଅର ବୟସ ହୋଇ ନ ଥିବାରୁ କେହି ଜଣେ ଚଇଲ୍ଡ ଲାଇନ ହେଲ୍ପ ଲାଇନକୁ ସୂଚନା ଦେଇଥିଲେ । ପରେ କାଲିମେଲା ଚାଇଲ୍ଡ ଲାଇନ ଟିମ ସହ ସ୍ଥାନୀୟ ସୁପରଭାଇଜର ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ଏହି ବିବାହକୁ ବନ୍ଦ କରାଯାଇଛି । ବିବାହ କରୁଥିବା ପୁଅ ଜଣକ ମାନ୍ଦାପାଲି ପଞ୍ଚାୟତର ସରପଞ୍ଚ ସବିତା କବାସୀଙ୍କ ଦିଅର ବୋଲି ଜଣାପଡିଛି । ସେହିପରି ଭୁବନପାଲି ପଞ୍ଚାୟତର ଏମପିଭି-୯୬ ଗ୍ରାମର ଶରତ ବେପାରୀଙ୍କ ପୁଅ ଅମିତ ବେପାରୀ ମହାରାଜପାଲି ପଞ୍ଚାୟତ ଏମପିଭି-୮୧ ଗ୍ରାମର ଜଣେ ୧୬ ବର୍ଷ ନାବାଳିକା(୧୬)ଙ୍କୁ ବିବାହ କରିବା ଲାଗି ଫେରାର ହୋଇଯାଇଥିଲେ। ସେଠାରେ ମଧ ଚାଇଲ୍ଡ ଲାଇନ ଖବର ପାଇ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ମାଆବାପାଙ୍କୁ ହସ୍ତାନ୍ତର କରିଛି ।

### ନଦୀରେ ବୁଡି ଜଣେ ମୃତ

ନବରଙ୍ଗପୁର,୧୮।୩(ବି.ପ୍ର): ନବରଙ୍ଗପୁର ସଦର ବ୍ଲକରେ ଥିବା ଚିକିଲି ନଦୀରେ ବୁଧବାର ଜଣେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଚିକିଲି ନଦୀରେ ଜଣେ ଗାଧୋଉଥିବା ବେଳେ ବୁଡିଯିବାରୁ ଚିତ୍କାର କରିଥିଲେ। ସ୍ଥାନୀୟ ମକା କ୍ଷେତରେ କାମ କରୁଥିବା ଲୋକମାନେ ଚିତ୍କାର ଶୁଣି ପହଞ୍ଚିଥିଲେ। କିନ୍ତୁ ଯୁବକ ଜଣକୁ ନଦୀରୁ ଉଦ୍ଧାର କରି ପାରି ନ ଥିଲେ। ପରେ ଖବର ପାଇ ଦମକଳ ବାହିନୀ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆଣିଥିଲେ।

# ୪ ପଞ୍ଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୧୮।୩ (ଡି.ଏନ୍.ଏ.)




ମାଲକାନଗିରିରେ ବାହାରିଥିବା କରୋନା ସଚେତନତା ଶୋଭାଯାତ୍ରା।

- ପରିବା ଚାଷୀ ଗଲେନି ହାଟକୁ
- ଡାକବାଜି ଯନ୍ତ୍ରରେ ଖବରଦାତା କଲେ ସଚେତନ
- ମାଟାପାକା ପଞ୍ଚାୟତରେ ହେଲା ସଚେତନତା ସଭା

କରୋନା ଏବେ ସାରା ବିଶ୍ୱ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଶ୍ୱରେ କରୋନା ପୀଡିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଆମ ଦେଶ ଏବଂ ରାଜ୍ୟରେ କରୋନାକୁ ରୋକିବା, ଏହି ରୋଗ ସମ୍ପର୍କରେ ଜାଣିବା, ରୋଗ ନ ହେବା ପାଇଁ କି ପଦକ୍ଷେପ ସବୁ ନିଆଯାଇପାରିବ ସେଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ କଟକଣା ଲଗାଇଛନ୍ତି। ବିଦ୍ୟାଳୟଗୁଡ଼ିକ ଛୁଟି କରିବା, ପରୀକ୍ଷା ବାତିଲ କରିବା, ସଭାସମିତି ନ କରିବା, ଜନଗହଳି ସୃଷ୍ଟି ନ କରିବା, ବିଭିନ୍ନ ଯାନବାହନରେ ଯାତାୟାତ କରୁଥିବା ବ୍ୟକ୍ତିଙ୍କ ସୁରକ୍ଷା, ରାଜ୍ୟବାହାରୁ ଆସୁଥିବା ବ୍ୟକ୍ତିଙ୍କ ଡାକ୍ତରୀ ପରୀକ୍ଷା ସମ୍ପର୍କରେ ପଦକ୍ଷେପ ମାନ ନିଆଯାଉଛି। ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ମଧ ଅନେକ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଭଳି ଜଙ୍ଗଲବହୁଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ବନବାସୀମାନେ ଏହି ରୋଗ ସମ୍ପର୍କରେ ପ୍ରାୟତଃ ଅନଭିଜ୍ଞ । ସେମାନେ କିପରି ରୋଗ ବିଷୟରେ ଜାଣିବେ, ସତର୍କତା ଅବଲମ୍ବନ କରିବେ ସେଥିପାଇଁ ବୁଧବାର ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା, ମାଲକାନଗିରି ଥାନା ଆଇଆଇସି ଓ ପୋଲିସ କର୍ମଚାରୀ, ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ ଓ କର୍ମଚାରୀ ଶିଖପାଲି ସାପ୍ତାହିକ ହାଟକୁ ଯାଇ ସରପଞ୍ଚ ମୁକେ ମାଡ଼ିଙ୍କ ସହଯୋଗରେ ହାଟକୁ ଆସିଥିବା ଲୋକମାନଙ୍କୁ ସଚେତନ କରିଥିଲେ। ହାଟ ମଧ୍ୟରେ ଗହଳି ନ କରିବା ପାଇଁ ପରାମର୍ଶ ଦେଇଥିଲେ । ପନିପରିବା ବିକ୍ରେତା ଚାଷୀମାନେ ହାଟକୁ ନ ଆସି ନିଜ ପନିପରିବା ବିଭିନ୍ନ ଅଞ୍ଚଳର ଛକ ଜାଗାମାନଙ୍କରେ ବିକ୍ରି କରିଛନ୍ତି। ଖବରଦାତାମାନେ ଡାକବାଜି ଯନ୍ତ୍ର ଓ ଫ୍ଲାକ କାର୍ଡ ମଧ୍ୟମରେ କରୋନା ରୋଗର ଲକ୍ଷଣ ଓ ଏହି ରୋଗ ଶରୀରକୁ ପ୍ରବେଶ ନ କରିବା ପାଇଁ କି ପଦକ୍ଷେପ ନିଆଯାଇପାରିବ ସେନେଇ ବାର୍ତ୍ତା ଦେଇଥିଲେ। ପରେ ଖବରଦାତାମାନେ ଏକ ବାଇକ୍ ଶୋଭାଯାତ୍ରାରେ ସିଙ୍ଗରାଜଖଣ୍ଡା, ନାମଗୋଣ୍ଡା, ମାଟାପାକା ପଞ୍ଚାୟତ ସଦର ମହକୁମାଠାରେ ସଚେତନତା ସଭା କରି ମହିଳା ପୁରୁଷମାନଙ୍କୁ କରୋନା ରୋଗ ସମ୍ପର୍କରେ ସଚେତନ କରିଥିଲେ। ମାଟାପାକା ସରପଞ୍ଚ ବିନାୟକ ମାଡକାମିଙ୍କ ସହ ବିଭିନ୍ନ ଗ୍ରାମର ମହିଳା ପୁରୁଷମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପରେ ଶୋଭାଯାତ୍ରା କତାମାଟେରୁ, ଆକରପାଲି, କୋୟାଗିରି ଗ୍ରାମରେ ପ୍ରଚାର କରି ନିଲିଗୁଡା ପଞ୍ଚାୟତର ଧରମପାଲି, ନିଲିଗୁଡା, ପୁରୁଣା ନିଲିଗୁଡା, ନୂଆଗୁଡା, ଉସ୍କାଲବାଘ ଆଦି ଗ୍ରାମ ପରିକ୍ରମା କରି ବିଭିନ୍ନ ଗ୍ରାମରେ ପ୍ରଚାରପତ୍ର ବଣ୍ଟାଯାଇଥିଲା। ନିଲିଗୁଡା ସରପଞ୍ଚ ବୁଦ୍ରା କାର୍ତ୍ତାମି, ପଡିଆ କନିଷ୍ଠ ଯନ୍ତ୍ରୀ, ନିଲିଗୁଡା ଆର୍‌ଆଇ, ବିଭିନ୍ନ ଗ୍ରାମର ୱାର୍ଡମେମ୍ବର ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଗୋରାଖଣ୍ଡା ସରପଞ୍ଚ ଏରା ପଡିଆମିଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ସମ୍ପୂର୍ଣ୍ଣବାର୍ତ୍ତା ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୮।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ପାଲାମ ଗ୍ରାମରେ ୟୁନିସେଫ ସହାୟତାରେ ପରିବର୍ତ୍ତନ ଅନୁଷ୍ଠାନ ଦାରା ପରିଚାଳିତ ସମ୍ପୂର୍ଣ୍ଣବାର୍ତ୍ତା ପକ୍ଷରୁ କରୋନା ଭୂତାଣୁ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ସଂଯୋଜିକା ଶୁଭସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ମହିଳା ସ୍ୱାସ୍ଥ୍ୟକର୍ମୀ ସାଗତିକା ନାୟକଙ୍କ ସହଯୋଗରେ ପାଲାମ ଗ୍ରାମରେ ଘର ଘର ବୁଲି କରୋନା ଭୂତାଣୁ ସମ୍ପର୍କରେ ସଚେତନ କରାଯାଇଥିଲା। ହାତଧୁଆର ୬ଟି କୌଶଳ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଆଖି, ନାକ ଏବଂ କାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଗ୍ରାମକୁ ଫେରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବା, ସେମାନେ ଗ୍ରାମକୁ ଫେରିଲେ ପରୀକ୍ଷା କରାଇବା, ଜଣେ ବ୍ୟକ୍ତିଠାରୁ ଆଉ ଜଣେ ବ୍ୟକ୍ତି ୨ ମିଟର ଦୂରରେ ଥାଇ କଥାବାର୍ତ୍ତା ହେବା, କାଶ, ଛିଙ୍କ ସମୟରେ ନାକରେ ରୁମାଲ ଦେବା, ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ନ ପକାଇବା, ବାହାରକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା, ଖାଇବା ପୂର୍ବରୁ ହାତ ଓ ମୁହଁ ସାବୁନରେ ଭଲ ଭାବେ ଧୋଇବା, କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ଗ୍ରାମଗୁଡ଼ିକର ପ୍ରତି ଘରେ ଲୋକଙ୍କୁ ସଚେତନ କରାଯିବ ବୋଲି ସଂଯୋଜିକା ବେହେରା କହିଥିଲେ। ସମ୍ପୂର୍ଣ୍ଣବାର୍ତ୍ତାର ଲକ୍ଷ୍ମଣ ମୁଦୁଲି ପରିଚାଳନା କରିଥିଲେ।



ନଳକୂପ ନିକଟରେ ମହିଳାମାନେ ହାତ ଧୋଇ ସଚେତନ କରୁଛନ୍ତି।

### ୫ ବାଂଲାଦେଶ ଫେରନ୍ତାଙ୍କ ହେଲା ମେଡିକାଲ ଯାଞ୍ଚ



କୋରୁକୋଣ୍ଡା,୧୮।୩(ଡି.ଏନ.ଏ)

କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅନ୍ତର୍ଗତ ଏମଭି-୧୦୪ ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ବିଦେଶ ଯାଇ ଫେରିଥିବାରୁ ସେମାନଙ୍କୁ ସନ୍ଦେହରେ ମେଡିକାଲ ପରୀକ୍ଷା କରାଯାଇଛି। ଗତ ଦୁଇ ମାସ ତଳେ ଏହି ପରିବାର ବାଂଲାଦେଶକୁ ଯାଇଥିଲେ। ଗତ ୩ ଦିନ ତଳେ ସେମାନେ ନିଜ ଗ୍ରାମକୁ ଫେରିଥିଲେ। ସରକାରଙ୍କ ନିୟମାବଳୀ ଅନୁଯାୟୀ ସେମାନେ ଚିକିତ୍ସାଳୟ ଆସି ପରୀକ୍ଷା କରିଛନ୍ତି। ବୁଧବାର ସେମାନେ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନାମ ପଞ୍ଜୀକରଣ କରାଇବା ସହ ନିଜ ନିଜର ସ୍କ୍ରିନିଂ ଟେଷ୍ଟ କରାଇଥିଲେ । ଖବର ପାଇ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଏ ସମ୍ପର୍କରେ ବିଡିଓ ଦାଶରଥି ସରାବୁ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବାଶିଷ ନାୟକଙ୍କୁ ଖବର ଦେଇଥିଲେ। ଚିକିତ୍ସାଳୟ ପକ୍ଷରୁ ଉକ୍ତ ପରିବାରକୁ ନିଜ ଘରେ ୧୫ ଦିନ ପାଇଁ ଆଇସୋଲେଟେଡ ହୋଇ ରହିବା ପାଇଁ କୁହାଯାଇଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର ।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ । ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଲିମେଳାରେ କରୋନା ସମୀକ୍ଷା କଲେ ଜିଲାପାଳ



ଜିଲାପାଳ କରୋନା ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କୋରୁକୋଣ୍ଡା, ୧୮।୩(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ଏନଏସିରେ ବୁଧବାର କରୋନା ସ୍ଥିତି ସମୀକ୍ଷା କରିଛନ୍ତି ଜିଲାପାଳ ମନୀଷ ଅଗ୍ରୱାଲ। ବାଲିମେଳା ନଗରସ୍ଥିତ କଲ୍ୟାଣମଣ୍ଡପଠାରେ ହୋଇଥିବା ଆଇସୋଲେଟେଡ ରୁମ ଜିଲାପାଳ ବୁଲି ଦେଖିଥିଲେ। ରୁମ୍ ଚାରି ପାଖରେ ଥିବା ଅଳିଆ ଆବର୍ଜନା ତୁରନ୍ତ ସଫା କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଓଏଚପିସି ଅତିଥି ଭବନ, ୟୁଜିଏମଇ ସ୍କୁଲ ଏବଂ ଶିଶୁ ମନ୍ଦିରକୁ ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ କରି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କଲ୍ୟାଣମଣ୍ଡପରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ଏବଂ ବାଲିମେଳା ସହରକୁ ଡିଡିଟି ସ୍ପ୍ରେ କରି ସଫାସୁତୁରା ରଖିବାକୁ ପରାମର୍ଶ ଦେଇଥିଲେ। ପରେ ସେ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାକାର ସ୍ଥିତି ପରଖିଥିଲେ। ସେଠାରେ ଅଳିଆ ଆବର୍ଜନା ପଡି ରହିଥିବା ଏବଂ ଲୋକ ଗହଳି ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶକୁ ସଫାସୁତୁରା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସେ ଡାକ୍ତରଖାନାକୁ ଆସିଥିବା ରୋଗୀଙ୍କ ମଧ୍ୟରେ ଦୂରତା ବଜାୟ ରଖିବା ପାଇଁ କହିଥିଲେ। ଏହି ପରିଦର୍ଶନ ସମୟରେ ପରିମଳ ବିଶେଷଜ୍ଞ ବିବେକାନନ୍ଦ ସାହୁ, କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ବେହେରା ଉପସ୍ଥିତ ଥିଲେ। ସେଠାରୁ ଜିଲାପାଳ ତାରଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଇସୋଲେଟେଡ ରୁମର ପ୍ରସ୍ତୁତି ସମୀକ୍ଷା କରିଥିଲେ।

# ରାସ୍ତାରେ ଗୋରୁ ପଲ ଦୁର୍ଘଟଣାର କାରଣ

ଏମଭି ୭୯,୧୮।୩(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ମୁଖ୍ୟ ରାସ୍ତା ଗୋରୁଙ୍କ ଚରାଭୂଇଁ ପାଲଟିଛି। ପଲପଲ ଗୋରୁ ରାସ୍ତା ଉପରେ ବୁଲୁଛନ୍ତି। ଫଳରେ ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଛି। କେବଳ ଏହି ମୁଖ୍ୟ ରାସ୍ତା ନୁହେଁ ଗ୍ରାମଗୁଡ଼ିକର କେତେକ ମୁଖ୍ୟ ସ୍ଥାନରେ ମଧ ଗୋରୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ରାସ୍ତାରୁ ଗୋରୁ ହଟାଇବା ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
- ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନାବାଳିକା ବିବାହ ରୋକିଲା ପ୍ରଶାସନ

ପାପଡାହାଣ୍ଡି/ ମଇଦଲପୁର, ୧୮।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଡୁମରିପଡାର ଠାରେ ବୁଧବାର ପ୍ରଶାସନ ତରଫରୁ ଏକ ନାବାଳିକା ବିବାହ ରୋକାଯାଇଛି । ବୁଧବାର ଡୁମରିପଡ଼ାର ଏକ ଯୁବକ ସହ ନିକଟସ୍ଥ ପକନାଗୁଡା ଗ୍ରାମର ଏକ ନାବାଳିକା ସହ ବିବାହ ହୋଇଥିଲା। ପ୍ରଶାସନ ପହଞ୍ଚି ଉଭୟ ପରିବାରଙ୍କୁ ବୁଝାଇବା ସହ ଝିଅକୁ ତାଙ୍କ ଘର ପୋକନାଗୁଡା ପଠାଇଦିଆ ଯାଇଥିଲା | ୧୮ ବର୍ଷ ପରେ ହି ଝିଅକୁ ଆଣିବେ ବୋଲି ଲିଖିତ ପତ୍ର ଅଣାଯାଇଥିଲା |

### ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସମ୍ମିଳନୀ ସ୍ଥଗିତ

ନବରଙ୍ଗପୁର,୧୮।୩(ବି.ପ୍ର.)- ଓଡିଶା ରାଜସ୍ୱ ଅମଲା ସଂଘର ଏପ୍ରିଲ ୭ ଓ ୮ ତାରିଖରେ ଢେଙ୍କାନାଳଠାରେ ଚତୁର୍ଥ ତ୍ରୟବାର୍ଷିକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିଲା । ବିଶ୍ୱ ମହାମାରୀ କରୋନା ଭାଇରସ ମୁକାବିଲା ପାଇଁ ଓଡିଶା ସରକାରଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି ବୋଲି ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡ଼ା,୧୮।୩(ଡି.ଏନ୍.ଏ.) କୋଷାଗୁମୁଡ଼ାରୁ ନବରଙ୍ଗପୁର ଯିବା ମୁଖ୍ୟ ରାସ୍ତା ମାଝିଗୁଡ଼ା ଆଦର୍ଶ ବିଦ୍ୟାଳୟ ଛକଠାରେ ବୁଧବାର ସକାଳେ ବାଇକ୍ ଦୁର୍ଘଟଣାରେ ଯୁବକଙ୍କର ମୃତ ହୋଇଛି । ମୃତକ ଜଣକ ହେଲେ ବିଏମ୍‌ସେମଳା ପଞ୍ଚାୟତର ଦାଢ଼ିଆବାଝିଗୁଡା ଗ୍ରାମର ଅର୍ଜୁନ ଭତ୍ରା ।ସମ୍ପର୍କୀୟଙ୍କ ମୃତ୍ୟୁ ଖବର ଶୁଣି ଅର୍ଜୁନ ଆଉଁଳି ଗ୍ରାମକୁ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ବାଟରେ ଯାଉଥିବା ଲୋକମାନେ ଗୁରୁତର ଅବସ୍ଥାରେ ଅର୍ଜୁନ ପଡିଥିବା ଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ଆମ୍ବୁଲାନ୍ସରେ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ନେବା ପାଇଁ ଗାଡିରେ ଭର୍ତ୍ତି କରାଯିବା ବେଳେ ମୃତ୍ୟୁ ଘଟିଥିଲା । ଏ ନେଇ କୋଷାଗୁମୁଡ଼ା ଥାନାରେ ନଂ ୪୨/୨୦ ମାମଲା ରୁଜୁ କରାଯାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଗଞ୍ଜେଇ ସହ ୨ ବାଇକ୍ ଜବତ, ଦୁଇ ଗିରଫ

ବାଲିଗୁଡା,୧୮।୩(ଡି.ଏନ୍.ଏ.)- ବାଲିଗୁଡା ଟାଉନ ପୋଲିସ ପକ୍ଷରୁ ଦଣ୍ଡପଦର ନିକଟରେ ଯାନବାହନ ଚେକିଂ ଚାଲିଥିଲା। ଏସ୍‌ଆଇ ରବୀନ୍ଦ୍ର ମୁଣ୍ଡାରୀ ପୋଲିସ ଟିମ୍ ସହ ଚେକିଂ କରୁଥିବାବେଳେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଦୁଇ ବାଇକକୁ ଜବତ କରିବା ସହ ୧୧ କେଜି ୭ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି । ଗିରଫ ଦୁଇଜଣ ହେଲେ ନୟାଗଡ ଜିଲା ଶରଣକୁଳର ଗୋଲକ ବିହାରୀ ରାଉତ ଓ ଦଣ୍ଡୁ ଜେନା। ନଂ.୪୯/୨୦ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

### ସୁନା ଅଳଙ୍କାର ସହ ୭୦ ହଜାର ଟଙ୍କା ନେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୧୮।୩(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ମାଗୁରପଡ଼ା ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କ ଘରୁ ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାୟ ୧୨ ଭରିର ସୁନା ଅଳଙ୍କାର ଓ ୬୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିମନ୍ୟୁ ରାତିରେ ଖାଇ ସାରି ପରିବାରର ସହ ଶୋଇଥିଲେ। ମଧରାତିରେ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ଆଲମିରାରେ ଥିବା ସୁନା ଅଳଙ୍କାର, ମୂଲ୍ୟବାନ ଶାଢ଼ୀ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଜଣେ ଦୁର୍ବୃତ୍ତ ଅଭିମନ୍ୟୁଙ୍କ ଝିଅର ବେକରୁ ସୁନା ଚେନ ଲୁଟି ନେବାକୁ ଚେଷ୍ଟା କରିବା ବେଳେ ସେ ନିଦରୁ ଉଠି ପାଟି କରିଥିଲେ। ପାଟି ଶୁଣି ପରିବାର ଲୋକେ ଉଠି ପଡିବାରୁ ୪ରୁ ଊର୍ଦ୍ଧ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଏତଲା ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ସେହିପରି ଅଭିମନ୍ୟୁଙ୍କ ପଡ଼ୋଶୀ ଭାସ୍କର ପ୍ରଧାନଙ୍କ ଘର କବାଟ ଭାଙ୍ଗି ୧ ଭରି ଓଜନର ସୁନା ଅଳଙ୍କାର ଓ ୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି।

# ପ୍ରଶାସନର ବିନା ଅନୁମତିରେ ସ୍ୱାସ୍ଥ୍ୟ କ୍ୟାମ୍ପ

- ଅଭିନବ ଉପାୟରେ ଅର୍ଥ ଉପାର୍ଜନ
- ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ତଦନ୍ତ
- କରୋନା ଲାଗି ୧୪୪ ଜାରି ସତ୍ତ୍ୱେ ସ୍ୱାସ୍ଥ୍ୟ କ୍ୟାମ୍ପ ପାଇଁ ପ୍ରୟାସ

ନବରଙ୍ଗପୁର,୧୮।୩(ବି.ପ୍ର.)


ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ତଦନ୍ତ କରୁଛନ୍ତି ।

ଅଭିନବ ଉପାୟରେ ବ୍ୟବସାୟ । ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ବିନା ଅନୁମତିରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନାଁରେ ଅର୍ଥ ଉପାର୍ଜନ। ଏପରିକି କରୋନା ଲାଗି ନବରଙ୍ଗପୁର ଜିଲାରେ ୧୪୪ ଜାରି ସତ୍ତ୍ୱେ ସ୍ୱାସ୍ଥ୍ୟ କ୍ୟାମ୍ପ ପାଇଁ ଉଦ୍ୟମ କରାଯାଇଥିଲା। ପାପଡାହାଣ୍ଡି ବ୍ଲକ ଡୁମ୍ବର୍ଲା ହାଟପଦାଠାରେ ପ୍ରଶାସନର ବିନା ଅନୁମତିରେ ଏକ ସ୍ୱାସ୍ଥ୍ୟକ୍ୟାମ୍ପ କରିବା ପାଇଁ ବୁଧବାର ଉଦ୍ୟମ କରାଯାଇଥିଲା। ଏନେଇ ସ୍ଥାନୀୟ ଲୋକ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଜଣାଇଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସ୍ୱାସ୍ଥ୍ୟ କ୍ୟାମ୍ପ ପାଇଁ ଉଦ୍ୟମ କରୁଥିବା କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଚଲାଣଗୁଡା ଗାଁର ମଙ୍ଗଲୁ ସଗରିଆ(୩୪)ଙ୍କୁ ହାଟପଦା ଠାରୁ ଡୁମ୍ବର୍ଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକି ଘଟଣାର ତଦନ୍ତ କରିଛନ୍ତି।

ଏକ ମେସିନ ଦ୍ୱାରା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଗୁଡିକର ୩୬ ପ୍ରକାର ପରୀକ୍ଷା ହୋଇ ପାରୁଛି । ଏହାର ରିପୋର୍ଟ ପାଇଁ ୨ଶହ ଟଙ୍କା ନିଆଯାଉଛି। ସ୍ୱାସ୍ଥ୍ୟ କ୍ୟାମ୍ପରେ ପଞ୍ଜିକୃତ କରିବା ପାଇଁ ମଙ୍ଗଲୁ ଏକ ପ୍ରଚାର ପତ୍ର ମାଧ୍ୟମରେ ଲୋକଙ୍କୁ ନିବେଦନ କରିଥିଲେ। ବ୍ରହ୍ମପୁରରୁ ସରକାରୀ ଡାକ୍ତର ଆସି ଚିକିତ୍ସା କରୁଛନ୍ତି ବୋଲି ପ୍ରଚାର କରିଥିଲେ। । ହାଟପଦାଠାରେ ସ୍ୱାସ୍ଥ୍ୟ କ୍ୟାମ୍ପର ଆୟୋଜନ ବେଳେ ଲୋକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ତଦନ୍ତ କରାଯାଇଥିଲା। ପୂର୍ବରୁ ଜାନୁୟାରୀ ୨୯ ତାରିଖରେ ପିଲିକା ଗାଁରେ ୨୯ ଜଣଙ୍କୁ ଚିକିତ୍ସା କରି ଔଷଧ ମଧ୍ୟ ବିକ୍ରୀ କରାଯାଇଛି। ସ୍ୱାସ୍ଥ୍ୟବିଭାଗ ଏବଂ ପ୍ରଶାସନର ଅଜାଣତରେ ଏଭଳି କ୍ୟାମ୍ପଗୁଡିକ ୨୦୧୭ରୁ ନବରଙ୍ଗପୁର ଜିଲାରେ ହୋଇ ଆସୁଛି।

ଯେଉଁ ମେସିନ ମାଧ୍ୟମରେ ଯାଞ୍ଚ କରାଯାଉଛି ତାହା ସରକାରଙ୍କ ଅନୁମତି ରହିଛି କି ବୋଲି ପଚାରିବାରୁ ସଗରିଆ କୌଣସି ଉତ୍ତର ଦେଇ ପାରିନଥିଲେ । ସ୍ୱାସ୍ଥ୍ୟ କ୍ୟାମ୍ପ ପାଇଁ ଜିଲା ପ୍ରଶାସନ ଠାରୁ କିଛି ଅନୁମତି ନଥିବା ସ୍ୱୀକାର କରିଛନ୍ତି। ଏକ ଘରୋଇ କମ୍ପାନୀର ବିଭିନ୍ନ ଔଷଧ ବିକ୍ରି କରିବା ପାଇଁ ଏଭଳି କ୍ୟାମ୍ପ କରୁଥିବା ସଗରିଆ କହିଛନ୍ତି । ସରକାରୀ ଡାକ୍ତର ବ୍ରହ୍ମପୁରରୁ ଆସୁଛନ୍ତି ବୋଲି ମିଛ ପ୍ରଚାର କାହିଁକି କରୁଛନ୍ତି ବୋଲି ପଚାରିବାରୁ ଆୟୁଷ ଡାକ୍ତର ବିମଳ ଷଡଙ୍ଗୀ କ୍ୟାମ୍ପକୁ ଆସି ରୋଗୀଙ୍କୁ ଔଷଧ ଲେଖୁଥିଲେ ବୋଲି କହିଛନ୍ତି । ଏକ ଘରୋଇ ସଂସ୍ଥାର ନାମ ଉଲ୍ଲେଖ କରି କ୍ୟାମ୍ପ କରିଛନ୍ତି ତେବେ ଉକ୍ତ ସଂସ୍ଥାର କିଛି ଅନୁମତି ରହିଛି କି ବୋଲି ପଚାରିବାରୁ ଆମ କନସଲଣ୍ଟାଣ୍ଟଙ୍କୁ ନେଇ ଏହି କ୍ୟାମ୍ପଗୁଡିକ କରାଯାଉଛି ବୋଲି କହିଛନ୍ତି । ଏନେଇ ଡାକ୍ତର ଷଡଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ସଗରିଆ ସ୍ୱାସ୍ଥ୍ୟକ୍ୟାମ୍ପ କଲେ ଡାକୁଥିଲେ । ଯଦି ଅନୁମତି ନନେଇ ସ୍ୱାସ୍ଥ୍ୟ କ୍ୟାମ୍ପ କରୁଥିଲେ,କୌଣସି ଅନୁମତି ପତ୍ର କାଗଜ ଦେଖାଇ ପାରୁ ନାହାନ୍ତି ତେବେ ତାଙ୍କର ଭୁଲ ରହିଛି ବୋଲି କହିଛନ୍ତି । ଅନ୍ୟ ପକ୍ଷେ ଡାକ୍ତର ଷଡଙ୍ଗୀଙ୍କୁ କେଉଁଠାରେ କାର୍ଯ୍ୟ କରୁଛନ୍ତି ବୋଲି ପଚାରିବାରୁ ଗଜପତି ଜିଲାର ଏକ ମେଡିକାଲ ପିପିପି ମୋଡରେ ଚାଲିଛି ସେଠାରେ ଆୟୁଷ ଡାକ୍ତର ଭାବେ ରହିଥିବା ସେ କହିଛନ୍ତି । ସଗରିଆ ଏକ ଘରୋଇ କମ୍ପାନୀର ନାମ ଥିବା ଭିଜିଟିଂ କାର୍ଡ ସହ ପ୍ରଚାର ପତ୍ର ମାଧ୍ୟମରେ କ୍ୟାମ୍ପରେ ପଞ୍ଜିକରଣ ପାଇଁ ଲୋକଙ୍କୁ ଜଣାଉଥିଲେ ଓ ସେଥିରେ ୩ଟି ମୋବାଇଲ ନମ୍ବର ଯୋଗାଯୋଗ ପାଇଁ ଦର୍ଶାଇଛନ୍ତି । ପ୍ରଚାର ପତ୍ର କେଉଁ ମୁଦ୍ରଣରେ ଛପାଯାଇଛି ସେଥିରେ ଉଲ୍ଲେଖ କରାଯାଇ ନାହିଁ । ଏସମସ୍ତ ଘଟଣାକୁ ନେଇ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର ଡୁମ୍ବର୍ଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ତଦନ୍ତ କରିଛନ୍ତି। ଯେଉଁ ସମୟରେ ପରବର୍ତ୍ତି ତଦନ୍ତ ହେବ ସହଯୋଗ କରିବା ପାଇଁ ସଗରିଆ ଲିଖିତ ଭାବେ ଜଣାଇଥିଲେ। ତଦନ୍ତ ସମୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫର୍ମାସିଷ୍ଟ, ଆୟୁଷ ଡାକ୍ତର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ହତ୍ୟା ଧମକ ଘଟଣା**

ନବରଙ୍ଗପୁର,୧୮।୩(ବି.ପ୍ର.)

ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ସିଜେଏମ ରାଜ କୁମାର ଦାଶ ଅଭିଯୁକ୍ତ ଲୋକନାଥ ଚଲାଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି।

ଜମିଜମା ଗଣ୍ଡଗୋଳକୁ ନେଇ ଡେଙ୍ଗପଦର ଆମ୍ବ ବଗିଚା ନିକଟରେ ଲୋକନାଥ ଚଲାଣ ଦେବ ଭତରାଙ୍କୁ ହତ୍ୟା ଧମକ ଦେଇଥିଲେ । ୨୦୧୬ ମେ ୧୫ ତାରିଖରେ ଲୋକନାଥ ଟାଙ୍ଗିଆ ଧରି ହତ୍ୟା ଧକମ ଦେବା ସହ ଗଣ୍ଡଗୋଳ କରିଥିଲେ । ଏଥିରେ ଦେବ ଆହତ ହୋଇ ଚିକିତ୍ସିତ ହୋଇଥଲେ । ଏନେଇ ସଭା ନାୟକ ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ନଂ ୧୫/୧୬ ଏକ ମାମଲା ରୁଜୁ କରି କୋର୍ଟକୁ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ଏନେଇ ସିଟି କେସ ନମ୍ବର ୫/୧୮ ରୁଜୁହୋଇ ମାମଲାଟି ବିଚାରାଧିନ ରହିଥିଲା । ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସିଜେଏମ ରାଜ କୁମାର ଦାଶ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ବୈଷୟିକ ଟିମର ନୀଳକଣ୍ଠେଶ୍ୱର ମନ୍ଦିର ଯାଞ୍ଚ

ପାପଡାହାଣ୍ଡି, ୧୮।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ପ୍ରସିଦ୍ଧ ଶୈବ ପୀଠ ନୀଳ କଣ୍ଠେଶ୍ୱରକୁ ବୁଧବାର ବୈଷୟିକ ଟିମ ଯାଞ୍ଚ କରିଛନ୍ତ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଆଇଟିଡ଼ିଏ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମୁଖ୍ୟ ପୁରୋହିତ ଶିବ କୁମାର ତ୍ରିପାଠୀ, ନୀଳକଣ୍ଠ ତ୍ରିପାଠୀ, ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ବି.ଜଗନ ମୋହନ ରାଓ, ଜି.ଅନନ୍ତ ମୂର୍ତ୍ତି, ବିନୋଦ ଅଗ୍ରୱାଲ, ମିଟୁ ଅଗ୍ରୱାଲ, ଗୌରାଙ୍ଗ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗର୍ଭ ଗୃହର ଫାଟ ଦେଖିଥିଲେ । ଏହା ସହ ମନ୍ଦିରର ଜାଗା ନେଇ ତହସିଲଦାରଙ୍କ ସହ ବିଧାୟକ ଫୋନରେ ଆଲୋଚନା କରିଥିଲେ । ଗୁରୁବାର ମନ୍ଦିରର ଜାଗା ମପା ଯିବା ନେଇ ସ୍ଥିର ହୋଇଛି ।ଶନିବାର ପତ୍ନ ତତ୍ତ୍ୱବିତ ଆସି ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି ।


ବିଧାୟକ ସହ ଅନ୍ୟମାନେ ।

ସୂଚନାଯୋଗ୍ୟ ଯେ ନୀଳ କଣ୍ଠେଶ୍ୱର ମନ୍ଦିର ଉନ୍ନତି ପାଇଁ ଏକ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଛନ୍ତି।

# ସାପ୍ତାହିକ ହାଟରେ କରୋନା ସଚେତନତା


ସାପ୍ତାହିକ ହାଟରେ ସଚେତନ କରାଯାଉଛି ।

ପାପଡାହାଣ୍ଡି/ମଇଦଲପୁର ,୧୮।୩ (ଡି.ଏନ.ଏ )

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ମଇଦଲପୁର ସାପ୍ତାହିକ ହାଟରେ ବୁଧବାର ଫାଣ୍ଡି ଅଧିକାରୀ ରେଣୁ ପ୍ରଧାନଙ୍କ ନେତୃତ୍ୱରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆଇ ଆର ବି ଯବାନ ଏବଂ ଫାଣ୍ଡି କର୍ମଚାରି ମାନେ ସାପ୍ତାହିକ ହାଟରେ ବୁଲି ଲୋକଙ୍କୁ କରୋନା ଭାଇରସ ସମ୍ବନ୍ଧରେ ସଚେତନ କରାଇଥିଲେ। ଜିଲାରେ ଧାରା ୧୪୪ ବଳବତ୍ତର ଥିବା ହେତୁ ଗୋଟିଏ ଜାଗାରେ ୪ରୁ ୫ ଜଣ ଏକାଠି ନରହିବାକୁ ଲୋକଙ୍କୁ ବୁଝେଇ ଥିଲେ । ଜନଗହଳି ନକରିବା ପାଇଁ ପରାମର୍ଶ ଦେବା ସହ ସମସ୍ତେ ସଚେତନ ରହି ଭୟଭୀତ ନହୋଇ ଏହି ରୋଗ ର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ ।

# ପାନ ଚାଷ ନଷ୍ଟ କଲେ ଦୁର୍ବୃତ୍ତ

କନିଷି,୧୮।୩(ଡି.ଏନ.ଏ.)

ଗୋଲନ୍ଥରା ଥାନା ପଞ୍ଚମା ଗ୍ରାମର ଭଗବାନ ପ୍ରଧାନଙ୍କ ଲକ୍ଷାଧିକ ଟଙ୍କାର ପାନବାଡ଼କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଗତ ୧୨ ତାରିଖରେ ନଷ୍ଟ କରିଦେଇଛନ୍ତି। ଏ ନେଇ ଚାଷୀ ଭଗବାନ ୧୩ ତାରିଖରେ ଗୋଲନ୍ଥରା ଥାନାରେ ଜଣାଇଥିଲେ ମଧ କୌଣସି ନ୍ୟାୟ ନ ମିଳିବାରୁ ଗତ ୧୬ ତାରିଖରେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ପଞ୍ଚମା ଗ୍ରାମରେ ବହୁଦିନ ତଳେ କେତେଜଣ ବ୍ୟକ୍ତି ଭଗବାନଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଫଳରେ ଋଣ କରି ଦେବାକୁ ବାଧ ହେଉଛି ବୋଲି ଭଗବାନ ଲିଖିତ ଭାବେ ଜଣାଇଛନ୍ତି। ବୁଧବାର ଗୋଲନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ମୋତେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରୁ ପତ୍ର ପହଞ୍ଚିଛି। ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

# ଦୁର୍ଘଟଣାରେ ଆହତଙ୍କୁ ପଠାଇଲେ ଡାକ୍ତରଖାନା

**ମାନବିକତାର ପରିଚୟ ଦେଲେ କୋରାପୁଟ ବିଧାୟକ**

ସେମିଳିଗୁଡା/ପଟାଙ୍ଗୀ, ୧୮।୩(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ସେମିଳିଗୁଡ଼ା ନିକଟ ୨୬ ନମ୍ବର ଜାତୀୟ ରାଜପଥ କୁନ୍ଦୁଲି ଗୁରୁକୁଳ ଆଶ୍ରମ ସମ୍ମୁଖରେ ବୁଦବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଗୁରୁତର ହୋଇଛନ୍ତି। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କୋରାପୁଟ ବିଧାୟକ ରଘୁରାମ ପଡାଲ ଆହତଙ୍କୁ ଉଦ୍ଧାର କରି କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ସେମାନେ ହେଲେ ନନ୍ଦପୁର ଥାନା ଅଧୀନ ଦେଓଳା ଗ୍ରାମର କରପାଲ ଇଣ୍ଡାମ ଓ ଦାମନଯୋଡି ଥାନା ମାନିଆ ଗାଁର ରାଜୀବ ହନ୍ତାଳ।

ସୂଚନା ଅନୁଯାୟୀ, ଇଣ୍ଡାମ ବାଇକ୍ (ଓଡି-୧୦ଡି-୧୦୮୫) ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ରାଜୀବଙ୍କ ଗାଡି (ଓଆର୍-୧୦ଇ-୮୫୯୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କୋରାପୁଟ ବିଧାୟକ ରଘୁରାମ ପଡାଲ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେଠାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ପଟାଙ୍ଗୀ ଥାନାଧିକାରୀ ବିଜୟ ରାଜ ମାଝି ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଦୁଇଟିକୁ ଜବତ କରିଛନ୍ତି। ବିଧାୟକଙ୍କ ମାନବିକତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କରୋନା ସଚେତନତା

ନବରଙ୍ଗପୁର, ୧୮।୩ (ବି.ପ୍ର)

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ମାନବ ସମାଗମ ନ କରି ସୂଚନା ଫଳକ ମାଧ୍ୟମରେ କରୋନା ଭୂତାଣୁ ବିଷୟରେ ସଚେତନତା କରାଯାଇଛି । ଜିଲାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା କୋର୍ଟ ପରିସରର ବିଭିନ୍ନ ସ୍ଥାନରେ କରୋନା ଭୂତାଣୁ ନିକଟରୁ ରକ୍ଷା ପାଇବା ନିମନ୍ତେ ଏବଂ କୋର୍ଟକୁ ଆସୁଥିବା ବ୍ୟକ୍ତିମାନଙ୍କ ସଚେତନତା ପାଇଁ ସୂଚନା ଫଳକ ଲଗାଇଛନ୍ତି। ଏତଦବ୍ୟତୀତ ନ୍ୟାୟାଳୟ ପରିସରରେ ଲୋକମାନେ କିପରି ତାଙ୍କ ହାତସଫା ରଖିବେ ସେଥି ନିମନ୍ତେ ହ୍ୟାଣ୍ଡୱାଶ ଯୋଗେ ହାତ ଧୋଇବାର ବ୍ୟବସ୍ଥା ମଧ କରାଯାଇଛି ।

# ଦେଶୀ ମଦ ଜବତ, ୩ ଗିରଫ

ପାଟପୁର,୧୮।୩–

ଦିଗପହଣ୍ଡି ଅବକାରୀ ବିଭାଗ ବୁଧବାର ସକାଳେ ପାଟପୁର ଥାନା ବିଛାପାଟ ଗ୍ରାମରେ ଚଢ଼ାଉ କରି ୬୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଛାପାଟର କୃଷ୍ଣ ବେହେରା, ରବୀନ୍ଦ୍ର ବେହେରା, ସମୀର ବେହେରା। ଏ ନେଇ ପୃଥକ୩ମାମଲା ରୁଜୁକରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି।

# ବ୍ୟବସାୟୀ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନେଇ ସଚେତନତା

**କରୋନା ମୁକାବିଲା**

ପାରଳାଖେମୁଣ୍ଡି,୧୮।୩(ସ୍ୱ.ପ୍ର.)

ଗଜପତି ଜିଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଅନୁପମ ଶାହାଙ୍କ ଅଧ୍ୟକ୍ଷତା କରି ମହାମାରୀ କରୋନାର ମୁକାବିଲା କରିବାକୁ ସମସ୍ତେ ସଚେତନ ହେବା ଜରୁରୀ ବୋଲି କହିଛନ୍ତି। ମୁଖ୍ୟତଃ ପାରଳାଖେମୁଣ୍ଡିସ୍ଥିତ ଦୈନିକ ବଜାର ତଥା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଭିଡ଼ ନ ଜମାଇବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି କଥାବାର୍ତ୍ତା ସମୟରେ ୧ ମିଟର ବ୍ୟବଧାନ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏ ଦିଗରେ ବ୍ୟବସାୟୀମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନିଜ କର୍ମଚାରୀମାନଙ୍କୁ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦେବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ଖାଦ୍ୟ ସାମଗ୍ରୀ ବିକ୍ରି କରିବାବେଳେ ଅଧିକ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ ପ୍ରତିନିଧିମାନେ ଯୋଗ ଦେଇଥିବାବେଳେ ସେମାନେ ମଧ୍ୟ ନିଜ ଶାଖାରେ ଗ୍ରାହକଙ୍କ ଭିଡ଼ କମାଇବା ଓ ଦୂରତା ରଖିବା ଉପରେ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସାରା ଶର୍ମା, ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେବ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହାରାଙ୍କ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ, ବଣିକ ସଂଘର କର୍ମକର୍ତ୍ତା, ବ୍ୟାଙ୍କ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ଶୁଖିଲା ଖାଦ୍ୟ

ନବରଙ୍ଗପୁର,୧୮।୩(ବି.ପ୍ର.)

କରୋନା ଭାଇରସ ସମ୍ପର୍କିତ ଏକ ଜରୁରୀ କାଳୀନ ବୈଠକ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାର ପ୍ରତ୍ୟେକ ବ୍ଲକର ନୋଡାଲ ଅଧିକାରୀ, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପାଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଗୁଡିକ ବନ୍ଦ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ଅଙ୍ଗନୱାଡି କର୍ମୀ ଓ ସହାୟୀକାମାନେ ଶୁଖିଲା ଖାଦ୍ୟ ଘରେ ନେଇ ଯୋଗଇଦେବେ । ହିତାଧିକାରୀଙ୍କ ଅବିଭାବକଙ୍କ ଦସ୍ତଖତ ନେବେ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମଧୁମେହ ରୋଗୀଙ୍କ ପାଇଁ କରୋନା ଭାଇରସ ବିପଦ ରହିଥାଏ ବୋଲି ସିଡିଏମଓ କହିଛନ୍ତି । ଆଶା ଓ ଏଏନଏମଙ୍କ ପାଖରେ ଓଆରଏସ ଓ ପାରାସିଟାମଲ ବଟିକା


ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।.

- ହିତାଧିକାରୀଙ୍କୁ ମିଳିବ ୪ ମାସର ଆଗୁଆ ଭତ୍ତା
- ନୋଡାଲ ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଯଥେଷ୍ଟ ପରିମାଣରେ ଉପଲବ୍ଧ ହେବ । ସମସ୍ତ ଔଷଧ ସରକାରୀ କାଉଣ୍ଟର ଓ ନିରାମୟ କାଉଣ୍ଟରରେ ଉପଲବ୍ଧ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ୫୦ ଜଣ ସୁରକ୍ଷିତ ଭାବେ ରହିବା ଭଳି ଘର ବ୍ୟବସ୍ଥା କରାଯିବା ଆବଶ୍ୟକ । ଏନେଇ ପାନୀୟ ଜଳ ବିଭାଗ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଅନୁମୋଦନ କରିଛି । ଗୁରୁବାର ଠାରୁ ପଞ୍ଚାୟତ ସମିତି, ପଞ୍ଚାୟତ, ଜିଲାପରିଷଦ ମାନଙ୍କରେ କରୋନା ଭାଇରସ ସମ୍ପର୍କରେ ସଚେତନ କରାଯିବ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ । ସମସ୍ତେ କିଭଳି ସଚେତନ ହେବେ ଓ ଅନ୍ୟଙ୍କୁ ସଚେତନ କରାଇବେ ସେଥିପ୍ରତି ବିସ୍ତୃତ ଆଲୋଚନା ହୋଇଥିଲା । ପଞ୍ଚାୟତରେ ହେଲ୍‌ଥ କ୍ୟାମ୍ପ ପାଇଁ ଘର ଚିହ୍ନଟ ହୋଇଛି ନା ନାହିଁ ସେଥିପ୍ରତି ଜିଲା ନୋଡାଲ ଅଧିକାରୀ ମାନେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ । ସଫା ସୁତୁରା, ପାଇଖାନା, ବିଦ୍ୟୁତ ସଂଯୋଗୀକରଣ ହୋଇଛି କି ନାହିଁ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ହେଲ୍‌ଥ କ୍ୟାମ୍ପ କରାଯିବା ସହ ସେଠାରେ ରହିବାକୁ ବ୍ୟବସ୍ଥା କରାଯିବ । ଭତ୍ତା ବଣ୍ଟନ ପାଇଁ ଗୁରୁବାର ବିଡିଓମାନଙ୍କୁ ଯୋଗାଯୋଗ କରି ୪ ମାସର ଭତ୍ତା ପ୍ରଦାନ କରିବେ । କେଉଁ ଦିନ ଓ କେଉଁ ସମୟରେ ପ୍ରଦାନ କରାଯିବ ତାହାର ବିସ୍ତୃତ ରିପୋର୍ଟ ବିଡିଓଙ୍କ ଜରିଆରେ ଅଣାଯିବ । ଗୁରୁବାର ଠାରୁ ୩ ମାସର ରାସନ ବିତରଣ କରାଯିବ ଏନେଇ ଜିଲା ଯୋଗାଣ ଅଧିକାରୀ କେଉଁ ଦିନ ଏହା ଯୋଗାଇବେ ତାହାର ରିପୋର୍ଟ ପ୍ରସ୍ତୁତ କରି ଜଣାଇବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଭେସେଲରେ ଯିବେ ଏକ ତୃତୀୟାଂଶ ଯାତ୍ରୀ

**ପୁରୀ ଅଫିସ,୧୮।୩**

ଦିନକୁଦିନ ଆମ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଓଡ଼ିଶାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ପ୍ରାଣଘାତୀ ଭାଇରସ୍ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିବାବେଳେ କେବଳ ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ଜାଗାରେ ଏକତ୍ର ହେବାକୁ ବାରଣ କରାଯାଉଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ରାଜ୍ୟ ସରକାର ଏଥିପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ପୁରୀ ଜିଲା ପ୍ରଶାସନ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିଛି। ଚିଲିକାରେ ଚଳାଚଳ କରୁଥିବା ଭେସେଲ, ଟୁରିଷ୍ଟ ବୋଟ୍ ଉପରେ ମଧ୍ୟ କଟକଣା ଲଗାଯାଇଛି। ପରିବହନ କ୍ଷମତା ଏକ ତୃତୀୟାଂଶକୁ ହ୍ରାସ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶ ଅନୁଯାୟୀ ଶପିଂମଲ୍ ବନ୍ଦ କରାଯାଇଛି। କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ନିମନ୍ତେ ସମ୍ପୃକ୍ତ ଶପିଂ ମଲ୍‌ଗୁଡ଼ିକୁ ଅନୁମତି ଦିଆଯାଇଛି। ସେହିପରି ବାର୍ ଏବଂ ବିୟର ପାର୍ଲରକୁ ବନ୍ଦ ରଖାଯାଇଛି।

ଚିଲିକାରେ ଭେସେଲ ସେବା ରହିଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏହି ଭେସେଲ ସାତପଡ଼ାରୁ ଜହ୍ନିକୁଦା ମଧ୍ୟରେ ଚଳାଚଳ କରିଥାଏ। ବର୍ତ୍ତମାନ କରୋନା ମୁକାବିଲା ନେଇ ଏଥିରେ କଟକଣା ଲଗାଇଛି ସିଡିଏ। ଯାତ୍ରୀ ପରିବହନ କ୍ଷମତା ଯାହା ରହିଛି ତାହାର ଏକ ତୃତୀୟାଂଶ ଯାତ୍ରୀ ଯିବାଆସିବା କରିବେ। ସେହିପରି ଟୁରିଷ୍ଟ ବୋଟ୍‌ରେ ମଧ୍ୟ ସମାନ କଟକଣା ରହିବ। କିନ୍ତୁ ଭେସେଲ ଏବଂ ଟୁରିଷ୍ଟ ବୋଟରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତା ରଖାଯିବ। ପରସ୍ପର ମଧ୍ୟରେ ଅତି କମ୍‌ରେ ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରୁ ଜିଲାର ନିଜ ଘରକୁ ଫେରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯିବା ସହ ପଞ୍ଚାୟତସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।



**କଡ଼ାକଡ଼ି ହେଲା ସାମାଜିକ ଦୂରତ୍ୱ ରକ୍ଷା**

- ଟୁରିଷ୍ଟ ବୋଟ୍‌ରେ ବି ଲାଗିଲା କଟକଣା
- ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ

## ଗୋଟିଏ ସ୍ଥାନରେ ରେଜିଷ୍ଟ୍ରେଶନ ବନ୍ଦ

କରୋନା ମୁକାବିଲା ନେଇ ଦିନକୁ ଦିନ ନୂଆ ନୂଆ କଟକଣା ଜାରି କରାଯାଉଛି। ପୂର୍ବରୁ ଯେ କୌଣସି ହସ୍ପିଟାଲରେ ବହିଃବିଭାଗ ରୋଗୀ ଗୋଟିଏ ଜାଗାରେ ନାମ ପଞ୍ଜୀକରଣ କରିଥା'ନ୍ତି। ଅନେକ ସମୟରେ ଏଥିପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥାଏ। କିନ୍ତୁ ଏହାକୁ ଏବେ ବନ୍ଦ କରିଦେଇଛି ପୁରୀ ଜିଲା ପ୍ରଶାସନ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ, ସଂକ୍ରାମକ ରୋଗ ଚିକିତ୍ସାଳୟରେ ସମ୍ପୃକ୍ତ ବିଭାଗରେ ରୋଗୀ ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗରେ ଏହି ବ୍ୟବସ୍ଥା କରାଯାଇଛି। ରୋଗୀମାନଙ୍କ ମଧ୍ୟରେ ୧ ମିଟର ବ୍ୟବଧାନ ରଖିବାକୁ ପରାମର୍ଶ ଦିଆଯାଇଛି।

## ୮ ଘଣ୍ଟାରେ ମାସ୍କ ବଦଳାଇବାକୁ ପରାମର୍ଶ

କରୋନା ମୁକାବିଲା ନେଇ ଜିଲାପାଳ ବଲୱନ୍ତ ସିଂ ସଫେଇ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛନ୍ତି। ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କହିଛନ୍ତି, ଯେତେବେଳେ ଆପଣ ଘରକୁ ଯିବେ ଭଲ ଭାବେ ସାବୁନରେ ହାତ ଧୋଇବେ। ପରିବାର ସଦସ୍ୟଙ୍କୁ ମଧ୍ୟ ଶିଖାଇବେ। ବରିଷ୍ଠ ସଦସ୍ୟଙ୍କୁ ଘରୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦେବେ। ଅତ୍ୟନ୍ତ ଜରୁରୀ ଥିଲେ ଘରର ଯୁବ ସଦସ୍ୟଙ୍କୁ ବାହାରକୁ ପଠାଇବେ। କର୍ମକ୍ଷେତ୍ରରେ ଥିବା ବେଳେ ଯେଉଁ ମାସ୍କ ପିନ୍ଧୁଛନ୍ତି ତାହାକୁ ୮ଘଣ୍ଟାରେ ବଦଳାଇବା ଦରକାର। ଯଦି ଡ୍ୟୁଟିରେ ଅଛନ୍ତି ତେବେ ରୁମାଲ ବ୍ୟବହାର କରନ୍ତୁ। ପରେ ଏହାକୁ ସାବୁନରେ ଭଲ ଭାବେ ଧୋଇ ବ୍ୟବହାର କରିପାରିବେ। ଏତଦ୍‌ବ୍ୟତୀତ ସାମାଜିକ ଦୂରତା ରକ୍ଷା କରିବେ। ଯଦି କିଛି ଫ୍ଲୁ ଜନିତ ସମସ୍ୟା ରହିଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସଫେଇ କର୍ମଚାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଭଉଣୀଙ୍କ ନାମ ପଞ୍ଜୀକୃତ କଲେ ମୁଖ୍ୟମନ୍ତ୍ରୀ

### ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

କରୋନା ସତର୍କତା ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବିଦେଶାଗତଙ୍କ ନାମ ପଞ୍ଜୀକରଣ କରିବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମ ପଞ୍ଜୀକୃତ ହୋଇଛି। ବିଦେଶରୁ ଆସିଥିବାରୁ ଗୀତାଙ୍କ ନାମ ମୁଖ୍ୟମନ୍ତ୍ରୀ ପୋର୍ଟାଲରେ ନାମ ପଞ୍ଜୀକୃତ କରିଛନ୍ତି। ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ବିଦେଶରୁ ଆସୁଥିବା ସମସ୍ତ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ଭୂତାଣୁ ସଂକ୍ରମଣକୁ ରୋକାଯାଇପାରିବ।

ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ମୋଦି ରିଟୁଇଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟମାନେ ନବୀନଙ୍କ ଏହି ପଦକ୍ଷେପକୁ ଅନୁସରଣ କରିବେ ବୋଲି ସେ ଆଶା କରିଛନ୍ତି। କରୋନା ଭଳି ମହାମାରୀକୁ ରୋକିବା ପାଇଁ ଆମେ ସମସ୍ତେ ମିଳିମିଶି ମୁକାବିଲା କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

# ରାତି ୭ଟା ୪୫ରେ ଶ୍ରୀମନ୍ଦିର ବନ୍ଦ

**ପୁରୀ ଅଫିସ,୧୮।୩**

କରୋନା କଟକଣାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ବେଳାଭୂମିର ଉଠା ବ୍ୟବସାୟୀ ହୁଅନ୍ତୁ ଅବା ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଥିବା ସହରର ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ସମସ୍ତେ ଏକପ୍ରକାର ହାତ ବାନ୍ଧି ବସିଛନ୍ତି। ତେବେ କରୋନା କଟକଣାର ସବୁଠୁ ଅଧିକ ପ୍ରଭାବ ଶ୍ରୀମନ୍ଦିର ଉପରେ ପଡ଼ିଛି। ଅଳ୍ପ ସଂଖ୍ୟାରେ ଭକ୍ତ ଆସୁଥିବାରୁ ନୀତିକାନ୍ତି ତ୍ୱରାନ୍ୱିତ ହୋଇଥିଲା। ଫଳରେ ବୁଧବାର ସଅଳ ହୋଇଛି ରାତ୍ର ପହୁଡ଼। ରାତି ୭ଟା ୪୫ରେ ବନ୍ଦ ହୋଇଛି ଶ୍ରୀମନ୍ଦିର ସିଂହଦ୍ୱାର। କେବଳ ପହୁଡ଼ ନୁହେଁ, ହୁଣ୍ଡିରେ ବି ପଡ଼ିଥିଲା କରୋନା କଟକଣା ମାଡ଼। ହୁଣ୍ଡିରୁ ମାତ୍ର ୩୧ ହଜାର ୯୮ ଟଙ୍କା ଏବଂ ୧ ଗ୍ରାମ୍ ରୂପା ବାହାରିଛି। ହୁଣ୍ଡିରୁ ଏତେ କମ୍ ଟଙ୍କା ଗତ ୮/୧୦ ବର୍ଷ ମଧ୍ୟରେ ବାହାରି ନ ଥିବା ଏବଂ ରାତି ୮ଟା ପୂର୍ବରୁ କେବେ ପହୁଡ଼ ହେବାର ନଜିର ନ ଥିବା ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

ସୋମବାରଠାରୁ ଜିଲାରେ କରୋନା କଟକଣା କଡ଼ାକଡ଼ି କରାଯାଇଛି। ଜିଲାର ପ୍ରବେଶ ପଥରେ ପର୍ଯ୍ୟଟକ ଗାଡ଼ି ଯାଞ୍ଚ କରାଯାଉଛି। ଅତ୍ୟାବଶ୍ୟକ ନ ଥିଲେ ଜିଲା ବାହାର ଲୋକଙ୍କୁ ପୁରୀକୁ ପ୍ରବେଶ କରାଯାଉ ନାହିଁ। ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଉଥିବାରୁ ଏହାର ପ୍ରଭାବ ଶ୍ରୀମନ୍ଦିର ଉପରେ ପଡୁଛି। ଶ୍ରଦ୍ଧାଳୁଙ୍କ ସଂଖ୍ୟା କମୁଥିବାରୁ ଗତ ଦୁଇଦିନଠାରୁ ବୁଧବାର ହୁଣ୍ଡି ଅର୍ଥ ପୂରା କମିଯାଇଥିଲା। କଟକଣାର ପ୍ରଥମ ଦିନ ଅର୍ଥାତ୍ ସୋମବାର ଶ୍ରୀମନ୍ଦିର ହୁଣ୍ଡିରୁ ୯୮,୮୭୨ ଟଙ୍କା ଓ ମଙ୍ଗଳବାର ୭୨,୫୩୭ ଟଙ୍କା ବାହାରିଥିଲା। ତେବେ ଭକ୍ତ ନ ଥିବାରୁ ନୀତିକାନ୍ତି ସଅଳ ସରିଥିଲା। ଫଳରେ ରାତି ୭ଟା ୪୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ଶୀଘ୍ର ରାତ୍ର ପହୁଡ଼ର ଏହା ରେକର୍ଡ କୁହାଯାଇପାରେ ବୋଲି କହିଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। କରୋନା ପାଇଁ ଏମିତି ବିଭିନ୍ନ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଥିବା ବେଳେ ଆଗାମୀ ଦିନରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ଆହୁରି କମିପାରେ ବୋଲି ଆଶଙ୍କା କରାଯାଉଛି।

## ଗୁଜବ ପ୍ରଚାର କରି ବନ୍ଧା ହେଲେ ଯୁବକ

**ତାଳଚେର,୧୮।୩(ନି.ପ୍ର):** କରୋନା ଭାଇରସ ସଂକ୍ରମଣ ସମ୍ପର୍କରେ ଭୁଲ ତଥ୍ୟ ଓ ମିଥ୍ୟା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ଅଭିଯୋଗରେ ଜଣଙ୍କୁ କଲିୟାରୀ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଳଚେର ବ୍ଲକ ବଡସିଙ୍ଗଡା ଗ୍ରାମର ରିଙ୍କୁ କୁମାର ଓରଫ ଜୟକୃଷ୍ଣ ସାହୁ। ପୋଲିସ କହିଛି, ବଣ୍ଟରପାଳ ଥାନା ଅଞ୍ଚଳର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ନେଇ ଜୟକୃଷ୍ଣ ଫେସବୁକରେ ପ୍ରଚାର କରିଥିଲେ। କଲିୟାରୀ ପୋଲିସ ଘଟଣାର ଅନୁସନ୍ଧାନ କରିବା ସହ ଜୟକୃଷ୍ଣଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୭୩/୨୦ ମାମଲା ରୁଜୁ ହୋଇଛି।

# ଭାଇରାଲ ହେଉଛି କରୋନା ଗୀତ

**ଏକାଧିକ ହିନ୍ଦୀ ଫିଲ୍ମ ନିର୍ମାଣ ଯୋଜନାକୁ ସମାଲୋଚନା**




**ଭୁବନେଶ୍ୱର,୧୮।୩(ବ୍ୟୁରୋ):** ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି ମହାମାରୀ କରୋନା। ସବୁଠି ଘାରିଛି ଏହି ଭୂତାଣୁ ସଂକ୍ରମଣର ଭୟ। ବୁଧବାର ସୁଦ୍ଧା ବିଶ୍ୱର ୧୬୭ ଦେଶକୁ ବ୍ୟାପିଥିବା ଏହି ଭୂତାଣୁ ବିରୋଧରେ ଜାରି ରହିଛି ଲଢେଇ। ଏପରିସ୍ଥଳେ କିଏ କରୋନାକୁ ମହିଳାଙ୍କ ସହ ତୁଳନା କରୁଛି ତ କିଏ ଏହା ଉପରେ କମେଡି ଫିଲ୍ମ ତିଆରି କରିବାକୁ ଯାଉଛି। କରୋନାକୁ ନେଇ ଏକାଧିକ ଗୀତ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ଏଭଳି ଏକ ଗୀତ ଗାଇଥିବା ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। ସେ ତାଙ୍କ ଗୀତରେ କରୋନାକୁ ଝିଅମାନଙ୍କ ସହ ତୁଳନା କରି ଫସିବା ସହ ସୋସିଆଲ ମିଡ଼ିଆରେ ବେଶ୍ ଟ୍ରୋଲ୍ ହୋଇଛନ୍ତି। ଏପଟେ କରୋନା ସଂକ୍ରମଣକୁ ନେଇ ଏକ ହିନ୍ଦୀ ଫିଲ୍ମ 'କରୋନା ପ୍ୟାର୍ ହୈ' କରିବାକୁ ଏରୋସ୍ ଇଣ୍ଟରନ୍ୟାଶନାଲ ଘୋଷଣା କରିଥିବାବେଳେ ଏହା ଏକ ପ୍ରେମକାହାଣୀ ବୋଲି କୁହାଯାଇଛି। ହେଲେ ଫିଲ୍ମର ଟାଇଟଲକୁ ନେଇ ବହୁ ବିବାଦ ଉଠିଥିବାବେଳେ ପ୍ରଯୋଜକ ରାକେଶ ରୋଶନ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଏଭଳି ଏକ ଫିଲ୍ମ କରିବା ଦୁର୍ଭାଗ୍ୟଜନକ ବୋଲି ରାକେଶ କହିଛନ୍ତି। ସେହିଭଳି ଆଉଜଣେ ପ୍ରଯୋଜକ 'ଡେଡ୍‌ଲି କରୋନା' ନାମରେ ଫିଲ୍ମ କରିବେ ବୋଲି ଘୋଷଣା କରିଛନ୍ତି।

ଏପଟେ ସୋସିଆଲ ମିଡ଼ିଆରେ କରୋନାକୁ ନେଇ ଏକାଧିକ ଗୀତ ଓ ମିମ୍ ବୁଲୁଛି, ଯାହାମଧ୍ୟରୁ କିଛି ସଚେତନଭିତ୍ତିକ ହୋଇଥିବାବେଳେ ଆଉକିଛି ଭ୍ରମାତ୍ମକ। ଫେସ୍‌ବୁକ୍, ଟିକ୍‌ଟକ୍ ଓ ୟୁଟ୍ୟୁବ୍ ଭଳି ସୋସିଆଲ ପ୍ଲାଟ୍‌ଫର୍ମରେ ଏବେ ଏହି ଗୀତସବୁ ଭାଇରାଲ ହେବାରେ ଲାଗିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଓଲିଉଡ୍, ବଲିଉଡ୍ ଓ ହଲିଉଡ୍ କଳାକାରମାନେ କରୋନାକୁ ନେଇ ବିଭିନ୍ନ ସଚେତନ ଓ ସତର୍କତାମୂଳକ ବାର୍ତ୍ତା ଦେଉଛନ୍ତି। ଓଡ଼ିଶାର କୁନି ପିଲାଙ୍କଠାରୁ ବଡ଼ବଡ଼ କଣ୍ଠଶିଳ୍ପୀମାନେ ମଧ୍ୟ ସୋସିଆଲ ମିଡ଼ିଆରେ ସଚେତନ କରିବାର ପ୍ରୟାସ ଜାରି ରଖିଛନ୍ତି। ଭାଇରାଲ ହୋଇଥିବା ଏକ ଗୀତ ମଧ୍ୟରେ ରହିଛି 'କରୋନାକୁ ଡରୋନା...'। କରୋନାକୁ ଭୟ ନ କରି ଲଢେଇ କରିବା ପାଇଁ ଏହି ଗୀତରେ ବାର୍ତ୍ତା ଦିଆଯାଇଛି। ଥଣ୍ଡା, କାଶ ହେଲେ ତୁରନ୍ତ ନିଜର ଚିକିତ୍ସା କରିବା ପାଇଁ କୁହାଯାଇଛି। କେବଳ ସେତିକି ନୁହେଁ, କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କ ନିକଟରେ ନିବେଦନପୂର୍ବକ ଏକ ଭଜନ ଶୁଣିବାକୁ ମିଳିଛି। କଣ୍ଠଶିଳ୍ପୀ ବୁବୁନ୍ କୁମାର 'କରୋନା ଦାଉରୁ ରଖ ହେ ଜଗନ୍ନାଥ' ଗୀତ ଗାଇ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚିତ ହୋଇଛନ୍ତି। ଲୋକଙ୍କ ମନରେ ଭକ୍ତିଭାବ ସୃଷ୍ଟି କରି କରୋନା ଭୟ ଦୂର କରିବାକୁ ଏଥିରେ ପ୍ରୟାସ କରାଯାଇଛି।

ସେହିଭଳି ହାସ୍ୟ ଅଭିନେତା ପପୁ ପମ୍ ପମ୍ ମଧ୍ୟ କରୋନାକୁ ନେଇ ସଚେତନଭିତ୍ତିକ ଗୀତ ଗାଇ ହିଟ୍ ହୋଇଛନ୍ତି। 'କୋଉଠି ସାଇତି ରଖିଥିଲା ଚାଇନା ଭାଇରସ୍, ମାର୍‌ଡାଲା', 'କରୋନା ଆଇଲା ଲୋ' ଶୀର୍ଷକ ଗୀତକୁ ପପୁ ନିଜ କମେଡି ତଡ଼କା ସହ ଗାଇ ସତର୍କ କରିଛନ୍ତି। କେବଳ ଓଡ଼ିଆରେ ନୁହେଁ ଏବେ ସୋସିଆଲ୍ ମିଡ଼ିଆରେ କରୋନା ଭାଇରସ୍‌କୁ ନେଇ ହିନ୍ଦୀ ଗୀତ ଓ ଗଜଲ୍ ମଧ୍ୟ ପ୍ରସ୍ତୁତ ହୋଇଛି।

## କ୍ଷମା ମାଗିଲେ ହ୍ୟୁମନ୍



**ଭୁବନେଶ୍ୱର,୧୮।୩(ବ୍ୟୁରୋ):** କଣ୍ଠଶିଳ୍ପୀ ହ୍ୟୁମନ୍ ସାଗର୍ 'ଝିଅ ନୁହେଁ ତୁ କରୋନା ଭାଇରସ୍' ଗୀତ ଗାଇ ବିବାଦ ଘେରକୁ ଆସିଥିବାବେଳେ ସେ ଗାଇଥିବା ଆଉ ଏକ ଗୀତ 'ପ୍ରେମ ତୋର କରୋନା ଚାଇନା ବୋମା' ଗୀତ ଏବେ ୟୁଟ୍ୟୁବ୍‌ରୁ ଡିଲିଟ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ମହଲରୁ ହ୍ୟୁମାନ୍ ସାଗରଙ୍କ ଏହି ଗୀତକୁ ବିରୋଧ ଓ ସମାଲୋଚନା କରାଯାଇଥିବାବେଳେ ଅନେକ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ଏହା ଅତ୍ୟନ୍ତ ନିମ୍ନମାନର ମନୋରଞ୍ଜନ ବୋଲି ଓଡ଼ିଶା ମହିଳା ଅଧିକାର ମଞ୍ଚ କହିଛି। ସେହିଭଳି ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ସେହିଭଳି ସୋସିଆଲ ମିଡ଼ିଆରେ ମଧ୍ୟ ଟ୍ରୋଲ୍ ହୋଇଛନ୍ତି ହ୍ୟୁମାନ୍। ସବୁଆଡୁ ବିରୋଧ ପରେ ଶେଷରେ ହ୍ୟୁମାନ୍ ସୋସିଆଲ ମିଡ଼ିଆରେ ଏନେଇ ମୁହଁ ଖୋଲିବା ସହ କ୍ଷମା ମାଗିଛନ୍ତି। ଏକ ଭିଡ଼ିଓରେ ସେ କହିଛନ୍ତି, ରାଜ୍ୟବାସୀ ତାଙ୍କ ପଛରେ ନ ପଡି କରୋନା ବିପର୍ଯ୍ୟୟର ମୁକାବିଲା ପାଇଁ ଉଦ୍ୟମ କରନ୍ତୁ। କରୋନା ସଂକ୍ରମଣ ନ ହେବା ପାଇଁ ସମସ୍ତେ ଉଦ୍ୟମ କରିବା ସହ ସଚେତନତା ଓ ସତର୍କତା ଅବଲମ୍ବନ କରନ୍ତୁ। ଏହାବାଦ୍ ନାରୀ ଜାତି ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିବା ସେ ଏହି ଭିଡ଼ିଓରେ କହିଛନ୍ତି। ତେବେ ପୂର୍ବରୁ ଗୀତକୁ ନେଇ ଟ୍ରୋଲ୍ ହୋଇଥିବା ଏହି କଣ୍ଠଶିଳ୍ପୀ ପୁଣିଥରେ ନିଜର ଏହି ଭିଡ଼ିଓ ପାଇଁ ଟ୍ରୋଲ୍ ହୋଇଛନ୍ତି।




ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନରେ କରୋନା ସଚେତନତା ବାର୍ତ୍ତା।

# ଗ୍ରାମାଞ୍ଚଳରେ ସଚେତନତା ଜୋର୍‌ଦାର କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

- ପ୍ରତି ପଞ୍ଚାୟତରେ ସବୁ ବ୍ୟବସ୍ଥା ରହିଥିବା ଗୋଟିଏ ଘର ରଖାଯିବ
- ଏଥିଲାଗି ପଞ୍ଚାୟତ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ

କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ସରକାରୀ ଏବଂ ଘରୋଇ ସଂସ୍ଥା ମଧ୍ୟ ବନ୍ଦ କରାଗଲାଣି। ଏଭଳି ସ୍ଥିତିରେ ଜିଲା ଏବଂ ଗ୍ରାମାଞ୍ଚଳରେ ଅଧିକ ସଚେତନତା ଲାଗି ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ଦେଖିବାକୁ ମିଳିବାପରେ ଜିଲା ଏବଂ ଗ୍ରାମାଞ୍ଚଳ ଉପରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଲୋକଙ୍କ ସୁବିଧା ଲାଗି ପଞ୍ଚାୟତଗୁଡ଼ିକ ପାଇଁ ୫ ଲକ୍ଷ ଟଙ୍କା ଲେଖା ଅନୁମୋଦନ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ(ଭିସି) ଜରିଆରେ ୩୦ଟି ଜିଲାର ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ୩୧୪ ବ୍ଲକର ବିଡିଓମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜିଲା ଏବଂ ଗ୍ରାମାଞ୍ଚଳରେ କରୋନା ସଚେତନତା ଜୋରଦାର କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି ଯେ, ଲୋକମାନଙ୍କ ଭିତରେ ସଚେତନତା ଆସିଲେ କରୋନାକୁ ହରାଇବା ସହଜ ହୋଇପାରିବ। କରୋନା ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ପରାମର୍ଶ, ନିର୍ଦ୍ଦେଶାବଳୀ ସମ୍ପର୍କରେ ଲୋକଙ୍କୁ ବ୍ୟାପକ ସଚେତନ କରିବାକୁ ୫-ଟି ସଚିବ ଭି-କାର୍ତ୍ତିକେୟନ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ହିତାଧିକାରୀଙ୍କୁ ୩ ମାସର ଆଗୁଆ ଭତ୍ତା, ପେନସନ୍ ଓ ରାଶନ ସାମଗ୍ରୀ ସହଜରେ ପ୍ରଦାନ କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ଅଙ୍ଗନୱାଡିରେ ପିଲାଙ୍କ ନିକଟରେ ଆଗୁଆ ଶୁଖିଲା ଖାଦ୍ୟ ପହଞ୍ଚାଇବା ଏବଂ ଏଏନ୍‌ଏମ୍ ଓ ଆଶାକର୍ମୀମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ଔଷଧ ପହଞ୍ଚାଇବାକୁ ଅଧିକାରୀଙ୍କୁ କୁହାଯାଇଛି।

# ସ୍କୁଲ ଛୁଟି ବଢ଼ାଇଛି ଅଭିଭାବକଙ୍କ ଚିନ୍ତା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଚାଇନାର ଉହାନରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ଭାରତ ସମେତ ୧୬୩ ରାଷ୍ଟ୍ରକୁ ଗ୍ରାସ କରିସାରିଲାଣି। ଓଡ଼ିଶାରେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାର ୩୧ ମାର୍ଚ୍ଚ ଯାଏ ସ୍କୁଲ ଛୁଟି କରିଦେଇଛନ୍ତି। ଘରୁ ବାହାରିବା ଅଧିକାଂଶଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିବା ବେଳେ ଲୋକେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଉଚିତ ମଣୁଛନ୍ତି। ସେହିଭଳି ମ୍ୟୁଜିୟମ୍, ସିନେମା ହଲ୍, ବାର୍, ରେଷ୍ଟୁରାଣ୍ଟ, ଶପିଂ ମଲ୍ ସବୁ ବନ୍ଦ ଥିବାରୁ ଘରେ ରହି ଲୋକେ ବୋର୍ ହୋଇଗଲେଣି। ତେବେ ସବୁଠାରୁ ମାତାପିତାଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛନ୍ତି ପିଲାମାନେ। ଘରେ ଅଧିକ ସମୟ ରହିବାକୁ ପଡୁଥିବାରୁ ସେମାନେ ଟେଲିଭିଜନ୍ ଦେଖିବା, ଭିଡିଓ ଗେମ୍ସ ଖେଳିବା, ମୋବାଇଲ ଦେଖିବାରେ ସମୟ କଟାଉଛନ୍ତି। ଦୀର୍ଘ ସମୟ ବସି ଏସବୁ କରୁଥିବାରୁ ମାତାପିତା ସେଥିରୁ ବିରତ ରହିବାକୁ କହିବାରୁ ପିଲେ ଚିଡ଼ିଚିଡ଼ା ହୋଇଯାଉଥିବା ଦେଖିବାକୁ ମିଳୁଛି।



କରୋନା ଭୟରେ କିଛିଦିନ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ୭୦ ପ୍ରତିଶତ ବଢିଯାଇଥିବା ବେଳେ ଲୋକେ ୱେବ୍ ସିରିଜ୍, ଟେଲିଭିଜନ ଓ ଫିଲ୍ମ ଦେଖି ସମୟ ଅତିବାହିତ କରୁଛନ୍ତି। ବୟସ୍କଙ୍କ ପାଇଁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଏବଂ ହଟ୍‌ଷ୍ଟାର୍ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ସାହାରା ପାଲଟିଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏବେ ଘରେ ରହି ସମୟ କାଟିବା କଷ୍ଟ ହୋଇଯାଇଛି। ଅଧିକାଂଶଙ୍କ ପରୀକ୍ଷା ଶେଷ ହୋଇଥିବାରୁ ପାଠପଢ଼ାର ଚିନ୍ତାନାହିଁ। ତେଣେ ମାତାପିତା ଓ ଅଭିଭାବକ ପିଲାଙ୍କୁ ବାହାରକୁ ବୁଲିବାକୁ ଦେଉନାହାନ୍ତି। ଫଳରେ ପିଲାମାନେ ଭିଡିଓ ଗେମ୍ସ, ପେଣ୍ଟିଂ, ଇଣ୍ଟରନେଟ୍ ବ୍ରାଉଜିଂ, ଟେଲିଭିଜନରେ କାର୍ଟୁନ୍ ଓ ୟୁଟ୍ୟୁବ୍ ଭିଡିଓ ଦେଖି ସମୟ କଟାଉଛନ୍ତି। ଖରାଛୁଟି ହେଲେ ସାଧାରଣତଃ ପିଲାମାନେ ମାମୁ ଘରକୁ କିମ୍ବା ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଆନ୍ତି। ଭ୍ରମଣ ଉପରେ କଟକଣା ଲାଗିଥିବାରୁ ସେମାନେ ଘରେ ରହି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଛୁଆଙ୍କ ଅଳିଅର୍ଦ୍ଦଳି ସହଜରେ ସହିପାରୁ ନ ଥିବା ମାତାପିତା ଓ ପରିବାରବର୍ଗ ସେମାନଙ୍କ ଉପରେ ବିରକ୍ତ ହୋଇ ଯାଉଥିବା ଦେଖିବାକୁ ମିଳୁଛି। କେତେ ଜଣ ମା' ପିଲାଙ୍କ ଛୁଟି କଟାଇବା ସମୟକୁ ନେଇ ନାନାଦି କଥା କହିଛନ୍ତି।



ଘରେ ରହିବା ମାନେ ମା'ବାପାଙ୍କ ପାଇଁ ଅଧିକ ଟେନ୍‌ସନ୍। ମୋ ପିଲାମାନେ ଘରେ ରହିବା ମାତ୍ରେ ସବୁବେଳେ କିଛି ନା କିଛି କରୁଥାନ୍ତି। ତାଙ୍କୁ ସମ୍ଭାଳିବା ବେଳେବେଳେ କଷ୍ଟ ହୋଇପଡ଼େ। ଏବେ ସବୁବେଳେ ଘରେ ରହୁଥିବାରୁ ମୁଁ ତାଙ୍କୁ ୟୁଟ୍ୟୁବ୍‌ରେ ପେଣ୍ଟିଂ ଓ କଲରିଂ ଭିଡ଼ିଓ ଦେଖିବାକୁ କହୁଛି। ଦେଖିସାରିବା ପରେ ନିଜେ ନିଜେ ଅଭ୍ୟାସ ବି କରୁଛନ୍ତି, ଯାହାକି ତାଙ୍କ କ୍ରିଏଟିଭିଟିକୁ ବଢାଉଛି। ସ୍କୁଲ୍ ବନ୍ଦ ହେବା ପୂର୍ବରୁ ସେମାନଙ୍କୁ ଉପର କ୍ଲାସ୍‌ର ବହି ମଧ୍ୟ ମିଳିଯାଇଛି। ନୂଆ ବହି ଯୋଗୁ ଏବେ ଘରେ ରହି ପଢିବାକୁ ସେମାନଙ୍କୁ ଭଲଲାଗୁଛି।

**- ବେବୀରାଣୀ ସାହୁ**



ମୋ ଝିଅ ଫିଲ୍ମରେ ଆକ୍ଟିଂ କରେ। ଏବେ ଶୁଟିଂ ବନ୍ଦ ହୋଇଯାଇଥିବାରୁ ସେ ସବୁବେଳେ ଘରେ ରହୁଛି। ସ୍କୁଲ୍ ବି ଛୁଟି। ତେଣୁ ଘରେ ରହି ପାଠ ପଢ଼ିବାର ସୁଯୋଗ ମିଳିଛି। ଅନ୍ୟ ସମୟରେ ଶୁଟିଂରେ ବ୍ୟସ୍ତ ରହୁଥିବାରୁ ପଢ଼ିବାକୁ ସମୟ ପାଏନା। ଏବେ ସେ ଆସନ୍ତା ପରୀକ୍ଷା ପାଇଁ ପାଠ ପଢୁଛି। ଅଧିକାଂଶଙ୍କ ପାଇଁ ବର୍ତ୍ତମାନ ସମୟରେ ୨୪ଘଣ୍ଟା ଘରେ ରହିବା କଷ୍ଟକର ହୋଇଥିବା ବେଳେ ମୋ ଝିଅ ପାଇଁ କିନ୍ତୁ ଏହା ପଢ଼ିବାର ଭଲ ସୁଯୋଗ ଦେଇଛି।

**- ରଶ୍ମି ମହାନ୍ତି**



ମୋର ଦୁଇଝିଅ ଅଛନ୍ତି। ବଡ଼ଝିଅ ପେଣ୍ଟିଂ କରିବାକୁ ଭଲପାଏ। ତେଣୁ ସେ ଏବେ ଫାଙ୍କା ସମୟରେ ବସି ପେଣ୍ଟିଂ କରୁଛି। ଏହାବ୍ୟତୀତ ଟେଲିଭିଜନରେ ଆଲ୍ଲାଦିନ ଶୋ' ତାର ଫେଭରାଇଟ୍। ପରୀକ୍ଷା ସରିଥିବାରୁ ପଢିବାକୁ କହିବାକୁ ଭଲଲାଗୁନି। ପିଲାମାନେ ସେମାନଙ୍କ ମନ ମୁତାବକ କାମ କରି ସମୟ କାଟୁଛନ୍ତି। ସାନ ଝିଅ ମୋର କାର୍ଟୁନ୍ ଛଡା ଆଉକିଛି ଦେଖେନା।

**- ଶଶିକଳା ସାହୁ**



କରୋନା ଭୟ ଯୋଗୁ ଏବେ ମୋ ପୁଅକୁ ମୁଁ ବାହାରକୁ ଛାଡୁନି। ସେ ପାର୍କ ଯିବାକୁ ପସନ୍ଦ କରେ ଓ ୪ଟା ହେଲେ ଘର ବାହାରେ ସାଇକେଲ ଚଲାଏ। ହେଲେ ଏବେ ସବୁକିଛି ବନ୍ଦ ହୋଇଯାଇଛି। ସ୍କୁଲ୍‌ରୁ ଏବେ ବହି ମଧ୍ୟ ମିଳିନି। ତେଣୁ ଘରେ ବସି କାର୍ଟୁନ ଦେଖିବା ଏବେ ତାର ଫେଭରାଇଟ୍ ହବି। ଏହାବ୍ୟତୀତ ଭିଡିଓ ଗେମ୍ ଖେଳୁଛି। ଚାହିଁଲେ ବି ଏବେ ମନାକରି ହେଉନି।

**- ଲିପିକା ଦାସ**

# କରୋନାକୁ ଗୁଜବ କହି ୨ ଭାଇ ଗିରଫ

ବ୍ରହ୍ମପୁର ଅଫିସ,୧୮।୩

କରୋନା ଭାଇରସ୍ ଏବେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଲୋକମାନଙ୍କୁ ଏହାର ସଂକ୍ରମଣରୁ ରକ୍ଷା କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡିଶା ସରକାର ମଧ ବିଭିନ୍ନ ସତର୍କତା ଅବଲମ୍ବନ କରିଛନ୍ତି। ଏହାକୁ ନେଇ ବ୍ରହ୍ମପୁର ସହରରେ ମଧ ୧୪୪ ଧାରା ଜାରି ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଏହା ସତ୍ତ୍ୱେ ଏହାକୁ ଗୁଜବ ବୋଲି କହି ବୁଧବାର ୨ ଭାଇ ସୁବାସ ଚନ୍ଦ୍ର ସାହୁ ଓ ସୁଧାକର ସାହୁ ଗିରଫ ହୋଇଛନ୍ତି । ସେମାନଙ୍କର ବ୍ରହ୍ମପୁର ହନୁମାନ ବଜାରରେ ଏକ ଚୁଡ଼ି ଦୋକାନ ରହିଛି ।

ବୁଧବାର ସକାଳେ ପ୍ରଶାସନିକ ଅଧିକାରୀମାନେ ବ୍ରହ୍ମପୁର ସହରର ବିଭିନ୍ନ ବଜାର ବୁଲିବା ସହ କେତେକ ଶପିଂ ମଲ ଓ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଥିବା ଦେଖି ବନ୍ଦ କରିବାକୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ସୁବାସ ଓ ସୁଧାକାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ସହ କରୋନା ଭାଇରସ୍ ଗୁଜବ, ଏଥିରେ କେହି ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଥିଲେ। ଘଟଣାକୁ ବ୍ରହ୍ମପୁର ଉପ-ଜିଲାପାଳ ଗରୁତ୍ୱର ସହ ନେଇ ସେମାନଙ୍କ ନାମରେ ଗିରଫ ପରୱାନା ଜାରି କରିଥିଲେ। ବଡବଜାର ପୋଲିସ ସୁବାସ ଓ ଭାଇ ସୁଧାକରଙ୍କୁ ଗିରଫ କରିଛି। ବୁଧବାର ସନ୍ଧ୍ୟାରେ ଉଭୟଙ୍କୁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ଉପ-ଜିଲାପାଳଙ୍କ କୋର୍ଟରେ ହାଜର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଅନ୍ୟପଟେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରାଯାଉଥିବା ଦୋକାନ ଖୋଲା ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।



ଗିରଫ ୨ ଭାଇ

# ନନ୍ଦନକାନନକୁ ଆସିଲେ ୬ ନୂଆ ଅତିଥି





ବାରଙ୍ଗ,୧୮।୩ (ଡି.ଏନ.ଏ):

ଗୋଟିଏପଟେ ନନ୍ଦନକାନନର ମୁଖ୍ୟ ଆକର୍ଷକ କଲରପତରିଆ ବାଘ ସୂରଜକୁ ହରାଇ ଦୁଃଖରେ ଥିବାବେଳେ ଅନ୍ୟପଟେ ଏକାସଙ୍ଗେ ୬ଟି ନୂଆ ଅତିଥି ଆସି ଖୁସି ଆଣିଦେଇଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୪ଟି ଏସିୟ ଅଣ୍ଡିରା ସିଂହ ସହ ହଳେ କୋକିଶିଆଳି ଆସିଛନ୍ତି। ଏହି ସିଂହ ଆସିବା ପରେ ସିଂହସଫାରିରେ ଛଡ଼ାଯିବାର ଯୋଜନା କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ପର୍ଯ୍ୟଟକମାନେ ସିଂହ ସଫାରିରେ ଅଧିକ ସିଂହ ଦେଖିବାର ସୁଯୋଗ ପାଇପାରିବେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମୁତାବକ ଛତିଶଗଡ଼ ରାଜ୍ୟ ବିଲାସପୁରସ୍ଥିତ କାନନପେଣ୍ଡାରୀ ଚିଡିଆଖାନାରୁ ୪ ଅଣ୍ଡିରା ଏସିୟ ସିଂହ ଓ ହଳେ କୋକିଶିଆଳି ମଙ୍ଗଳବାର ରାତିରେ ନନ୍ଦନକାନନରେ ଆସି ପହଞ୍ଚିଛି। ଏମାନଙ୍କ ସ୍ୱାସ୍ଥ୍ୟ ଭଲଥିବାବେଳେ କିଛିଦିନ ପାଇଁ ଡାକ୍ତରଙ୍କ ନଜରବନ୍ଦିରେ ରଖାଯିବ ବୋଲି ଜଣାପଡିଛି। ଏହାଫଳରେ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧିପାଇ ୧୫ରେ ପହଞ୍ଚିଛି। ସେଥିମଧ୍ୟରେ ୮ ଅଣ୍ଡିରା, ୭ ମାଈ ଅଛନ୍ତି। ସେହିଭଳି ଭାବେ କୋକିଶିଆଳି ସଂଖ୍ୟା ବୃଦ୍ଧିପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୨ ମାଈ, ୨ ଅଣ୍ଡିରା ଓ ଗୋଟିକର ଲିଙ୍ଗନିରୂପଣ ହୋଇନାହିଁ ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି ।

# ଆଜିଠୁ ମାଟ୍ରିକ ଖାତା ମୂଲ୍ୟାୟନ

- ୬୧ କେନ୍ଦ୍ରରେ ନିୟୋଜିତ ହେବେ ୧୬ ହଜାର ପରୀକ୍ଷକ
- କାର୍ଯ୍ୟକାରୀ ହେବ କରୋନା ଗାଇଡ୍ ଲାଇନ

**କଟକ ଅଫିସ,୧୮।୩:** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଗୁରୁବାରଠାରୁ ଆରମ୍ଭ ହେବ। ଏଥିପାଇଁ ୬୧ଟି କେନ୍ଦ୍ରରେ ପ୍ରାୟ ୧୬ ହଜାର ପରୀକ୍ଷକ ନିୟୋଜିତ ହୋଇଛନ୍ତି। ଚଳିତବର୍ଷ ୫ଲକ୍ଷ ୬୦ହଜାର ୯୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଖାତା ମୂଲ୍ୟାୟନ ପାଇଁ ସମସ୍ତ କେନ୍ଦ୍ରରେ ବୁଧବାର ସନ୍ଧ୍ୟା ସୁଦ୍ଧା ପରୀକ୍ଷକମାନେ ଆସି ପହଞ୍ଚି ସାରିଛନ୍ତି। ଏଥର କରୋନା ଆତଙ୍କ ଯୋଗୁ ସ୍ୱାସ୍ଥ୍ୟ ବିଭାଗର ଗାଇଡ ଲାଇନ ଅନୁଯାୟୀ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ମାଧମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜରା କହିଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ଗାଇଡ ଲାଇନ ଅନୁଯାୟୀ ପ୍ରତ୍ୟେକ ପରୀକ୍ଷକଙ୍କ ମଧ୍ୟରେ ଏକ ମିଟର ଦୂରତା ରଖାଯିବ। ଖାତା ମୂଲ୍ୟାୟନ ପୂର୍ବରୁ ଡିସ୍‌ଇନଫେକ୍ଟାଣ୍ଟରେ ସମସ୍ତ ଚେୟାର ଟେବୁଲ ପୋଛାଯିବ। ଏହା ବ୍ୟତୀତ କେନ୍ଦ୍ରରେ ପର୍ଯ୍ୟାପ୍ତ ସାନିଟାଇଜର ଓ ସାବୁନ ମହଜୁଦ ରଖାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ପରୀକ୍ଷକମାନେ ୩ଟି ଗ୍ରୁପରେ ବିଭକ୍ତ ହୋଇ ପୃଥକ ଭାବେ ୩ଟି ସମୟ ଅନ୍ତରରେ କେନ୍ଦ୍ରକୁ ପ୍ରବେଶ ଓ ପ୍ରସ୍ଥାନ କରିବେ। ପ୍ରଥମ ଗ୍ରୁପ ପୂର୍ବାହ୍ନ ୮ଟା ୩୦ରେ ପ୍ରବେଶ କରି ଅପରାହ୍ନ ୨ଟା ୩୦ରେ ବାହାରିବେ। ସେହିପରି ଦ୍ୱିତୀୟ ଗ୍ରୁପ ପୂର୍ବାହ୍ନ ୯ଟା ୩୦ରେ ପ୍ରବେଶ କରି ଅପରାହ୍ନ ୩ଟା ୩୦ ଏବଂ ତୃତୀୟ ଗ୍ରୁପ ୧୦ଟା ୩୦ରେ ପହଞ୍ଚି ଅପରାହ୍ନ ୪ଟା୩୦ରେ ବାହାରିବେ ବୋଲି ସ୍ଥିର ହୋଇଛି।

## ରକ୍ତ କର୍କଟ ପୀଡିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି

# ସ୍କୁଲ ଯିବି, ପାଠ ପଢ଼ିବି

ଅମରପାଲି, ୧୮।୩ (ଡି.ଏନ.ଏ)

ସ୍କୁଲ ଯିବି, ସାଙ୍ଗ ସାଥିଙ୍କ ସହ ପାଠ ପଢ଼ିବି। ଖେଳାବୁଲା କରିବାକୁ ଇଚ୍ଛା ହେଉଛି। ମାତ୍ର ଅସୁସ୍ଥତା ଯୋଗୁ ସ୍କୁଲ ଯାଇ ପାରୁନି କି ସାଙ୍ଗ ସାଥିଙ୍କ ସହ ଖେଳାବୁଲା କରିପାରୁନି। ଭଲ ହୋଇଗଲେ ପୁଣି ସ୍କୁଲ ଯାଇ ପାଠ ପଢ଼ିବି। ଏହାଥିଲା ଜଣେ ରକ୍ତକର୍କଟ ପୀଡିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମର ଭଗବାନ ମିର୍ଦ୍ଧା। ଝିଅ ,୧୪ବର୍ଷର ପୁଅ ଶମ୍ଭୁ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ବଡଭଉଣୀ ଦୀପାଞ୍ଜଳି ମିର୍ଦ୍ଧା ବଡମାଲ କଲେଜରେ ଯୁକ୍ତଦୁଇ ଓ ଶମ୍ଭୁ ନିକଟସ୍ଥ ଅମରପାଲି ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ୨୦୧୯ ଜୁଲାଇ ମାସରେ ହଠାତ ଅସୁସ୍ଥ ହୋଇ ପଡିଲେ ଶମ୍ଭୁ। ଭଗବାନ ତାଙ୍କୁ ବୀରମହାରାଜପୁର ଓ ପରେ ବୁର୍ଲା ମେଡିକାଲରେ ଚିକିତ୍ସା କରାଇଲେ। ବୁର୍ଲାରେ ୮ ଦିନର ଚିକିତ୍ସା ପରେ ସେ ରକ୍ତକର୍କଟରେ ପୀଡିତ ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିଲା। ପୁଅର ଏଭଳି ଦୁରାରୋଗ୍ୟ ସମ୍ପର୍କରେ ଖବର ପାଇଲା ପରେ ଭାଙ୍ଗି ପଡିଲେ ଭଗବାନ। ତାଙ୍କୁ କଟକ ନେଇ ସେଠାରେ ୩ମାସ ଚିକିତ୍ସା କରାଇଲେ। ମାସକୁ ୮ଟି ଲେଖାଏ କେମୋ ମଧ ଦିଆଯାଇଥିଲା। କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଭଗବାନ ପୁଅର ଚିକିତ୍ସା ପାଇଁ ସୁନା ରୁପା ଗହଣା ଯାହାଥିଲା ବିକି ଖର୍ଚ୍ଚ କଲାପରେ ଧାରଉଧାର କରି ଚିକିତ୍ସା କରୁଛନ୍ତି। ତାଙ୍କ ପରିବାରର ଜମିବାଡି କିଛିନାହିଁ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧିକ ଚିକିତ୍ସା ହୋଇ ପାରୁନାହିଁ। ଏପରି କି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡକ୍ରସ ବିଭାଗରୁ କୌଣସି ଆର୍ଥିକ ସହାୟତା ମିଳିପାରୁ ନାହିଁ। ଏବେ ଶମ୍ଭୁଙ୍କ ଚିକିତ୍ସା କେମିତି ହେବ ସେ ନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ।



ବାପା ମାଆ ସହ ରକ୍ତକର୍କଟ ଆକ୍ରାନ୍ତ ଶମ୍ଭୁ ।


## INSTITUTE ON MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879
E-mail : imagebbsr@rediffmail.com

No.CAD-1139

**INDICATIVE ADVERTISEMENT FOR CATERING SERVICE**

Sealed tenders are invited from bonafide Caterer / Food supplier / Hoteliers and restaurant owners engaged in outdoor catering services for providing catering services to IMAGE for the year 2020-21.

The detailed Terms of Reference (TOR) with schedule of items to be served can be obtained from the office of U/s on any working day on office hour from 21.03.2020 to 07.04.2020 on payment of Rs.1000/- either in cash or D.D. drawn in favour of Director, IMAGE, Siripur, Bhubaneswar-3 payable at SBI OUAT Campus Branch, BBSR-3

Sealed tenders may be submitted to the U/S super scribing on the sealed envelope "Tender for Catering Service" either by hand or by postal receivable up to 2.00 P.M on 07.04.2020. The tenders will be opened in presence of the tenderers or their authorized representatives who wish to be present at 4.00 P.M on the same date i.e. on 07.04.2020. The tender papers should be accompanied by MR towards security deposit of Rs.30,000/- (refundable) duly deposited in the O/o- U/S on or before 07.04.2020 in shape of D.D in favour of Director, IMAGE, Siripur, Bhubaneswar-3 payable at SBI, OUAT Campus Branch, BBSR-3.

The security deposit will be refunded to unsuccessful bidders. The successful tenderer has to execute an agreement in the prescribed format with the U/S and deposit additional security money as may be prescribed.

The U/S reserves the authority to reject /cancel any or all the tender papers without assigning any reason thereof.

**Director, IMAGE**
OIPR-28009/11/0003/1920



## ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ବିଜ୍ଞାପନ ସଂଖ୍ୟା: ୬୩୨ / ଉଦ୍ୟାନ ତା୧୬।୦୩।୨୦୨୦

### ଆମ୍ବ ଓ ଲିଚୁ ଫଳର ନିଲାମ ନୋଟିସ

**No. L-114:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ଥିବା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୁଆଁର ଫାର୍ମର ୮୪୮ଗୋଟି ଫଳନ୍ତି ଆମ୍ବଗଛର ଫଳ ଓ ୩୭ଟି ଲିଚୁ ଗଛର ଫଳ, ତରମାକାନ୍ତ ଫାର୍ମର ୮୦ଗୋଟି ଆମ୍ବ ଗଛର ଫଳ ନିଲାମ ଜରିଆରେ ବିକ୍ରୟ କରାଯିବ। ନିଲାମ ତା୦୭।୦୪।୨୦୨୦ରିଖ ଦିନ ସ୍ଥିର କରାଯାଇଛି। ଆଗ୍ରହୀ ନିଲାମଧାରୀ ଯେକୌଣସି ସରକାରୀ କାର୍ଯ୍ୟଦିବସରେ କୁଆଁର ଫାର୍ମ, ତରମାକାନ୍ତ ଫାର୍ମର ଫଳ ବଗିଚା ପରିଦର୍ଶନ କରିପାରିବେ। ବିଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ପୃଥକ୍ ପୃଥକ୍ ଭାବେ ଟେଣ୍ଡର ଫର୍ମ ଓ ନିଲାମ ସମ୍ବନ୍ଧୀୟ ନିୟମାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ୨୦ ଟଙ୍କା ବିନିମୟରେ ପ୍ରତ୍ୟେକ କାର୍ଯ୍ୟଦିବସରେ ପାଇପାରିବେ। ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଫର୍ମ ଜଉମୁଦ ଦିଆ ଲଫାପାରେ ତା୦୬।୦୪।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ଡାକ ଅଥବା କୋରିଅର ଡାକ ସେବା ଯୋଗେ ଦାଖଲ କରିବା ଆବଶ୍ୟକ। ପ୍ରତ୍ୟେକ ନିଲାମଧାରୀ ଫାର୍ମ ଓ ନର୍ସରୀ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ। ପ୍ରତ୍ୟେକ ଟେଣ୍ଡର ଫର୍ମ ପାଇଁ ପୃଥକ୍ ପୃଥକ୍ ଭାବେ ଅମାନତ ରାଶି ନିମ୍ନମତେ ଦାଖଲ କରିବେ।

| କ୍ର. ନଂ. | ଫାର୍ମର ନାମ | ନିଲାମ ଦିଆଯିବା ଗଛ ସଂଖ୍ୟା | ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦୁଝର ଶାଖା ଜରିଆରେ | ମନ୍ତବ୍ୟ |
|---|---|---|---|---|
| ୧ | କୁଆଁର ଫାର୍ମ | ୮୪୮ ଆମ୍ବ ଓ ୩୭ ଲିଚୁ | ନିଲାମ ଡାକିଥିବା ମୂଲ୍ୟର ୧୦ ଶତକଡ଼ା (ଉଦାହରଣ- ଯଦି ଆପଣ ୧(ଏକ) ଲକ୍ଷ ଟଙ୍କାର ନିଲାମ ଡାକିଅଛନ୍ତି, ତେବେ ୧୦,୦୦୦.୦୦ ଟଙ୍କାର ଅମାନତ ମୂଲ୍ୟର ବ୍ୟାଙ୍କ୍ ଡ୍ରାଫ୍ଟ ଦାଖଲ କରିବେ।) | ନିଲାମଧାରୀ ଫାର୍ମ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ |
| ୨ | ତରମାକାନ୍ତ ଫାର୍ମ | ୮୦ ଆମ୍ବ ଗଛ | | |

ଉକ୍ତ ତା୦୭।୦୪।୨୦୨୦ରିଖ ପୂର୍ବାହ୍ନ ୧୧.୩୦ ସମୟରେ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସଭ୍ୟବୃନ୍ଦ ଓ ପ୍ରାର୍ଥୀମାନଙ୍କ ସମ୍ମୁଖରେ ଜଉମୁଦ ଦିଆ ଲଫାପାଗୁଡ଼ିକ ଖୋଲାଯିବ। ଭିନ୍ନ ଭିନ୍ନ ଫାର୍ମ ପାଇଁ ଭିନ୍ନ ଭିନ୍ନ ଭାବେ ନିଲାମ ପ୍ରକ୍ରିୟା ଏକ ସମୟରେ ସମ୍ପାଦନ କରାଯିବ। ଅସଫଳ ପ୍ରାର୍ଥୀଙ୍କର ଅମାନତ ଜମାରାଶି ବାବଦକୁ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟଟି ସେହି ନିଲାମ ସ୍ଥାନରେ ଫେରସ୍ତ କରି ଦିଆଯିବ। ନିଲାମରେ ସଫଳ ପ୍ରାର୍ଥୀଙ୍କୁ ସେହିଦିନ ନିଲାମ ମୂଲ୍ୟର ସମ୍ପୂର୍ଣ୍ଣ ମୂଲ୍ୟ ଅପରାହ୍ନ ୫ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ନିଲାମ ଧାର୍ଯ୍ୟ ହୋଇଗଲା ପରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଯଦି ଫଳ ବଗିଚାର କୌଣସି କ୍ଷୟକ୍ଷତି ହୁଏ, ତେବେ ସେଥିପାଇଁ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ହେବେ ନାହିଁ। କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ।

ସ୍ୱା./- ଓମ୍ ପ୍ରକାଶ ରଥ
ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝର
OIPR-01405/11/0001/1920



## ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା-LA-UIIP-KLD-264** **ତା. 29.02.2020**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ହୀରାପୁର, ଥାନା-ଜୟପାଟଣା, ତହସିଲ-ଜୟପାଟଣା, ଜିଲ୍ଲା-କଳାହାଣ୍ଡି**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୩୪୮, ତା.୧୧।୦୮।୨୦୧୯**ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ହୀରାପୁର, ଥାନା- ଜୟପାଟଣା, ଜିଲ୍ଲା-କଳାହାଣ୍ଡି**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହୀରାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା। | ଏଥି ସହିତ ସଂଲଗ୍ନ କରାଗଲା। | ଏଥି ସହିତ ସଂଲଗ୍ନ କରାଗଲା। | ଏଥି ସହିତ ସଂଲଗ୍ନ କରାଗଲା। | ଏ. ୦.୩୫ | ଏଥି ସହିତ ସଂଲଗ୍ନ କରାଗଲା। |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।

**ତଫସିଲ- 'ଖ'**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ:- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶକ୍ରମେ
ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅନୁସୂଚୀ**
**ମୌଜା: ହୀରାପୁର, ତହସିଲ: ଜୟପାଟଣା, ଥାନା: ଜୟପାଟଣା, ଜିଲ୍ଲା: କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ହୀରାପୁର | ଗ୍ରାମାଞ୍ଚଳ | ୧୪୧ | ୬୩୮<br>୬୩୫<br>୬୩୭ | ଆଟ ମାମୁଲି<br>ଆଟ ମାମୁଲି<br>ମାଳ ମାମୁଲି | ୧.୯୦<br>୪.୭୬<br>୦.୫୪ | ୦.୨୨<br>୦.୦୬<br>୦.୦୭ | ଝରିଆ ସିଂହ ଦିଶାରୀ, ପି: ବିରବଳ ଦିଶାରୀ, ଜା: ଭତରା, ସା: ନିଜଗାଁ |
| | | | | | | | ଏ.୭.୨୦ | ଏ.୦.୩୫ | |
| ମୌଜାର ମୋଟ ରୟତି ଜମି ୩ ପ୍ଲଟ୍‌କୁ ମୋଟ ରକବା ଏ.୭.୨୦ରୁ ଅଧିସୂଚିତ ରକବା ଏ.୦.୩୫ | | | | | | | | | |

ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି



## ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା.LA-UIIP-KLD-257** **ତା.୨୯।୦୨।୨୦୨୦**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଚାଟିଗୁଡା, ଥାନା-ଜୟପାଟଣା, ତହସିଲ-ଜୟପାଟଣା, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୩୫୪, ତା୧୧।୦୮।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ଚାଟିଗୁଡା, ଥାନା-ଜୟପାଟଣା, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚାଟିଗୁଡ଼ା | ଗ୍ରାମଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା। | ଏଥିସହିତ ସଂଲଗ୍ନ କରାଗଲା। | ଏଥିସହିତ ସଂଲଗ୍ନ କରାଗଲା। | ଏଥିସହିତ ସଂଲଗ୍ନ କରାଗଲା। | ଏ.୧.୨୪ | ଏଥିସହିତ ସଂଲଗ୍ନ କରାଗଲା। |

- **ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।**

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ :- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା : ଚାଟିଗୁଡ଼ା, ତହସିଲ : ଜୟପାଟଣା, ଥାନା-ଜୟପାଟଣା, ଜିଲ୍ଲା-କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୧୯ | ୮୩<br>୮୭ | ଆଟ ମାମୁଲି<br>ବାହାଲ ମାମୁଲି | ୧.୯୬<br>୧.୧୭ | ୦.୧୮<br>୦.୧୯ | ଚକ୍ର ଭତରା, ଦିଆନ ଭତରା, ପି: ରଘୁ ଭତରା, ଜା:ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୨୦ | ୨୧ | ବାହାଲ ମାମୁଲି | ୨.୦୨ | ୦.୭୫ | ଛିନୁ ଭତରା, ପି: ରୁଷି ଭତରା, ହରି ଭତରା, ପି: ବଖରିଆ ଭତରା, ଜା: ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୩୯ | ୮୯ | ମାଳ ମାମୁଲି | ୪.୬୭ | ୦.୧୨ | ରଥ ଭତରା, ପି: ଜଗନାଥ ଭତରା, ନାକ ଭତରା, ପି: କୋଣ୍ଡା ଭତରା, କୈକେୟା ବେୱା, ସ୍ୱା: କୋଣ୍ଡା ଭତରା, ଜା: ଭତରା, ବା: ନିଜଗାଁ |
| | | | | | | | ଏ.୯.୮୧ | ଏ.୧.୨୪ | |
| ମୌଜାର ମୋଟ ରୟତି ଜମି ୪ ପ୍ଲଟ୍‌କୁ ମୋଟ ରକବା ଏ.୯.୮୧ ରୁ ଅଧିସୂଚିତ ରକବା ଏ.୧.୨୪ | | | | | | | | | |

ଡ. ଗାଭାଲି ପରାଗ ହରଶାଦ
ଜିଲ୍ଲାପାଳ, କଳାହାଣ୍ଡି



ସମ୍ପ୍ରତି ଏକ ଗବେଷଣା ରିପୋର୍ଟରେ ଦର୍ଶାଯାଇଛି ଯେ, 'ଏ' ବ୍ଲଡ୍ ଗ୍ରୁପ୍‌ଙ୍କୁ କେରୋନା ସଂକ୍ରମଣ ଆଶଙ୍କା ଅନ୍ୟ ବ୍ଲଡ୍ ଗ୍ରୁପ୍ ତୁଳନାରେ ଅଧିକ ରହିଛି। ସେହିପରି 'ଓ' ବ୍ଲଡ୍ ଗ୍ରୁପ୍ ଲୋକଙ୍କ ଶରୀର ସହଜରେ କରୋନା ସଂକ୍ରମଣର ମୁକାବିଲା କରିପାରିଥାଏ। ଚାଇନାରେ କରୋନା ସଂକ୍ରମିତଙ୍କ ମଧ୍ୟରେ ୩୮ ପ୍ରତିଶତ 'ଏ' ବ୍ଲଡ୍ ଗ୍ରୁପ ଲୋକେ ଥିବାବେଳେ ୨୬ ପ୍ରତିଶତ 'ଓ' ବ୍ଲଡ୍ ଗ୍ରୁପ ରହିଛନ୍ତି। ଉହାନ ନିକଟରେ ଥିବା ସେଣ୍ଟର ଫର ଏଭିଡେନ୍ସବେସଡ୍ ଆଣ୍ଡ ଟ୍ରାନ୍ସଲେଶନାଲ ମେଡିସିନ୍‌ଠାରେ ଏନେଇ ଅଧିକ ଗବେଷଣା ଜାରି ରହିଛି। କରୋନା ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ୨୦୬ ଜଣ ଲୋକଙ୍କ ଉପରେ ଏହି ଅଧ୍ୟୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୮୫ ଜଣ ଅର୍ଥାତ୍ ୪୧.୨୬ ପ୍ରତିଶତଙ୍କ 'ଏ' ବ୍ଲଡ୍ ଗ୍ରୁପ ରହିଛି।




# ଫ୍ଲାଇଙ୍ଗ୍ କିସ୍‌ରେ ଆନିଭର୍ସାରି

**ୱାଶିଂଟନ:** ବିଭିନ୍ନ ଦେଶରେ କରୋନା ଭାଇରସ୍ ସ୍ତ୍ରୀ ସ୍ୱାମୀଙ୍କୁ ଅଲଗା କରିବାର ମୁଖ୍ୟ କାରଣ ହୋଇଛ। ଏହି କାରଣରୁ ଏକ ଭିନ୍ନ ଢଙ୍ଗରେ ଏବେ ବିବାହ ବାର୍ଷିକୀ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି ଆମେରିକାର କୋଟୋଲ୍ୟାଣ୍ଡ କାଉଣ୍ଟିର ଏକ ବୃଦ୍ଧ ଦମ୍ପତି। କରୋନା ଭାଇରସ୍ ଯୋଗୁ ସେ ଏକ ଭିନ୍ନ ଢଙ୍ଗରେ ତାଙ୍କ ୬୭ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି। କରୋନା ଭାଇରସରେ ଆକ୍ରାନ୍ତ ହୋଇ ବାମ୍ପେ ସେଲାର୍ଡଙ୍କ ସ୍ତ୍ରୀ ନାନ୍ସୀ ନର୍ସିଂହୋମ୍‌ରେ ଥିଲେ। ସେଲାର୍ଡଙ୍କୁ ନର୍ସିଂ ହୋମରେ ନାନ୍ସୀଙ୍କ ସହ ଦେଖା କରିବାର ସୁଯୋଗ ମିଳି ନ ଥିଲା । ତେଣୁ ସେଲାର୍ଡ ନର୍ସିଂହୋମର ବାହାରେ ଏକ ସାଇନ୍ ବୋର୍ଡରେ ତାଙ୍କ ପତ୍ନୀଙ୍କ ପାଇଁ ବିବାହ ବାର୍ଷିକୀର ବାର୍ତ୍ତା ଲେଖି ଛିଡା ହୋଇଥିଲେ। ତାଙ୍କ ସ୍ତ୍ରୀ ନାନ୍ସୀ ମଧ୍ୟ ନର୍ସିଂହୋମର ଝରକା ବାଟ ଦେଇ ହାତ ହଲାଇବା ସହ ଫ୍ଲାଇଙ୍ଗ୍ କିସ୍ କରି ପ୍ରତ୍ୟୁତ୍ତର ଦେଇଥିଲେ। ସେଲାର୍ଡଙ୍କର ଏହି ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି ।

# ପୁଅର ପାପ ଧୋଉଛନ୍ତି ୯୭ ବର୍ଷୀୟା ମା'

**ପ୍ରୟାଗରାଜ:** ଗଙ୍ଗାଜଳ ବାଣ୍ଟିଲେ ପାପ ଦୂର ହେବ। ଏଇ ବିଶ୍ୱାସରେ୧୫ ବର୍ଷ ହେଲାଣି ବିଭିନ୍ନ ସ୍ଥାନ ବୁଲି ବୁଲି ଗଙ୍ଗାଜଳ ବାଣ୍ଟୁଛନ୍ତି ପାର୍ବତୀ । ଅବଶ୍ୟ ପାର୍ବତୀ ନିଜ ପାପ ଦୂର କରିବା ପାଇଁ ଏଇ କାମ କରୁନାହାନ୍ତି ବରଂ ତାଙ୍କ ପୁଅର ପାପ ଧୋଇବା ପାଇଁ ସେ ସମସ୍ତଙ୍କୁ ଗଙ୍ଗାଜଳ ଦେଉଛନ୍ତି । ବିହାରର ଭୋଜପୁର ଅଞ୍ଚଳରେ ରହନ୍ତି ପାର୍ବତୀ ପାଣ୍ଡେ। ୯୭ ବର୍ଷର ଏଇ ମହିଳା ଜଣକ ପୋଲିସ୍ ଷ୍ଟେଶନ୍, ହାଇକୋର୍ଟ ତଥା ବିଭିନ୍ନ ଅନୁଷ୍ଠାନ ବୁଲି ବୁଲି ଗଙ୍ଗାଜଳ ଆଉ ପ୍ରସାଦ ବାଣ୍ଟିଥାନ୍ତି । ୧୫ ବର୍ଷ ହେଲାଣି ସେ ଏଇ କାମ କରୁଛନ୍ତି ଆରପାରିରେ ଥିବା ତାଙ୍କ ପୁଅ ପାଇଁ । ପ୍ରକୃତ କଥା ହେଉଛି, ତାଙ୍କ ପୁଅ ବହୁ ଅପରାଧ କାର୍ଯ୍ୟକଳାପ ସହିତ ଜଡ଼ିତ ଥିଲା । ସେଥିପାଇଁ ତାକୁ ପୋଲିସ୍ ଏନ୍‌କାଉଣ୍ଟର କରି ମାରି ଦେଇଥିଲା। କିନ୍ତୁ ପୁଅ ତାଙ୍କଠାରୁ ଅଲଗା ରହୁଥିବାରୁ ସେ ଏହା ଜାଣି ପାରି ନ ଥିଲେ। ପୋଲିସ୍ ତାଙ୍କୁ ଏଇ ଖବର ଦେବା ପରେ ପାର୍ବତୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ଭାଙ୍ଗି ପଡ଼ିଥିଲେ। ଏହା ପରଠାରୁ ସେ ତାଙ୍କ ପୁଅ କରିଥିବା ଭୁଲ କାମର ପ୍ରାୟଶ୍ଚିତ୍ତ କରିବା ପାଇଁ ଗଙ୍ଗାଜଳ ବାଣ୍ଟିବା ଆରମ୍ଭ କରିଥିଲେ । ପାର୍ବତୀଙ୍କ ପତି ବହୁ ଆଗରୁ ମରି ଯାଇଥିଲେ । ଏକମାତ୍ର ପୁଅ ଶ୍ଲୋକଙ୍କୁ ଚାହିଁ ସେ ବଞ୍ଚି ରହିଥିଲେ। କିନ୍ତୁ ୧୯ ବର୍ଷ ହେବା ପରେ ଶ୍ଲୋକ ତାଙ୍କ ଠାରୁ ଅଲଗା ରହୁଥିଲା । ଦିନେ ହଠାତ୍ ପୋଲିସ୍‌ଠାରୁ ପୁଅର ମୃତ୍ୟୁ ସମ୍ପର୍କରେ ଖବର ପାଇଁ ସେ ପ୍ରାୟଶ୍ଚିତ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ । ସେଇ ଦିନ ଠାରୁ ସେ ପ୍ରତିଦିନ ଶିବକୁଟି ଘାଟରେ ଗଙ୍ଗାସ୍ନାନ କରି ପୁଅ ପାଇଁ ପୂଜା କରନ୍ତି ଓ ଗଙ୍ଗାଜଳ ନେଇ ବିଭିନ୍ନ କାର୍ଯ୍ୟାଳୟରେ ବାଣ୍ଟିଥାନ୍ତି ।





# ଇଟାଲିର ଭେନିସ୍ କେନାଲରେ ଡଲଫିନ୍

**ଭିଡ଼ିଓ ଭାଇରାଲ**

**ଭେନିସ୍:** ଚାଇନା ପରେ କରୋନାର ନୂଆ ଠିକଣା ପାଲଟିଛି ଇଟାଲି। ସୁରକ୍ଷା ଦୃଷ୍ଟିରୁ ସାଢ଼େ ୬ କୋଟି ଲୋକଙ୍କୁ ଘରୁ ନ ବାହାରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାର ପ୍ରଭାବ ଯୋଗୁ ଏବେ ଭେନିସ୍ କେନାଲରେ ଆଉ ପୂର୍ବପରି ଗହଳି ଦେଖିବାକୁ ମିଳୁନି। ଏହାର ପାଣି ସ୍ୱଚ୍ଛ ହୋଇଯାଇଛି। ପାଣିରେ ଏବେ ଡଲଫିନ୍ ଖେଳୁଥିବାର ଦୃଶ୍ୟ ଲୋକେ ନିଜ ଘର ବାଲକୋନିରେ ବସି ଦେଖୁଛନ୍ତି। ଡଲଫିନ୍ ଦଳ ସମୁଦ୍ରରୁ କେନାଲ ମୁହାଁ ହୋଇଛନ୍ତି। ପୂର୍ବରୁ କେନାଲରେ ବୋଟ ଚଳାଚଳ କରୁଥିବାରୁ ଡଲଫିନ୍ ଦଳ ଆସିବାକୁ ଭୟ କରୁଥିଲେ। ତେବେ କରୋନା ଯୋଗୁ ଲାଗି ଥିବା କଟକଣା ସେମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି। ଭେନିସ୍ କେନାଲରେ ଡଲଫିନ୍ ଖେଳୁଥିବାର ୫୫ ସେକେଣ୍ଡର ଏକ ଭିଡ଼ିଓ ଜଣେ ବ୍ୟକ୍ତି ଟୁଇଟରରେ ଶେୟାର କରିଛନ୍ତି। ଗତ ୬୦ ବର୍ଷ ମଧ୍ୟରେ ଏଭଳି ଦୃଶ୍ୟ ଭେନିସ କେନାଲରେ ଦେଖିବାକୁ ମିଳି ନ ଥିଲା ବୋଲି ସେ ଟୁଇଟ୍ କରିଛନ୍ତି। କେନାଲ ପାଣି ସ୍ୱଚ୍ଛ ହୋଇଯାଇଥିବାରୁ ଡଲଫିନ୍ ଏଠାକୁ ଆସିଥିବା କୁହାଯାଉଛି।



# ଟାଟୁ ମୋଟର ସାଇକେଲ

**ଲଣ୍ଡନ:** ମୋଟର ସାଇକେଲର ଦାମ ୭ କୋଟି ୪୦ ଲକ୍ଷ ଟଙ୍କା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ। କମ୍ପାନୀ ଗେମ୍ ଓଭର ପକ୍ଷରୁ ଏହି ମୋଟରସାଇକେଲ ନିର୍ମାଣ କରାଯାଇଛି। ଏଥିରେ ଟାଟୁ ହୋଇଛି। ଏହା ହାର୍ଲେ ଡାଭିଡ୍‌ସନ୍ ମୋଟରସାଇକେଲ ସିରିଜ୍ ଅନ୍ତର୍ଭୁକ୍ତ। ଏହାର ବାହ୍ୟ ଆବରଣକୁ

**ଦାମ ୭ କୋଟି ୪୦ ଲକ୍ଷ ଟଙ୍କା**

ଚମଡ଼ାରେ ନିର୍ମାଣ କରାଯାଇଛି। ଏହାକୁ ତିଆରି କରିବା ପାଇଁ ୩୦୦୦ ଘଣ୍ଟା ସମୟ ଲାଗିଛି। ସେଥିମଧ୍ୟରୁ ଟାଟୁ କରିବା ଲାଗି କେବଳ ୨୫୦୦ ଘଣ୍ଟା ଲାଗିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାକୁ ଇତିମଧ୍ୟରେ ବହୁ ପୁରସ୍କାର ମିଳିସାରିଛି। ଏହି ଟାଟୁ ମୋଟର ସାଇକେଲ ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# କରୀନାଙ୍କୁ କରୋନା ଭୟ



କରୀନା କପୁର ଖାନ୍

**ମୁମ୍ବାଇ:** ସାରା ବିଶ୍ୱ ଏବେ କରୋନା ଭୟରେ। ପ୍ରଥମେ ଚାଇନାରେ କରୋନା କୋକୁଆ ଭୟ ସୃଷ୍ଟି କରି ହଜାର ହଜାର ଲୋକଙ୍କୁ ମାରିବାପରେ ଏବେ ଏହି ଭୂତାଣୁ ବିଶ୍ୱର ୧୬୫ ଦେଶକୁ ବ୍ୟାପିଲାଣି। ୭ହାଜରରୁ ଊର୍ଦ୍ଧ୍ୱ ଲୋକ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବାବେଳେ ଭାରତରେ ୩ ଜଙ୍କ ମୃତ୍ୟୁ ଘଟିଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧୫୧ରେ ପହଞ୍ଚିଛି। ଏଥିଲାଗି ଦେଶବ୍ୟାପି ହାଇହାଲର୍ଟ ଜାରି କରାଯିବା ସହ ବିଭିନ୍ନ କଟକଣା ଲଗାଯାଇଛି। ଶିଳ୍ପଠାରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରି ଗୁଡିକ ଏହା ଦ୍ୱାରା ବିଶେଷ କ୍ଷତି ସହିଛନ୍ତି। କରୋନାକୁ ନେଇ ବଲିଉଡ୍ ଇଣ୍ଡଷ୍ଟ୍ରିରେ ପ୍ରାୟ ସବୁ ଫିଲ୍ମ ଶୁଟିଂ ବନ୍ଦ ହୋଇଯାଇଛି। ଏମିତିକି ଫିଲ ହଲ୍‌ଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। କଳାକାରମାନେ ଆଉ ଘରୁ ବାହାରକୁ ବାହାରୁ ନାହାନ୍ତି। ଲୋକମାନେ ଜନସମାଗମ ସ୍ଥଳକୁ ଯାଉ ନ ଥିବାବେଳେ ଘରେ ଆବଦ୍ଧ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି। ଅଭିନେତ୍ରୀ କରୀନା କପୁର ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। କରୋନା ଭୟରେ ସେ ଆଉ ବାହାରକୁ ନ ବାହାରି ଘରେ ଆରାମ କରୁଛନ୍ତି। ଘରେ ସେ ନିଜ ମନ ପସନ୍ଦର ଖାଦ୍ୟ ଖାଇ ସମୟ ବିତାଉଛନ୍ତି। ନିକଟରେ ଗାଜର ହାଲୱା ଖାଉଥିବାର ଏକ ଫଟୋ ସେ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ କ୍ୟାପ୍‌ସନ୍ ଲେଖିଛନ୍ତି, ମିଠା ଆପଣଙ୍କ ପେଟକୁ ନୁହେଁ, ହୃଦୟକୁ ଛୁଇଁବ। ଏମିତି ମଜାଳିଆ ମନ୍ତବ୍ୟକୁ ଅଧିକ ପସନ୍ଦ କରିଥିବା ଜଣାପଡ଼ିଛି।

# 'ରେଡ୍' ଫିଲ୍ମର ମେକିଂ ଭିଡିଓ ଶେୟାର କଲେ ଅଜୟ



**ମୁମ୍ବାଇ:** ଅଜୟ ଦେବଗନଙ୍କ 'ରେଡ୍' ଫିଲ୍ମ ଦୁଇ ବର୍ଷ ତଳେ ଅର୍ଥାତ୍ ୧୬ ମାର୍ଚ୍ଚ ୨୦୧୮ରେ ମୁକ୍ତିଲାଭ କରିଥିଲା। ଫିଲ୍ମଟିକୁ ପୁଣି ମନେ ପକାଇ ଅଜୟ ଦେବଗନ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ପାଇଁ ଫିଲ୍ମର ଭିଡିଓ ଶେୟାର କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି 'ରେଡ୍' ଏକ ଏମିତି ଫିଲ୍ମ ଯାହା ରିଅଲ ଟାଇମ୍‌ରେ ନିର୍ମିତ ହୋଇଥିଲା। ତେଣୁ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ହ୍ୟାସଟ୍ୟାଗ୍ ୨ ବର୍ଷ 'ରେଡ'। ତାଙ୍କ ଟ୍ୱିଟ୍‌ରେ ପ୍ରତିକ୍ରିୟା ପ୍ରକାଶ କରି ଜଣେ ପ୍ରଶଂସକ କହିଛନ୍ତି, ଲଭ୍ ୟୁ ସାର୍। ମୁଁ 'ରେଡ୍-୨' ପାଇଁ ଉତ୍ସାହିତ ଅଛି। ଆପଣ ଏହା କେବେ କରୁଛନ୍ତି। ଆଉ ଜଣେ ୟୁଜର କହିଛନ୍ତି, ମୁଁ ବି ଚାହୁଁଛି 'ରେଡ୍ -୨'। ଏଠାରେ ସୂଚନାଯୋଗ୍ୟ ଯେ, 'ରେଡ୍' ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାଜ କୁମାର ଗୁପ୍ତା। ଏଥିରେ ଅଜୟ ଦେବଗନ, ଇଲିଆନା ଡିକ୍ରୁଜ, ସୌରଭ ଶୁକ୍ଳା, ଅମିତ୍ ସିଆଲ ପ୍ରମୁଖ ଅଭିନୟ କରିଥିଲେ। ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମଟି ୨୦୧୮ରେ ମୁକ୍ତିଲାଭ କରିଥିଲା, ଯାହାକିବହୁତଭଲବ୍ୟବସାୟକରିଥିଲା।

# ପୋଲିସର ହ୍ୟାଣ୍ଡ୍ ୱାଶିଂ ଡ୍ୟାନ୍ସ

**ଥିରୁଭାନନ୍ତପୁରମ୍:** କରୋନା ଭୂତାଣୁ ସଂକ୍ରମଣ ଯୋଗୁ ପୃଥିବୀର ୧୬୫ ଦେଶରେ ସଙ୍କଟ ଦେଖାଦେଇଛି। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହି ମର୍ମରେ କେରଳ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରିବା ପାଇଁ ଏକ ହ୍ୟାଣ୍ଡ୍ ୱାଶିଂ ଡ୍ୟାନ୍ସ ଏବେ ଫେସବୁକ୍‌ରେ ଅପଲୋଡ୍ କରାଯାଇଛି। ଏହାକୁ ଇତିମଧ୍ୟରେ ୮ ଲକ୍ଷରୁ ଅଧିକ ୟୁଜର ଦେଖିସାରିଛନ୍ତି। ଏହାକୁ ୨୮,୦୦୦ରୁ ଅଧିକ ଥର ଶେୟାର କରାଯାଇଛି। ଏନେଇ ୨,୦୦୦ରୁ ଅଧିକ କମେଣ୍ଟ ଦିଆଯାଇଛି। ଏକ ମିନିଟ୍ ୨୫ ସେକେଣ୍ଡର ଏହି ଭିଡ଼ିଓରେ ପୋଲିସ କର୍ମଚାରୀ ମୁହଁରେ ମାସ୍କ ପିନ୍ଧି ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କେରଳରେ ୨୪ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି।



# କରୋନା ପାଇଁ ବୋନସ୍

**ନ୍ୟୁୟର୍କ:** କରୋନାରୁ ରକ୍ଷାପାଇବା ପାଇଁ ଘରେ କାମ କଲେ ମିଳିବ ବୋନସ୍ । ବିଭିନ୍ନ ଦେଶରେ ଏବେ କେତେକ କମ୍ପାନୀ ଏପରି ଅଫର ଦେଉଛନ୍ତି। ଏବେ ଏମିତି ଏକ ଅଫର ଦେଇଛି ଫେସ୍‌ବୁକ୍ । ଘରେ କାମ କରିବାରେ ଯେଉଁ କର୍ମଚାରୀମାନେ ସାହାଯ୍ୟ କରିବେ ସେମାନଙ୍କୁ ଫେସବୁକ୍ ୭୪ହଜାର ଟଙ୍କାର ବୋନସ୍ ଦେବା ପାଇଁ ଘୋଷଣା କରିଛ। ସିଏନ୍‌ବିସିର ରିପୋର୍ଟ ଅନୁସାରେ କମ୍ପାନୀର ସିଇଓ ମାର୍କ ଜୁକର୍‌ବର୍ଗ ତାଙ୍କର ଜଣେ କର୍ମଚାରୀଙ୍କୁ ପଠାଇଥିବା ଏକ ଇ-ମେଲ୍‌ରୁ ଏହା ଜଣାପଡ଼ିଛି । ଫେସ୍‌ବୁକରେ ଏବେ ପ୍ରାୟ ୪୫ହଜାର ଫୁଲ୍‌ଟାଇମ୍ ଷ୍ଟାଫ୍ ଅଛନ୍ତି । ଏହା ବ୍ୟତୀତ ହଜାର ହଜାର ସଂଖ୍ୟାରେ ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ସେମାନଙ୍କୁ ବୋନସ୍ ମିଳିବ କି ନାହିଁ ସେସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ । ଫେସବୁକ୍ ଭଳି କରୋନା ପାଇଁ ୱାର୍କ ଡେ ନାମକ ସଫ୍ଟୱେର କମ୍ପାନୀ ବି ତା'ର କର୍ମଚାରୀମାନଙ୍କୁ ଦୁଇ ସପ୍ତାହର ଅତିରିକ୍ତ ଦରମା ବୋନସ୍ ଆକାରରେ ଦେବାକୁ ଘୋଷଣା କରିଛି।





"ଜାତୀୟ ଇ-କମର୍ସ ନୀତି ଆଣିବା ନେଇ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଏହା କେବେ ଆସିବ ସେ ନେଇ କୌଣସି ସମୟ ସୀମା ଧାର୍ଯ୍ୟ ହୋଇନାହିଁ।"
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



"ସାରା ଦେଶରେ ରହିଥିବା ଗ୍ରାମଗୁଡ଼ିକୁ ଇଣ୍ଟରନେଟ ସେବା ଯୋଗାଣ ଦିଗରେ ଏବେ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଏଥିରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ନିବେଶ ହୋଇପାରେ।"
– ରବି ଶଙ୍କର ପ୍ରସାଦ, ଟେଲିକମ୍ ମନ୍ତ୍ରୀ

# ବଢୁଛି ମାନ୍ଦାବସ୍ଥା ଆଶଙ୍କା

## ୦.୯% ରହିପାରେ ବିଶ୍ୱର ବିକାଶ ହାର

ନୂଆଦିଲ୍ଲୀ,୧୮-୩

କରୋନାର ପ୍ରଭାବରେ ସାରା ବିଶ୍ୱ ଏବେ ମାନ୍ଦାବସ୍ଥା ଆଡକୁ ବଢୁଥିବା ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ବର୍ତ୍ତମାନ ଅଶୋଧିତ ତୈଳ ଦର, ଶେୟାର ବଜାର, ସୁନା, ରୁପା ଉପରେ ପ୍ରଭାବ, ବିଭିନ୍ନ ଶିଳ୍ପର ବ୍ୟବସାୟିକ କ୍ଷତି ଦେଖିବାକୁ ମିଳୁଛି। କରୋନା ପାଇଁ ମାନ୍ଦାବସ୍ଥା ଆଶଙ୍କା ଦିନକୁ ଦିନ ବଢୁଥିବା ମୋର୍ଗାନ ଷ୍ଟାନଲୀ, ଗୋଲ୍ଡ ମ୍ୟାନ ସ୍ୟାକ୍ସର ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହି ବିଶେଷଜ୍ଞଙ୍କ କହିବା ଅନୁସାରେ ଚଳିତ ବର୍ଷ ବିଶ୍ୱ ସ୍ତରର ଅଭିବୃଦ୍ଧି ୦.୯%କୁ ଖସିଯିବ ବୋଲି ମୋର୍ଗାନ ଷ୍ଟାନଲି ଅର୍ଥନୀତିଜ୍ଞ ପ୍ୟାନେଲ କହିଛି। ଏହି ପ୍ୟାନେଲର ମୁଖ୍ୟ ଭାବେ ଚେତନ ଆହ୍ୟା କାର୍ଯ୍ୟ କରୁଛନ୍ତି।

ସେହିଭଳି ଜାନ ହାଟଜିୟସଙ୍କ ନେତୃତ୍ୱରେ ଗୋଲ୍ଡ ମ୍ୟାନ ସ୍ୟାଚ୍ ଟିମ୍ କହିଛି ଯେ, ଅଭିବୃଦ୍ଧି ପ୍ରାୟ ୧.୨% ସ୍ତରକୁ ଖସିଯିବ। ଆସନ୍ତା ବର୍ଷ ଦ୍ୱିତୀୟାର୍ଦ୍ଧରେ ବିଶ୍ୱ ଅଭିବୃଦ୍ଧି ପୁଣି ଥରେ ସ୍ଥିତାବସ୍ଥାକୁ ଫେରିବ ବୋଲି ବିଶେଷଜ୍ଞ ଆଶାବାଦୀ ରହିଛନ୍ତି। ବର୍ତ୍ତମାନର ସ୍ଥିତି ୨୦୦୧ ଏବଂ ୧୯୯୦ ମାନ୍ଦାବସ୍ଥାଠାରୁ ଆହୁରି ଖରାପ ହେଉଛି। ୨୦୦୯ ମାନ୍ଦାବସ୍ଥା ଭଳି ଏହା ମାରାତ୍ମକ ରୂପ ନେବ ନାହିଁ ଏହି ସମୟରେ ବିଶ୍ୱର ବିକାଶ ହାର ୦.୮%କୁ ଖସିଯାଇଥିଲା। ଭାଇରସକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱ ସ୍ତରର ସରକାରଗୁଡିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହା ପରେ ଆର୍ଥିକ ବିକାଶ ହାର ଦ୍ୱରାନ୍ୱିତ କରିବା ଲାଗି ପ୍ୟାକେଜ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ମୋର୍ଗାନ ଷ୍ଟାନଲି ଅର୍ଥ ବିଶେଷଜ୍ଞଙ୍କ କହିବା ମୁତାବକ କରୋନା ଯୋଗୁ



ବିଶ୍ୱ ଅର୍ଥ ବ୍ୟବସ୍ଥା ଗଭୀର ଝଟକା ଲାଗିବ। ଭାଇରସ ପ୍ରଭାବ କିଭଳି ରହିଛି ତାହା ଅନ୍ଦାଜା ଲଗାଇବା ଏବେ କଷ୍ଟକର ବ୍ୟାପାର ହୋଇଛି। ଏହା ବାଦ ଫ୍ୟାକ୍ଟ୍ରି, ଷ୍ଟୋର, ରେଷ୍ଟୁରାଣ୍ଟ ଏବଂ ଅନ୍ୟ କେନ୍ଦ୍ର ଉପରେ ପ୍ରଭାବ କ'ଣ ରହିଛି ତାକୁ ମଧ୍ୟ ତ୍ୱରିତ ଭାବେ ଆକଳନ କରାଯାଇ ପାରିବ ନାହିଁ। ଏହାବାଦ ବଜାର ସ୍ଥିତି ମଧ୍ୟ ସାଂଘାତିକ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚାଇନା ଅର୍ଥନୀତି ୫%କୁ ଖସିଥିବାବେଳେ ଆମେରିକା ୪% ଏହି ସ୍ଥିତିରେ ସୁଧାର ଆସିବା କଷ୍ଟକର ବୋଲି ବିଶେଷଜ୍ଞ କହିଛନ୍ତି।

## ଏଡିବି ଘୋଷଣା କଲା ୬.୫ ବିଲିୟନ ଡଲାର ପ୍ୟାକେଜ

ନୂଆଦିଲ୍ଲୀ,୧୮-୩




ଅର୍ଥ ବ୍ୟବସ୍ଥା ତଥା ବାଣିଜ୍ୟ ଏବଂ କାରବାର ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ପକ୍ଷରୁ ୬.୫ ବିଲିୟନ ଡଲାରର ପ୍ୟାକେଜ ଘୋଷଣା କରାଯାଇଛି। ଏହା ପ୍ରାଥମିକ ପ୍ୟାକେଜ ବୋଲି ଜଣାପଡିଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଲାଗି ଏଭଳି ପ୍ୟାକେଜ ଘୋଷଣା ହୋଇଥିବା ଜଣାପଡିଛି।

## ୬୦% ଟ୍ରେନ ଟିକେଟ ବାତିଲ

ନୂଆଦିଲ୍ଲୀ,୧୮-୩



କରୋନା ଯୋଗୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ୬୦% ଟିକେଟ ବାତିଲ କରାଯାଇଥିବା ରେଲୱେର ଜଣେ ବରିଷ୍ଠ ଅଧିକାରୀ ବୁଧବାର ସଂସଦୀୟ କମିଟିକୁ ସୂଚନା ଦେଇଛନ୍ତି। ଭାଇରସ ପ୍ରଭାବ ବଢୁଥିବାରୁ ଲୋକମାନେ ପୂର୍ବରୁ ବୁକିଂ କରିଥିବା ଟିକେଟ ପ୍ରବଳ ହାରରେ ବାତିଲ କରି ଦେଉଛନ୍ତି। ଏହାପରେ ବିଭିନ୍ନ ରେଳ ଜୋନରେ ଯାତ୍ରୀ କମୁଥିବାରୁ ସେହି ଆଧାରରେ କିଛି ଟ୍ରେନକୁ ବାତିଲ କରିବା ନେଇ ନିଷ୍ପତ୍ତି ହେଉଛି ବୋଲି ରେଳପଥ ପକ୍ଷରୁ ସୂଚନା ରହିଛି।

## ଏନ୍ଏସ୍ଇ କର୍ମଚାରୀଙ୍କୁ ୱାର୍କ ଫ୍ରମ ହୋମ ବିକଳ୍ପ

ନୂଆଦିଲ୍ଲୀ,୧୮-୩

ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍ଏସ୍ଇ) ପକ୍ଷରୁ ଏହାର କର୍ମଚାରୀଙ୍କୁ ଘରୁ କାମ କରିବା ବିକଳ୍ପ ପ୍ରଦାନ କରାଯାଇଛି। କରୋନା ପ୍ରଭାବ ଯୋଗୁ ଏଭଳି ନିଷ୍ପତ୍ତି ହୋଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଟ୍ରେଡିଂ ପ୍ଲାଟଫର୍ମରେ କାମ କରୁଥିବା କର୍ମଚାରୀମାନେ ଅଫିସ ଆସିବାକୁ କୁହାଯାଇଛି। କର୍ମଚାରୀଙ୍କ ସୁରକ୍ଷା ଏବଂ କାମ ଯେଭଳି ଭଲ ଚାଲି ପାରିବ ଉଭୟ ଦିଗକୁ ଧ୍ୟାନରେ ରଖାଯାଇଥିବା ଏନ୍ ଏସ୍ଇ ପକ୍ଷରୁ ସୂଚନା ରହିଛି।

## ଅନ୍ତର୍ଜାତୀୟ ଉଡାଣ ବାତିଲ କଲା ଭିସ୍ତାରା

ନୂଆଦିଲ୍ଲୀ,୧୮-୩




କରୋନା ପ୍ରଭାବକୁ ନଜରରେ ରଖି ବିମାନ କମ୍ପାନୀଗୁଡିକ ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରୁଛନ୍ତି। ମଙ୍ଗଳବାର ଗୋଏୟାର ଏଭଳି ନିଷ୍ପତ୍ତି ନେଇଥିବା ବେଳେ ବୁଧବାର ଏହି ଧାରାରେ ଭିସ୍ତାରା ଯୋଡି ହୋଇଛି। ଚଳିତ ମାସ ୨୦ରୁ ମାର୍ଚ୍ଚ ୩୧ ଯାଏ ଏହି କମ୍ପାନୀର ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିବ ବୋଲି ଜଣାପଡିଛି। କରୋନା ସ୍ଥିତି ଉପରେ ନଜର ରଖି ଏଭଳି ପଦକ୍ଷେପ ନିଆଯାଇଥିବାବେଳେ ଘରୋଇ ଉଡାଣକୁ ମଧ୍ୟ ସାମୟିକ ଲାଗି ବ୍ୟବସ୍ଥିତ କରାଯିବାକୁ ନିଷ୍ପତ୍ତି ହୋଇଥିବା ଭିସ୍ତାରା ପକ୍ଷରୁ ସୂଚନା ରହିଛି।

## ୧୭୦୯ ପଏଣ୍ଟ ଖସିଲା ସେନ୍ସେକ୍ସ

ମୁମ୍ବାଇ,୧୮-୩



କରୋନା ପ୍ରଭାବରେ ଭାରତୀୟ ଶେୟାର ବଜାର କାରବାର ଲଗାତର ଭାବେ ହ୍ରାସ ପାଇ ଚାଲିଛି। ବୁଧବାର ସେନ୍ସେକ୍ସରେ ସୂଚକାଙ୍କ ୧୭୦୯ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୮୫୦୦ ପଏଣ୍ଟ ତଳକୁ ଖସି ଆସିଛି। ବୁଧବାର ନିଫ୍ଟି କାରବାର ୫୦୦ ପଏଣ୍ଟ ଖସିଥିବା ଦେଖାଯାଇଛି। ଦିନ ମଧ୍ୟରେ ସେନ୍ସେକ୍ସ ୨୪୮୮.୭୨ ପଏଣ୍ଟ ଖସିଥିବାବେଳେ କାରବାର ଶେଷ ବେଳକୁ ୧୭୦୯.୫୮ ପଏଣ୍ଟ ବା ୫.୫୯% ନିମ୍ନରେ ରହି ୨୮,୮୬୯.୫୧ ସ୍ତରକୁ ଖସି ଆସିଛି। ୨୦୧୭ ପରଠାରୁ ପ୍ରଥମଥର ଲାଗି ସେନ୍ସେକ୍ସ ୨୯ ହଜାର ତଳକୁ କାରବାର ଖସିଛି। ସେହିଭଳି ନିଫ୍ଟି କାରବାର ୪୯୮.୨୫ ପଏଣ୍ଟ ବା ୫.୫୬% ଖସିବା ଯୋଗୁ ଏହା ୮,୪୬୮.୮୦ ପଏଣ୍ଟ ସ୍ତରକୁ ଖସିଛି। ଏଜିଆର୍ ଦେୟ ନେଇ ଟେଲିକମ୍ କମ୍ପାନୀଗୁଡିକୁ ସୁପ୍ରିମ କୋର୍ଟ ତାଗିଦ କରିବା ପରେ ବ୍ୟାଙ୍କିଙ୍ଗ ଏବଂ ଟେଲିକମ୍ ଷ୍ଟକ ଗଭୀର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ଶେୟାର ବଜାର ୩ ବର୍ଷର ତଳକୁ ଖସିଥିବା ବେଳେ ଏସିଆ ଏବଂ ୟୁରୋପ ଶେୟାର ବଜାରଗୁଡିକର ସ୍ଥିତି ମଧ୍ୟ ଠିକ୍ ନାହିଁ।

## ଭାରତର ଅଭିବୃଦ୍ଧି କମାଇଲା ଏସ୍ ଆଣ୍ଡ ପି

ନୂଆଦିଲ୍ଲୀ,୧୮-୩




ଗ୍ଲୋବାଲ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଆଣ୍ଡ ପୋଅର୍ସ (ଏସ୍ ଆଣ୍ଡ ପି) ବୁଧବାର ଭାରତରେ ବିକାଶ ଅନୁମାନକୁ ୨୦୨୦ ଲାଗି ୫.୨%କୁ ଖସାଇ ଦେଇଛି। କରୋନା ପ୍ରଭାବ ଯୋଗୁ ବିଶ୍ୱ ଅର୍ଥନୀତି ବର୍ତ୍ତମାନ ମାନ୍ଦାବସ୍ଥା ଆଡକୁ ଯାଉଥିବାରୁ ଏସ୍ ଆଣ୍ଡ ପି ଏଭଳି ଆକଳନ କରିଛି। ୨୦୨୦ କ୍ୟାଲେଣ୍ଡର ବର୍ଷରେ ଭାରତର ବିକାଶ ହାର ୫.୭% ରହିବ ବୋଲି ପୂର୍ବରୁ ଏହି ଏଜେନ୍ସି ପୂର୍ବାନୁମାନ କରିଥିଲା। ଏହି ସମୟରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଭିବୃଦ୍ଧି ୩%ରୁ କମ୍ ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଭାଇରସ ବ୍ୟାପିବା ଯୋଗୁ ୪୦୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସ୍ଥାୟୀ ଆୟ କ୍ଷତି ହେବାର ଆଶଙ୍କା କରାଯାଇଛି। ଏହି ସମୟରେ ଚାଇନାର ବିକାଶ ହାର ୨.୯% ଖସିବ ବୋଲି ଏହା ପୂର୍ବାନୁମାନ କରିଥିବା ବେଳେ ଜାପାନ ୧.୨% ବିକାଶ ହାର ହାସଲ କରିବ ବୋଲି କୁହାଯାଇଛି। ସୋମବାର ମୁଡିସ ଇନଭେଷ୍ଟର୍ସ ସର୍ଭିସ ଭାରତର ବିକାଶ ଅନୁମାନକୁ ୫.୪%ରୁ ୫.୩%କୁ ଖସିଆସିଛି।

# ଗୋପାଳପୁର ବନ୍ଦରରେ ପ୍ରତିଷେଧମୂଳକ ପଦକ୍ଷେପ

ଗୋପାଳପୁର,୧୮-୩



କୋଭିଡ୍-୧୯ ପ୍ରଭାବକୁ ରୋକିବା ଲାଗି ଗୋପାଳପୁର ପୋର୍ଟସ୍ ଲିମିଟେଡ୍ (ଜିପିଏଲ୍) ତରଫରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାହାଜ ମହାନିର୍ଦ୍ଦେଶାଳୟ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବେଶ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ମୁତାବକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ରହିଛି। ସମସ୍ତ ସ୍ଥାନୀୟ ଓ ବିଦେଶୀ ଜାହାଜ ଏବଂ ଜାହାଜରେ ଥିବା କ୍ରୁ ସଦସ୍ୟମାନଙ୍କ ନିୟମିତ ନିରୀକ୍ଷଣ ଓ ପରୀକ୍ଷା ଲାଗି ଏକ ସ୍ୱୟଂସମ୍ପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇଛି। ଚାଇନା, କୋରିଆ, ଜାପାନ, ଇଟାଲିରୁ ଆସିଥିବା ଯେକୌଣସି ପ୍ରକାର ଜାହାଜକୁ ୧୪ ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧ କରାଯାଉଛି। ୧୪ ଦିନ କ୍ୱାରାଣ୍ଟାଇନ୍ କରିବା ପରେ ଜାହାଜର କ୍ରୁ ସଦସ୍ୟ ବିଭିନ୍ନ ପ୍ରକାର ଲକ୍ଷଣ ପାଇଁ ଯାଞ୍ଚ କରାଯାଇଛି ଓ ଆବଶ୍ୟକ ହେଲେ ପରୀକ୍ଷା କରାଯାଉଛି। କୋଭିଡ୍-୧୯ ବ୍ୟାପିବାକୁ ରୋକିବା ଲାଗି ଅନ୍ୟ ଦେଶଗୁଡ଼ିକରୁ ଆସୁଥିବା ଜାହଜଗୁଡ଼ିକରେ ଥିବା କ୍ରୁ ସଦସ୍ୟମାନଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିବା ସଂକ୍ରାନ୍ତରେ ଜାହାଜ ମାଷ୍ଟରଙ୍କ ଠାରୁ ବନ୍ଦରରେ ଜାହାଜ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ସୂଚନା ମଗାଯାଉଛି। ବନ୍ଦର ତରଫରୁ ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍ଓପି) ବିକଶିତ କରାଯାଇଛି। ଏହା ଅନ୍ତର୍ଜାତୀୟ ମାରିଟାଇମ ସଂଗଠନ (ଆଇଏମ୍ଓ) ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ)ର 'ମାରିଟାଇମ ଡିକ୍ଲାରେଶନ ହେଲ୍ଥ'ରେ ଦିଆଯାଇଥିବା ପରାମର୍ଶକୁ ପାଳନ କରୁଛି। ଏକ ସଙ୍ଗରୋଧ ବା ଆଇସୋଲେଶନ ୱାର୍ଡ ଗଠନ କରାଯାଇଛି। ସ୍ପର୍ଶ ବିହୀନ ଇନଫ୍ରାରେଡ୍ ତାପମାତ୍ରା ଗନ, ଏନ-୯୫ ଫେସ ମାସ୍କ, ଡିସପୋଜେବଲ ଗ୍ଲୋଭସ ଓ କ୍ୟାପ୍, ସମ୍ପୂର୍ଣ୍ଣ ବ୍ୟବସ୍ଥା ସହିତ ୩ ଜଣ ପାରା ମେଡିକାଲ ଷ୍ଟାଫ୍ ଥିବା ଏକ ଆମ୍ବୁଲାନ୍ସ ଚବିଶ ଘଣ୍ଟା ପାଇଁ ପ୍ରସ୍ତୁତ ରହିଛି। ପରିଚାଳନା ଷ୍ଟାଫ୍‌ମାନଙ୍କ ଲାଗି ଜାହାଜ ବୋର୍ଡିଂ ହେଉଥିବା ଅଞ୍ଚଳରେ ନିୟମିତ ଭାବେ ଡି-କଣ୍ଟାମିନେଶନ ଲିକ୍ୱିଡ (ସୋଡିୟମ ହାଇପୋକ୍ଲୋରାଇଡ୍) ସିଞ୍ଚନ ସହ ଅନ୍ୟ ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି।

# ବିଏସ୍-୬ ଯାନ ବିକ୍ରିରେ ହୋଣ୍ଡାର ସଫଳତା



ନୂଆଦିଲ୍ଲୀ,୧୮-୩: ଭାରତରେ ବିଏସ୍-୬ ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ହୋଣ୍ଡା ମୋଟର ସାଇକେଲ ସ୍କୁଟର ଇଣ୍ଡିଆ ଲିମିଟେଡ ସଫଳତା ହାସଲ କରିଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ୫.୫ ଲକ୍ଷରୁ ଅଧିକ ୟୁନିଟ ବିଏସ୍-୬ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା କହିଛି। ପ୍ରଥମ ୨ ଚକିଆ ଯାନ କମ୍ପାନୀ ଏହି ସଫଳତା ହାସଲ କରିଥିବା କହିଛି। କମ୍ପାନୀ ବର୍ତ୍ତମାନ ୬ଟି ବିଏସ୍-୬ ମଡେଲ ବଜାରରେ ଉପଲବ୍ଧ କରାଉଛି। ଏହା ମଧ୍ୟରେ ୟୁନିକର୍ନ ବିଏସ୍-୬, ଆକ୍ଟିଭା ୧୨୫, ଏସ୍ପି-୧୨୫, ଆକ୍ଟିଭା ୬ଜି, ଡିଓ ବିସ୍-୬ ଭଳି ମଡେଲ ସାମିଲ ରହିଛି। ବିଏସ୍-୬ ମଡେଲ ଏବଂ ଏହା ଉପରେ ପ୍ରଦାନ କରାଯାଉଥିବା ୱାରେଣ୍ଟିକୁ ଗ୍ରାହକମାନେ ପସନ୍ଦ କରୁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।


## DISTRICT MINERAL FOUNDATION, KEONJHAR

(2nd Floor, DRDA Building, Keonjhar-758001)
e-mail-dmfkeonjhar@gmail.com

**NOTICE**

No.553 /DMF Dt.18.03.2020

The advertisement published vide this office advertisement No.398/DMF. Dtd.27.02.2020 inviting applications from eligible Doctors to hold walk-in-interview on 22.03.2020 for selection of Doctors for engagement of Doctors in different health institutions of this district has been postponed in view of pandemic situation arising out of CONVID-19 (Corona Virus).
The next date of conducting walk-in-interview will be intimated in due time.

Sd./-
Chairperson-cum-Chairman & Managing Trustee
District Mineral Foundation, Keonjhar



## GOVERNMENT OF ODISHA
## INFORMATION & PUBLIC RELATIONS DEPARTMENT

File No.IPR-IMU-RTI-0003-2019/4354 /IPR
Dated:18.03.2020

**NOTIFICATION**

No.Z-22 :- Consequent upon Promulgation of the Right to Information (Amendment) Act, 2019 and the rules framed thereunder i.e., Right to Information Rules, 2019 by the Department of Personnel & Pensions, Ministry of Personnel, PG & Pensions, Government of India, the State Government have been pleased to cancel the advertisement No.7303/ IPR dated.24.06.2019 issued by this Department for filling up of three posts of State Information Commissioner in the Odisha Information Commission.
In this regard, fresh advertisement will be published shortly.

By order of the Governor
Sd./- Director, I&PR
OIPR-15001/11/0162/1920


# ହ୍ୟୁଣ୍ଡାଇ ଆଣିଲା ନୂଆ କ୍ରେଟା

ନୂଆଦିଲ୍ଲୀ,୧୮-୩




ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କ୍ରେଟା ମଡେଲ ବଜାରକୁ ଆସିଛି। କମ୍ପାନୀର ଏହି ଦ୍ୱିତୀୟ ପିଢୀ ମଡେଲରେ ଗ୍ରାହକମାନେ ଭବିଷ୍ୟପନ୍ଥୀ ଡିଜାଇନ, ପାୱାରପ୍ୟାକ୍ ପରଫରମାନ୍ସ, ଆରାମ ସହ ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହି ଯାନଟିରେ ଟ୍ରିଓ ବିମ୍ ଏଲ୍ଇଡି ହେଡ୍ ଲ୍ୟାମ୍ପ, ଭଏସ୍ ଭିତ୍ତିକ ସ୍ମାର୍ଟ ପାନୋରାମିକ ସନ୍‌ରୁଫ, ୨୬.୦୩ ସେମିର ଏଚ୍ଡି ଇନଫୋଟେନମେଣ୍ଟ, ପ୍ରିମିୟମ ଇଣ୍ଟେରିୟର, ଡ୍ରାଇଭ ମୋଡ ସିଲେକ୍ଟ, ଟ୍ରାକଶନ କଣ୍ଟ୍ରୋଲ ମୋଡ, ବୋସ୍ ପ୍ରିମିୟମ ସାଉଣ୍ଡ ସିଷ୍ଟମ, ପ୍ୟାଡେଲ ସିଫ୍ଟର, ଇଲେକ୍ଟ୍ରିକ ପାର୍କିଂ ବ୍ରେକ, ଅଟୋ ହୋଲ୍ଡ ଭଳି ସୁବିଧା ରହିଛି। ଏହାବାଦ ଆଡଭାନ୍ସ ବ୍ଲୁ ଲିଙ୍କ, ୫୦ରୁ ଊର୍ଦ୍ଧ୍ୱ ଫିଚର, ହେଲୋ ବ୍ଲୁ ଲିଙ୍କ, ୱେକ ଅପ୍ ୱାର୍ଡ ରହିଛି। ମଡେଲଟି ୫ଟି ପାୱାରଟ୍ରେନ ସହ ଆସିଛି। ଭାରତୀୟ ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆ କ୍ରେଟାକୁ ପ୍ରସ୍ତୁତ କରାଯାଇଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ସିଇଓ ଏସ୍.ଏସ୍.କିମ୍ କହିଛନ୍ତି। ଏଥିରେ ଗ୍ରାହକ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ ବୋଲି ସେ ମତ ରଖିଛନ୍ତି।


## INVITATION FOR BIDS (IFB)
## PANCHAYAT SAMITI, NAYAGARH

No.588 Tender Call Notice No.05/2019-20 Dt.18.03.2020

1. The Block Development Officer, Nayagarh on behalf of Governor of Odisha Invites percentage rates bids for the construction of works as detailed below in the Table from ELIGIBLE contractors registered with the State Govt. and Contractors of equivalent grade/Class registered with Central Govt.for execution of Civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of the work | Value of works | Bid security EMD 1% (in Rs.) | Cost of tender paper | Period of completion | Class of Contractors |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Retaining wall on the west side of Balangibandha, Nayagarh | 4146268.00 | 41500.00 | 6000.00 | 3 (Three) Calendar months | "B" & "A" Class |

2. Bids document consisting of plans, specification, the schedule of quantities and the set of terms and conditions of contract and other necessary documents can be obtained from Dt.19.03.2020 to Dt.03.04.2020 and last date of receipt of tender paper on or before Dt.04.04.2020 upto 5.00 P.M. in the DROPPING BOX at the office of the undersigned during the office hour every day except Sunday and public holidays till last date of sale and receipt of the tender papers. Interested bidder may obtain further information at the same address.

Sd./- Block Development Officer
Nayagarh



## DISTRICT PROJECT OFFICE, SAMAGRA SHIKSHYA, BHADRAK

Phone : 06784-240504 (O) / Fax : 06874-240523
Email - dpcbhadrakssa.opepa@nic.in

No.759 Dt.16.03.2020

**TENDER CALL NOTICE**

FOR PRINTING & SUPPLY OF TEACHERS IDENTITY CARD

Sealed tender under two part bid system are invited from interested registered firms having valid PAN, GST, TIN, DIC/ NSIC/MSME certificate for printing & supply of Teachers Identity Card for all Elementary Teachers of Bhadrak District during the year 2019-20. The tender paper (bid documents) containing detailed specifications with terms and conditions in two part bid system i.e. Technical Bid (Annexure-A) and Financial Bid (Annexure-B) can be downloaded from the website i.e. **www.bhadrak.nic.in**. The last date for receipt of tender paper is **Dt.25.03.2020 by 1 P.M.** and will be opened on the same day i.e. on **Dt.25.03.2020 at 4 P.M.** in the presence of the bidder or their authorized representative who may be present. The authority reserves the right to reject any or all tender without assigning any reason thereof.

By the order of the Collector-cum-Chairman, SS Bhadrak
Sd./-District Project Coordinator
RTE-SS, Bhadrak

> ୨୦୦୭–୦୮ ବର୍ଡର–ଗାଭାସ୍କର ଟ୍ରଫିରେ ଘଟିଥିବା ମଙ୍କିଗେଟ୍ ସ୍କାଣ୍ଡାଲ ମୋ ଅଧିନାୟକତ୍ୱ କ୍ୟାରିୟରର ସବୁଠାରୁ ଖରାପ ସମୟ ଥିଲା ।
> –ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର୍




> କ୍ରିକେଟ୍ ଅପେକ୍ଷା କରୋନା ଭାଇରସ୍‌କୁ ବହୁତ ଗମ୍ଭୀରତାର ସହ ନେବା ଆବଶ୍ୟକ। ସବୁ ଖେଳକୁ ବାତିଲ କରାଯିବା ସଠିକ୍ ନିଷ୍ପତ୍ତି ।
> –ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ



## ସଂକ୍ଷେପରେ

### ପୂର୍ବତନ ଚାମ୍ପିୟନ ବକ୍ସରଙ୍କ ମୃତ୍ୟୁ



ଲସ ଏଞ୍ଜେଲ୍ସ,୧୮ ।୩- ଦୁଇ ଥର ବିଶ୍ୱ ଚାମ୍ପିୟନ ବକ୍ସର ରୋଜର ମେଓ୍ୱେଦରଙ୍କ ବୁଧବାର ପରଲୋକ ଘଟିଛି। ୫୮ ବର୍ଷୀୟ ବକ୍ସର ରିଙ୍ଗରୁ ଅବସର ନେବା ପରେ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ସେ କିମ୍ବଦନ୍ତୀ ବକ୍ସର ଫ୍ଲଏଡ ମେଓ୍ୱେଦରଙ୍କ ଅଙ୍କଲ ଥିଲେ। ରିଙ୍ଗ ବାହରେ ହେଉ କି ଭିତରେ ମୋ ଜୀବନରେ ଅଙ୍କଲଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ଚାମ୍ପିୟନ ଓ ଶ୍ରେଷ୍ଠ ଟେନର ଥିଲେ। ଦୁର୍ଭାଗ୍ୟବଶତଃ, କିଛି ବର୍ଷ ହେଲା ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିଲା ବୋଲି ଫ୍ଲଏଡ କହିଛନ୍ତି। ଫ୍ଲଏଡଙ୍କ ଟ୍ରେନର ଥିଲେ ରୋଜର। ତାଙ୍କ ନେତୃତ୍ୱରେ ଫ୍ଲଏଡ ନିଜ ଜାଜ୍ୱଲ୍ୟମୟ କ୍ୟାରିୟରରେ ବହୁ ସଫଳତା ପାଇଛନ୍ତି। ରୋଜରଙ୍କ ଡାଇବେଟିସ ସମସ୍ୟା ଥିଲା। ସେ ସୁପର ଓ୍ୱେଟ ଓ ସୁପର ଲାଇଟଓ୍ୱେଟ ଟାଇଟଲ ହାସଲ କରିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୫୯ ମ୍ୟାଚ୍ ଜିତିଥିଲେ। ଜୁଲିଓ ସିଜର ଚାଭେଜ ଓ ପରନେଲ ହ୍ୱିଟେକରଙ୍କୁ ହରାଇବା ତାଙ୍କ କ୍ୟାରିୟର ଉଲ୍ଲେଖନୀୟ ଘଟଣା ଥିଲା।

### ଏନ୍‌ଏଚ୍‌ଏସ୍ ପାଇଁ ହୋଟେଲ ଉପଲବ୍ଧ କଲା ଚେଲସି

ଲଣ୍ଡନ,୧୮ ।୩- ଚେଲସି କ୍ଲବ ତା'ର ଷ୍ଟାମଫର୍ଡ ବ୍ରିଜ ଷ୍ଟାଡିୟମରେ ଥିବା ମିଲେନିୟମ ହୋଟେଲକୁ ନ୍ୟାଶନାଲ ହେଲ୍‌ଥ ସର୍ଭିସେସ (ଏନ୍‌ଏଚ୍‌ଏସ୍) ଲାଗି ଉପଲବ୍ଧ କରିବ। ସେଠାରେ କରୋନାରେ ପୀଡ଼ିତ ଷ୍ଟାଫଙ୍କ ଚିକିତ୍ସା ପାଇଁ ସୁବିଧା କରାଯିବ ବୋଲି ପ୍ରିମିୟର ଲିଗ କ୍ଲବ ପକ୍ଷରୁ କୁହାଯିବ। ହୋଟେଲରେ ଚିକିତ୍ସା ନିମନ୍ତେ ସମସ୍ତ ସୁବିଧା ଯୋଗାଇବା ଲାଗି ଚେଲସି ମାଲିକ ରୋମାନ ଆବ୍ରାମୋଭିଚ୍ ଖର୍ଚ୍ଚ କରିବେ। ଦରକାର ପଡ଼ିଲେ, ହୋଟେଲର ସମସ୍ତ ରୁମ୍ ଏଥିରେ ବ୍ୟବହାର ହେବ। ବହୁ ମେଡିକାଲ ଷ୍ଟାଫ ଲମ୍ବା ଶିଫ୍ଟରେ କାର୍ଯ୍ୟ କରିବେ ବୋଲି ଚେଲସି ପକ୍ଷରୁ କୁହାଯାଇଛି। ହୋଟେଲକୁ ଦୁଇ ମାସ ପାଇଁ ଏହି କାର୍ଯ୍ୟରେ ବ୍ୟବହାର କରାଯିବ। ଏହାପରେ ଆବଶ୍ୟକ ପଡ଼ିଲେ ସମୟ ସୀମା ବୃଦ୍ଧି କରାଯାଇପାରେ। ପ୍ରିମିୟର ଲିଗ୍ କରୋନା ଭାଇରସ ଯୋଗୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବିଶ୍ୱରେ ଏହି ଭାଇରସ ଯୋଗୁ ୧୯୮,୩୦୦ ଲୋକ ଆକ୍ରାନ୍ତ ଥିବାବେଳେ ମୃତ୍ୟୁ ସଂଖ୍ୟା ୮.୪ ହଜାର ପହଞ୍ଚିଲାଣି। କେବଳ ୟୁନାଇଟେଡ୍ କିଙ୍ଗଡମରେ ୧୯୫୦ କରେନା ଆକ୍ରାନ୍ତ ଥିବାବେଳେ ୭୧ ଜଣଙ୍କ ମୃତ୍ୟୁ ହୋଇସାରିଛି।

### ଶୀର୍ଷରେ ସୌରଭ, ପ୍ରତାପ

ନୂଆଦିଲ୍ଲୀ, ୧୮ ।୩ (ପି.ଟି.)- ଦୁଇ ଭାରତୀୟ ଶୁଟର୍ ସୌରଭ ଚୌଧାରୀ ଓ ଐଶ୍ୱରୀ ପ୍ରତାପ ଏଠାରେ ଚାଲିଥିବା ଅଲିମ୍ପିକ ଟିମ୍ ଶୁଟିଂ ସିଲେକ୍ସନ ଟ୍ରାଏଲ୍ସ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସୌରଭ ୧୦ ମିଟର ଏୟାର ରାଇଫଲ୍ ଏବଂ ପ୍ରତାପ ୫୦ ମିଟର ରାଇଫଲ୍ ୩ ପୋଜିସନ ଇଭେଣ୍ଟର ଶୀର୍ଷରେ ରହିଛନ୍ତି। ପୂର୍ବରୁ ଅଲିମ୍ପିକ କୋଟା ହାସଲ କରିଥିବା ସୌରଭ ୧୦ ମିଟର ଏୟାର ରାଇଫଲ୍ ମହିଳା ଓ ପୁରୁଷ ମିଳିତ ଯୋଗ୍ୟତା ପର୍ଯ୍ୟାୟରେ ୫୮୮ ସ୍କୋର କରିଛନ୍ତି। ଅନ୍ୟତମ ଅଲିମ୍ପିକ ଟିକେଟ୍ ହାସଲକାରୀ ଭାରତୀୟ ଶୁଟର୍ ଅଭିଶେକ ବର୍ମା (୫୮୫) ଓ ଅନୁରାଜ ସିଂ (୫୭୯) ଯଥାକ୍ରମେ ତାଲିକାରେ ପଛକୁ ରହିଛନ୍ତି। ମନୁ ଭାକର (୫୭୪) ଓ ଯଶସ୍ୱିନୀ ସିଂ ଦେଶୱାଲ (୫୭୦)ଙ୍କୁ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ମିଳିଛି।

# ଓଡ଼ିଶା ଏଫସି ଛାଡ଼ିଲେ ଗମ୍ବାଉ

ଭୁବନେଶ୍ୱର, ୧୮ ।୩(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ପ୍ରଥମ ପଦାର୍ପଣରେ ପ୍ରଦର୍ଶନର ଛାପ ଛାଡ଼ିଥିବା ଓଡ଼ିଶା ଏଫସି କୋଚ୍ ଜୋସେପ ଗମ୍ବାଉ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସେ କୋଚ୍ ପଦ ଛାଡ଼ିଥିବା ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ କ୍ଲବ ସଭାପତି ରୋହନ ଶର୍ମା କହିଛନ୍ତି ଯେ, '' ତାଙ୍କ ଜୀବନରେ ଏପରି ସମୟ ଆସିଛି ଯାହାକୁ ଫୁଟବଲଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ କ୍ଲବ ପାଇଁ ଯାହା କିଛି କରିଛନ୍ତି ସେଥିପାଇଁ ମୁଁ କୋଚ୍ ଗମ୍ବାଉ ଏବଂ ତାଙ୍କ କୋଚିଂ ଷ୍ଟାଫ୍‌ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି। ସେମାନେ ଯେଉଁଆଡ଼େ ଗଲେ ମଧ୍ୟ ଓଡ଼ିଶା ପ୍ରତି ନିଶ୍ଚିତ ଆନ୍ତରିକତା ରହିବ''। ଏପରି ନିଷ୍ପତ୍ତି କଷ୍ଟକର ଥିଲା ବୋଲି ଗମ୍ବାଉ ପ୍ରକାଶ କରିଛନ୍ତି। ''ଏପରି ଏକ ନିଷ୍ପତ୍ତି ନେବା ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ୍ୟ। ତେବେ ମୁଁ ଯେପରିଭାବେ ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ବହୁତ ଦୁଃଖିତ। ମୁଁ ସର୍ବଦା ଓଡ଼ିଶା ଏଫସିର ସଫଳତା କାମନା କରିବି'' ବୋଲି ଗମ୍ବାଉ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସ୍ପେନର ଗମ୍ବାଉ ୨୦୧୮ ଜୁଲାଇରେ ଦିଲ୍ଲୀ ଡାଇନାମସ କ୍ଲବ ସହିତ ଯୋଗ ଦେଇଥିଲେ। ୨୦୧୯ ମେ ପର୍ଯ୍ୟନ୍ତ ସେ ଏହି ଦଳକୁ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ଦିଲ୍ଲୀ ଡାଇନାମସ ଓଡ଼ିଶା ଏଫସିରେ ପରିଣତ ହୋଇଥିଲା। ମୁଖ୍ୟ କୋଚ୍ ଭାବେ ଗମ୍ବାଉ ୨୦୧୯ ଅଗଷ୍ଟରୁ ଏପର୍ଯ୍ୟନ୍ତ ଓଡ଼ିଶା ଏଫସିକୁ ଗାଇଡ୍ କରି ଆସୁଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫସି ନିଜର ପ୍ରଥମ ସିଜନରେ ହିଁ ଚମତ୍କାର ପ୍ରଦର୍ଶନ କରିଥିଲା। ଅନେକ ଦିନ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲର ଶୀର୍ଷ ୪ରେ ରହିବାପରେ ଶେଷରେ ଦଳ ୬ଷ୍ଠ ସ୍ଥାନରେ ରହି ସିଜନ ଶେଷ କରିଥିଲା। ଦଳ ୧୮ଟି ମ୍ୟାଚ ଖେଳିଥିବାବେଳେ ୭ଟି ବିଜୟୀ ହୋଇଥିଲା ଏବଂ ୭ ମ୍ୟାଚରେ ପରାଜୟ ବରଣ କରିଥିଲା। ଅବଶିଷ୍ଟ ୪ଟି ମ୍ୟାଚ ଡ୍ର ରଖି ୨୫ ପଏଣ୍ଟ ପାଇଥିଲା ଏହି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍। ଦଳ ୨୮ଟି ଗୋଲ ଦେଇଥିବାବେଳେ ୩୧ ଗୋଲ ବରଣ କରିଥିଲା।

ଇଣ୍ଡିଆନ ସୁପରଲିଗ୍‌ରେ ଦିଲ୍ଲୀ ଡାଇନାମସ–ଓଡ଼ିଶା ଏଫସିର ରେକର୍ଡ ଦେଖିଲେ ୫ମ କୋଚ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଗମ୍ବାଉ। ୨୦୧୪ ଅଗଷ୍ଟରୁ ଡିସେମ୍ବର ପର୍ଯ୍ୟନ୍ତ ନେଦରଲାଣ୍ଡ୍ସର ହାର୍ମ ଭାନ୍ ଭେଲଡୋଭେନ ପ୍ରଥମ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ବ୍ରାଜିଲର ରବର୍ଟ କାର୍ଲୋସ ୨୦୧୫ ଜୁଲାଇରୁ ଡିସେମ୍ବର, ଇଟାଲୀର ଜିଆନଲୁକା ଜାମ୍ବ୍ରୋଟା ୨୦୧୬ ଜୁଲାଇରୁ ଡିସେମ୍ବର, ସ୍ପେନର ମିଗୁଏଲ ଆଞ୍ଜେଲ ପର୍ତ୍ତୁଗାଲ ୨୦୧୭ ଜୁଲାଇରୁ ୨୦୧୮ ମେ ପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ଅଗଷ୍ଟରୁ ସିଜନ ଶେଷ ପର୍ଯ୍ୟନ୍ତ ଗମ୍ବାଉଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫସିର ବିଜୟ ହାର ଥିଲା ୩୮.୮୯।



> ''ଏପରି ଏକ ନିଷ୍ପତ୍ତି ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ୍ୟ। ତେବେ ମୁଁ ଯେଉଁପରି ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ଦୁଃଖିତ। ସର୍ବଦା ଓଡ଼ିଶା ଏଫସିର ସଫଳତା କାମନା କରିବି''
> -ଜୋସେପ୍ ଗମ୍ବାଉ

## ବଳାତ୍କାର ଅଭିଯୋଗ ପରେ ବକ୍ସିଂ କୋଚ୍ ଗିରଫ

ନୂଆଦିଲ୍ଲୀ,୧୮ ।୩– ମହିଳା ଟ୍ରେନିଙ୍କୁ ବଳାତ୍କାର ଅଭିଯୋଗ ଆସିବା ପରେ ହରିୟାଣା ବକ୍ସିଂ କୋଚ୍‌ଙ୍କୁ ଗିରଫ କରାଯାଇଛି। ଫେବୃୟାରୀରେ ଓ୍ୱେଷ୍ଟ ବେଙ୍ଗଲ କ୍ଲାସିକ ବକ୍ସିଂ ଚାମ୍ପିୟନଶିପ୍ ପାଇଁ କୋଲକାତା ଗସ୍ତ କରୁଥିବାବେଳେ ଏହି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି ମହିଳା ଟ୍ରେନି। ପ୍ରଥମେ ଟ୍ରେନ ଯାତ୍ରାବେଳେ ଓ ପରେ କୋଲକାତାରେ ଦଳ ରହୁଥିବାବେଳେ କୋଚ୍ ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ଦ୍ୱାରା ଗିରଫ ହୋଇଥିବା ସନ୍ଦୀପ ମଲିକ ହରିୟାଣା ପାଇଁ ପ୍ରତିନିଧିତ୍ୱ କରି ୨୦୦୯ରେ ଜାତୀୟସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୫୭ କେଜି ଓଜନ ବର୍ଗରେ ଖେଳୁଥିଲେ। ସୋନେପତ୍‌ର ଏକ ବକ୍ସିଂ ଏକାଡେମୀକୁ ସନ୍ଦୀପ କୁମାର ପରିଚାଳନା କରନ୍ତି। ତାଙ୍କୁ ସୋମବାର ଏକାଡେମୀରୁ ଗିରଫ କରାଯାଇଛି। ଏକ ଯୌନ ଉତ୍ପୀଡ଼ନ ମାମଲା ନୂଆଦିଲ୍ଲୀ ପୋଲିସ ଷ୍ଟେଶନରେ ପଞ୍ଜିକୃତ କରାଯାଇଛି। ଦୋଷୀଙ୍କୁ ସୋମବାର ସୋନେପତ୍‌ରୁ ଗିରଫ କରାଯାଇଛି।

## କାଉଣ୍ଟି ଖେଳିବେ ହନୁମା




ନୂଆଦିଲ୍ଲୀ, ୧୮ ।୩ (ପି.ଟି.)

ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ମାରାତ୍ମକ କରୋନା ଭାଇରସ୍ ଲାଗି ପ୍ରାୟ ସମସ୍ତ ଖେଳ ବାତିଲ ହୋଇସାରିଛି। ଏହି ଅବସରରେ ଖେଳାଳିମାନେ ଘରେ ରହି ସମୟ ଅତିବାହିତ କରୁଛନ୍ତି। ଭାରତୀୟ କ୍ରିକେଟର୍ ହନୁମା ବିହାରୀ ଆଗାମୀ ଗ୍ରୀଷ୍ମ ସିଜନରେ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ୍ ଖେଳି ସଦୁପଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଧିରେ ଧିରେ ଭାରତୀୟ ଟେଷ୍ଟ ଦଳର ଜଣେ ପ୍ରମୁଖ ସଦସ୍ୟ ବନିବାକୁ ଯାଉଥିବା ୨୬ ବର୍ଷୀୟ ହନୁମା ଏକ ପ୍ରମୁଖ କାଉଣ୍ଟି ଦଳ ସହ ତାଙ୍କ ଦକ୍ଷତା ପରଖିବାକୁ ଚାହୁଁଛନ୍ତି। ତେବେ ତାଙ୍କର ଏହି ଲକ୍ଷ୍ୟପଥରେ କରୋନା ଭାଇରସ୍ ବାଧା ସୃଷ୍ଟି କରିଛି। ଆଗାମୀ ଦିନରେ ଯେତେବେଳେ ଏହି ପରିସ୍ଥିତି ନିୟନ୍ତ୍ରଣକୁ ଆସିବ ଏବଂ ଗସ୍ତରେ ଲାଗିଥିବା ପ୍ରତିବନ୍ଧକ କୋହଳ ହୋଇଯିବ ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ହନୁମା ଏକ ସାକ୍ଷାତକାରରେ କହିଛନ୍ତି। 'ଚଳିତ ସିଜନରେ ମୋତେ ୪ଟି କାଉଣ୍ଟି ମ୍ୟାଚ୍ ଖେଳିବାର ଥିଲା। ଯେତେବେଳେ ସମସ୍ତ କାଗଜପତ୍ର କାମ ଶେଷ ହୋଇଯିବ ସେତେବେଳେ କାଉଣ୍ଟି ଟିମ୍‌ର ନାମ ପ୍ରକାଶ କରିବି। କରୋନା ଭାଇରସ୍ ଲାଗି ବର୍ତ୍ତମାନ ଏହାକୁ ରୋକାଯାଇଛି। କିନ୍ତୁ ଆଶାବାଦୀ ରହିଛି ଯେତେବେଳେ ସ୍ଥିତି ନିୟନ୍ତ୍ରଣକୁ ଆସିବ ଏହି ସବୁ ମ୍ୟାଚ୍ ଖେଳିପାରିବି। ଏଥିରେ ମୋତେ ବହୁତ କିଛି ଶିଖିବାକୁ ମିଳିବ' ବୋଲି ଆନ୍ଧ୍ରପ୍ରଦେଶର ଏହି ଅଲ୍‌ରାଉଣ୍ଡର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକିଛି ବର୍ଷ ହେବ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଟପ୍ କ୍ରିକେଟର୍ ଯେଉଁମାନେ କି ଆଇପିଏଲ୍ ଖେଳୁ ନ ଥିବେ ସେମାନଙ୍କୁ ସମର ସିଜନରେ କାଉଣ୍ଟି କ୍ରିକେଟ୍ ଖେଳିବାକୁ ଅନୁମତି ପ୍ରଦାନ କରୁଛି। ପୂର୍ବରୁ ଚେତେଶ୍ୱର ପୂଜାରା, ଇଶାନ୍ତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ଅଜିଙ୍କ୍ୟା ରାହାନେଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ କାଉଣ୍ଟି ଖେଳିବାକୁ ଅନୁମତି ଦେଇଥିଲା। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ହନୁମା ୯ ଟେଷ୍ଟ ମ୍ୟାଚ୍‌ରୁ ୫୫୨ ରନ୍ ସଂଗ୍ରହ କରିଛନ୍ତି। ସଂଯୋଗକ୍ରମେ ଏହି ସମସ୍ତ ମ୍ୟାଚ୍ ସେ ବିଦେଶରେ ଖେଳିଛନ୍ତି।

## ବାଙ୍ଗରଙ୍କୁ ବ୍ୟାଟିଂ ପରାମର୍ଶଦାତା ନିଯୁକ୍ତ କରିପାରେ ବିସିବି

ଢାକା,୧୮ ।୩

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ବର୍ତ୍ତମାନ ଭାରତୀୟ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କୁ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦବୀରେ ନିଯୁକ୍ତି ଦେବା ପାଇଁ ଇଚ୍ଛା ପ୍ରକଟ କରିଛି। ୪୭ ବର୍ଷୀୟ ପୂର୍ବତନ ଭାରତୀୟ ଖେଳାଳି ଏହି ଦାୟିତ୍ୱ ପାଇଁ ଉପଲବ୍ଧ ହେବେ ବୋଲି ବିସିବି ଆଶା ପ୍ରକଟ କରିଛି। ଆସନ୍ତା ଜୁନ୍‌ରେ ବାଂଲାଦେଶ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଆୟୋଜନ କରିବ। ଆମେ ବାଙ୍ଗରଙ୍କ ସହ ଆଲୋଚନା କରିଛୁ। କିନ୍ତୁ ଏପର୍ଯ୍ୟନ୍ତ କିଛି ଧାର୍ଯ୍ୟ ହୋଇପାରିନାହିଁ। ସମାନ ପଦବୀ ଲାଗି ଆମେ ଅନ୍ୟମାନଙ୍କ ସହ ମଧ୍ୟ କଥାହେଉଛୁ ବୋଲି ବିସିବି ମୁଖ୍ୟ କାର୍ଯ୍ୟକାରୀ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି। ବାଙ୍ଗର ୨୦୧୪ରୁ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ଭାରତୀୟ ଦଳ ସହ କାର୍ଯ୍ୟ କରିଥିଲେ। ୨୦୧୬ରେ ସେ ଜିମ୍ବାଓ୍ୱେ ଓ ୨୦୧୭ରେ ଓ୍ୱେଷ୍ଟଇଣ୍ଡିଜ ଦଳର ଅନ୍ତରୀଣ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଯଦି ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଠିକ୍ ହୁଏ ତେବେ ବାଙ୍ଗରଙ୍କ ସହ ୧୧୦ ଦିନ ଲାଗି (୨୦୨୦ ଜୁନ୍‌ରୁ ୨୦୨୧ ଫେବୃୟାରୀ) ଚୁକ୍ତି କରାଯାଇପାରେ ବୋଲି ବିସିବି ସୂତ୍ରରୁ ଜଣାପଡ଼ିଛି।



## ୩ ବର୍ଷ ପରେ ଟପ୍ ୬ରୁ ଖସିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୮ ।୩

ବ୍ୟାଡ୍‌ମିଣ୍ଟନ ଓ୍ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଂରେ ଷ୍ଟାର୍ ଭାରତୀୟ ମହିଳା ଖେଳାଳି ପି.ଭି. ସିନ୍ଧୁଙ୍କ ଅବନତି ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଂରେ ସିନ୍ଧୁ ଗୋଟିଏ ପାହାଚ ତଳକୁ ଖସି ୭ମ ସ୍ଥାନ ଲାଭ କରିଛନ୍ତି। ତିନି ବର୍ଷର ବ୍ୟବଧାନ ପରେ ସିନ୍ଧୁ ପ୍ରଥମ ଥର ଲାଗି ଟପ୍–୬ ବାହାରେ ରହିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ସିନ୍ଧୁ କ୍ରମାଗତ ଭାବେ ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛନ୍ତି। ସେହିଭଳି ମଙ୍ଗଳବାର ୩୦ତମ ଜନ୍ମଦିନ ପାଳନ କରିଥିବା ସାଇନା ନେହ୍ୱାଲଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବଭଳି ସେ ୨୦ତମ ସ୍ଥାନରେ ରହିଛନ୍ତି। ସ୍ପେନର କାରୋଲିନା ମାରିନ ଗୋଟିଏ ପାହାଚ ଉପରକୁ ଉଠି ୬ଷ୍ଠ ସ୍ଥାନ ଲାଭ କରିଛନ୍ତି। ତାଇଓ୍ୱାନର ତାଇ ଜୁ ୟିଙ୍ଗ୍ ଏକ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କୌଣସି ଭାରତୀୟ ସଟ୍‌ଲର ଟପ୍–୧୦ରେ ସ୍ଥାନ ପାଇନାହାନ୍ତି। ବି. ସାଇ ପ୍ରଣୀଥ୍ ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟତମ ର୍‍ୟାଙ୍କିଂରେ ସେ ତ୍ରୟୋଦଶ ସ୍ଥାନରେ ରହିଛନ୍ତି। କିଦାମ୍ବୀ ଶ୍ରୀକାନ୍ତଙ୍କୁ ୧୪ତମ ଓ ପାରୁପଲ୍ଲୀ କାଶ୍ୟପ ୨୪ତମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।



**ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ୍**

## ୮ ବର୍ଷ ତଳେ ଶେଷ ଦିନିକିଆ ଖେଳିଥିଲେ ସଚିନ

ନୂଆଦିଲ୍ଲୀ,୧୮ ।୩

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଆଜିକୁ ଠିକ୍ ୮ ବର୍ଷ ତଳେ ଅର୍ଥାତ ୨୦୧୨ ମାର୍ଚ୍ଚ ୧୮ ତାରିଖରେ କ୍ୟାରିୟର ଶେଷଥର ପାଇଁ ଟିମ୍ ଇଣ୍ଡିଆର ବ୍ଲୁ ଜର୍ସି ପିନ୍ଧିଥିଲେ। ୨୦୧୨ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଶେରେ ବାଂଲା ଜାତୀୟ ଷ୍ଟାଡିୟମରେ ତେନ୍ଦୁଲକର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ନିଜ କ୍ୟାରିୟରର ଶେଷ ଦିନିକିଆରେ ସେ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଭାରତୀୟ ଦଳ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ୧୮୩ ରନ୍ କରିଥିଲେ, ଯାହାକି ତାଙ୍କ ଦିନିକିଆ କ୍ୟାରିୟରର ଶ୍ରେଷ୍ଠ ସ୍କୋର। କ୍ୟାରିୟରରେ ୪୬୩ ଦିନିକିଆ ମ୍ୟାଚ୍ ଖେଳିଥିବା ସଚିନ ୪୯ ଶତକ ଓ ୯୬ ଅର୍ଦ୍ଧଶତକ କରିଥିଲେ। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆରେ ଦ୍ୱିଶତକ ଅର୍ଜନ କରିଥିଲେ। ତେବେ ସଚିନ ୨୦୧୩ ନଭେମ୍ବର ୬ ତାରିଖରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

# ହିଟ୍‌ଲରଙ୍କ ଶାସନରେ ଅଲିମ୍ପିକ୍ ମଶାଲ ରିଲେ ଆରମ୍ଭ

ଟୋକିଓ, ୧୮ ।୩(ଏପି)

ବିଶ୍ୱ କ୍ରୀଡ଼ା ସର୍ବଶ୍ରେଷ୍ଠ ମହାକୁମ୍ଭ ଅଲିମ୍ପିକ୍ସ ସହିତ ମଶାଲ ରିଲେ ପାରମ୍ପରିକ ଭାବେ ଯୋଡିହୋଇ ଆସିଛି। ତେବେ ଆଧୁନିକ ଅଲିମ୍ପିକ୍ସ ସହିତ ଏହା ପୂର୍ବରୁ ସାମିଲ ନ ଥିଲା। ଏକଥା ବହୁତ କମ୍ ଲୋକ ଜାଣିଥିବେ। ଜର୍ମାନୀରେ ଆଡଲ୍‌ଫ ହିଟଲରଙ୍କ ଶାସନ କାଳରେ ବର୍ଲିନ ଅଲିମ୍ପିକ୍ସରେ ମଶାଲ ରିଲେ ଆରମ୍ଭ ହୋଇଥିଲା। ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍ସର ଏହି ଏକାଦଶ ସଂସ୍କରଣରେ ମଶାଲ ରିଲେ ପ୍ରଥମ କରି ଆରମ୍ଭ କରାଯାଇଥିଲା। ଏହି ନୂଆ ପରମ୍ପରା ଆୟୋଜକ କମିଟି ଅଧ୍ୟକ୍ଷ କାର୍ଲ ଡିମ୍‌ଙ୍କର ମାନସ ସନ୍ତାନ ଥିଲା।


ଆଗାମୀ ଟୋକିଓ ଅଲିମ୍ପିକ୍ସ ମଶାଲ ରିଲେ ଜାପାନରେ ଆସନ୍ତା ୨୬ ତାରିଖରେ ଉତ୍ତରପୂର୍ବାଞ୍ଚଳ ଫୁକୁସିମାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ୨୦୦୪ ରେ ଟୋନୀ ପେରୋଟେଟ ତାଙ୍କ ପ୍ରକାଶିତ ବହି 'ଦି ନ୍ୟାକେଡ ଅଲିମ୍ପିକ୍ସ' ହିଟ୍‌ଲରଙ୍କ ଶାସନ କାଳରେ ଆରମ୍ଭ ହୋଇଥିବା ଏହି ପରମ୍ପରାକୁ ପ୍ରଶଂସା କରିଛନ୍ତି। ଏବେ ଅବଶ୍ୟ ଏହା ଅଲିମ୍ପିକ୍ସ ପାଇଁ ଏକ ଅଳଙ୍କାର ସଦୃଶ ହୋଇଛି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ଗ୍ରୀସ୍‌ରୁ ଜର୍ମାନୀକୁ ମଶାଲ ଆସିଥିଲା ଓ ଏଥିପାଇଁ ୧୨ ଦିନ ସମୟ ଲାଗିଥିଲା। ବର୍ଲିନ ଷ୍ଟାଡିୟମରେ ଏହାର ଚମକ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ମାଲାରେ ଜର୍ମାନୀ ଆର୍ମ୍ସ ମାନୁଫାକଚରର ବା ଅସ୍ତ୍ର ଉତ୍ପାଦନକାରୀ କମ୍ପାନୀ କ୍ରୁପ୍‌ର ଲୋଗ ରହୁଥିଲା। ୧୯୩୬ ଜୁଲାଇ ୨୦ ତାରିଖରେ ଗ୍ରୀକ୍ ଆଥଲେଟ କନଷ୍ଟାଣ୍ଟିନ କୋଣ୍ଡିଲିସ୍ ପ୍ରଥମେ ମଶାଲ ପ୍ରଜ୍ୱଳନ କରିଥିଲେ। ଏହାପରେ ଏହି ମଶାଲ ଗ୍ରୀସ୍, ବୁଲଗେରିଆ, ୟୁଗୋସ୍ଲୋଭିଆ, ହଙ୍ଗେରୀ, ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଦେଇ ଶେଷରେ ଜର୍ମାନୀରେ ପହଞ୍ଚିଥିଲା। ପ୍ରତ୍ୟେକ ଧାବକ ମଶାଲ ଧରି .୬୨ କିଲୋମିଟର ଦୌଡ଼ିଥିଲେ।

ସେତେବେଳ ହିଟ୍‌ଲର ଗ୍ରୀକ୍ ଦେବ ଓ ଦେବୀଙ୍କ ଚିତ୍ରକୁ ପ୍ରଶଂସା କରିଥିଲେ। ପରୋକ୍ଷରେ ଅଲିମ୍ପିକ୍ସ ମାଧ୍ୟମରେ ସେ ଜର୍ମାନୀର ଆଧିପତ୍ୟ, ସ୍ୱୟଂ ସମ୍ପୂର୍ଣ୍ଣତାକୁ ପ୍ରଚାର ଓ ପ୍ରସାର କରିବାକୁ ଚାହିଁଥିଲେ। ମଶାଲ ରିଲେର ପ୍ରତ୍ୟେକ ସୋପାନ, ପଥ, ପୁରାତନ ଗ୍ରୀକ୍ ସଭ୍ୟତାର ଆଥଲେଟଙ୍କ ପ୍ରଚାର ଓ ପ୍ରସାର ସୁଚିନ୍ତିତ ଭାବେ କରାଯାଇଥିଲା। ତେବେ ଅଲିମ୍ପିକ ଜ୍ୟୋତି ପ୍ରଜ୍ୱଳନ ପ୍ରଥମେ ୧୯୧୮ ଆମଷ୍ଟରଡାମ ଗେମ୍ସରେ ଆରମ୍ଭ ହୋଇଥିଲା। ଏହା ପରେ ପୁଣି ୧୯୩୨ ଲସ୍ ଏଞ୍ଜେଲ୍ସରେ ପ୍ରଜ୍ୱଳିତ ହୋଇଥିଲା।

ତେବେ ୧୯୨୮ ଓ ୧୯୩୨ ଜ୍ୟୋତି ବାବଦରେ ଖୁବ୍ କମ୍ ଲୋକ ଜାଣିଥିବେ। ଏହା ଅଲିମ୍ପିଆ ବଦଳରେ ଘଟଣାସ୍ଥଳ ବା ଷ୍ଟାଡିୟମରେ ପ୍ରଜ୍ୱଳିତ ହୋଇଥିଲା ବୋଲି ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ଅଲିମ୍ପିକ୍ ହିଷ୍ଟୋରିଆନ୍ସ ପୂର୍ବତନ ଅଧ୍ୟକ୍ଷ ବିଲ୍ ମାଲୋନ ଇମେଲ କରି ଜଣାଇଛନ୍ତି। ୧୯୩୬ ପର୍ଯ୍ୟନ୍ତ ମଶାଲ ରିଲେ ଆୟୋଜିତ ହୋଇ ନ ଥିଲା। ତେବେ ଏହାପରଠାରୁ ମଶାଲ ରିଲେ ନିୟମିତ ଭାବେ ଆୟୋଜନ ହୋଇ ଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଲିମ୍ପିକ୍ସ ଆୟୋଜନ ହୋଇ ନ ଥିଲା। ଫଳରେ ଟୋକିଓରେ ଆୟୋଜିତ ହେବାକୁ ଥିବା ୧୯୪୦ ଅଲିମ୍ପିକ୍ସ ଗେମ୍ସ ବାତିଲ ହୋଇଥିଲ। ତେବେ ୧୯୪୮ରେ ପୁଣି ଥରେ ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା ଓ ଏହାପରେ ମଶାଲ ରାଲିରେ ଆଧୁନିକତା ଆସିବା ସହ ଆହୁରି ଆକର୍ଷଣୀୟ ହୋଇଥିଲା।

ଗ୍ରୀଷ୍ମ ଅଲିମ୍ପିକ ଜ୍ୟୋତି ସବୁବେଳେ ପୁରାତନ ଅଲିମ୍ପିଆରେ ପ୍ରଥମେ ପ୍ରଜ୍ୱଳିତ ହୋଇଥାଏ। କିନ୍ତୁ ଶୀତକାଳୀନ ଅଲିମ୍ପିକ୍ସ ଅଲିମ୍ପିକ୍ସର ମଶାଲ ଏଠାରେ ପ୍ରଜ୍ୱଳିତ ହୋଇ ନ ଥାଏ। ୧୯୫୨ ଓ ୧୯୬୦ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ମୋର୍ଗେଡାଲରେ ପ୍ରଜ୍ୱଳିତ ହୋଇଥିଲା। ୧୯୫୬ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ରୋମରେ ପ୍ରଜ୍ୱଳିତ ହୋଇଥିଲା। ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ପ୍ରଜ୍ୱଳନ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ହୋଇଥିଲା।

୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ମଶାଲ ରିଲେ ବ୍ୟବସାୟୀକରଣ ହୋଇଥିଲା। ରିଲେ ପ୍ରାୟୋଜକ ଏଟି ଆଣ୍ଡ ଟି କିଲୋମିଟର ଲେଗ୍ ବା ଦୂରତାକୁ ବିକ୍ରି କରିଥିଲା। ମଶାଲ ସହ ଲୋକମାନଙ୍କୁ ଦୌଡ଼ିବା ପାଇଁ ସୁଯୋଗ ମିଳିଥିଲା। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ କୋକା–କୋଲା ପ୍ରାୟୋଜକ ଥିଲା। ଏଥିରେ ଗ୍ରୀସ୍ ଅସନ୍ତୋଷ ଜାହିର କରିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ମଧ୍ୟ ସମସ୍ୟା ଦେଖା ଦେଇଥିଲା। ତେଣୁ ମଶାଲ ରିଲେରେ ଏବେ ଗ୍ଲାମର ଦେଖିବାକୁ ମିଳୁଛି। କିନ୍ତୁ ବିଭିନ୍ନ ସମୟରେ ଏହି ରାଲିରେ ବିବାଦ ସହିତ ବହୁତ କିଛି ସକାରାତ୍ମକ ସନ୍ଦେଶ ମଧ୍ୟ ମିଳୁଛି। ମଶାଲ ରାଲି ବେଶି ପୁରୁଣା ହୋଇ ନ ଥିଲେ ମଧ୍ୟ ଏବେ ଏହା ଅଲିମ୍ପିକ୍ସ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି।



୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଲଷ୍ଟଗାର୍ଟେନଠାରେ ଜ୍ୟୋତି ପ୍ରଜ୍ୱଳନ କରାଯାଉଛି।

## ସଂକ୍ଷେପରେ

### ଧୋନୀଙ୍କୁ ଆଇପିଏଲର ଆବଶ୍ୟକତା ନାହିଁ



ନୂଆଦିଲ୍ଲୀ,୧୮।୩: ଭାରତୀୟ କ୍ରିକେଟ ବିଶେଷଜ୍ଞଙ୍କ ମତରେ ଆଇପିଏଲ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିପାରେ। ମାତ୍ର କରୋନା ଭାଇରସ ଯୋଗୁ ଆଇପିଏଲର ୧୩ତମ ସଂସ୍କରଣ ଅନିଶ୍ଚିତତା ଘେରକୁ ଚାଲି ଯାଇଛି। ଯଦି ଚଳିତ ବର୍ଷ ଆଇପିଏଲ ଅନୁଷ୍ଠିତ ହୋଇ ନ ପାରେ, ତେବେ କ'ଣ ଧୋନୀଙ୍କ ପାଇଁ ଜାତୀୟ ଦଳକୁ ଫେରିବା ବାଟ ବନ୍ଦ ହୋଇଯିବ? ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ତଥା ଭାଷ୍ୟକାର ଆକାଶ ଚୋପ୍ରା। ତାଙ୍କ ମତରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ଲାଗି ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ଆଇପିଏଲର ଆବଶ୍ୟକତା ନାହିଁ। ଧୋନୀଙ୍କୁ ଜଣା କ'ଣ କରୁଛନ୍ତି। ତାଙ୍କ ଭଳି ଖେଳାଳିଙ୍କ ପାଇଁ ଆଇପିଏଲ କଦାପି ଏକ ବାଧା ନୁହେଁ ବୋଲି ଏକ ୟୁଟ୍ୟୁବ ଭିଡିଓରେ ଆକାଶ କହିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଆଇପିଏଲରେ ଧୋନୀ ଭଲ ସ୍କୋର କଲେ ଭାରତୀୟ ଦଳକୁ ଫେରିପାରିବେ। ମାତ୍ର ଧୋନୀ ଜାତୀୟ ଦଳକୁ ଫେରିବାକୁ ଚାହୁଁଥିଲେ, ପ୍ରଥମେ ନିଜକୁ ଉପଲବ୍ଧ କରିବାକୁ ପଡ଼ିବ। ଚୟନକର୍ତ୍ତା ତାଙ୍କୁ ସିଧାସଳଖ ଦଳରେ ନେବେ। କାରଣ ଅଭିଜ୍ଞତା ସୁପରମାର୍କେଟରେ ମିଳେ ନାହିଁ। ଧୋନୀ ଜଣେ ଖୁବ୍ ଅଭିଜ୍ଞ ଖେଳାଳି। ଯଦି ଭାରତୀୟ ଦଳ ତାଙ୍କୁ ଚୟନ କରିବାକୁ ଚାହେଁ, ଆଇପିଏଲ ହେଉ କିମ୍ବା ନ ହେଉ ସେଥିରେ କିଛି ଫରକ ପଡ଼ିବ ନାହିଁ ବୋଲି ଆକାଶ ଉକ୍ତ ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହେବାର ଥିଲା। ମାତ୍ର କରୋନା ଯୋଗୁ ଏହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି। ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଆଇପିଏଲ ଖେଳାଯାଇ ପାରିବନାହିଁ।

# ଅନିଶ୍ଚିତତାରେ ଗ୍ରାଣ୍ଡସ୍ଲାମ ଟେନିସ

ପ୍ୟାରିସ, ୧୮।୩

ବିଶ୍ୱରେ କରୋନା ଭାଇରସ ମହାମାରୀ ରୂପ ନେଇଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଭାବିତ ହୋଇଛି। ଅନେକ ପ୍ରତିଯୋଗିତା ବାତିଲ ହୋଇଥିବାବେଳେ କେତେକ ସ୍ଥଗିତ



ରହିଛି ଏ ବ ଂ ଅ । ଉ କେତେକ ଟୁର୍ନାମେଣ୍ଟ ପାଇଁ ନୂଆ ତାରିଖ ଧାର୍ଯ୍ୟ କରାଯାଉଛି। ଏଥିରେ ଯୋଡ଼ି ହୋଇ ଯାଇଛି ଗ୍ରାଣ୍ଡସ୍ଲାମ ଟେନିସ। ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ସଫଳତାର ସହ ସମ୍ପନ୍ନ ହୋଇଥିଲେ ହେଁ ଅବଶିଷ୍ଟ ୩ଟି ଗ୍ରାଣ୍ଡସ୍ଲାମ ଉପରେ ଅନିଶ୍ଚିତତାର କଳା ବାଦଲ ଛାଇ ହୋଇ ରହିଛି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନପାଇଁ ନୂଆ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ୪ର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଘୁଞ୍ଚାଇବାକୁ ଯୋଜନା ହେଉଛି। ୱିମ୍ବେଲଡନକୁ ଯଥା ସମୟରେ କରାଇବା ପାଇଁ ଆୟୋଜକମାନେ ଯଦିଓ ଚିନ୍ତା କରୁଛନ୍ତି ମାତ୍ର ଏହାକୁ ନେଇ ଆଶଙ୍କା ରହିଛି।

**ଫ୍ରେଞ୍ଚ୍ ଓପନ୍**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ କରିବା ଲାଗି ଚାମ୍ପିୟନଶିପ୍‌ର ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତୁତି କାର୍ଯ୍ୟକୁ ଆଗେଇନେବା ସହଜ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ତେବେ ଅନ୍ୟ ଗ୍ରାଣ୍ଡସ୍ଲାମ ଆୟୋଜନ ଉପରେ ଫ୍ରେଞ୍ଚ୍ ଓପନ ସେପ୍ଟେମ୍ବରରେ ହୋଇ ପାରିବ କି ନାହିଁ ତାହା ସ୍ପଷ୍ଟ ହେବ।

**ୟୁଏସ୍ ଓପନ୍**

ଫ୍ରେଞ୍ଚ୍ ଓପନ ପରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଆୟୋଜନ ନେଇ ମଧ୍ୟ ଅନିଶ୍ଚିତତା ଦେଖା ଦେଇଛି। ଏପରିକି ଇଭେଣ୍ଟକୁ ଅଗଷ୍ଟ ଶେଷ ସପ୍ତାହକୁ ଘୁଞ୍ଚାଇବାକୁ ମଧ୍ୟ ଯୋଜନା ହେଉଛି। ଅନ୍ୟ ବଡ଼ ଟୁର୍ନାମେଣ୍ଟର ଆୟୋଜକ, ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ, ଏଟିପି ଓ ଡବ୍ଲ୍ୟୁଟିଏ ଟୁର୍ ସହ ଆଲୋଚନା ପରେ ହିଁ ତାରିଖ ଧାର୍ଯ୍ୟ ହୋଇପାରିବ ବୋଲି ୟୁଏସ୍ ଟେନିସ ଆସୋସିଏଶନ (ୟୁଏସ୍‌ଟିଏ)ପକ୍ଷରୁ କୁହାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏକତରଫା ନିଆଯାଇପାରିବ ନାହିଁ ବୋଲି ୟୁଏସ୍‌ଟିଏ ପକ୍ଷରୁ ବିବୃତିରେ କୁହାଯାଇଛି। ପ୍ରକୃତରେ ୟୁଏସ୍ ଓପନ ନ୍ୟୁୟର୍କର ଫ୍ଲଶିଂ ମିଡୋସଠାରେ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ଏହାକୁ ଗୋଟିଏ ସପ୍ତାହ ଘୁଞ୍ଚାଇ ଦିଆଯାଇପାରେ। ୟୁଏସ୍‌ଟିଏ ପକ୍ଷରୁ ଚଳିତ ବର୍ଷର ୟୁଏସ୍ ଓପନ ଆୟୋଜନ ପାଇଁ ଯୋଜନା







ଚାଲିଛି। ଏବେ କୌଣସି ପରିବର୍ତ୍ତନ ଲାଗି ସମୟ ଆସିନାହିଁ। ଆମେ ସମସ୍ତ ବିକଳ୍ପ ଓ ସମ୍ଭାବନା ଉପରେ ନଜର ରଖିଛୁ ବୋଲି ୟୁଏସ୍‌ଟିଏ ପକ୍ଷରୁ କୁହାଯାଇଛି।

**ୱିମ୍ବେଲଡ଼ନ ଓପନ**

କରୋନା ଆତଙ୍କ ସତ୍ତ୍ୱେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମକୁ ନିର୍ଦ୍ଧାରିତ ସମୟରେ ଆୟୋଜନ କରିବାକୁ ଆୟୋଜକ ଯୋଜନା କରୁଛନ୍ତି। ୱିମ୍ବେଲଡ଼ନ ଜୁନ ୨୯ରୁ ଆରମ୍ଭ ହୋଇ ଜୁଲାଇ ୧୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଭାଇରସ୍ ସଂକ୍ରମଣରେ ମନ୍ଥରତା ଦେଖାଯାଏ ତା'ହେଲେ ୱିମ୍ବେଲଡନ ନିର୍ଦ୍ଧାରିତ ସମୟରେ ଆୟୋଜନ କରାଯାଇପାରିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ତେବେ ସର୍ବସାଧାରଣଙ୍କ ନିରାପତ୍ତାକୁ ଅଗ୍ରାଧିକାର ଦିଆଯିବ ବୋଲି ଅଲ ଇଂଲଣ୍ଡ ଲନ୍ ଟେନିସ୍ ଓ କ୍ରୋକ୍ୱେଟ କ୍ଲବ ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ଲୁୱିସ୍ ସ୍ପଷ୍ଟ କରିଛନ୍ତି। ସର୍ବସାଧାଣଙ୍କ ସମେତ ଆମର ସଦସ୍ୟ, ଷ୍ଟାଫ୍‌ଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯିବ। ସବୁ ଦୃଷ୍ଟିକୋଣରୁ ବିଚାର କରି ଆମେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



SURDEEP SURANJAN PARIDA

ଭଗବାନ ତୋ ଜୀବନର ଚଲାପଥକୁ କୁସୁମିତ କରନ୍ତୁ, ତାଙ୍କ ଆଶୀର୍ବାଦ ସଦା ଥାଉ ତୋ ଉପରେ।

ଶୁଭେଚ୍ଛା ସହ:
ପାପା, ମାମା, ମା', ପରିବାରବର୍ଗ ଓ ମାମୁଘରର ସମସ୍ତେ।

ଧ-୧୭୧୮୪

## ସାଇନାଙ୍କ ଅଭିଯୋଗ

ନୂଆଦିଲ୍ଲୀ,୧୮।୩(ପି.ଟି.)

ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ସାଇନା ନେହ୍ୱାଲ ଗତ ସପ୍ତାହରେ ଖେଳାଯାଇଥିବା ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ନେଇ ପ୍ରଶ୍ନ ଉଠାଇଛନ୍ତି। ଖେଳାଳିଙ୍କ ନିରାପତ୍ତାକୁ ହେୟ କରି ଅର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପ ନେଇଥିବା ବେଳେ କିପରି ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ କେବଳ ଅର୍ଥକୁ ଅଧିକ ଗୁରତ୍ୱ ଦିଆଯାଇଥିଲା।

# ବିଶ୍ୱକପ୍ ଚାମ୍ପିୟନ ମାଟୁଡି ଆକ୍ରାନ୍ତ

ରୋମ୍,୧୮।୩

ଜୁଭେଣ୍ଟ୍‌ସ ପକ୍ଷରୁ ଖେଳୁଥିବା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ ବ୍ଲାଇସେ ମାଟୁଡି ଓ ହେଲାସ ଭେରୋନା ଖେଳାଳି ମାଟି ଜାକାଗନି ଘାତକ ଭାଇରସ କରୋନାରେ ଆକ୍ରାନ୍ତ। ଉଭୟଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିବା ସେମାନଙ୍କ ସିରି ଏ' କ୍ଲବ ସ୍ପଷ୍ଟ କରିଛି। ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟ୍‌ସ ପକ୍ଷରୁ କୁହାଯାଇଛି, ୩୨ ବର୍ଷୀୟ



ମାଟୁଡିଙ୍କୁ ଏବେ ଘରେ ପର୍ଯ୍ୟବେକ୍ଷଣରେ ରହିଛନ୍ତି। ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ମିଡ୍‌ଫିଲ୍ଡର ମାଟୁଡିଙ୍କ ଦଳର ସଦସ୍ୟ ଡାନିଏଲ ରୁଗାନି ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଦଳର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ଟେଷ୍ଟ କରାଯିବା ସହ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ମୋଟ ୧୩ ସଦସ୍ୟ କରୋନାରେ ଆକ୍ରାନ୍ତ ଥିବା ଅଫିସିଆଲ ରିପୋର୍ଟରେ କୁହାଯାଇଛି। ୨୪ ବର୍ଷୀୟ ଜାକାଗନିଙ୍କ ନିକଟରେ ଲକ୍ଷଣ ଦେଖାଦେବା ପରେ ନିଜନଆଡ୍ରୁ ରୁଦ୍ଧ ରୁମ୍‌ରେ ରହିଛନ୍ତି। ତାଙ୍କୁ ସମସ୍ତ ମେଡିକାଲ ସୁବିଧା ଯୋଗାଇ ଦିଆଯାଉଛି। ତାଙ୍କ ସମେତ ସିରି ଏ' ପଏଣ୍ଟ ଟେବୁଲର ଅଷ୍ଟମ ସ୍ଥାନରେ ଥିବା ଭେରୋନା କ୍ଲବର ସମସ୍ତ ଖେଳାଳି ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରହିବେ। ଇଟାଲୀରେ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ୨.୫ ହଜାର ଥିଲାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୧ ହଜାରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହି ଭାଇରସ୍ ଦେଶରେ ୩୫୦ ଲୋକଙ୍କ ଜୀବନ ନେଇଛି।

## 'ଆଥଲେଟଙ୍କ ସ୍ୱାସ୍ଥ୍ୟ, ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ'

ଲଉସେନ୍,୧୮।୩(ଏଏଫ୍‌ପି)

କରୋନା ଭାଇରସ୍ କାରଣରୁ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁହଁ ଖୋଲିଛି। ଅଲିମ୍ପିକ୍ସ ଆୟୋଜନ ନେଇ କୌଣସି ଆଦର୍ଶ ସମାଧାନ ନାହିଁ ବୋଲି ଆଇଓସି ସ୍ପଷ୍ଟ କରିଛି। ବିଶ୍ୱର କେତେକ ଆଗଧାଡ଼ିର ଆଥଲେଟ୍ ନିର୍ଦ୍ଧାରିତ ସମୟରେ ଅଲିମ୍ପିକ ଆୟୋଜନ ନେଇ ଚିନ୍ତା ପ୍ରକଟ କରିଥିଲେ। ସ୍ୱାସ୍ଥ୍ୟକୁ ବିପଦରେ ପକାଇ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଆୟୋଜନ ହେବାକୁଥିବା ଏହି ମେଗା ଇଭେଣ୍ଟରେ ଆଥଲେଟମାନେ ଅଂଶଗ୍ରହଣ କିରିବାକୁ କୁଣ୍ଠା ପ୍ରକାଶ କରିଥିଲେ। ଆଥଲେଟମାନେ ମଧ୍ୟ ଏ ନେଇ ଆଇଓସିକୁ ସମାଲୋଚନା କରିଥିଲେ। ଏକ ଅସାଧାରଣ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଗୋଟିଏ ଅସାଧାରଣ ସମାଧାନର ପନ୍ଥାର ମଧ୍ୟ ଆବଶ୍ୟକତା ରହିଛି ଆଥଲେଟଙ୍କ ସମାଲୋଚନା ପରେ କହିଛନ୍ତି। ଆଥଲେଟଙ୍କ କୌଣସି କ୍ଷତି ନ କରି ଏକ ସମାଧାନର ପନ୍ଥା ବାହାର କରିବାକୁ ଆଇଓସି ବଦ୍ଧ ପରିକର। ଆଥଲେଟଙ୍କ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବ। ଏ ଭଳି ପରିସ୍ଥିତିରେ କୌଣସ ଆଦର୍ଶ ସମାଧାନ ହୋଇପାରିବ ନାହିଁ ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ନିର୍ଦ୍ଧାରିତ ସମୟରେ ଅଲିମ୍ପିକ୍ସ ଆୟୋଜନ କରିବାକ ଆଇଓସି କହିବା ପରେ ଅଲିମ୍ପିକ୍ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଓ ବ୍ରିଟିଶ ହେପ୍ଟାଥଲେଟ କାଟାରିନା ଜନସନ- ଥମ୍ପସନ ଚିନ୍ତା ପ୍ରକଟ କରିଥିଲେ।

## ଜୁଲାଇ-ସେପ୍ଟେମ୍ବରରେ ଆଇପିଏଲ୍ ଆୟୋଜନ ନେଇ ଯୋଜନା

ମୁମ୍ବାଇ,୧୮।୩

କରୋନା ଭାଇରସ ସଂକ୍ରମଣ କାରଣରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ତେବେ ଏହି ହାଇପ୍ରୋଫାଇଲ କ୍ରିକେଟ ଲିଗ୍‌କୁ ଆସନ୍ତା ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲକ୍ଷ୍ୟ ରଖିଛି। ପ୍ରଥମେ ପ୍ଲାନ ବି' ଅନୁସାରେ ବୋର୍ଡ ଆଇପିଏଲ୍‌କୁ ସଂକ୍ଷିପ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ବିସିସିଆଇ ଆଇପିଏଲ୍‌କୁ ଛୋଟ କରିବାକୁ ଚାହୁଁ ନାହିଁ। ପୂରା ୬୦ ମ୍ୟାଚ୍ ବିଶିଷ୍ଟ ସମ୍ପୂର୍ଣ୍ଣ ଲିଗ୍ ଆୟୋଜନ କରିବାକୁ ବିସିସିଆଇ ଲକ୍ଷ୍ୟ ରଖିଛି। ତେଣୁ ଆଇପିଏଲ୍‌କୁ ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ବିସିସିଆଇ ଯୋଜନା କରୁଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଅ । ଗ । ମ 1 ଦିନରେ ଯଦି ପରିସ୍ଥିତିରେ ଉନ୍ନତି ନ ଘଟେ ତା'ହେଲେ ଅ । ଇ ପି ଏ ଲ୍ କୁ ଏହି ଦୁଇ ମାସରେ ଆୟୋଜନ କରାଯାଇପାରେ। ଜୁଲାଇ-ସେପ୍ଟେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଫ୍ୟୁଚର ଟୁର ପ୍ରୋଗ୍ରାମ ସାମାନ୍ୟ କୋହଳ ରହିଛି। ସେପ୍ଟେମ୍ବରରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆ କପ୍, ପାକିସ୍ତାନର ଇଂଲଣ୍ଡ ଗସ୍ତ ଓ ଆୟର୍ଲାଣ୍ଡର ଇଂଲଣ୍ଡ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ୩ଟି କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଆଉ କୌଣସି ବଡ଼ ଇଭେଣ୍ଟ ଏହି ଦୁଇ ମାସ ମଧ୍ୟରେ ନାହିଁ। ତେଣୁ ବିସିସିଆଇ ଏହାର ଫାଇଦା ନେବାକୁ ଚାହୁଁଛି। ଇଂଲଣ୍ଡ ଓ ପାକିସ୍ତାନ ଖେଳାଳିମାନେ ଆଇପିଏଲରେ ଅଂଶଗ୍ରହଣ କରିପାରିବେ ନାହିଁ। କିନ୍ତୁ ବାକି ଦେଶରେ ଖେଳାଳିମାନେ ଆଇପିଏଲ୍ ଖେଳିବାର ସମସ୍ୟାର ସମ୍ମୁଖୀନ ହେବେ ନାହିଁ।

ଭାରତ ସେପ୍ଟେମ୍ବରରେ ଏସିଆ କପ୍ ଖେଳିବ। ପୁଣି ଜୁନ/ ଜୁଲାଇରେ ଶ୍ରୀଲଙ୍କା ବପକ୍ଷରେ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏବେ ଏହି କାର୍ଯ୍ୟସୂଚୀରେ କିଭଳି ପରିବର୍ତ୍ତନ କରିହେବ ସେ ନେଇ ବିସିସିଆଇ ଚିନ୍ତା କରୁଛି। ଉଲ୍ଲେଖଥାଉ କି, ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଆଇପିଏଲ ମାତ୍ର ୩୭ ଦିନ ମଧ୍ୟରେ




ଖେଳଯାଇଥିଲା। ଆବଶ୍ୟକ ହେଲେ ଆଇପିଏଲକୁ ଆଂଶିକ ଭାବେ ଭାରତରେ ଓ ବିଦେଶରେ ଆୟୋଜନ କରାଯାଇପାରେ। କିମ୍ବା ପୂରା ଟୁର୍ନାମେଣ୍ଟକୁ ବିଦେଶକୁ ସ୍ଥାନାନ୍ତର କରାଯାଇପାରେ। ତେବେ କରୋନା ଭାଇରସ୍‌ର ସଂକ୍ରମଣ ନିୟନ୍ତ୍ରଣ ଉପରେ ସବୁକିଛି ନିର୍ଭର କରୁଛି ବୋଲି କୁହାଯାଉଛି।

# ସେଲ୍ଫ ଆଇସୋଲେଶନରେ ରହିଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଜୋହାନ୍ସବର୍ଗ,୧୮।୩(ପି.ଟି.)

ଭାରତ ଗସ୍ତରୁ ସ୍ୱଦେଶ ଫେରିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ସେଲ୍ଫ ଆସୋଲେଶନରେ ରହିବାକୁ କୁହାଯାଇଥିଲା। କରୋନା ଭାଇରସ ଆତଙ୍କ କାରଣରୁ ଗସ୍ତ ଅଧାରୁ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଘରକୁ ଫେରିବାକୁ ପଡିଥିଲା। ସେମାନଙ୍କୁ ୧୪ଦିନ ପର୍ଯ୍ୟନ୍ତ ଆସୋଲେସନରେ ରହିବାକୁ କୁହାଯାଇଥିଲା ବୋଲି କ୍ରିକେଟ ସାଉଥ୍ ଆଫ୍ରିକା ମେଡିକାଲ ଅଫିସର ଡଃ ଶୁଆଇବ ମାନ୍‌ଜରା କହିଛନ୍ତି। ପୁଣି ଯଦି କରୋନା ଭାଇରସ୍‌ର କୌଣସି ଲକ୍ଷଣ ଦେଖାଯାଏ ତାହାଲେ ସେମାନଙ୍କର ପରୀକ୍ଷା କରିବା ପାଇଁ ମଧ୍ୟ କୁହାଯାଇଥିଲା।

ଅତିକମ୍‌ରେ ୧୪ ଦିନ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଖେଳାଳିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଦ୍ୱାରା ଖେଳାଳିମାନେ ନିଜକୁ ରକ୍ଷା କରିବା ସହ ତାଙ୍କ ସେମାନଙ୍କ ପରିବାର, ଚତୁପାର୍ଶ୍ୱରେ ରହୁଥିବା ଲୋକଙ୍କର ମଧ୍ୟ ହିତ ସାଧନ କରିବାରେ ସହାୟ ହୋଇଥିଲେ। ଏହି ସମୟରେ ଯଦି କୌଣସ ଖେଳାଳିଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇଥାନ୍ତା ତାହାଲେ ନିୟମ ଅନୁସାରେ ସେମାନଙ୍କର ପରୀକ୍ଷା କରାଯାଇଥାନ୍ତା ବୋଲି ସେ କହିଛନ୍ତି।

ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୩ଟ ଦିନିକିଆ ଖେଳିବାର କାର୍ଯକ୍ରମ ଥିଲା। ଧର୍ମଶାଳାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ବର୍ଷା ଯୋଗୁ ଧୋଇଯାଇଥିଲା। ଗସ୍ତରେ କେତେକ ଖେଳାଳି ମାସ୍କ ପରିଧାନ କରିଥିଲେ ଓ ଆଉ କେତକ କରି ନ ଥିଲେ। ଘରକୁ ଫେରିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଖେଳାଳିମାନେ କୋଲକାତାରେ ରହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଜାରି କରିଥିବା ନିର୍ଦ୍ଦେଶାନାମା ଅନୁସାରେ ଖେଳାଳିମାନଙ୍କୁ ଏ ନେଇ ଶିକ୍ଷା ଦିଆଯାଇଛି। କରୋନା ଭାଇରସକୁ କିପରି ସାମ୍ନା କରିବାକୁ ହେବ ତାହା ଖେଳାଳିମାନେ ଭଲଭାବେ ଅବଗତ ହୋଇଛନ୍ତି। ଖେଳାଳିମାନଙ୍କ ସହ ଆମ ବିଶେଷଜ୍ଞମାନେ ସବୁବେଳେ ସମ୍ପର୍କରେ ରହିବେ ବୋଲି ମାନ୍‌ଜରା କହିଛନ୍ତି।

# ଅଲିମ୍ପିକ୍ସ ସ୍ୱପ୍ନରେ ମିଡ୍‌ଫିଲ୍ଡର ରାଜ କୁମାର

ବେଙ୍ଗାଲୁରୁ, ୧୮।୩

ଭାରତୀୟ ହକି ଦଳର ନୂଆ ଚେହେରା ହେଉଛନ୍ତି ରାଜ କୁମାର ପାଲ। ଉତ୍ତର ପ୍ରଦେଶର ଏହି ପ୍ରତିଭା ସମ୍ପନ୍ନ ଖେଳାଳି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବେଲଜିୟମ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଭାରତୀୟ ସିନିୟର ଦଳ ପକ୍ଷରୁ ଅଧିକ ମ୍ୟାଚ ଖେଳି ନାହାନ୍ତି ସତ, ମାତ୍ର ସୀମିତ ସୁଯୋଗର ସଦ୍‌ବ୍ୟବହାର କରି ୬୦ ମିନିଟ ବିଶିଷ୍ଟ ଏହି ଖେଳରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଟୋକିଓ ଅଲିମ୍ପିକ୍ସକୁ ନେଇ ସଂଶୟ ଲାଗି ରହିଥିବାବେଳେ ଖେଳାଳିମାନେ କିନ୍ତୁ ଆଶା ହରାଇ ନାହାନ୍ତି। ଭାରତୀୟ ଦଳରେ ଅନେକ ଅଭିଜ୍ଞ ଖେଳାଳି ଥିଲେ ହେଁ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି ଏହି ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର।

ଏପର୍ଯ୍ୟନ୍ତ ରାଜ୍ ଯେତିକି ବି ମ୍ୟାଚ ଖେଳିଛନ୍ତି ତାଙ୍କ ପ୍ରଦର୍ଶନରେ ବେଶ୍ ଉତ୍ସାହିତ ଅଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ରାଜ୍ ରକ୍ଷଣଭାଗରେ ବେଲଜିଆନ ଆକ୍ରମଣକୁ ପ୍ରତିହତ କରିବା ସହ ଅନେକ ସମୟରେ ଆଗକୁ ବଢ଼ି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ''କୋଚ୍ ଯେପରି ଚାହିଁବେ ସେହି ରଣନୀତି ଅନୁସାରେ ଖେଳିବା ମୋର କାର୍ଯ୍ୟ। ବିଶ୍ୱ ଚାମ୍ପିୟନ ଦଳ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ମୋ ଜୀବନର ଏକ ବଡ଼ ମୁହୂର୍ତ୍ତ। ମୁଁ ଦଳର ଚାହିଦା ମୁତାବକ ଖେଳିବା ଉପରେ ସର୍ବଦା ଫୋକସ କରୁଛି'' ବୋଲି ୨୧ ବର୍ଷୀୟ ରାଜ ପ୍ରକାଶ କରିଛନ୍ତି। ସେ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ସାଇ ପରିସରରେ ଚାଲିଥିବା ସିନିୟର ହକି ଦଳର କୋଚିଂ କ୍ୟାମ୍ପରେ ଅଭ୍ୟାସ ଜାରି ରଖିଛନ୍ତି।

ଘାଜିପୁର ଜିଲାର କରମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରାଜ ୨୦୧୦ରେ ଲକ୍ଷ୍ନୌରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଅବସରରେ ନଜରକୁ ଆସିଥିଲେ। ମେଘବରନ ଷ୍ଟାଡିୟମରେ ମାତ୍ର ୧୦ ବର୍ଷ ବୟସରୁ ସେ କୋଚ୍ ତେଜ ବାହାଦୂର ସିଂଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିଲେ। ଲକ୍ଷ୍ନୌସ୍ଥିତ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଥିବାବେଳେ ରାଜଙ୍କ ପ୍ରତିଭାକୁ ଚିହ୍ନିଥିଲେ ହକି ଇଣ୍ଡିଆ ହାଇ ପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍‌ଙ୍କଦ୍ୱାରା ଚିହ୍ନଟ ହୋଇଥିଲେ। ୨୦୧୮ରେ ସିନିୟର ଜାତୀୟ ପୁରୁଷ ହକି ଚାମ୍ପିୟନଶିପ୍ ଅବସରରେ ରାଜଙ୍କ ସଂସ୍ପର୍ଶରେ ଆସିଥିଲେ ଜନ୍। ''୨୦୧୮ରେ ମୁଁ ପ୍ରଥମଥରପାଇଁ ନ୍ୟାଶନାଲ କ୍ୟାମ୍ପକୁ ଡାକରା ପାଇଥିଲି। ମାତ୍ର ସେଠାରେ ଟ୍ରେନିଂ ଟେକ୍‌ନିକ୍ ଏବଂ ଗେମ୍-ସେନ୍ସ ସହିତ ଅଭ୍ୟସ୍ତ ହେବାପାଇଁ ମୋତେ ସମୟ ଲାଗିଥିଲା। ମୁଁ ପୂର୍ବରୁ ଖେଳିଥିବା ହକି ଏବଂ ସିନିୟର ଦଳ ଖେଳୁଥିବା ହକି ମଧ୍ୟରେ ଅନେକ ପାର୍ଥକ୍ୟ ଥିଲା। ତେଣୁ ଆରମ୍ଭରେ ମୁଁ ଚାପରେ ରହିଥିଲି। ତେବେ ମୋତେ ନିୟମିତଭାବେ ଉତ୍ତର ପ୍ରଦେଶର ଅନ୍ୟତମ ଫରୱାର୍ଡ ଖେଳାଳି ଲଳିତ ଉପାଧ୍ୟାୟ ମୋତେ ସର୍ବଦା ଉତ୍ସାହିତ କରି ଆସିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ଏହାକୁ ସାଧାରଣଭାବେ ନେବାକୁ ସେ ମୋତେ ପରାମର୍ଶ ଦେଇଥିଲେ'' ବୋଲି ରାଜ କହିଛନ୍ତି।



ରାଜ କୁମାର ପାଲ

ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ସିନିୟର ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ରାଜଙ୍କୁ ୨୦୧୯ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପକୁ ଡକା ଯାଇଥିଲା। ସେହି ଦିନଠାରୁ ରାଜ ସିନିୟର ଦଳର ସଦସ୍ୟ ରହି ଆସିଛନ୍ତି। ଉଚ୍ଚ ସ୍ତରର ହକି ଖେଳିବା ପାଇଁ କ'ଣ କରିବାକୁ ହେବ ତାହା ମୋତେ କୋଚ୍ ରିଡ୍ ବୁଝାଇଛନ୍ତି। ନିଜ ଫିଟ୍‌ନେସ ପ୍ରତି ସଚେତନ ହେବା ସହ ପଡ଼ିଆ ମଧ୍ୟରେ ବଲ୍‌କୁ ବେଶୀ ସମୟ ନିଜ ପାଖରେ ନ ରଖିବା ଏବଂ ବିଭିନ୍ନ ଟେକ୍ନିକ୍ ସହିତ ଅଭ୍ୟସ୍ତ ହେବାଉପରେ ଅଧିକ ଧ୍ୟାନ ଦେଉଛି ବୋଲି ରାଜ ପ୍ରକାଶ କରିଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି। ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ସେ କିଛିଦିନ ହକିରୁ ବ୍ରେକ୍ ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ''୨୦୧୦ରେ ମୁଁ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଲି। ମାତ୍ର ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ମା'ଙ୍କ ସହିତ ରହିବା ଜରୁରୀ ଥିଲା। ସେତେବେଳେ ମୋ ଭାଇମାନେ ଘରଠାରୁ ଦୂରରେ ରହୁଥିବାରୁ ମୁଁ ମା'ଙ୍କ ସହିତ ରହିଥିଲି। ପିତା ଚାଲିଯିବାପରେ ଘରର ପରିସ୍ଥିତିକୁ ଦୃଷ୍ଟିରେ ରଖି ହକିପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ମୁଁ ଦୃଢ଼ ହୋଇଥିଲି। ଭାଗ୍ୟ ସାଥ୍ ଦେଇଥିଲା। ମୁଁ ୨୦୧୨ରେ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ପୁଣି ଯୋଗ ଦେଇଥିଲି। ମୋ ମା' ମୋତେ ସମର୍ଥନ କରିଥିଲେ। ମୁଁ ଭାରତ ପକ୍ଷରୁ ହକି ଖେଳେ ବୋଲି ପିତା ଚାହୁଁଥିଲେ। ସେ ମୋର ଜଣେ ବଡ଼ ସମର୍ଥକ ଥିଲେ। ଅତୀତରେ ତାଙ୍କର ଉତ୍ସାହପୂର୍ଣ୍ଣ କଥା ଗୁଡ଼ିକ ମୋତେ ଶକ୍ତି ଦେଇଥିଲା। ଏବେ ଭାରତୀୟ ଦଳ ପାଇଁ ଶତପ୍ରତିଶତ ପ୍ରଦର୍ଶନ ଦେବା ମୋର ଲକ୍ଷ୍ୟ। କଠିନ ପରିଶ୍ରମ କରି ଟୋକିଓ ଅଲିମ୍ପିକ୍ସ ଦଳରେ ସ୍ଥାନ ପାଇବା ମୋର ଲକ୍ଷ୍ୟ'' ବୋଲି ଭାବବିହ୍ୱଳ ରାଜ ପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କମଳାମଣୀ ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୂଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୫୯୮୬୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ପଟ୍ଟନାୟକ
ଏଲ୍-୧୩୮, ଢୁମ୍‌ଢୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୪୯
ତିରୋଧାନ: ୦୮।୦୩।୨୦୨୦

ବାପା, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର ସୌମ୍ୟ ଓ ସ୍ମୃତି ଏବଂ ପରିବାରବର୍ଗ।

ଧ-୬୯୧୧୫

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୯ /୨୦୨୦ Rayagada, Thursday, March 19/ 2020

**ସଂକ୍ଷେପରେ**

## ଗଣମାଧ୍ୟମକୁ ଦିଆଯାଉନି କରୋନା ସମ୍ପର୍କିତ ସୂଚନା

**କାଶୀନଗର,୧୮।୩(ଡି.ଏନ୍.ଏ.)-** କରୋନା ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନର ବାର୍ତ୍ତା ମାଇକ୍ ଦ୍ୱାରା ପ୍ରଚାର କରାଯାଉଛି। ହେଲେ ଏହା ବ୍ୟତୀତ ବ୍ଲକ୍ ଓ ଏନ୍ଏସି ଅଞ୍ଚଳରେ କଣ ପଦକ୍ଷେପ ନିଆଯାଉଛି, ସେ ବିଷୟରେ ଗଣମାଧ୍ୟମକୁ ସୂଚନା ଦିଆଯାଉନାହିଁ। ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ନେଇ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ଅବଗତ କରାଯିବା ଜରୁରୀ ହୋଇଥିଲେ ମଧ୍ୟ ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇଆଇସି, ବିଡିଓ ଏବଂ ମେଡିକାଲ୍ ଇନଚାର୍ଜଙ୍କ ପକ୍ଷରୁ କୌଣସି ମିଳିତ ବୈଠକରେ ସୂଚନା ମିଳୁନାହିଁ। ଫଳରେ ଲୋକେ ମଧ୍ୟ ସୂଚନା ପାଇପାରୁନାହାନ୍ତି। ସୂଚନା ପାଇଁ ଅଧିକାରୀମାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ମଧ୍ୟ ଗ୍ରହଣ କରୁନାହାନ୍ତି। ବିଶେଷକରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିହ୍ନଟ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପାଇଁ କିପରି ବ୍ୟବସ୍ଥା ରହିଛି, ସେ ବିଷୟରେ ଏ ପର୍ଯ୍ୟନ୍ତ ଲୋକେ ଅବଗତ ନାହାନ୍ତି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପଚାରିଲେ ତଥ୍ୟ ଦେବାକୁ କାହିଁକି ଅମଙ୍ଗ ହେଉଛନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକଙ୍କୁ ସଚେତନ କରିବାରେ ଗଣମାଧ୍ୟମ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ଏଠାରେ ଗଣମାଧ୍ୟମକୁ ଅଣଦେଖା କରାଯିବାକୁ ବୁଦ୍ଧିଜୀବୀ ମଧ୍ୟ ନାପସନ୍ଦ କରିଛନ୍ତି।

# ଆହାର କେନ୍ଦ୍ରରେ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ

- ପୂର୍ବାହ୍ନ ୧୧ଟାରେ ଖୋଲାଯାଇ ଅପରାହ୍ନ ୩ଟାରେ ବନ୍ଦ
- ସ୍ୱଚ୍ଛତାକୁ ଦିଆଯାଉନି ଗୁରୁତ୍ୱ

**କାଶୀନଗର,୧୮।୩(ଡି.ଏନ୍.ଏ.)**

କାଶୀନଗରସ୍ଥିତ ଆହାର କେନ୍ଦ୍ରରେ ସରକାରୀ ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେଉନାହିଁ। କରୋନାର କାୟା ବିସ୍ତାରକୁ ଦୃଷ୍ଟିରେ ରଖି ହୋଟେଲ୍ ଓ ଦୋକାନ ବଜାର ଖୋଲିବା ଉପରେ କଟକଣା ଜାରି କରାଯାଇଥିବାବେଳେ ଆହାର କେନ୍ଦ୍ର ଗୁଡ଼ିକ ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ତଳ ମହଲାରେ ରହିଥିବା ଆହାର କେନ୍ଦ୍ର ଦିନ ୧୧ଟାରେ ଖୋଲି ୩ଟାରେ ବନ୍ଦ ହୋଇଯାଇଥିବା ନଜରକୁ ଆସିଛି।



ଆହାର କେନ୍ଦ୍ର ନିକଟରେ ଆବର୍ଜନା ଟ୍ରାକ୍ଟର ।

ସେହିପରି ଆହାର କେନ୍ଦ୍ରକୁ ସଫା ରଖିବା ସହ ହାତଧୁଆ ପାଇଁ ସାବୁନ୍ ଓ ସାନିଟାଇଜର୍ ରଖିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ କାଶୀନଗରଠାରେ ତାହା ଦେଖିବାକୁ ମିଳୁନାହିଁ। ଏମିତିକି ପ୍ରତ୍ୟେକ ଦିନ ସହରର ଆବର୍ଜନା ଫୋପାଡ଼ିବା ପରେ ଏନ୍ଏସିର ଅଳିଆ ଟ୍ରାକ୍ଟରକୁ ଆହାର କେନ୍ଦ୍ର ପାର୍ଶ୍ୱରେ ରଖାଯାଉଛି। ଗାଡ଼ି ସଫେଇ କରାଯାଉ ନ ଥିବାରୁ ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। କରୋନାକୁ ନେଇ ଜିଲାରେ ସଚେତନତା ଓ କଟକଣା ବଢ଼ାଇ ଦିଆଯାଇଥିବାବେଳେ ଆହାର କେନ୍ଦ୍ରରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି।

## ସମ୍ପତ୍ତିକୁ ନେଇ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

**ପାରଳାଖେମୁଣ୍ଡି,୧୮।୩(ସ୍ୱ.ପ୍ର.)**

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ପରିସଲ ପଞ୍ଚାୟତର ଝଡ଼ପଡ଼ା ଗ୍ରାମରେ ସମ୍ପତ୍ତି ଭାଗକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଝାଡ଼ପଡ଼ା ଗ୍ରାମର ଦୁଇ ଭାଇ ଦେବରାଜ କାର୍ଯ୍ୟୀ ଏବଂ ବିପ୍ର କାର୍ଯ୍ୟୀଙ୍କ ପୈତୃକ ସମ୍ପତ୍ତିକୁ ଗାଁର ୱାର୍ଡ ମେମ୍ବର ବାବୁଲା ନାୟକ ୨ବର୍ଷ ତଳେ ଭାଗ କରାଇଥିଲେ। ତେବେ କୌଣସି କାରଣରୁ ସମ୍ପତ୍ତି ବିଷୟକୁ ନେଇ ୨ ବର୍ଷ ପରେ ପୁଣି ଗଣ୍ଡଗୋଳ ହୋଇଥିଲା। ମଙ୍ଗଳବାର ଦିନ ୧୧ଟାରେ ବଡ଼ ଭାଇ ଦେବରାଜଙ୍କ ସ୍ତ୍ରୀ କମଳା ନିଜ ଘର କାନ୍ଥ ଭାଙ୍ଗି ରାସ୍ତା କରିବା ସମୟରେ ଦିଅର ବିପ୍ର ପଛରୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ କମଳାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେ ଘଟଣାସ୍ଥଳରୁ ଫେରାର୍ ହୋଇଥିବାବେଳେ କମଳା ଅଚେତ ଅବସ୍ଥାରେ ପଡ଼ିରହିଥିଲେ। ଖବରପାଇ ସ୍ୱାମୀ ଦେବରାଜ ଗାଁର ମହାଙ୍କାଳ କାର୍ଯ୍ୟୀ, ମାଣିକ ନାୟକ ଏବଂ ଚକ୍ରଧର ଦଳାଇଙ୍କ ସହାୟତାରେ କମଳାଙ୍କୁ ଉଦ୍ଧାର କରି ରାମଗିର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆର୍.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ରାମଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଗଜପତିରୁ ଉଠିଲା ୧୪୪ ଧାରା

**ପାରଳାଖେମୁଣ୍ଡି,୧୮।୩(ସ୍ୱ.ପ୍ର.)**

ଓଡ଼ିଶାରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହାର ମୁକାବିଲା ପାଇଁ ରାଜ୍ୟର ଅନ୍ୟ କେତେକ ଜିଲା ଭଳି ଗଜପତି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ୧୪୪ ଧାରା ଲାଗୁ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ

**ବଳବତ୍ତର ରହିବ କଟକଣା**

ପକ୍ଷରୁ ସାମାଜିକ ଦୂରତ୍ୱ କମିଟି ଗଠନ କରାଯାଇ ସାମାଜିକ ଦୂରତ୍ୱ ନାମରେ ୧୪୪ ଧାରା ଲାଗୁ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯିବା ପରେ ବୁଧବାର ସକାଳେ ପ୍ରଶାସନ ୧୪୪ ଧାରା ପ୍ରତ୍ୟାହୃତ କରିଛି। ତେବେ ପୂର୍ବରୁ ଜାରି ହୋଇଥିବା କଟକଣା ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ଗୋଟିଏ ସ୍ଥାନରେ ଅଧିକ ଲୋକ ସମାଗମ ନ ହେବା, ଲୋକମାନଙ୍କ ମଧ୍ୟରେ ଦୂରତ୍ୱ ରଖିବା, ବାରମ୍ବାର ହାତ ସଫା କରିବା, ଯଥା ସମ୍ଭବ ନିଜ ମୁହଁକୁ ସ୍ପର୍ଶ ନ କରିବା ପାଇଁ କୁହାଯାଇଛି। ସେହିପରି ଦୋକାନ, ବଜାରରେ ଯେପରି ଅଧିକ ଭିଡ଼ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ପୌରପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି।

# ଗୁଣି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା: ୨ ଗିରଫ

**ପାରଳାଖେମୁଣ୍ଡି,୧୮।୩(ସ୍ୱ.ପ୍ର.)**

ଗଜପତି ଜିଲା ମୋହନା ଥାନା ଅଧୀନ ଗପଟିମା ଗ୍ରାମରେ ଦମ୍ପତିଙ୍କୁ ହତ୍ୟା ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଁର ସନ୍ତୋଷ ମଲ୍ଲିକ ଓ ସଲମନ ମଲ୍ଲିକ। ଗୁଣିଗାରେଡି ସନ୍ଦେହରେ ଦୁହିଁଙ୍କୁ ହତ୍ୟା କରାଯାଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ସୋମବାର ଗାଁର ପତ୍ର ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସବିତା ମଲ୍ଲିକ ବଗଡ଼କୁ ପୂଜାକରିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ଅଭିଯୁକ୍ତମାନେ ପ୍ରଥମେ ପତ୍ରଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ବର୍ଚ୍ଛା ଦ୍ୱାରା ଆକ୍ରମଣ କରିଥିଲେ। ଅପରପାର୍ଶ୍ୱରେ ଥିବା ସ୍ତ୍ରୀ ସବିତା ଏହା ଦେଖିଥିଲେ। ଫଳରେ ତାଙ୍କୁ ମଧ୍ୟ ହତ୍ୟା କରିଥିଲେ। ଏ ନେଇ ମୋହନା ଥାନାରେ ଅଭିଯୋଗ ହୋଇଥିଲା। କେସ୍ ନଂ. ୪୪/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଥିଲା। ପତ୍ର ଗାଁରେ ଗୁଣିଗାରେଡି କରି ଲୋକଙ୍କୁ ମାରୁଥିଲେ। ତେଣୁ ବୈଠକ ଡକାଇ ତାଙ୍କୁ ତାଗିଦ୍ ମଧ୍ୟ କରାଯାଇଥିଲା ବୋଲି ଅଭିଯୁକ୍ତମାନେ ଜେରା ସମୟରେ କହିଥିବା ସୂଚନା ମିଳିଛି। ତେବେ ମୋହନା ଅଞ୍ଚଳରେଏହା ନୂତନ ଘଟଣା ନୁହେଁ। ସଚେତନତା ଅଭାବ ଯୋଗୁ ଏପରି ଘଟଣା ବାରମ୍ବାର ଘଟୁଥିବା ନଜରକୁ ଆସୁଛି। ତେଣୁଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।



ଆର.ଉଦୟଗିରି ଏସଡିପିଓ ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦେଉଛନ୍ତି ।

# କରୋନା ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼(ଗଜପତି), ୧୮।୩(ଡ଼ି.ଏନ୍.ଏ.)**

କରୋନାକୁ ନେଇ ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ ପର୍ଶୁରାମ ଗୁରୁକୁଳ ହାୟର୍ ସେକେଣ୍ଡାରୀ ସ୍କୁଲ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଲେଜର ଅଧ୍ୟକ୍ଷ ଏସ୍. ମିନା ରାଓ ଯୋଗଦେଇଥିଲେ। ଯୁକ୍ତଦୁଇ ପରୀକ୍ଷା ଚାଲିଥିବାବେଳେ ଏଠାରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ପିଲାମାନେ ହାତଧୋଇ ପରୀକ୍ଷାକେନ୍ଦ୍ରକୁ ଯିବା ଦେଖିବାକୁ ମିଳିଥିଲା। ସେହିପରି ରାସ୍ତାରେ ଯାଉଥିବା ପଥଚାରୀ ଓ ଗାଡ଼ି




ଚାଳକଙ୍କୁ ଅଟକାଇ ମହାମାରୀ କରୋନା ବିଷୟରେ ସଚେତନ କରାଯିବା ସହ ହାତ ସଫା କରିବା ପାଇଁ ସାବୁନ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କେ. କୃଷ୍ଣପ୍ରସାଦ, ଶଶିକାନ୍ତ ମହାପାତ୍ର, ରବିନ୍ଦ୍ର ରାଉତଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୟୁଥ୍ ରେଡ୍‌କ୍ରସର ସଂଯୋଜକ ସୁବାଷ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଦେଖିବାକୁ ପାଉ, କିନ୍ତୁ ସୂର୍ଯ୍ୟ ଉଦୟପରେ ସେଗୁଡ଼ିକ ଦେଖାଯାଆନ୍ତି ନାହିଁ। ତେଣୁ ହେ ମାନବ! ତୁମର ଅଜ୍ଞତା ଯୋଗୁ ତୁମେ କୁହ ନାହିଁ ଯେ ଈଶ୍ୱର ନାହାନ୍ତି।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଗାଁ ସଫା କଲେ ମହିଳା

ଟିକିରି, ୧୮।୩ (ଡି.ଏନ୍.ଏ.): କରୋନା ଭାଇରସ ଯେମିତି ଗାଁକୁ ନ ଆସିବ, ସେଥିଲାଗି ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି । କାଶୀପୁର ବ୍ଲକ ଦୁଡୁକା ବାହାଲ ପଞ୍ଚାୟତ କାଲିଆପଡା ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ନିଜ ଗାଁକୁ ସଫାସୁତରା କରିଛନ୍ତି । ବିଭିନ୍ନ ସ୍ଥାନରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସଫା କରି ସେଥିରେ ନିଆଁ ଲଗାଇଥିଲେ । ଏଥିସହ ନିଜ ଘର ଚାରିପାଖ ସଫା ରଖିବା ନେଇ ଗ୍ରାମବାସୀଙ୍କୁ ସଚେତନ ମଧ୍ୟ କରିଥିଲେ ।

### କରୋନା ଭାଇରସ ଗୀତରେ ନାରୀଙ୍କୁ ଅସମ୍ମାନ
### ଏସ୍‌ପିଙ୍କୁ ଦାବିପତ୍ର

ରାୟଗଡ଼ା ଅଫିସ ,୧୮।୩: କରୋନା ଭାଇରସକୁ ନେଇ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଗାଇଥିବା ଗୀତକୁ ବିରୋଧ କରାଯାଇଛି । ଏହି ଗୀତରେ ନାରୀମାନଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଇଛି । ଏନେଇ ସାଉଥ୍ ବୋର୍ଡ଼ ସଭାପତି ରନା ଉପାଧ୍ୟାୟ ଏବଂ କେତେକ କର୍ମୀ ଏସ୍‌ପି ଶ୍ରବଣ ବିବେକ ଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଝିଅ ନୁହେଁ ତୁ କରୋନା ଭାଇରସ ଗୀତଟିକୁ ଗାଇଛନ୍ତି । ଗୀତରେ ଝିଅମାନଙ୍କୁ ଏକ ବେମାର ଏବଂ ରୋଗ ସହ ତୁଳନା କରିଛନ୍ତି । ତୁରନ୍ତଏହି ଗୀତକୁ ବନ୍ଦ କରିବା ସହ ନାରୀମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

### କାମ କରିବାକୁ ବିଦେଶ ଯାଇ ଯୁବକ ନିଖୋଜ
### ଉଦ୍ଧାର ପାଇଁ ନିବେଦନ

ବେଗୁନିଆପଡା,୧୮।୩(ଡି.ଏନ.ଏ.): କୋଦଳା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତ ଫରକପଲ୍ଲୀ ଗ୍ରାମର ଜଣେ ଯୁବକ କାମ କରିବାକୁ ବିଦେଶ ଯାଇ ନିଖୋଜ ଥିବା ଅଭିଯୋଗ ହୋଇଛି। ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେବା ସହ ଗଞ୍ଜାମ ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ, ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶ୍ରମ ବିଭାଗ ସଚିବ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଜରାଇ ଅନୁରୋଧ କରିଛନ୍ତି। ୨୦୧୭ ମାର୍ଚ୍ଚ ମାସରେ ଫରକପଲ୍ଲୀ ଗ୍ରାମର ସୁବାସ ଚନ୍ଦ୍ର ନାୟକଙ୍କ ପୁଅ ଟୁନା (୨୬) ମୁମ୍ବାଇର ଗୁରୁଗାଁଓସ୍ଥିତ 'ଜାଭେରୀ ଆସୋସିଏଟ ଗାଲା ନଂ-୩୯'ର ଜଣେ ଏଜେଣ୍ଟ ମାଧମରେ କୁଏତକୁ ଏକ କମ୍ପାନୀରେ ଟେଲର ଭାବେ କାମ କରିବାକୁ ଯାଇଥିଲେ। ଗତ ୨ ତାରିଖରେ ଘରକୁ ଟଙ୍କା ପଠାଇବା ପାଇଁ ଟୁନା ସେଠାର ଏକ ଏଟିଏମକୁ ଯାଇ ଆଉ ଫେରି ନ ନ ଥିଲେ। ସେଠାରୁ ତାଙ୍କ ସାଙ୍ଗଙ୍କଠାରୁ ଏହା ଜାଣିବା ପରେ ଟୁନାଙ୍କ ଭାଇ ପ୍ରଶାନ୍ତ ତୁରନ୍ତ ମୁମ୍ବାଇରେ ଥିବା ଏଜେଣ୍ଟ ଓ କୁଏତସ୍ଥିତ କମ୍ପାନୀକୁ ଅବଗତ କରାଇଥିଲେ। ହେଲେ ଏ ଯାଏ ଟୁନାଙ୍କ କୌଣସି ପତ୍ତା ମିଳିନି। ଏପଟେ ଘଟଣା ଦିନଠାରୁ ଟୁନାଙ୍କ ଘରେ ଚୁଲି ଜଳୁନି। ଯେଉଁ ଏଜେଣ୍ଟ ଟୁନାଙ୍କୁ ସେଠାକୁ ନେଇଥିଲେ ସେ ଆଉ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି।

# ପାଣି ପାଇଁ ଲୋକେ ଡହଳବିକଳ

ଟିକିରି, ୧୮।୩ (ଡି.ଏନ୍.ଏ.)

**କେହି ଶୁଣୁ ନାହାନ୍ତି ଦୁଃଖ**
- ୬ ମାସ ହେଲା ଜଳ ପ୍ରକଳ୍ପ ଅଚଳ
- ଝରଣା ପାଣି ହିଁ ସାହା ଭରସା



ଅଚଳ ହୋଇ ପଡ଼ି ରହିଥିବା ଷ୍ଟାଣ୍ଡପୋଷ୍ଟ ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତରେ ରହିଛି ଆଦିବାସୀ ସାହି । ଏହି ସାହିରେ ଥିବା ପାନୀୟ ଜଳ ପ୍ରକଳ୍ପ ୬ ମାସ ହେଲା ଅଚଳ ହୋଇ ପଡ଼ି ରହିଛି । ଫଳରେ ଲୋକେ ପାଣି ପାଇଁ ଡ଼ହଳ ବିକଳ ହେଉଛନ୍ତି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି । ଯଦି ତୁରନ୍ତ ଏହାର କୌଣସି ସମାଧାନ କରା ନ ଯାଏ, ତାହାହେଲେ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଉକ୍ତ ସାହିରେ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ସାହି ନିକଟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା ।ହେଲେ ତାହା ୬ ମାସ ହେଲାଣି ଅଚଳ ହୋଇ ପଡ଼ି ରହିଛି । ସାହିବାସିନ୍ଦା ଏନେଇ ଜଣାଇଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁ ନାହାନ୍ତି । ପ୍ରତ୍ୟେକ ସାହିରେ ଦୁଇରୁ ତିନୋଟି ଲେଖାଏଁ ଷ୍ଟାଣ୍ଡପୋଷ୍ଟ ରହିଛି । ସେଥିରୁ ଆବଶ୍ୟକ ମୁତାବକ ପାଣି ମିଳୁ ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି । ସେହିପରି ସାହିରେ ଥିବା ନଳକୂପର ଜଳସ୍ତର ଦିନକୁ ଦିନ କମୁଥିବାରୁ ସେଥିରୁ ପାଣି ବାହାରୁ ନ ଥିବା ଜଣାଯାଇଛି । ଜଳପ୍ରକଳ୍ପ ଅଚଳ ନେଇ କୁଚେଇପଦର ସରପଞ୍ଚ ରାଧାନାଥ ସାଉଁତାଙ୍କୁ ପଚାରିବାରୁ, ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କାମ ଚାଲିଛି । ସେଥିଲାଗି ଜଳ ଯୋଗାଣ ବନ୍ଦ ରହିଛି। କାମ ସାରିବାକୁ ଆଉ ୨ ମାସ ଲାଗିବ ବୋଲି ସେ କହିଛନ୍ତି।

# ବାହାଘର ଭୋଜିରେ କଟକଣା

## ଥରକେ ଗଲେ ୧୦ ଅତିଥି

ରାୟଗଡ଼ା ଅଫିସ ,୧୮।୩

କରୋନା ମୁକାବିଲା ନେଇ ଜିଲା ପ୍ରଶାସନ ପକ୍ଷରୁ ୧୪୪(୨) ଧାରା ଜାରି କରାଯାଇଛି । କୌଣସି ସଭାସମିତି,ବିବାହ ଭୋଜି ଆୟୋଜନ ନ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି ନିୟମକୁ ବେଖାତିର କରି ବୁଧବାର ରାୟଗଡ଼ାରେ ଆୟୋଜିତ ଏକ ବିବାହ ଭୋଜିରେ ପୌର ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ରାଣୀଗୁଡ଼ା ଫାର୍ମରେ ଥିବା ବର୍ଣ୍ଣିକ୍ରିଷ୍ଟା ଫଙ୍କସନ ହଲରେ ଏକ ବିବାହ ଉତ୍ସବ ପାଇଁ ଭୋଜିର ବ୍ୟବସ୍ଥା ଚାଲିଥିଲା। ଖବରପାଇ ପୌର ପରିଷଦ ପକ୍ଷରୁ ସାନିଟେଶନ ଇନ୍ସପେକ୍ଟର ପି. ବାଲାରାଜୁ, ଟିକସ ସଂଗ୍ରହକାରୀ ଚନ୍ଦ୍ର ଶେଖର ରଥ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ କରୋନା ସମ୍ପର୍କିତ ସରକାରଙ୍କ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ପରେ ୧୦ ଜଣ ଲେଖାଏଁ ଅତିଥି ଭିତରକୁ ଯାଇ ଭୋଜି ଖାଇବାକୁ ଛାଡ଼ିଥିଲେ । କିନ୍ତୁ ଫାଟକ ବାହାରେ ଶତାଧିକ ଲୋକ ଭିଡ଼ ଜମାଇଥିଲେ ।

# ଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା



ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଟିକିରି,୧୮।୩ (ଡି.ଏନ୍.ଏ.)

କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଖେଳ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ମଙ୍ଗଳବାର ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଖେଳ ଶିକ୍ଷକ ଜେ.କେ. ସ୍ୱାଇଁ ଆଜକୁ ପ୍ରାୟ ୭ ବର୍ଷ ହେଲା ଶିକ୍ଷକତା କରୁଛନ୍ତି । ହେଲେ ସ୍କୁଲ ପରିଚାଳନା କମିଟି ତାଙ୍କୁ ଉପେକ୍ଷା କରି ଆଉ ଜଣେ ନୂତନ ଖେଳ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି । ଅଭିଭାବକଙ୍କ ସହମତି ବିନା କମିଟି ମନଇଚ୍ଛା ନିଷ୍ପତ୍ତି ନେଇଥିବା କୁଚେଇପଦର ଗ୍ରାମର ମାଧବ ନାଏକ, ପୁରନ୍ଦର ନାଏକଙ୍କ ସମେତ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ଏ ନେଇ ସ୍କୁଲ ସଭାପତି ଯତୀନ୍ଦ୍ର ନାୟକଙ୍କୁ ପଚାରିବାରୁ, ଶିକ୍ଷକ ସ୍ୱାଇଁଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇନାହିଁ । ସେ ପିଇଟି ଶିକ୍ଷକ ଭାବେ ରହିବା ପାଇଁ ଇଚ୍ଛା କରିବାରୁ ତାଙ୍କୁ ଆବଶ୍ୟକ ପ୍ରମାଣପତ୍ର ଦାଖଲ ପାଇଁ କୁହାଯାଇଥିଲା । କିନ୍ତୁ ଦୀର୍ଘଦିନ ପରେ ମଧ୍ୟ ପିଇଟି ଟ୍ରେଣ୍ଡ ସାର୍ଟିଫିକେଟ ଦାଖଲ ନ କରିବାରୁ ଆଉଜଣେ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି ବୋଲି କହିଛନ୍ତି ।

### ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ

ରାୟଗଡ଼ା ଅଫିସ,୧୮।୩

ରାୟଗଡ଼ା ଜିଲାରେ ମାତ୍ର ଗୋଟିଏ ମାଟ୍ରିକ ପରୀକ୍ଷା ଖାତାର ମୂଲ୍ୟାୟନ କେନ୍ଦ୍ର ଖୋଲାଯାଇଛି । ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାରଠାରୁ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନ ୩୪୪ ଶିକ୍ଷକ ମୂଲ୍ୟାୟନ ପ୍ରକ୍ରିୟାରେ ଯୋଗ ଦେଇଥିଲେ । ମୂଲ୍ୟାୟନ ନିମନ୍ତେ ୧୬ ଗୋଟି ଶ୍ରେଣୀ କକ୍ଷକୁ ଚିହ୍ନଟ କରାଯାଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ନିର୍ଦ୍ଦେଶକ୍ରମେ ଏହା ଚାଲିଛି । ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି । ଖାତା ମୂଲ୍ୟାୟନ ସମୟରେ ପର୍ଯ୍ୟବେକ୍ଷକ ଏବଂ ନିରୀକ୍ଷକ ଭାବେ ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ଼ ପକ୍ଷରୁ ଅଜୟ ଦାସ ରହିବେ । କରୋନା ନେଇ ବିଦ୍ୟାଳୟ ପରିସରରେ ସାନିଟାଇଜରରେ ହାତ ଧୋଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

# କରୋନା ସଚେତନତା ରଥ ଉଦ୍‌ଘାଟିତ



ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ମୁନିଗୁଡା,୧୮।୩(ଡି.ଏନ.ଏ)

ଡରିବା ନାହିଁ, ଡରେଇବା ନାହିଁ । ସତର୍କ ରହିବା, ସତର୍କ କରାଇବା । ସଚେତନ ହେବା, ସଚେତନ କରାଇବା । ବାରମ୍ବାର ହାତ ଧୋଇବା, ମାସ୍କ ବ୍ୟବହାର କରିବା, ଯଦି କରୋନାର କୌଣସି ଲକ୍ଷଣ ଦେଖାଯାଏ ନ ଡରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ପରୀକ୍ଷା କରାଇବା । ଏହିପରି ବାର୍ତ୍ତା ନେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ଏକ ସଚେତନତା ରଥ । କରୋନା ନେଇ ରାୟଗଡା ଜିଲା ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ଉଦ୍‌ଘାଟନ କରିଥିଲେ । ଏହି ରଥ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମୁନିଗୁଡା ବ୍ଲକର ସମସ୍ତ ପଞ୍ଚାୟତ ଏବଂ ଗ୍ରାମ ବୁଲି ବୁଲି ସଚେତନ କରିବ । ଏହି କାର୍ଯ୍ୟକ୍ରମରେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସବ୍ୟସାଚୀ ମହାପାତ୍ର, ବିପିଏମ ତପନ ପଣ୍ଡା, ସଂଯୁକ୍ତା ଗମାଙ୍ଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ୧୭ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

କୋଲନରା, ୧୮।୩ (ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

କରୋନା ଭାଇରସ୍ ନେଇ କୋଲନରା ବ୍ଲକର ୧୭ଟି ପଞ୍ଚାୟତ କାର୍ଯ୍ୟାଳୟଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ସାମିଲ ହୋଇଥିଲେ । କୋଲନରା ପଞ୍ଚାୟତଠାରେ ଆୟୋଜିତ ହୋଇଥିଲା ଏହି ସଚେତନତା କାର୍ଯ୍ୟକ୍ରମ । ଏଥିରେ ସରପଞ୍ଚ ମଞ୍ଜୁଳା ଉଲ୍ଲାକା, ସମିତି ସଭ୍ୟା ଇପିଲି ଇନ୍ଦୁ, ପିଇଓ ଭି. ମୁରଲୀ କ୍ରିଷ୍ଣା, ଅଙ୍ଗନୱାଡି ସୁପରଭାଇଜର ଏମ୍. ମାଙ୍ଗାମା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିନୋଦ କୁମାର ଗୌଡ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶୁଭଶ୍ରୀ ଦାସ, ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଦାଶ, ଅଞ୍ଜଳି ମହାନ୍ତି ଓ ହରପ୍ରିୟା ସାହୁ ଯୋଗଦେଇ କରୋନା ସମ୍ପର୍କରେ ବୁଝାଇଥିଲେ। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏବିଡିଓ ଓ ଶିବ ଗୋପାଳ ରାଓ ପ୍ରତ୍ୟେକ ପଞ୍ଚାୟତ ପରିଦର୍ଶନ କରି ଏହି ସଚେତନତା କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଏଥିସହ ସତର୍କତା ଅବଲମ୍ବନ ନେଇ ଲୋକମାନଙ୍କୁ ବୁଝାଇଥିଲେ । କୋଲନରା ବିଡ଼ିଓ ତାପସ ଭୋଇ ଅନ୍ୟ ଗ୍ରାମ ପଞ୍ଚାୟତ ଗସ୍ତ କରି ତଦାରଖ କରିଥିଲେ ।

### ବିଦ୍ୟୁତ୍ ଆଘାତରେ ବାଳକ ଗୁରୁତର

ଗୁଣପୁର,୧୮।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତ ନରସିଂହ ମୁଣ୍ଡା ଇନ୍ଦିରା କଲୋନୀରେ ଜଣେ ବାଳକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସେ ହେଲେ ସିନ୍ଧୁ ଶବର(୧୩) । ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

### ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଗୁଣପୁର,୧୮।୩(ଡି.ଏନ.ଏ)

ଗୁଣପୁର ବ୍ଲକ ସନ୍ୟାସିପୁର କଲୋନୀ ରାସ୍ତାରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗାଇଲୁଙ୍ଗ ଗ୍ରାମର ମାନୁଏଲ ଶବର । ବୁଧବାର ଭୋର ସମୟରେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି ।

# ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସଚେତନତା



ବାହାରି ଥିବା ସଚେତନତା ରଥ ।

ପଦ୍ମପୁର, ୧୮।୩ (ଡି.ଏନ୍.ଏ.)

କରୋନା ନେଇ ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସଚେତନତା ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ପଦ୍ମପୁର ମେଡିକାଲ ଡାକ୍ତର, ଭ୍ରାମ୍ୟମାଣ ଟିମ୍, ଆଶା, ଅଙ୍ଗନୱାଡି କର୍ମୀ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ବୁଧବାର ଲାଉଗୁଡା, ଇନ୍ଦୁପୁର, କଇଲିକୋଟା, ଚାଞ୍ଚଡାଗୁଡା, ରାମାଗୁଡା, ଅଣ୍ଟୁରୁଗୁଡା, ରାଉତରଙ୍ଗା, ଆମ୍ବାବାଡ ରାଇଲପଦର,କରିପଦର, ମାରିଗୁଡା ପ୍ରଭୃତି ଗ୍ରାମଗୁଡିକ ମେଡିକାଲ ଟିମ୍ ଓ ଭ୍ରାମ୍ୟମାଣ ଡାକ୍ତର ଦଳ ବୁଲି କରୋନା ନେଇ ଲୋକଙ୍କୁ ବୁଝାଇଛନ୍ତି । ବାହାର ରାଜ୍ୟରୁ କେହି ଆସିଲେ ସଙ୍ଗେ ସଙ୍ଗେ ଜଣାଇବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ଲୋକେ ନିଜ ଗାଁକୁ ଫେରୁ ଥିବାରୁ ସେମାନଙ୍କ ଉପରେ କଡା ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ପଦ୍ମପୁର ବ୍ଲକରେ ବାହାର ରାଜ୍ୟରୁ ଆସିଥିବା ୭୨ ଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ସେହିପରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସଚେତନତା ରଥ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛି । ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ସୌମ୍ୟରଞ୍ଜନ ତ୍ରିପାଠୀ ଏକ ଜରୁରୀ ବୈଠକ ଡାକି କର୍ମଚାରୀଙ୍କୁ ଆଗୁଆ ସତର୍କ ପାଇଁ ପରାମର୍ଶ ଦେଇଛନ୍ତି । ଏଥିରେ ଡା. ସୌମ୍ୟ ରଞ୍ଜନ ପତି, ଡା. ଗୋପାଳ ପଣ୍ଡା, ଡା. ସରୋଜ ବିଷ୍ଣାଣି, ଡା. ଅଜୟ ଦାଶ, ବିପିଓ ମନୋଜ କୁମାର ପଣ୍ଡା, ଫାର୍ମାସିଷ୍ଟ ମନୋଜ ସୁବୁଦ୍ଧିଙ୍କ ସହ ଷ୍ଟାଫ୍ ନର୍ସ, ଏଏନ୍‌ଏମ୍ ଓ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ଯାତ୍ରୀ ପରିବହନ

ଟିକିରି, ୧୮।୩ (ଡି.ଏନ୍.ଏ.)



ରାୟଗଡ଼ା ଜିଲା କାଶୀପୁର ବ୍ଲକ ବିଭିନ୍ନ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତ୍ରୀ ପରିବହନ କରାଯାଉଛି । ନୂତନ ମୋଟରଯାନ ଆଇନ ଲାଗୁ ହେବା ପରେ ମଧ ବ୍ୟବସ୍ଥାରେ ସୁଧାର ଆସୁନାହିଁ । ଗାଡ଼ି ଚାଳକମାନେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନେଉଛନ୍ତି। ହେଲେ ଏଥିପ୍ରତି କାହାର ନଜର ପଡୁନାହିଁ । ବିଶେଷକରି କାଶିପୁର, ରାମପୁର, ଚିତ୍ରଗିରି ଅଞ୍ଚଳରେ ଏପରି ବିପଦପୂର୍ଣ୍ଣ ଭାବେ ଯାତ୍ରୀ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବେପରୁଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଉତ୍କଳ କମ୍ପାନୀ ପକ୍ଷରୁ ପାମ୍ପଲେଟ୍ ବଣ୍ଟନ

ରାୟଗଡ଼ା ଅଫିସ ,୧୮।୩

ରାୟଗଡ଼ା ଜିଲା ପ୍ରଶାସନ ଓ ଉତ୍କଳ ଆଲୁମିନା କମ୍ପାନୀ ମିଳିତ ଭାବେ କରୋନା ମୁକାବିଲା ନେଇ ପ୍ରସ୍ତୁତି ଚଳାଇଛି । । ୟୁଏଆଇଏଲ ର ୟୁନିଟ ମୁଖ୍ୟ ଏନ. ନାଗେସ କହିଛନ୍ତି ଯେ, କରୋନାରୁ ଦୂରେଇ ରହିବା ପାଇଁ କାରଖାନା ଭିତରେ ଓ ଆମ ଆଖପାଖରେ ଥିବା ଲୋକମାନଙ୍କୁ ସଚେତନ କରାଯାଉଛି । ବର୍ତ୍ତମାନ ସୁଦ୍ଧା କମ୍ପାନୀରେ ଉତ୍ପାଦନ ଓ ପରିଚାଳନା କାର୍ଯ୍ୟ ସ୍ୱାଭାବିକ ରହିଛି । ବାହାର ଲୋକଙ୍କୁ କମ୍ପାନୀ ଭିତରକୁ ପଶିବାକୁ ବାରଣ କରାଯାଉଛି । ଏପରିକି ସଟ ଡ଼ାଉନ ପାଇଁ କିଛି ବ୍ୟକ୍ତି ବାହାରୁ ଆସନ୍ତି ତାକୁ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଆଖପାଖ ଗ୍ରାମରେ କମ୍ପାନୀ ତରଫରୁ ପେମ୍ପଲେଟ ବଣ୍ଟନ କରିବା ସହ ମାଇକ ଦ୍ୱାରା ସଚେତନତାର ବାର୍ତ୍ତା ପ୍ରଦାନ କରାଯାଉଛି । ଉତ୍କଳ ହସପିଟାଲରେ ଡ଼ାକ୍ତର ଓ ଷ୍ଟାଫ୍‌ମାନେ ମାସ୍କ ବ୍ୟବହାର କରୁଛନ୍ତି । କରୋନା ନେଇ ୩ଟି ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରାଯାଇଛି । ଏନେଇ ଦୈନିକ ସମୀକ୍ଷା ବୈଠକ କରାଯାଉଛି । ଏକ ୫ ଜଣିଆ ବିଶିଷ୍ଟ କମିଟି ଏହାର ସମୀକ୍ଷା କରୁଛି । କମ୍ପାନୀରେ କର୍ମଚାରୀମାନେ ସାନିଟାଇଜର ରେ ହାତ ସଫା କରିବା ଲାଗି ବ୍ୟବସ୍ଥା କରାଯାଇଛି ।





ଗ୍ରାମବାସୀଙ୍କୁ ପାମ୍ପଲେଟ୍ ବଣ୍ଟନ କରାଯାଉଛି।

# ୫ କିମି ଖଟିଆରେ ବୁହାହେଲେ ଗର୍ଭବତୀ

ରାୟଗଡ଼ା ଅଫିସ,୧୮।୩



ଗ୍ରାମବାସୀ ଗର୍ଭବତୀଙ୍କୁ ଏକ ଖଟିଆ ସାହାଯ୍ୟରେ ନେଉଛନ୍ତି।

ଗାଁକୁ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ୫ କିମି ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି ଗ୍ରାମବାସୀ । ଏହି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କୋଲନରା ବ୍ଲକରେ । ଏହି ବ୍ଲକର ଡୁମୁକୁପାଡୁ ଗ୍ରାମର ସାବିତ୍ରୀ ତାଡ଼ିଙ୍ଗୀଙ୍କ ପ୍ରସବଜନିତ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଗ୍ରାମକୁ ରାସ୍ତା ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ବାଧ୍ୟ ହୋଇ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଏକ ଖଟ ସାହାଯ୍ୟରେ ସାବିତ୍ରୀଙ୍କୁ ୫ କିମି ବୋହି ବୋହି ୩୨୬ ନଂ ଜାତୀୟ ରାଜପଥକୁ ଆଣିଥିଲେ । ସେଠାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନିଆଯାଇଥିଲା ଆମ୍ବୁଲାନ୍ସରେ କୋଲନରା ଗୋଷ୍ଠୀ । ସେଠାରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଉଭୟ ମା ଓ ପୁଅ ସୁସ୍ଥ ଥିବା ଜଣାଯାଇଛି ।

# ମାସ୍କ ତିଆରି କରୁଛନ୍ତି ଏସ୍‌ଏଚ୍‌ଜି ମହିଳା

## କରୋନା ମୁକାବିଲା ପାଇଁ ମହିଳାଙ୍କ ପଦକ୍ଷେପ

- କପଡ଼ା ତିଆରି ମାସ୍କର ଚାହିଦା ବେଶି
- ଗୋଟିଏ ମାସ୍କର ମୂଲ୍ୟ ୨୦ ଟଙ୍କା

ଜୟପୁର ୧୮ ।୩ (ନି.ପ୍ର.)

ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇଛି। ଏହାଠାରୁ ବଞ୍ଚିବାକୁ ହେଲେ ସଚେତନ ଓ ସତର୍କତା ଅବଲମ୍ବନ ପାଇଁ ସରକାର ଘୋଷଣା କରିଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଏକାଠି ନ ବୁଲିବା, ଲୋକଙ୍କ ସଂସ୍ପର୍ଶରେ ନ ଆସିବାକୁ ସଚେତନ କରାଯାଉଛି। ସେହିଭଳି ମାସ୍କ ବ୍ୟବହାର କରିବାକୁ ସରକାର ଲୋକଙ୍କୁ ସଚେତନ କରିଛନ୍ତି। ବର୍ତ୍ତମାନ ବଜାରରେ ମାସ୍କ ଅଭାବ ଦେଖାଦେଇଛି। ଏହାକୁ ଦୂର କରିବା ପାଇଁ ଜୟପୁର ଚନ୍ଦନବାଡ ସାହିର ଶ୍ରୀ ଲକ୍ଷ୍ମୀ ଗଣପତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଆଗେଇ ଆସିଛନ୍ତି। ସ୍କୁଲ ଡ୍ରେସ ତିଆରି କରୁଥିବା ଏହି ସଂଘର ମହିଳାମାନେ ଏବେ ମାସ୍କ ତିଆରି କରୁଛନ୍ତି। ଏହି ମାସ୍କକୁ ବଜାରରେ ବିକ୍ରି କରାଯାଉଛି।

ସ୍ଥାନୀୟ ଅଞ୍ଚଳର ୧୦ ଜଣ ମହିଳା ମିଶି ଏହି ଗ୍ରୁପ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ସ୍କୁଲ ଡ୍ରେସ ସିଲେଇ କରୁଥିଲେ। ତେବେ କରୋନା ଭୟାବହତାକୁ ନଜରରେ ରଖି ଲୋକେ ଅଧିକ ସଂଖ୍ୟାରେ ମାସ୍କ ବ୍ୟବହାର କରୁଛନ୍ତି। ଫଳରେ ବଜାରରେ ମାସ୍କର ଅଭାବ ଦେଖାଦେଉଛି। ଏହି ସମୟରେ କରୋନା ମୁକାବିଲା ପାଇଁ ଆଗେଇ ଆସିଲେ ସଂଘ ମହିଳାମାନେ। ମାସ୍କ ତିଆରି କରିବାକୁ ମନ ବଳେଇ ଥିଲେ। ନିଜ ସହ ୪୦ ଜଣ ମହିଳାଙ୍କୁ ନିୟୋଜିତ କରି ୩ ଦିନ ହେବ ଆରମ୍ଭ କରିଛନ୍ତି ମାସ୍କ ସିଲେଇ। ଗୋଟିଏ ପ୍ୟାକେଟରେ ରହୁଛି ୧୦ ମାସ୍କ। ଗୋଟିଏ ମାସ୍କକୁ ୨୦ଟଙ୍କା ହିସାବରେ ପ୍ୟାକେଟକୁ ୨ଶହ ଟଙ୍କାରେ ସ୍କୁଲ, ହଷ୍ଟେଲ, ଔଷଧ ଦୋକାନରେ ବିକ୍ରି କରାଯାଉଛି। ମାସ୍କ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଲୁଧିଆନା, କୋଲକାତାରୁ ଆସୁଛି। ମାସ୍କଗୁଡିକୁ କଟନ କପଡ଼ାରେ ତିଆରି କରାଯାଉଛି। ତେଣୁ ଏହାକୁ ଭଲଭଭାବେ ଧୋଇ ଶୁଖେଇ ପୁଣି ଥରେ ବ୍ୟବହାର କରଯାଇ ପାରୁଥିବାରୁ ଏହାର ଚାହିଦା ବଜାରରେ ଭଲ ରହିଛି ବୋଲି ମହିଳାମାନେ କହିଛନ୍ତି। ମାସ୍କ ତିଆରି କରୁଥିବା ମହିଳାଙ୍କୁ ସିଲେଇ ହିସାବରେ ଟଙ୍କା ଦିଆଯାଉଛି ବୋଲି ଗ୍ରୁପ ସଭାପତି ଜି. ଭାରତି, ସମ୍ପାଦିକା ୱାଇ. କାନ୍ତା କହିଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ କରୋନା ମୁକାବିଲା ପାଇଁ ଆଗେଇ ଆସିଥିବା ଏହି ମହିଳାମାନେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।



ମହିଳାମାନେ ମାସ୍କ ତିଆରି କରୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଜୟପୁର,୧୮ ।୩ (ଡି.ଏନ.ଏ.): ବିଷ ପିଇ ଚିକିତ୍ସାଧୀନ ଥିବା କୋରାପୁଟ ଜିଲା ଜୟପୁର ସଦରଥାନା ଅଧୀନ ପାଲିଗୁଡା ଗାଁର ଜଣେ ନାବାଳିକାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ପୋଲିସ ବୁଧବାର ଏକ ଆତ୍ମହତ୍ୟା ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ନାବାଳିକା ଜଣଙ୍କ ଘରେ କେହି ନଥିବା ବେଳେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ଚୋରା ମଦ ଜବତ: ଜଣେ ଗିରଫ



ବୈପାରୀଗୁଡା, ୧୮ ।୩ (ଡି.ଏନ୍.ଏ.) ବୈପାରୀଗୁଡା ଥାନା ପୋଲିସ ମହନ୍ତପୁଟ ଗ୍ରାମରେ ଚଢାଉ କରି ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୦୨ ଲିଟରରୁ ଉର୍ଦ୍ଧ୍ୱ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେ ହେଲେ ମହନ୍ତପୁଟ ଗାଁର ବୁଦ୍ରା ଡୁରୁ (୪୫)। ଥାନାଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍.ଆଇ. ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ଉକ୍ତ ଚଢାଉ କରାଯାଇଛି। କେଶ୍ ନଂ ୪୧/୨୦ରେ ମାମଲା ରୁଜୁ ହୋଇଛି।

### ଅଦିନିଆ ବର୍ଷାରେ ଭାଙ୍ଗିଲା ଗଛ

ଦଶମନ୍ତପୁର, ୧୮ ।୩(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ବୁଧବାର ବର୍ଷା ସହ ପବନ ହୋଇଥିଲା। ଏଥିରେ ଦଶମନ୍ତପୁର ସାପ୍ତାହିକ ହାଟପଦାରେ ଥିବା ଏକ ଜରାଜୀର୍ଣ୍ଣ ଗଛ ଭାଙ୍ଗି ପଡିଛି। ଗଛଟି ନିକଟରେ ଥିବା ଏକ ଘରର ଲାଟ୍ରିନ ଗୃହ ଉପରେ ପଡିଛି। ପରିବାରର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାହାର କିଛି କ୍ଷତି ହୋଇନି। ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କ ନିର୍ଦ୍ଦେଶକ୍ରମେ ଦଶମନ୍ତପୁର ଆର୍‌ଆଇ ଅନୁପ ନାଗ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉକ୍ତ ଜରାଜୀର୍ଣ୍ଣ ଗଛଟିକୁ ମୂଳରୁ କାଟିବା ପାଇଁ ତହସିଲଦାରଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଗତ ବର୍ଷା ସମୟରେ ତହସିଲଦାର, ଡିଏଫ୍‌ଓ, ସରପଞ୍ଚ ଅଞ୍ଚଳରେ ଥିବା ସମସ୍ତ ଜରାଜୀର୍ଣ୍ଣ ଗଛ କାଟିବା ପାଇଁ ଅଗ୍ନିଶମ ବାହିନୀକୁ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିଶମ ବାହିନୀ ଭୁଲବଶତଃ ଏହି ବୃକ୍ଷକୁ କାଟିବାକୁ ଭୁଲି ଯାଇଥିଲେ।

## ■ କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ସମିତି ବୈଠକ

# ‘ପ୍ରତ୍ୟେକ ପଞ୍ଚାୟତରେ ସଚେତନତା ଜରୁରୀ’



ବୈଠକରେ ଉପସ୍ଥିତ ଅତିଥିମାନେ।

ପଟ୍ଟାଙ୍ଗି,୧୮।୩(ଡି.ଏନ୍.ଏ.):

କରୋନାକୁ ନେଇ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ମୋନାଲିସା ଦେବତାଙ୍କ ଆହ୍ୱାନ କ୍ରମେ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍‌ର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସ୍ତରୀୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବିଧାୟକ ପ୍ରୀତମ ପାଢ଼ୀ ଯୋଗଦେଇ ନିଜ ନିଜ ପଞ୍ଚାୟତରେ କରୋନାକୁ ନେଇ ଲୋକଙ୍କୁ ସଚେତନ କରିବା ଜରୁରୀ ବୋଲି କହିଥିଲେ। ପଟ୍ଟାଙ୍ଗି ବ୍ଲକ୍ ଆନ୍ଧ୍ର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ସଜାଗ ରହିବାକୁ ହେବ ବୋଲି ସେ ବୁଝାଇଥିଲେ। ଏଥିସହ ପଞ୍ଚାୟତରୁ ବାହାର ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକମାନଙ୍କୁ ମଧ୍ୟ ସଚେତନ କରିବା ଆମ ଦାୟିତ୍ୱ ବୋଲି ବିଡିଓ ଦେବତା କହିଛନ୍ତି। ବୈଠକରେ ଉପସ୍ଥିତ ସମସ୍ତେ ଏକ ମିଟର ବ୍ୟବଧାନରେ ବସିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପବିତ୍ର ପଣ୍ଡା ଏବଂ ପିଏଚ୍‌ଇଓ ବିଜୟ ଖିଲ ପରାମର୍ଶ ଦେଇଥିଲେ। ନିଜେ ସଫାସୁତରା ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ହାତ ଧୋଇବା ଶିଖାଇବା ଜରୁରୀ ବୋଲି ଏଠାରେ ବୁଝାଇଥିଲେ। ଅନ୍ୟପକ୍ଷରେ ଗତ ଦୁଇ ଦିନ ମଧ୍ୟରେ ବ୍ଲକ୍‌ର କୋଟିଆ, ମାଳିପୁଟ, ଚନ୍ଦକା, ପୁକାଲି, ଅମ୍ବାବାଲି ଓ ଗାଙ୍ଗରାଜପୁର ଆଦି ପଞ୍ଚାୟତର ୮୦ ଦାଦନ ଶ୍ରମିକ ପଡ଼ୋଶୀ ଆନ୍ଧ୍ର ଏବଂ ଅନ୍ୟ ରାଜ୍ୟରୁ ଫେରିଥିବା ବ୍ଲକ୍ କାର୍ଯ୍ୟାଳୟରୁ ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେମାନଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ୧୪ ଦିନ ପର୍ଯ୍ୟନ୍ତ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ଉପରେ ନଜର ରଖାଯାଇଥିବା ଟିମ୍ ପ୍ରକାଶ କରିଛି। ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପଦ୍ମା ଖରା, ସାଂସଦ ପ୍ରତିନିଧି ଅର୍ଜୁନ ବାଙ୍କା, ଜିପିଓ ହିମାଂଶୁ ଶେଖର ସେନାପତି, ସହକାରୀ ଯନ୍ତ୍ରୀ ସଞ୍ଜୟ କେସପଟାଙ୍କ ସମେତ ୧୪ ପଞ୍ଚାୟତର ପିଇଓ ଏବଂ ବିଜେଡିର ବି ଯୋଗି ରାଜୁ ଉପସ୍ଥିତ ଥିଲେ।

## ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ସଚେତନତା

ସେମିଳିଗୁଡା,୧୮।୩(ସ୍ୱ.ପ୍ର.):

କରୋନା ଭୂତାଣୁଠାରୁ ନିଜକୁ ସୁରକ୍ଷିତ ରଖିବାକୁ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅଧୀନ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପକ୍ଷରୁ ବୁଧବାର ଲୋକଙ୍କୁ ସଚେତନ କରାଯାଇଛି। ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜ କେନ୍ଦ୍ରରେ ଗାଁର ଲୋକଙ୍କୁ ଏହି ଭୂତାଣୁ ଓ ସଂକ୍ରମଣର ଲକ୍ଷଣ ବିଷୟରେ ବୁଝାଇବା ସହ ଆତଙ୍କିତ ନ ହେବାକୁ କହିଥିଲେ। ହାତକୁ ବାରମ୍ବାର ଧୋଇବା, କାଶିବା ଓ ଛିଙ୍କିବା ସମୟରେ ମୁହଁକୁ ଘୋଡ଼ାଇବା ଅନ୍ୟ ଲୋକଙ୍କଠାରୁ ୧ ମିଟର ବ୍ୟବଧାନ ରଖି କଥାବାର୍ତ୍ତା କରିବା ଆଦି ବିଷୟରେ ସଚେତନ କରିଥିଲେ। ଏଥିସହ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ବୁଝାଇଥିଲେ। ରାଜ୍ୟ ସରକାର ତଥା ଜିଲା ପ୍ରଶାସନର ନିର୍ଦ୍ଦେଶକୁ ମାନି ସତର୍କ ରହିଲେ କରୋନାକୁ ପରାଜିତ କରିପାରିବା ବୋଲି କାର୍ଯ୍ୟକ୍ରମ ମାଧ୍ୟମରେ କୁହାଯାଇଛି। ସିଡିପିଓଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ସୁପର୍‌ଭାଇଜର ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।



# ଘୁଞ୍ଚିଲା ଆଇନଜୀବୀ ସଂଘ ନିର୍ବାଚନ

ଜୟପୁର,୧୮ ।୩ (ଡି.ଏନ୍.ଏ )

କରୋନା ପାଇଁ ସମସ୍ତ ବାର ଆସୋସିଏଶନ ନର୍ବାଚନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨୮ରେ ହେବାକୁ ଥିବା ଏହି ନିର୍ବାଚନ ତାରିଖ ଏପ୍ରିଲ ୨୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବୁଧବାର ରାଜ୍ୟ ଆଇନଜୀବୀ ସଂଘ ପକ୍ଷରୁ କଟକରେ ଅନୁଷ୍ଠିତ ଜରୁରିକାଳୀନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜିଲା ଏବଂ ଅନ୍ୟ ଆଇନଜୀବୀ ସଂଘକୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। ମଙ୍ଗଳବାର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜରୁରୀ ବୈଠକ କରାଯାଇଛି। କାରୋନା ସଂକ୍ରମଣକୁ ରୋକିବାକୁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଚାରାଧୀନ କକ୍ଷରେ ଲୋକ ସଂଖ୍ୟା କମ୍ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସାକ୍ଷୀ ଓ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ କରାଯାଇଛି। ବୁଧବାରରୁ ଏହି ସମସ୍ତ କାର୍ଯ୍ୟ କୋର୍ଟରେ ବନ୍ଦ ରହିଛି। କୋର୍ଟ ପରିସରରେ ବହୁ ସଂଖ୍ୟାରେ ଲୋକ ଜମା ହେଉଥିବାରୁ ଏହିପରି ପଦକ୍ଷପ ନିଆଯାଇଛି ବୋଲି ସଂଘ ସଭାପତି ସରୋଜ ଦାଶ କହିଛନ୍ତି।

# ଆଦିବାସୀ ଅଞ୍ଚଳରେ ବୁଲିବ ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସେମିଳିଗୁଡା, ୧୮ ।୩(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ କରୋନା ଭାଇରସ୍ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବାକୁ ଧାନ ଫାଉଣ୍ଡେଶନ ପଦକ୍ଷେପ ନେଇଛି। ଏଥିପାଇଁ ସଂଘ ପକ୍ଷରୁ ଏକ ସଚେତନତା ରଥ ବାହାର କରାଯାଇଛି। ଉକ୍ତ ରଥ ବିଭିନ୍ନ ଅଞ୍ଚଳ ବୁଲି କରୋନାର ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବ। ସେମିଳିଗୁଡାସ୍ଥିତ ଧାନ ଫାଉଣ୍ଡେଶନ ଅଫିସରୁ ଏହି ରଥ ବାହାରି ସେମିଳିଗୁଡା, କୋରାପୁଟ, ଦଶମନ୍ତପୁର, ବୋରିଗୁମ୍ମା ଆଦି ବ୍ଲକରେ ବୁଲିବା କାର୍ଯ୍ୟକ୍ରମ ରହିଛି। ଏହି ସଚେତନତା ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ରୋଶନି ସେକସା, କେନ୍ଦ୍ରୀୟ କୃଷି ବିଭାଗ କେନ୍ଦ୍ର ମୁଖ୍ୟ ଜ୍ୟୋତ୍ସ୍ନାରାଣୀ ମହାରଣା, ଓଡିଶା ମିଲେଟ ମିଶନର ଜିଲା ସଂଯୋଜକ ଶିବ ଶଙ୍କର ସେଠିଙ୍କ ସମେତ ଧାନ ଫାଉଣ୍ଡେଶନର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ସମସ୍ତେ ସଚେତନ ହେବାକୁ ଡାକ୍ତର ରୋଶନି ପରାମର୍ଶ ଦେଇଥିଲେ। ବାହାର ରାଜ୍ୟରୁ ଆସିଥିବା ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଦେଖାଗଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ କରିବାକୁ କୁହାଯାଇଛି। କରୋନା ଅତିଶୀଘ୍ର ବ୍ୟାପୁଥିବାରୁ ସମସ୍ତେ ସତର୍କ ରହିବାକୁ କୁହାଯାଇଛି। ଫାଉଣ୍ଡେଶନର ଏହି ପଦକ୍ଷେପ ଲୋକଙ୍କ ପାଇଁ ସହଯୋଗୀ ହେବ ବୋଲି ଧାନ ଫାଉଣ୍ଡେଶନ ଆଞ୍ଚଳିକ ସଂଯୋଜକ ବିଜୟ କୁମାର ନାୟକ ଆଶାବ୍ୟକ୍ତ କରିଛନ୍ତି। ଆଦିବାସୀ ଅଞ୍ଚଳରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି, ଧାନ ଫାଉଣ୍ଡେଶନ ଏଥିପାଇଁ ସବୁବେଳେ ଚେଷ୍ଟିତ ବୋଲି ଫାଉଣ୍ଡେଶନର ସ୍ୱାସ୍ଥ୍ୟ ସଂଯୋଜକ ଜୟନ୍ତ କୁମାର ମହାରଣା କହିଛନ୍ତି। ମହିଳା ସଂଘ ସଭାନେତ୍ରୀ ନଳିନୀ ଖଣ୍ଡପାନ, କବିତା ଦୁରିଆ, ଲଛମା ହାଲବ ଏବଂ ଯଶୋଦା ପ୍ରମୁଖ ଉପସ୍ଥିତ ଥିଲେ।

# ଔଷଧ ଦୋକାନରେ ମିଳୁନି ମାସ୍କ, ସାନିଟାଇଜର

ଜୟପୁର ୧୮ ।୩ (ନି.ପ୍ର.)




ଭାରତ ସରକାର ଲେଖାଥିବା ମାସ୍କ।

ସାରା ବିଶ୍ୱରେ ଆତଙ୍କ ଖେଳାଇ ଥିବା କରୋନା ଭାଇରସ୍ ମୁକାବିଲା ପାଇଁ ସରକାର ସର୍ତକତାମୂଳକ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ମାସ୍କ ଓ ସାନିଟାଇଜରକୁ ଗୁରୁତ୍ୱ ଦିଆଯାଉଛି। ଏହାମଧ୍ୟରେ କୋରାପୁଟ ଜିଲାର କୌଣସି ଔଷଧ ଦୋକାନରେ ମାସ୍କ ଓ ସାନିଟାଇଜର ମିଳୁ ନାହିଁ। କିନ୍ତୁ ସହରର ମୁଖ୍ୟ ରାସ୍ତା, ଗଳିକନ୍ଦିରେ ମାସ୍କ ଓ ସାନିଟାଇଜର ଚଢା ଦରରେ ବିକ୍ରି କରାଯାଉଛି। ଜୟପୁର ସହର ରାସ୍ତା କଡରେ ମିଳୁଛି ଭାରତ ସରକାର ଲେଖା ଥିବା ମାସ୍କ। ଔଷଧ ଦୋକାନରେ ଏହା ମିଳୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ଏହି ମାସ୍କକୁ ରାସ୍ତା କଡରୁ ୩୦ଟଙ୍କାରେ କିଣୁଛନ୍ତି। ଏହି ମାସ୍କ ଉପରେ ଭାରତ ସରକାର ଲେଖାହୋଇ ଥିବାରୁ ଏହାକୁ ଲୋକେ ବିଶେଷ ଭାବେ କିଣୁଛନ୍ତି। ତେବେ ଏହା ପ୍ରକୃତରେ ସରକାରଙ୍କ ପ୍ରସ୍ତୁତ ନା କେହି ଏପରି ପ୍ରିଣ୍ଟ କରି ଲୋକଙ୍କୁ ଠକୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ସାଧାରଣ ମାସ୍କ ୫ଟଙ୍କାରେ କିଣାଯାଇ ୮ରୁ ୧୦ଟଙ୍କାରେ ବିକ୍ରି କରାଯାଉଥିଲା। ବର୍ତ୍ତମାନ କଳାବଜାରରେ ୧ ଶହଟି ମାସ୍କ ପାଇଁ ୧୬ ଶହରୁ ୨ ହଜାର ଟଙ୍କା ଦେବାକୁ ପଡୁଛି। ଆମେ କିନ୍ତୁ ଚଢା ଦରରେ ବିକ୍ରି କରି ପାରୁ ନାହୁଁ ବୋଲି ଜଣେ ଔଷଧ ଦୋକାନୀ କହିଛନ୍ତି। ଏନେଇ ଉପଜିଲାପାଳ ଲୋକନାଥ ଦଳବେହେରା କହିଛନ୍ତି, ଏକ ଟିମ ଗଠନ କରାଯାଇଛି। ଉକ୍ତ ଟିମ୍ ଚଢାଉ କରି ମାସ୍କ କଳାବଜାର ରୋକିବ।

# ବିଦେଶୀ ନାଗରିକଙ୍କୁ ହୋଟେଲ ବାହାରକୁ ଆସିବା ମନା



କୋରାପୁଟ ରେଳ ଷ୍ଟେଶନରୁ ଫ୍ରାନ୍ସ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଛି।

## କରୋନା ଭୟ

କୋରାପୁଟ,୧୮।୩ (ସ୍ୱ.ପ୍ର )

କରୋନା ପାଇଁ ଏବେ ସମସ୍ତେ ଭୟଭୀତ। ଫ୍ରାନ୍ସରୁ ଆସିଥିବା ଜଣେ ବିଦେଶୀ ନାଗରିକଙ୍କୁ ହୋଟେଲ କୋଠରୀରୁ ବାହାରିବାକୁ ମନା କରିଛି ଜିଲା ପ୍ରଶାସନ। ଗୁରୁବାର ସୁଦ୍ଧା ପର୍ଯ୍ୟଟକ ଜଣଙ୍କ କରୋନା ସଂକ୍ରମଣ ଜନିତ ତଥ୍ୟ ଦେବା ପରେ ତାଙ୍କୁ ଛଡ଼ା ଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଫ୍ରାନ୍ସ ନାଗରିକ ଜଣଙ୍କ ବୁଧବାର ହୀରାଖଣ୍ଡ ଟ୍ରେନରେ କୋରାପୁଟରେ ପହଞ୍ଚିବା ପରେ ଜିଲା ପ୍ରଶାସନ ଓ ପୋଲିସ ତାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଯାଞ୍ଚ ପରେ ସ୍ଥାନୀୟ ଏକ ହୋଟେଲରେ ରଖାଯାଇଛି। ଗୁରୁବାର ସୁଦ୍ଧା ନାଗରିକ ଜଣଙ୍କ କାରୋନା ଭୂତାଣ ସଂକ୍ରମିତ ଜନିତ ତଥ୍ୟ ଦେବା ପରେ ତାଙ୍କୁ ଛଡାଯିବ ବୋଲି ସୂଚନା ମିଳିଛି। ସମ୍ପୃକ୍ତ ନାଗରିକ ଦିଲ୍ଲୀକୁ ଗତ ୫ ତାରିଖରେ ଆସିଥିଲେ। ସେଠାରେ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ସମସ୍ତ ରିପୋର୍ଟ ସେ ପ୍ରଦାନ କରିଥିଲେ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ଆଉ ଥରେ ସମସ୍ତ ପରୀକ୍ଷା କରାଇଛି ବୋଲି ସମ୍ପୃକ୍ତ ବିଦେଶୀ ନାଗରିକଙ୍କୁ କୁହାଯାଇଛି।

## ■ କରୋନାକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ବୈଠକ

# ‘ବାହାର ରାଜ୍ୟରୁ ଆସିଥିବା ବ୍ୟକ୍ତିଙ୍କ ଦୈନିକ ରିପୋର୍ଟ ଦିଅ’

ଦଶମନ୍ତପୁର,୧୮।୩(ଡ଼ି.ଏନ୍.ଏ.)

କରୋନାକୁ ନେଇ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ କରାଯାଇଛି। ବିଡିଓ ଡମ୍ବରୁଧର ମଲିକଙ୍କ ତତ୍ତ୍ୱାବଧାନରେ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଏସ୍‌ପି ବଳଭଦ୍ର ଦୀପ, ଆଇଆଇସି କ୍ଷୀରେଶ୍ୱର ସାହୁ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଅବିନାଶ ବାରିକ, ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁ, ଏବିଇଓ ସୁନାଧର ସଗର, ଦଶମନ୍ତପୁର ସିଆର୍‌ସିସି ସଦାଶିବ ପ୍ରଧାନୀ, ରାଜୀବ ହିଆଲ, ଦୁର୍ଯ୍ୟୋଧନ ଦାଶ, ରାଜେଶ ଖରା, ନିର୍ମଳ ଚନ୍ଦ୍ର ବାଘ, କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କରୋନା ମୁକାବିଲା ପାଇଁ କ'ଣ ସବୁ ପଦକ୍ଷେପ ନେବାକୁ ହେବ ସେ ନେଇ ଭିଡିଓ ମାଧ୍ୟମରେ ବୈଠକରେ ଆଲୋଚନା ହୋଇଥିଲା। କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ସିଆର୍‌ସିସିଙ୍କ ମାଧ୍ୟମରେ ବ୍ଲକ୍, ତହସିଲ, ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବାକୁ ବିଡିଓ କହିଛନ୍ତି। ବାହାର ରାଜ୍ୟରୁ ଗାଁକୁ ଫେରୁଥିବା ବ୍ୟକ୍ତିଙ୍କ ବିଷୟରେ ମଧ୍ୟ ପ୍ରତ୍ୟେକ ଦିନ ରିପୋର୍ଟ ଦେବା ପାଇଁ ସିଆର୍‌ସିସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଆଧ୍ୟାତ୍ମିକ ପରିବେଶରେ ସରିଲା ଅଗ୍ନି ଗଙ୍ଗା ମା'ଙ୍କ ଘଟଯାତ୍ରା

ଜୟପୁର,୧୮ ।୩(ଡି.ଏନ୍.ଏ.)

ଜୟପୁର ସହରର ଢେପଗୁଡାରେ ଚାଲିଥିବା ଅଗ୍ନି ଗଙ୍ଗା ମା'ଙ୍କ ଘଟଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଦେବୀଙ୍କୁ ଢେପଗୁଡାସ୍ଥିତ ଅସ୍ଥାୟୀ ପୀଠରୁ ଏକ ଶୋଭାଯାତ୍ରାରେ ଚମ୍ପା ଖୁପୁଲିସ୍ଥିତ ସ୍ଥାୟୀ ଅଣାଯାଇଥିଲା। ଏହି ସମୟରେ ବାଜା ବଜାଣାରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ବିଦାୟ ବେଳେ ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ନଡିଆ, କଦଳି, ଲିଆ ମୁଆଁ ଆଦି ପୂଜା କରିଥିଲେ। ମା'ଙ୍କ ପାଖରେ କୁକୁଡା, ଛେଳି, ମେଣ୍ଢା ବଳି ଦିଆଯାଇଛି। ଜୟପୁର ସମେତ ଆଖାପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏଠାରେ ତେଲୁଗୁ ସମ୍ପ୍ରଦାୟର ଭକ୍ତଙ୍କ ଅଧିକ ଭିଡ଼ ଲାଗିଥିଲା। ବନ୍ଧୁଗାଁ ବ୍ଲକ ନୀଳବାଡି ଅଗ୍ନି ଗଙ୍ଗାମା ଯାତ୍ରା ଶେଷ ହେବାପରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ସୂଚନାଅନୁଯାୟୀ, ନବମ ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦେବୀଙ୍କ ଘଟ ଏବଂ ଚାଙ୍ଗୁଡି ସହରର ବିଭିନ୍ନ ସାହି ଓ ବସ୍ତି ପରିକ୍ରମା କରୁଥିଲେ। ଭକ୍ତମାନେ ତାହାକୁ ମା'ଙ୍କ ପୂଜା କରିଥାନ୍ତି। ଦେବୀଙ୍କ ଘଟ ଅସ୍ଥାୟୀ ପୀଠକୁ ଫେରିବା ପରେ ଦେବୀ ଆଶ୍ରିତ ଘଟହାଣ୍ଡିଧାରୀମାନେ ନିଆଁ ଉପରେ ଖାଲିପାଦରେ ଚାଲିଥାଆନ୍ତି। ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଉପବାସ ରହି ନିଆଁରେ ଚାଲିଥାନ୍ତି। ପ୍ରତ୍ୟେକ ବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ପ୍ରତିପଦାରୁ ନବମୀ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ।




ଶ୍ରଦ୍ଧାଳୁମାନେ ମା'ଙ୍କୁ ସ୍ଥାୟୀ ପୀଠକୁ ନେଇ ଯାଉଛନ୍ତି।

# ଦଣ୍ଡନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ବଡ଼ ସଫଳତା

**ଧରିତ୍ରୀ ଆଳାପ**



ନାଟ୍ୟଶ୍ରୀ ଗଦାଧର ବାରିକ ଜଣେ ବହୁମୁଖୀ ପ୍ରତିଭା। ଏକାଧାରରେ ସେ ଜଣେ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, କୋରିଓଗ୍ରାଫର। କଳାକ୍ଷେତ୍ରରେ ନିଜକୁ ସମର୍ପିତ କରିଥିବା ଗଦାଧର ବହୁ ଯୁବ କଳାକାର ସୃଷ୍ଟି କରି ପାରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଅନ୍ତର୍ଜାତୀୟସ୍ତରରେ ଏକାଧିକ ଥର ପୁରସ୍କୃତ ହୋଇଛନ୍ତି । ନାଟକ କ୍ଷେତ୍ରରେ ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି। ଏବେ ବି ସେ ସାଧନା ଜାରି ରଖିଛନ୍ତି। ବୌଦ୍ଧ ଜିଲା ଚିଲେଶ୍ୱର ପଞ୍ଚାୟତ ବୁରୁବୁଡା ଗ୍ରାମର ମା' କୌଶଲ୍ୟା ଓ ବାପା ଲୋକନାଥ ବାରିକଙ୍କ ସୁପୁତ୍ର ଗଦାଧରଙ୍କ ସହ ଧରିତ୍ରୀର ଆଳାପ ।



**ଆପଣ କେବେ ମଞ୍ଚକୁ ଉଠିଲେ ?**

▶ ସେତେବେଳେ ମୁଁ ତୃତୀୟ ଶ୍ରେଣୀ ଛାତ୍ର। ଗାଁ ରାମଲୀଳାରେ ଶ୍ରୀରାମ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ହାଇସ୍କୁଲରେ ପଢ଼ିଲା ବେଳେ ପ୍ରଥମ ନାଟକ 'କାଞ୍ଚି ଅଭିଯାନ'ରେ ମାୟା ନାମ୍ନୀ ଏକ ନାରୀ ଭୂମିକାରେ ଅଭିନୟ କରିଥିଲି।

**ନାଟକ ଓ ଲୋକନୃତ୍ୟ କ୍ଷେତ୍ରରେ କାହାକୁ ଗୁରୁ ବୋଲି ମାନନ୍ତି ?**

▶ ନାଟକ କ୍ଷେତ୍ରରେ ମୋର ପ୍ରଥମ ଗୁରୁ ଆମ ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ମେହେର। ପରେ ଏରା ଦତ୍ତ ଓ ସନତ କୁମାର ବିଶିଙ୍କଠାରୁ ତାଲିମ ପାଇଛି। ନୃତ୍ୟଗୁରୁ ଭିକାରୀ ଚରଣ ନାଏକ, ଲୋକନୃତ୍ୟ ଗୁରୁ ଆମ ଗାଁର ଢୁଲିଆ କୁମରମଣି ବେହେରାଙ୍କଠାରୁ ମୁଁ ନୃତ୍ୟ ଶିକ୍ଷା କରିଛି।

**ଏହି ଧାରା କେବେଠୁ ଆରମ୍ଭ ହୋଇଛି ?**

▶ ୧୯୭୦ରୁ ମୁଁ ମଞ୍ଚ ନାଟକ କରିଆସିଛି। ୧୯୮୯ରୁ ସୋନପୁରରେ ଅନେକ ପଥପ୍ରାନ୍ତ ନାଟକ କରିଛି। ଏମିତି ୩୦ ବର୍ଷ କଟି ସାରିଛି। ୧୯୭୧ରେ ତୋଫାନ ଡାକୁ ନାଟକ ପାଇଁ ପ୍ରଥମେ ନିର୍ଦ୍ଦେଶନା ଦେଇଥିଲି, ଯାହା ଆଜି ପର୍ଯ୍ୟନ୍ତ ଚାଲି ଆସିଛି।

**ଜଣେ କଳାକାର ଭାବେ ଆପଣ କେଉଁଠୁ ପରିଚୟ ପାଇଲେ?**

▶ ସୋନପୁର ମାଟିରୁ ହିଁ ମୋତେ ଜଣେ କଳାକାରର ପରିଚୟ ମିଳିଛି। ନୃତ୍ୟ ଓ ନାଟକ ମୋ ଜୀବନ। ରିହର୍ସାଲ ସମୟରେ ମୁଁ ସବୁ ଭୁଲିଯାଏ। ନୂଆ କିଛି କରିବା ପାଇଁ ସବୁ ସମୟରେ ଚେଷ୍ଟା କରେ।

**ପାରମ୍ପରିକ ଲୋକନୃତ୍ୟ ଉପରେ ଆପଣଙ୍କ ଗବେଷଣା କ'ଣ?**

▶ ଦଣ୍ଡନୃତ୍ୟ ଉପରେ ଗବେଷଣା କରିଛି। ସେହି ନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ଏକ ବଡ଼ ସଫଳତା।

**ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ, ସେ ବିଷୟରେ କହିବେ ?**

▶ ଗୁରୁ ଭିକାରୀ ଚରଣ ନାଟ୍ୟ ସମ୍ମାନ-ବୌଦ୍ଧ, ପଞ୍ଚମ ବେଦ ନାଟ୍ୟ ସମ୍ମାନ-ଭୁବନେଶ୍ୱର ସର୍ବଭାରତୀୟସ୍ତରର ନାଟ୍ୟ ସମ୍ମାନ, ନାଟ୍ୟଭୀଷ୍ମ ସମ୍ମାନ-କନ୍ଧମାଳ, ନାଟ୍ୟସମ୍ମାନ-ମଦଗଲ୍‌ପୁରୀ, ନାଟ୍ୟଶ୍ରୀ ସମ୍ମାନ-ଆଲ୍ଲାହାବାଦ୍, ନାଟ୍ୟ ସମ୍ମାନ-ବନାରସ, ରମ୍ଭା ନାଟ୍ୟ ସମ୍ମାନ-ଗୌହାଟୀ, ନାଟ୍ୟ ସମ୍ମାନ ହାପୁଡ ଦିଲ୍ଲୀ-ଗାଜିଆବାଦ, ଗିରିଡା ନାଟ୍ୟ ସମ୍ମାନ-ବିହାର, ମୋଗଲସରାଇ ନାଟ୍ୟ ସମ୍ମାନ-ଆଗ୍ରା, ମଠଖାଇ ନାଟ୍ୟ ସମ୍ମାନ-ବଲାଙ୍ଗୀର ଆଦି ପାଇଛି।

**ନାଟକ ଓ ନୃତ୍ୟ କ୍ଷେତ୍ରରେ ଆପଣଙ୍କ କୃତି ?**

▶ ମୋ ନିର୍ଦ୍ଦେଶିତ ନାଟକ 'ମାନ୍ୟବର ଗାଡ଼ଭାଲୁ' ଅଲ ଇଣ୍ଡିଆ ରେଡିଓ ,ବଲାଙ୍ଗୀର ଦ୍ୱାରା ୬୦୦ରୁ ଊର୍ଦ୍ଧ୍ୱ ଥର ପ୍ରସାରଣ ହୋଇଛି। ଭରତ ଚନ୍ଦ୍ର ମିଶ୍ରଙ୍କ ରଚିତ ଓ ମୋ ନିର୍ଦ୍ଦେଶିତ ଗୀତିନାଟ୍ୟ ରାଧା ମାଜିଷ୍ଟ୍ରେଟ୍ କୃଷ୍ଣ ମୁଦାଲା ବେଶ ସଫଳତା ପାଇଥିଲା। ୨୦ ବର୍ଷ ତଳେ ଏହି ଗୀତିନାଟ୍ୟ ପ୍ରଦର୍ଶନ କରି ୪୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିକୁ ପ୍ରଦାନ କରି ପାରିଥିଲୁ। ସୁରେଶ ଚନ୍ଦ୍ର ସାହୁଙ୍କ ରଚନା ଓ ମୋ ନିର୍ଦ୍ଦେଶିତ ନାଟକ ମେରା ଭାରତ ମହାନ୍, କଂସର ଆତ୍ମା ଓ ସୃଷ୍ଟି ସର୍ବଭାରତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିଲା।

**କେଉଁ ନାଟକ ଆପଣଙ୍କୁ ଦେଶ ବିଦେଶରେ ପରିଚିତ କରିଛି ?**

▶ ୬୦୦ରୁ ଊର୍ଦ୍ଧ୍ୱ ନାଟକ ପାଇଁ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଛି। ବିଶ୍ୱ ସନ୍ଥ ଭୀମ, ସୃଷ୍ଟି, ଆଶ୍ରା, ପଘା, ଜୀବ ପରମ ସମ୍ବାଦ ଆଦି ନାଟକ ରଚନା କରିଛି। ମୋ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଶଶିସେଣା ଓ ପଘା ଦେଶ ବିଦେଶରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଶଶିସେଣା ପାଇଁ ପ୍ୟାରିସ୍‌ରେ ଓ ପଘା ପାଇଁ ବାର୍ସିଲୋନାରେ ସମ୍ବର୍ଦ୍ଧିତ ହୋଇଛି। ଉତ୍ତର ପ୍ରଦେଶର ଶାହାଜାହାନପୁରରେ ୨୨ଟି ହିନ୍ଦୀ ନାଟକ ଓ ଆମର ଗୋଟିଏ ଓଡିଆ ନାଟକ ମଞ୍ଚସ୍ଥ ହୋଇଥିଲା। ଆମ ନାଟକ ୭ଟି ପୁରସ୍କାର ପାଇଥିଲା। ସେହିପରି ଦୂରଦର୍ଶନରେ ପ୍ରସାରିତ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମାଟିର ସଙ୍ଗୀତ, ମନ୍ଦିରମାଳିନୀ ସୋନପୁର ଓ ସୁବର୍ଣ୍ଣ ସୁରଭି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ସିଡୀ ଚଳଚ୍ଚିତ୍ର ନାବ୍‌କେଲୀ, ସାଇଲେନ୍ସ ପ୍ଲିଜ୍ ଓ ପ୍ରଥମ ଭେଟ୍ କୁ ଦର୍ଶକ ଗ୍ରହଣ କରିଥିଲେ।

**ଦୂରଦର୍ଶନରେ ଆପଣଙ୍କ ନିର୍ଦ୍ଦେଶିତ ଲୋକନୃତ୍ୟ କ'ଣ?**

▶ ଶବର-ଶବରୁଣୀ, ବୀଣାକାର-କାରୁଆଣୀ, ପତର ସଉରା-ସଉରାଣୀ, କରମସାନୀ ନୃତ୍ୟ, ଶିବପାର୍ବତୀ ନୃତ୍ୟ, ସମ୍ପ୍ରଦା ନୃତ୍ୟ, ଭାଇ ଦରବାର, ଡାଲଖାଇ ନୃତ୍ୟ ଓ ଚୁଟ୍‌କୁଚୁଟା କୃଷି ସମ୍ବନ୍ଧୀୟ ଲାଇଫ୍ ଟେଲିକାଷ୍ଟର ନିର୍ଦ୍ଦେଶନା ଦେଇଛି। ଏହା ଦୂରଦର୍ଶନରେ ପ୍ରସାରିତ ହୋଇଛି।

**ଚଳଚ୍ଚିତ୍ରରେ ଅଭିନୟ ସମ୍ପର୍କରେ କିଛି କହିବେ ?**

▶ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶଳାବୁଢ଼ାରେ ଖଳ ନାୟକ ଲୋଚନ ଚରିତ୍ରରେ ଅଭିନୟ କରି ଅନ୍ତର୍ଜାତୀୟ ସମ୍ମାନ ପାଇଛି। ସେହିପରି ଆଦିମ ବିଚାରରେ ମାଷ୍ଟ୍ରେ ଆଙ୍କା ଚରିତ୍ର ପାଇଁ ବି ଅନ୍ତର୍ଜାତୀୟ ସମ୍ମାନ ମିଳିଛି। ନିକଟରେ ମୁକ୍ତିଲାଭ କରିଥିବା ଶଳାବୁଢ଼ାର ବଦ୍‌ଲାରେ ମୁଁ ମଙ୍ଗଲୁ ଚରିତ୍ରରେ ଅଭିନୟ କରିଛି। ସେହିପରି ତରଙ୍ଗ ଟିଭିରେ ପ୍ରସାରିତ ଦୁର୍ଗା ସିରିୟଲରେ ମୁଁ ରଘୁ ଅଜା ଭୂମିକାରେ ଅଭିନୟ କରୁଛି।

-ମୃତ୍ୟୁଞ୍ଜୟ ଶତପଥୀ



# ତିନିଫୁଟିଆ ମହାରାଜା ଦୋସା

**ଖାଦ୍ୟ ରୁଚି**

ସମ୍ବଲପୁର ଜିଲା ରେଙ୍ଗାଲି ବାଇପାସ ଛକ ନିକଟରେ ହଟ୍‌ସ୍ପାଇସ ରେଷ୍ଟୋରାଁ ରହିଛି। ୧୦ ନମ୍ବର ରାଜପଥ (ବିଜୁ ଏକ୍ସପ୍ରେସ) ପାର୍ଶ୍ୱରେ ଏହା ରହିଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଗ୍ରାହକମାନେ ଏଠାକୁ ଆସିଥାନ୍ତି। ଗ୍ରାହକମାନଙ୍କ ରୁଚି ଅନୁସାରେ ଏଠାରେ ଡିଶ୍ ପ୍ରସ୍ତୁତ ହୋଇଥାଏ। ଏହି କ୍ରମରେ ତିନିଫୁଟିଆ ମହାରାଜା ଦୋସା ରେଷ୍ଟୋରାଁର ପ୍ରମୁଖ ଡିଶ୍ ମଧ୍ୟରେ ଅନ୍ୟତମ। ଏହାର ଲମ୍ବ ୩ ଫୁଟ ଥିବାବେଳେ ମୂଲ୍ୟ ରହିଛି ୯୯ ଟଙ୍କା। ଏହାକୁ ୨ଜଣ ଗ୍ରାହକ ଖାଇଥାନ୍ତି। ଯଦି ଜଣେ ଗ୍ରାହକ ଏହାକୁ ଜଳଖିଆ ଓ ସନ୍ଧ୍ୟାରେ ଖାଇବେ ତେବେ ତାଙ୍କୁ ମଧ୍ୟାହ୍ନ କିମ୍ବା ରାତ୍ରି ଭୋଜନର ଆବଶ୍ୟକତା କ୍ୱଚିତ ହୋଇଥାଏ ବୋଲି କହନ୍ତି ରେଷ୍ଟୋରାଁର ସେଫ୍ ଜ୍ଞାନରଞ୍ଜନ ପଣ୍ଡା।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବିରି, ଚାଉଳ, କୋଳଥଡାଲି ପାଣିରେ ଧୁଆ ଯାଇ ଗୁଣ୍ଡ କରାଯାଏ। ଗୁଣ୍ଡ ପରେ ଅଳ୍ପ ପାଣି ଦେଇ ତାକୁ ବହଳିଆ କରାଯାଇ ସ୍ୱଚ୍ଛ ପାତ୍ରରେ ଢାଙ୍କୁଣି ଘୋଡ଼ାଇ ୪ଘଣ୍ଟା ପର୍ଯ୍ୟନ୍ତ ଫୋମ୍ ଫର୍ମେଶନ ହେବା ପର୍ଯ୍ୟନ୍ତ ରଖାଯାଇଥାଏ। ଏହାପରେ ଅଳ୍ପ ଆଞ୍ଚରେ ତାୱା ଗରମ ହେବା ପରେ ପୂର୍ବରୁ ବିରି, ଚାଉଳ ଓ କୋଳଥ ଡାଲିରେ ପ୍ରସ୍ତୁତ ହୋଇଥିବା ପିଠଉକୁ ଅଣ୍ଡାକୃତି ଆକାରରେ ୩ ଫୁଟ ଲମ୍ବା କରାଯାଇଥାଏ। ପରେ ଆଞ୍ଚକୁ ସାମାନ୍ୟ ଅଧିକ କରାଯାଏ। ତା ଉପରେ ଡାଲି, ବୁଟଡାଲି, କୋଳଥଡାଲି, ପଞ୍ଚଫୁଟଣ, ଲଙ୍କା ୨ଟା, କଟା ହୋଇଥିବା ପିଆଜ, ଆଳୁ, ବାଦାମ, ପନିର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଆଳୁ ମସଲା ଦିଆଯାଏ। ୨ ମିନିଟ୍ ପରେ ଦୋସା ପ୍ରସ୍ତୁତ ହୋଇଥାଏ। ଏକ ପ୍ଲେଟରେ୍ ରଖାଯାଇଥିବା କଦଳୀ ପତ୍ର ଉପରେ ଦୋସାକୁ ରଖାଯାଏ। ଦୋସା ଚତୁଃପାର୍ଶ୍ୱରେ ହରଡ, କୋଳଥଡାଲି, ବାଇଗଣ, ମୁନଗା, ପିଆଜ, ଭୃସୁଙ୍ଗପତ୍ର, ଶୁଖିଲା ଲଙ୍କା, ସୋରିଷ, ଟମାଟୋ, ଜିରାଗୁଣ୍ଡ, ଧନିଆପତ୍ରରେ ପ୍ରସ୍ତୁତ ହୋଇଥିବା ସାମ୍ବର ଏବଂ ରସୁଣ, ଅଦା, ଟମାଟୋ, ଶୁଖିଲା ଲଙ୍କାରେ ତିଆରି ହୋଇଥିବା ରସୁଣ ଚଟଣି ଓ ଚଣାଡାଲି, ବାଦାମ, ନଡିଆ, ଦହି, ଆମ୍ବଅଦା, ଚିନି, ପଞ୍ଚଫୁଟଣରେ ପ୍ରସ୍ତୁତ ହୋଇଥିବା ନଡିଆ ଚଟଣିକୁ ତିନୋଟି ପାତ୍ରରେ ରଖି ଗାର୍ନିସିଂ କରାଯାଇ ଗ୍ରାହକମାନଙ୍କୁ ପରଷା ଯାଇଥାଏ।

ପ୍ରସ୍ତୁତି: ବି. ଶଙ୍କର

## ଆବଶ୍ୟକ ସାମଗ୍ରୀ

ବିରି: ୨୦ ଗ୍ରାମ
ଚାଉଳ: ୬୦ ଗ୍ରାମ
ମେଥିଦାନା: ୨ ଗ୍ରାମ
ବୁଟ ଡାଲି: ୫ ଗ୍ରାମ
ଲୁଣ: ସ୍ୱାଦ ଅନୁସାରେ
ଚିନି: ସ୍ୱାଦ ଅନୁସାରେ
ହରଡ ଡାଲି: ୨୦ ଗ୍ରାମ
କୋଳଥ ଡାଲି: ୧୦ ଗ୍ରାମ
ବାଇଗଣ: ୨୦ ଗ୍ରାମ
ଟମୋଟା: ୫୦ ଗ୍ରାମ
ଚଣାଡାଲି: ୨୦ ଗ୍ରାମ
ବାଦାମ: ୨୦ ଗ୍ରାମ
ନଡିଆ: ୫୦ ଗ୍ରାମ
ଦହି: ୨୦ ଗ୍ରାମ
କଞ୍ଚା ଓ ଶୁଖିଲା ଲଙ୍କା: ୫ ଗ୍ରାମ
ଆମ୍ବଅଦା ଓ ଅଦା: ୨୦ ଗ୍ରାମ
ପଞ୍ଚଫୁଟଣ: ୫ ଗ୍ରାମ
ଆଳୁ: ୧୦୦ ଗ୍ରାମ
ପିଆଜ: ୧୦ ଗ୍ରାମ
ଗ୍ରୀନ ମଟର: ୨୦ ଗ୍ରାମ
ପନିର: ୨୦ ଗ୍ରାମ
ରସୁଣ: ୪ ଗ୍ରାମ



ସେଫ୍ ଜ୍ଞାନରଞ୍ଜନ ପଣ୍ଡା

# ସକାଳେ ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ

**ଫିଟନେସ୍**

ନିଜର ୟୁନିକ୍ ଭଏସ୍ ପାଇଁ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓଲିଉଡ ଜଗତରେ ବେଶ ପରିଚିତ। ଗତ କିଛିବର୍ଷ ହେବ ତାଙ୍କର ଅନେକ ଗୀତକୁ ଶ୍ରୋତା ପସନ୍ଦ କରିବା ସହ ହିଟ୍‌ର ମୋହର ମାରିଛନ୍ତି। ୨୦୧୮ ମସିହାରେ ସତ୍ୟଜିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ ହାସଲ କରିଥିଲେ। ତେବେ ନିଜର ଫିଟନେସ୍ ପାଇଁ ସେ ବିଶେଷ ଧ୍ୟାନ ଦିଅନ୍ତି ବୋଲି କୁହନ୍ତି।



ସତ୍ୟଜିତ୍ ପ୍ରଧାନ

ସକାଳୁ ଉଠିବା ପରେ କିଛି ସମୟ ଯୋଗ, ପ୍ରାଣାୟମରେ ସମୟ ବିତାଏ। ଯୋଗ, ପ୍ରାଣାୟାମ ଦ୍ୱାରା କେବଳ ଶରୀର ଫିଟ୍ ରୁହେନି, ସୁସ୍ଥ ମାନସିକତା ଜାଗ୍ରତ ହୁଏ। ମୃଦୁ ପାନୀୟ ଆଦୌ ପିଏ ନାହିଁ। ସକାଳଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଉଷୁମ ପାଣି ପିଇବାକୁ ପ୍ରାଧାନ୍ୟ ଦିଏ। ବ୍ରେକଫାଷ୍ଟରେ ଗଜା ବୁଟ ଓ ଛତୁଆ ନିୟମିତ ଖାଇଥାଏ।

## ମିଠା ଠାରୁ ଦୂରରେ ରୁହେ

ମିଠା ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ମୁଁ ବି ମିଠା ଜାତୀୟ ଖାଦ୍ୟ ଖାଇବାକୁ ଭଲ ପାଏ। ହେଲେ ନିଜକୁ ଫିଟ ରଖିବା ପାଇଁ ମନସ୍ଥ କରିବା ଦିନଠାରୁ ମିଠାଠାରୁ ଦୂରରେ ରହୁଛି। କଟକିଆ ହୋଇଥିବାରୁ ଦହିବରାକୁ ଆଡେଇ ପାରେନି। ଯେଉଁଠି ସୁଯୋଗ ମିଳେ, ଦହିବରା ଖାଏ।

## ପ୍ରୋଗ୍ରାମ ଥିଲେ ଭେଜ୍ ଖାଏ

କୌଣସି ଡବିଂ କିମ୍ବା ଷ୍ଟେଜ ସୋ ପ୍ରୋଗ୍ରାମକୁ ଯିବାକୁ ଥିଲେ ଘରେ ଭଲ ଭାବେ ଖାଇ ଦେଇ ଯାଏ। ସେଠାରେ ଭୋକ ଲାଗିଲେ ମସଲାଯୁକ୍ତ ଖାଦ୍ୟ ଜମା ଖାଏନି। ଭେଜ ଖାଇବାକୁ ଭଲ ପାଏ। ରୁଟି, ସନ୍ତୁଳା ହେଲେ ବି କୌଣସି ଆପତ୍ତି କରେନାହିଁ।

-କୁମାରଶ୍ରୀ ସାହୁ

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



କୃପାସିନ୍ଧୁ



ସୂର୍ଯ୍ୟକାନ୍ତ



ସନ୍ତୋଷ



ସାଲୋନୀ



ସୌମ୍ୟଜିତ



ସଞ୍ଜୟ



ପ୍ରଫୁଲ୍ଲ



ବିଲାଲରାଜା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଅତୀତରୁ..

➡୧୯୬୩ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମାଣିକ ଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳ ଚିତ୍ରଟିର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି) ଏବଂ ଡା. ସୁଖଲତା ଦାସ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➡'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି ହେ ମୋର ଗୁଡି, ଫୁଲେଇ ରାଣୀ ସଜଫୁଲ ଗୁଲୁଗୁଲିଆ, ପରଦେଶୀ ବନ୍ଧୁ ତମେ ଯିବ ଉଡ଼ି ଉଡ଼ିକି, ହେ ମୋ ହରିଣୀ ମଥାର ମଣି' ଆଦି ଗୀତ ସେ ସମୟରେ ସନେପ୍ରେମୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏପରି କି ଏବେ ମଧ ଅନେକେ ଏହି ସୁମଧୁର ଗୀତକୁ ଗୁଣୁଗୁଣେଇ ଥାଆନ୍ତି। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଏହି ଗୀତଗୁଡ଼ିକ 'କିଏ କାହାର' ସିନେମାରେ ଦୃଶ୍ୟାୟିତ ହୋଇଥିଲା। ସାମୁଏଲ ସାହୁ (ବାବି), ରାମଚନ୍ଦ୍ର ପ୍ରତିହାରୀ, ଶରତ ପୂଜାରୀ, ଲୀଳା ଦୁଲାରୀ ଭାନୁମତି, ସୌଦାମିନୀ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➡ସନ୍ଦୀପ ଫିଲ୍ମସ ପ୍ରା.ଲି., କଲିକତା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମେଘମୁକ୍ତି'। ଲଡ୍ଡୁଗୋପାଳ କାଜେରିଆ ଏହାର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଥିଲେ ବିନୁ ବର୍ଦ୍ଧନ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଶାନ୍ତନୁ ମହାପାତ୍ର। ଏହି ଫିଲ୍ମରେ ଅଜିତ୍ ଦାସ, ଶ୍ରୀରାମ ପଣ୍ଡା, ଜ୍ୟୋତ୍ସ୍ନା ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଥିଲେ।


ବରୁଣ-ସାରା

## ବ | ଲି | ଉ | ଡ୍ | ହା | ଲ | ଚା | ଲ

▶ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ରିମେକ୍ ଫିଲ୍ମ 'କୁଲି ନଂ. ୱାନ୍'ର ଡବିଂ ଶେଷ ହୋଇଛି। ଚଳିତ ବର୍ଷ ମେ' ୧ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ବରୁଣ ଧାୱନ ଏବଂ ସାରା ଅଲ୍ଲୀ ଖାଁ।

▶ଚଳିତବର୍ଷ ଏପ୍ରିଲରେ ରିଚା ଚଡ଼ା ଘରସଂସାର କରିବାକୁ ଯାଉଛନ୍ତି। ପ୍ରେମିକ ଅଲ୍ଲୀ ଫୈଜଲଙ୍କୁ ସେ ପତି ଭାବେ ବରଣ କରିବେ। ମ୍ୟାରେଜ୍ ରେଜିଷ୍ଟ୍ରେଶନ ପାଇଁ ଦୁହେଁ ନିକଟରେ ବମ୍ବେ ହାଇକୋର୍ଟରେ ଆବେଦନ କରିଛନ୍ତି। 'ଫୁକରି' ଫିଲ୍ମରେ ରିଚା-ଅଲ୍ଲୀ ଅଭିନୟ କରିଥିଲେ ଏବଂ ସେବେଠାରୁ ଦୁହେଁ ପ୍ରେମରେ ପଡ଼ିଯାଇଥିଲେ।

▶ରେହା ଚକ୍ରବର୍ତ୍ତୀଙ୍କ ଡାଇମଣ୍ଡ ରିଂକୁ ନେଇ ଚର୍ଚ୍ଚା। ନିକଟରେ ତାଙ୍କ ପ୍ରେମିକ ସୁଶାନ୍ତ ସିଂ ରାଜପୁତଙ୍କ ଜନ୍ମଦିନ ଅବସରରେ ସେ ଏହି ଦାମୀ ଡାଇମଣ୍ଡ ରିଂ ଉପହାର ଦେଇଛନ୍ତି।

▶ଲଣ୍ଡନରେ ଦୁଇ ସପ୍ତାହ ଧରି ଭ୍ୟାକେଶନ କାଟିସାରି ଆଲିୟା ବମ୍ବେ ଫେରିଛନ୍ତି। ହେଲେ ଏୟାରପୋର୍ଟରେ ରଣବୀର କପୁରଙ୍କ ସହ ନିକଟରେ ମ୍ୟାରେଜ୍‌କୁ ନେଇ ସେ କହିଛନ୍ତି ଯେ, 'ଏ ଉଡ଼ନ୍ତି ଉଡ଼ନ୍ତି ଖବର ହେଁ'।


ଅମ୍ରିତା

## ନବାଗତା ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଲ୍ଟୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି କହିଛନ୍ତି ପ୍ରଯୋଜକ ସଚୀକାନ୍ତ।


ଦେବାଶିଷ-କାବ୍ୟା

## କଥା ରଖିଥିଲେ କିଆରା

ବଡ଼ ପରଦାରେ ଅଭିନୟ କରିବା ପୂର୍ବରୁ କିଆରା ଆଡ୍‌ୱାନିଙ୍କ ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି? ଆଲିୟା ଆଡ୍‌ୱାନି। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଫୁଗ୍‌ଲି'ର ଶୁଟିଂ ସମୟରେ ତାଙ୍କର ଭେଟ ହୋଇଥିଲା ସଲ୍‌ମାନ ଖାଁଙ୍କ ସହ। ସେତେବେଳେ ସଲ୍ଲୁ ମିଆଁ ତାଙ୍କୁ ନିଜ ନାମ ବଦଳାଇ କିଆରା ରଖିବାକୁ ପରାମର୍ଶ ଦେଇଥିଲେ। ଆଉ ତା'ପରେ ସେ ବିଳମ୍ବ ନ କରି ନିଜ ନାମକୁ ଆଲିୟାରୁ କିଆରାକୁ ପରିବର୍ତ୍ତନ କରିଥିଲେ। ବଲିଉଡ୍‌ର ବିଶିଷ୍ଟ ଅଭିନେତା ସୟିଦ ଜାଫ୍ରିଙ୍କର ସେ ହେଉଛନ୍ତି ନାତୁଣୀ। କିଆରାଙ୍କ ବାପା ଜଗଦୀପ ଆଡ୍‌ୱାନି ଜଣେ ବିଜ୍‌ନେସ୍‌ମ୍ୟାନ ଏବଂ ମା' ଜେନେଭିଭେ ଜାଫ୍ରି ହେଉଛନ୍ତି ଜଣେ ଶିକ୍ଷୟିତ୍ରୀ। ଖାସ୍ କଥା ହେଲା, ଜେନେଭିଭେ ଏବଂ ସଲମାନ୍‌ଙ୍କ ମଧ୍ୟରେ ଥିବା ବନ୍ଧୁତା କିଆରାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରାଙ୍କ ପ୍ରଥମ ସିନେମା ପ୍ରମୋଶନର ସମସ୍ତ ଦାୟିତ୍ୱ ସଲମାନ ହିଁ ନେଇଥିଲେ। ଅନୁପମ ଖେର୍‌ଙ୍କ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସେ ଆକ୍ଟିଂରେ ଡିଗ୍ରୀ ହାସଲ କରିଛନ୍ତି। 'ଫୁଗ୍‌ଲି'ର କୋ-ଷ୍ଟାର ମୋହିତ ମରୱାଙ୍କ ସହ ତାଙ୍କର ଆଫେୟାର୍ସ ଅଛି ବୋଲି ଆଲୋଚନା ହୁଏ। କିଆରାଙ୍କ ଅଭିନୀତ ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଏମ୍‌ଏସ୍ ଧୋନୀ', 'ମେଶିନ୍' ଏବଂ 'କଲଙ୍କ'। ପ୍ରତିଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ସେ ନିୟମିତ ଜିମ୍ ଯାଇଥାଆନ୍ତି। ସଚିନ ତେନ୍ଦୁଲକରଙ୍କର ସେ ହେଉଛନ୍ତି ଜଣେ ବଡ଼ ପ୍ରଶଂସକ।


ଶୁଭେନ୍ଦୁ-ସୁମନପ୍ରିୟା

ନୂଆ ସିନେମା

## କୁକୁଡ଼ା ଚୋର

କୁକୁଡ଼ା ଚୋରିକୁ ନେଇ କ'ଣ ଏକ ସିନେମା ନିର୍ମାଣ କରାଯାଇପାରେ? ହେଲେ ସେପରି ଏକ କୌତୂହଳପୂର୍ଣ୍ଣ ତଥା ସତ୍ୟ ଘଟଣାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଚଳଚ୍ଚିତ୍ରଟିଏ, ଯାହାର ଟାଇଟଲ ରହିଛି 'କୁକୁଡ଼ା ଚୋର'। କୋରାପୁଟର ଏକ ଗାଁରେ କୁକୁଡ଼ା ଚୋରିକୁ ନେଇ ଏପରି ଏକ ଘଟଣା ଘଟିଥିଲା, ଯାହାକୁ ନେଇ ସୁନ୍ଦର କାହାଣୀଟିଏ ପ୍ରସ୍ତୁତ କରିଥିଲେ ଜୀବନ ପଣ୍ଡା। ତାକୁ ଆଧାର କରି କୋରାପୁଟର ଆଞ୍ଚଳିକ ଭାଷାରେ ସିନେମାଟିଏ ନିର୍ମାଣ କରିବାକୁ ଆଗେଇ ଆସିଥିଲେ ପ୍ରଯୋଜକ ଶୁଭେନ୍ଦୁ ପାଢ଼ୀ। ରୋମାଞ୍ଚଭରା ଏହି ସିନେମାରେ ଲଭ୍, ଇମୋଶନ ମଧ୍ୟ ରହିଛି। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଡ. ରାଜେନ୍ଦ୍ର ପାଢ଼ୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମିତା ସୁନା। ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶୁଭେନ୍ଦୁ ପାଢ଼ୀ, ଅରୁଣ ପଟ୍ଟନାୟକ, ରାଜା ପଟ୍ଟନାୟକ, ସୁମନପ୍ରିୟା, ପ୍ରଜ୍ଞା ପ୍ରଧାନ, ଆର୍ଚ୍ଚି ପ୍ରଧାନ, ମୋହନ ରାଓ ଏବଂ ମହେଶ ରାଓ ପ୍ରମୁଖ କଳାକାର। ଫିଲ୍ମଟି ଚଳିତ ମାସରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।

## ରିଲିଜ୍ ଅପେକ୍ଷାରେ ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।


ଜୁହି

## ଲୁଚାଇଥିଲେ ଜୁହି

ଜୁହି ଚାୱଲାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟାମତ ତକ୍'ରୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରୁ ଆମୀର ଖାଁ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ। ଟିନ୍ ଏଜ୍ ଲଭ୍‌ଷ୍ଟୋରିକୁ ନେଇ ପ୍ରସ୍ତୁତ ଫିଲ୍ମଟି ସୁପରଡୁପର ହିଟ୍ ହୋଇଥିଲା। ତା'ପରେ ଜୁହି ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିଥିଲେ। ୧୯୯୬ରେ ସେ ପ୍ରଯୋଜକ ଜୟ ମେହେତାଙ୍କୁ ବିବାହ କରିଥିଲେ। ସେ ସମୟରେ ଯଦିଓ ଦୁହିଙ୍କ ପ୍ରେମ ସମ୍ପର୍କକୁ ନେଇ ବେଶ୍ ଆଲୋଚନା ହୋଇଥିଲା, ହେଲେ ଜୁହି କେବେ ଏହାକୁ ସ୍ୱୀକାର କରି ନ ଥିଲେ। ତାହାର କାରଣ କ'ଣ ଥିଲା ସେ ନେଇ ନିକଟରେ ସେ ମୁହଁ ଖୋଲିଛନ୍ତି। 'ସେତେବେଳେ ମୋ କ୍ୟାରିୟର ପିକ୍‌ଅପ୍‌ରେ ଥିଲା। ଯଦି ମୁଁ ସେ ସମୟରେ ଏ ବିଷୟରେ ସୂଚନା ଦେଇଥାଆନ୍ତି ହୁଏତ ତାହାର ପ୍ରଭାବ ମୋ କ୍ୟାରିୟର ଉପରେ ପଡ଼ିଥାଆନ୍ତା। ଯାହାହେଉ ପରେ ସେପରି କିଛି ହୋଇ ନ ଥିଲା। ତା'ପରେ କେତୋଟି ସିନେମାରେ ରୋଲ୍ କରିବା ପରେ ମୁଁ ପରିବାର ପ୍ରତି ଅଧିକ ସମୟ ଦେଇଥିଲି ବୋଲି କହନ୍ତି ଜୁହି।'

ଅପେରା ହାଲଚାଲ

## ରାତିତମାମ କାନ୍ଦିଥିଲେ ମୁନ୍ନା

ଅପେରା ଜଗତର ଆଗଧାଡିର ଅନ୍ୟତମ ନାୟକ ମୁନା। ଦୀର୍ଘ ୧୪ବର୍ଷ ଧରି ସେ ଅଭିନୟ ଜାରି ରଖିଛନ୍ତି। ପତ୍ନୀ ତଥା ଅଭିନେତ୍ରୀ ନମିତାଙ୍କ ସହ ସେ ଏବେ ଧଉଳି ଗଣନାଟ୍ୟରେ ନିଜର ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି। ଅଭିନୟ ଜୀବନର ଏକ ଅଭୁଲା ସ୍ମୃତିକୁ ବଖାଣି ମୁନା କହନ୍ତି, 'ସେତେବେଳେ ମୁଁ କୋଣାର୍କ ଗଣନାଟ୍ୟରେ ଥାଏ। କେନ୍ଦୁଝରର ଏକ ସ୍ଥାନରେ ଅପେରା ପରିବେଷଣ କରୁଥାଏ ଏହି ପାର୍ଟି। ସନ୍ଧ୍ୟାବେଳେ ହଠାତ୍ ଘରୁ ଖବର ଆସିଲା-ମୋ ମା' ଚାଲିଗଲେ। ଖବରଟି ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ଗୋଟିଏ ପଟେ ମା'ଙ୍କ ମୃତ୍ୟୁ ଖବର, ଅନ୍ୟପଟେ ସେଦିନ ନାଟକ ପାଇଁ ସମ୍ପୂର୍ଣ୍ଣ ଟିକେଟ ବୁକ୍ ହୋଇସାରିଥାଏ। କ'ଣ କରିବି ? ମ୍ୟାନେଜରଙ୍କ ନିକଟରୁ ଯାଇ କହିଲି। ମ୍ୟାନେଜର ଅର୍ଗାନାଇଜରଙ୍କ ସହ କଥା ହେଲେ, ହେଲେ ସେମାନେ ନାଟକ ବଦଳାଇବାକୁ ରାଜି ହେଲେନାହିଁ। ତେଣୁ ବାଧହୋଇ ରାତି ତମାମ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରିନେଲି। ମନରେ କୋହ। ସଂଯୋଗବଶତଃ ସେଦିନ ଭୂମିକାରେ ମୋର ଅଧିକ ପ୍ୟାଥେଟିକ ସିନ୍ ଥିଲା। ତେଣୁ କାନ୍ଦି କାନ୍ଦି ରାତି ପାହି ଯାଇଥିଲା। ସକାଳୁ ନାଟକ ଶେଷ ହେବା ପରେ ଘରକୁ ଯାଇଥିଲି। ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରି ପୁଣି କେନ୍ଦୁଝର ଫେରିଥିଲି।


ମୁନା-ନମିତା